ଧରିତ୍ରୀ
DHARITRI
52 Years

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୪/୨୦୨୬ (୧୮ ପୃଷ୍ଠା) | Bhubaneswar, Tuesday, April 14/2026 | Page 18 | ₹ 7.00

୫୨ଶ ଭାଗ ୧୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 139 | ମୂଲ୍ୟ ₹୭/-

Government of Bharat
CBC 22201/13/0010/2627

ନାରୀ ଶକ୍ତି ବନ୍ଦନ
ପାଇଁ ପ୍ରତିଶ୍ରୁତିବଦ୍ଧ
#NariShaktiVandan

ଦେଶର ମହିଳାମାନଙ୍କୁ ଲୋକସଭା ଓ ରାଜ୍ୟ ବିଧାନସଭାରେ ୩୩% ସଂରକ୍ଷଣର ଗ୍ୟାରେଣ୍ଟି



୩+ କୋଟି ମହିଳା ହୋଇଛନ୍ତି ଲକ୍ଷପତି ଦିଦି

୩୫+ କୋଟି ମହିଳାଙ୍କୁ ମିଳିଛି ମୁଦ୍ରା ଋଣ

# ହର୍ମୁଜ୍‌ରେ ଛକାପଞ୍ଝା

## ଇରାନୀୟ ବନ୍ଦର ପଥ ଅବରୋଧ କଲା ଆମେରିକା



ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଓମାନ୍‌ର ଏକ ଜାହାଜ ଫସିରହିଛି। (ଫଟୋ: ରଏଟର୍ସ)

**ଇସ୍‌ଲାମାବାଦରେ ୨୧ ଘଣ୍ଟିଆ ଆଲୋଚନାରୁ କୌଣସି ନିଷ୍କର୍ଷ ନ ବାହାରିବା ପରେ ଆମେରିକା ଓ ଇରାନ୍ ମଧ୍ୟରେ ପୁନଶ୍ଚ ସାମରିକ ଉତ୍ତେଜନା ବୃଦ୍ଧି ପାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ଆମେରିକୀୟ ନୌସେନା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ ଆରମ୍ଭ କରିଦେଇଛି। ଟ୍ରମ୍ପ ଚେତାବନୀ ଦେଇଛନ୍ତି ଯେ, ଯେଉଁ ଇରାନ୍ ଜାହାଜଗୁଡ଼ିକ ଅବରୋଧ ଅଞ୍ଚଳକୁ ଆସିବ ସେଗୁଡ଼ିକୁ ଧ୍ୱଂସ କରାଯିବ। ଅନ୍ୟପକ୍ଷରେ ଇରାନ୍ ଏହାର ଜବାବରେ ଗଲ୍ଫ ଦେଶଗୁଡ଼ିକର ବନ୍ଦରକୁ ଅଚଳ କରିଦେବାକୁ ଧମକ ଦେଇଛି। ହର୍ମୁଜ୍‌ରେ ଏଭଳି ଛକାପଞ୍ଝା ସ୍ଥିତି ଲାଗି ରହିଥିବାରୁ ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଫଳରେ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ ପିଛା ପୁଣି ୧୦୦ ଆମେରିକୀୟ ଡଲାର ଟପିଛି।**

- ମଧ୍ୟପ୍ରାଚ୍ୟର ସବୁ ବନ୍ଦର ବନ୍ଦ କରିଦେବୁ: ତେହରାନ୍
- ୱାଶିଂଟନ୍‌ଠାରୁ ମୁହଁ ମୋଡ଼ିଲେ ନାଟୋ ସହଯୋଗୀ

କାଏରୋ/ୱାଶିଂଟନ୍/ଦୁବାଇ, ୧୩।୪(ଏ.ପି./ରଏଟର୍ସ)

ହର୍ମୁଜ୍ ପ୍ରଣାଳୀ ହେଉଛି ଆରବ ସାଗରରେ ପାରସ୍ୟ ଉପସାଗରୀୟ ଅଞ୍ଚଳକୁ ଗଲ୍ଫ ଅଫ୍ ଓମାନ୍ ସହ ଯୋଡୁଥିବା ଜଳପଥ। ବ୍ୟବସାୟିକ ତଥା ରଣନୈତିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏହି ସାମୁଦ୍ରିକ ପଥ ଦେଇ ଭାରତ, ଚାଇନା ଓ ଜାପାନ ସମେତ ବିଶ୍ୱର ବିଭିନ୍ନ ଭାଗକୁ ୨୫ରୁ ୩୦% ତୈଳ ପରିବହନ ହୋଇଥାଏ। ଭାରତର ୮୦% ଶକ୍ତି ଆବଶ୍ୟକତା ମଧ୍ୟ ହର୍ମୁଜ୍ ଜଳପଥ ପୂରଣ କରିଥାଏ। ତେଣୁ ଇରାନ୍ ହର୍ମୁଜ୍ ଉପରେ ଏକଚାଟିଆ ନିୟନ୍ତ୍ରଣ ବଜାୟ ରଖି ତୈଳ ପରିବହନକାରୀ ଜାହାଜଗୁଡ଼ିକରୁ ଅର୍ଥ ଆଦାୟ କରିବାକୁ ଚାହୁଁଛି। ଏପରି ହେଲେ ଅଶୋଧିତ ତୈଳ ବ୍ୟାରେଲ ପିଛା ୧ ଆମେରିକୀୟ ଡଲାର ତେହରାନ୍ ଲାଭ ପାଇବ ବୋଲି ଆକଳନରୁ ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ୍‌ର ଏଭଳି ଜିଦ୍‌କୁ ନାପସନ୍ଦ କରି କହିଛନ୍ତି, ଇରାନ୍ ହର୍ମୁଜ୍‌ରେ ଜାହାଜ ଚଳାଚଳ ବନ୍ଦ କଲେ ଆମେରିକା ଇରାନ୍ ନିୟନ୍ତ୍ରଣରେ ଥିବା ସମସ୍ତ ବନ୍ଦରକୁ ବ୍ଲକ୍ କରିଦେବ। ଏହି କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଇରାନ୍‌ର ୧୫୮ ଜାହାଜକୁ ଆମେ ନିଶ୍ଚିହ୍ନ କରିଦେଇଛୁ। ଆମେରିକୀୟ ବ୍ଲକେଡ୍ ନିକଟକୁ ଆସିବାକୁ ଥିବା କୌଣସି ଇରାନୀୟ ଯୁଦ୍ଧ ଜାହାଜକୁ ଧ୍ୱଂସ କରିଦିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଖବରଦାତାଙ୍କୁ ଟ୍ରମ୍ପ କହିଛନ୍ତି, ଇରାନ୍ ଆମ ସହ ଡିଲ୍ ପାଇଁ ଯୋଗାଯୋଗ କରିଛି। କିନ୍ତୁ ତେହରାନ୍‌ର ଆଣବିକ ଅସ୍ତ୍ରକୁ ସେ ଅନୁମତି ଦେବାକୁ ଚାହିଁବେ ନାହିଁ। ଆମେରିକୀୟ ସେନା ମଧ୍ୟ ଟ୍ରମ୍ପଙ୍କ ଚେତାବନୀକୁ ଦୋହରାଇଛି। ୟୁଏସ୍ ସେଣ୍ଟ୍ରାଲ କମାଣ୍ଡ (ସେଣ୍ଟକମ୍) ଆମେରିକାର ସ୍ଥାନୀୟ ସମୟ ସୋମବାର ପୂର୍ବାହ୍ନ ୧୦ଟା (ଇଡିଟି)/ଇରାନୀୟ ସମୟ ୫ଟା ୩୦ରୁ ବଳପ୍ରୟୋଗ ପୂର୍ବକ ଆରବୀୟ ଉପସାଗରୀୟ ଏବଂ ଓମାନ ଉପସାଗରୀୟ ଅଞ୍ଚଳରେ ଥିବା ଇରାନୀୟ ☞ ପୃଷ୍ଠା-୧୧

### ଓଡ଼ିଆ ନବବର୍ଷ

ଆଜି ବୈଶାଖ ପହିଲା। ଓଡ଼ିଆ ନବବର୍ଷ। ଏହି ଅବସରରେ ଆମର ଅଗଣିତ ପାଠିକାପାଠକ, ବିଜ୍ଞାପନଦାତା, ଏଜେଣ୍ଟ ଓ ବିତରକ ବନ୍ଧୁମାନଙ୍କୁ ଅନେକ ଶୁଭେଚ୍ଛା ଏବଂ ଅଭିନନ୍ଦନ।

## ୧ ଡଲାର= ୯୩.୩୫ ଟଙ୍କା

### ୫୨ ପଇସା ଦୁର୍ବଳ ହେଲା ଭାରତୀୟ ମୁଦ୍ରା

ମୁମ୍ବାଇ, ୧୩।୪(ପି.ଟି.)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଭୂରାଜନୈତିକ ଉତ୍ତେଜନା ଭାରତୀୟ ମୁଦ୍ରାକୁ ପୁଣି ଦୁର୍ବଳ କରିଦେଇଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର ଟଙ୍କା ୫୨ ପଇସା ଦୁର୍ବଳ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଏହାର ବିନିମୟ ମୂଲ୍ୟ ୯୩.୩୫ ଟଙ୍କା ରହିଛି। ସେସନ୍ ଆରମ୍ଭରେ ଟଙ୍କା ୯୩.୩୦ରେ ଖୋଲି ୯୩.୪୦କୁ ଛୁଇଁଥିଲା। ତେବେ ଶେଷରେ ଏହା ୯୩.୩୫ରେ ସେଟେଲ ହୋଇଥିଲା। ଏହା ପୂର୍ବରୁ ଶୁକ୍ରବାର ସେସନ୍‌ରେ ଟଙ୍କା ୩୨ ପଇସା ଦୁର୍ବଳ ହୋଇ ୯୨.୮୩ରେ ବନ୍ଦ ହୋଇଥିଲା। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଶୋଧିତ ତୈଳ ପରିବହନରେ ଅନିଶ୍ଚିତତା ଯୋଗୁ କ୍ରୁଡ୍ ମୂଲ୍ୟ (୧୦୦ ଆମେରିକୀୟ ଡଲାର ଅତିକ୍ରମ କରି) ବଢ଼ି ଚାଲିଥିବାବେଳେ ଭାରତୀୟ ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଷ୍ଟକ୍ସ ବିକ୍ରି କରିବାରେ ଲାଗିଛନ୍ତି। ଏହା ମଧ୍ୟ ଟଙ୍କା ଅବମୂଲ୍ୟାୟନର ଏକ ପ୍ରମୁଖ କାରଣ ବୋଲି ଫରେକ୍ସ ଆନାଲିଷ୍ଟମାନେ କହିଛନ୍ତି।

**ଆଜିର ସମ୍ପାଦକୀୟ**

ଏବେ ତୁର୍କୀ ଓ କ୍ୟୁବା

### ମା'ଙ୍କୁ ହତ୍ୟା କଲେ ବାପା

## ଗୁମର ଖୋଲିଲେ ୪ ବର୍ଷର ପୁଅ

ରାଇଘର, ୧୩।୪(କିରଣ ପଟ୍ଟନାୟକ)

ସ୍ତ୍ରୀଙ୍କୁ ପିଟି ପିଟି ହତ୍ୟାକରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ସ୍ୱାମୀ ପାଇଖାନା ଟାଙ୍କିରେ ମୃତଦେହକୁ ଲୁଚେଇ ରଖିଥିଲେ। ବାପାଙ୍କ ଏଭଳି ଜଘନ୍ୟ କାମକୁ ୪ ବର୍ଷର ପୁଅ ସହି ନ ପାରି ଗ୍ରାମବାସୀଙ୍କ ନିକଟରେ ହତ୍ୟା ଘଟଣାର ଗୁମର ଖୋଲିଦେଇଛନ୍ତି।

ଏଭଳି ଚାଞ୍ଚଲ୍ୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ରାଇଘର ଥାନା ଜୋଡ଼ିଗାଁ ପଞ୍ଚାୟତ ବୋରଗାଁରେ। ଗ୍ରାମବାସୀ ଏ ସମ୍ପର୍କରେ ଖବର ଦେବାରୁ ରବିବାର ବିଳମ୍ବିତ ରାତିରେ ପୋଲିସ ପହଞ୍ଚି ପାଇଖାନା ଟାଙ୍କିରୁ ମହିଳାଙ୍କ ମୃତଦେହ ଜବତ କରିଛି। ହତ୍ୟାକାରୀ ସୁବାସ ଗଣ୍ଡଙ୍କୁ ପୋଲିସ ଗିରଫକରି ତଦନ୍ତ କରୁଥିବା ରାଇଘର ଥାନା ଅଧିକାରୀ ଟିକତାନ୍ଦ ବାହାବଳ କହୁଥିବା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବୋରଗାଁ ଗ୍ରାମର ସୁବାସ ଗଣ୍ଡ ଗତ ୧୧ ବର୍ଷ ତଳେ ସେହି ଗାଁର ମନେଇ ଗଣ୍ଡଙ୍କୁ ବିବାହ କରିଥିଲେ। ୨ ପୁଅ ସହ ସେମାନଙ୍କ ପରିବାର ସୁରୁଖୁରୁରେ ଚାଲିଥିଲା। ସୁବାସ ପରିବାର ସଦସ୍ୟଙ୍କ ସହ ଶନିବାର ଏକ ବାହାଘରକୁ ବୁଲିବାକୁ ଯାଇଥିଲେ। ସେହିଦିନ ମଧ୍ୟାହ୍ନରେ ସମସ୍ତେ ଘରକୁ ଫେରିଥିଲେ। କୌଣସି ଏକ କଥାକୁ ନେଇ ଉଭୟ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସୁବାସ ଉତ୍ତ୍ୟକ୍ତ ହୋଇ ପିଲାଙ୍କ ସମ୍ମୁଖରେ ଏକ ☞ ପୃଷ୍ଠା-୧୧

SIKSHA 'O' ANUSANDHAN
SAAT-2026
Empowering students for a brighter future
B.TECH PROGRAMMES IN CORE COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in

15001/16/2627





ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ଓଡ଼ିଶାର ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)



ଓଡ଼ିଆ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ସମସ୍ତ ଓଡ଼ିଶାବାସୀ ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ପ୍ରିୟ ଓଡ଼ିଆ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ନୂତନ ବର୍ଷ ଆପଣ ସମସ୍ତଙ୍କ ଜୀବନରେ ଅପାର ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏହାହିଁ ମୋର ପ୍ରାର୍ଥନା ।

କଳା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ ପରମ୍ପରାରେ ସମୃଦ୍ଧ ଆମ ଓଡ଼ିଆ ଜାତି ଆଜି 'ଓଡ଼ିଆ ଅସ୍ମିତା'ର ପୁନଃ ପ୍ରତିଷ୍ଠା ପାଇଁ ପୂର୍ଣ୍ଣ ସମର୍ପିତ । ଆଜିର ଓଡ଼ିଶା ନୂଆ ଉତ୍ସାହ, ଅସୀମ ଉଦ୍ଦୀପନା ଓ ଗଭୀର ଆତ୍ମବିଶ୍ୱାସର ସହିତ ଏକ 'ସମୃଦ୍ଧ ଓ ବିକଶିତ ଓଡ଼ିଶା' ଗଠନ ଦିଗରେ ଦୃଢ଼ ସଂକଳ୍ପର ସହ ଅଗ୍ରସର ହେଉଛି ।

ଆସନ୍ତୁ, ଏହି ପବିତ୍ର ଅବସରରେ ଆମେ ସମସ୍ତେ ମିଳିମିଶି ଆମର ଏହି ସଂକଳ୍ପକୁ ସିଦ୍ଧିରେ ପରିଣତ କରିବା ଏବଂ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନୂଆ ଶପଥ ନେବା ।

ବନ୍ଦେ ଉତ୍କଳ ଜନନୀ !

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0016

**ଭ୍ୟାନ୍-ଟ୍ରକ୍ ଧକ୍କାରେ ୧୧ ମୃତ**

ମହାରାଷ୍ଟ୍ରର ଠାଣେ ଜିଲାରେ ସୋମବାର ଏକ ଭ୍ୟାନ୍ ମିକ୍ସର ଟ୍ରକ୍‌କୁ ଧକ୍କା ଦେବାରୁ ୩ ମହିଳାଙ୍କ ସମେତ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଯାତ୍ରୀ ପରିବହନରେ ନିୟୋଜିତ ଭ୍ୟାନ୍ ସାମର୍ଥ୍ୟଠାରୁ ଅଧିକ ଲୋକ ନେଇ କଲ୍ୟାଣରୁ ମୁରବାଦ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ମିକ୍ସର ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

# ଶ୍ରମିକଙ୍କ ବିକ୍ଷୋଭ ବେଳେ ହିଂସା

- କାର୍ ପୋଡ଼ାଜଳା, ରାସ୍ତା ଅବରୋଧ
- ଲୁହବୁହା ବାଷ୍ପ ଛାଡ଼ି ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଲା ପୋଲିସ

ନଏଡା/ନୂଆଦିଲ୍ଲୀ,୧୩।୪


ନଏଡାରେ ବିକ୍ଷୋଭକାରୀ ଫ୍ୟାକ୍ଟ୍ରି କର୍ମଚାରୀମାନେ ଏକ ଗାଡ଼ି ଜାଳିଦେଇଛନ୍ତି।

ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ଅନ୍ତର୍ଗତ ନଏଡ଼ାରେ ଫ୍ୟାକ୍ଟ୍ରି ଶ୍ରମିକମାନେ ବିଭିନ୍ନ ଦାବି ନେଇ ବିକ୍ଷୋଭ ଚଳାଇଥିବାବେଳେ ସୋମବାର ଚତୁର୍ଥ ଦିନରେ ଏହା ହିଂସାତ୍ମକ ରୂପ ନେଇଛି। ବିକ୍ଷୋଭକାରୀ ବହୁ ଗାଡ଼ିରେ ନିଆଁ ଲଗାଇଦେବା ସହ ପୋଲିସ ଉପରକୁ ଟେକାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ସର୍ବନିମ୍ନ ବଳ ପ୍ରୟୋଗ କରିଥିଲା। ବହୁସଂଖ୍ୟାରେ କଳକାରଖାନା ଥିବା ନଏଡ଼ା ଫେଜ୍-୨ରେ ବିକ୍ଷୋଭକାରୀ ଶ୍ରମିକମାନେ ଏକ ପୋଲିସ ଭ୍ୟାନ୍ ସମେତ ଅନ୍ୟ ଗାଡ଼ିଗୁଡ଼ିକୁ ଭଙ୍ଗାରୁଜା କରୁଥିବାର ଦେଖିବାକୁ ମିଳିଛି।

ବେତନ ବୃଦ୍ଧି ଓ ଅନ୍ୟାନ୍ୟ ସୁବିଧା ଦାବିରେ ବିଭିନ୍ନ ଶିଳ୍ପ ସଂସ୍ଥାର କର୍ମଚାରୀମାନେ ବିକ୍ଷୋଭରେ ସାମିଲ ହୋଇଥିଲେ। କୌଣସି ଅପ୍ରୀତିକର ସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ସେଠାରେ ନଏଡ଼ାରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ବିକ୍ଷୋଭ ଯୋଗୁ ସୋମବାର ସକାଳେ ନଏଡ଼ାର ମୁଖ୍ୟ ରାସ୍ତାଗୁଡ଼ିକରେ ପ୍ରବଳ ଟ୍ରାଫିକ୍ ଜାମ୍ ଲାଗିରହିବାରୁ ଦୈନନ୍ଦିନ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଦିଲ୍ଲୀ-ନଏଡ଼ା ସୀମାରେ ଗାଡ଼ି ଚଳାଚଳ ଏକପ୍ରକାର ଅଚଳ ହୋଇପଡ଼ିଥିଲା। ବହୁ କିଲୋମିଟର ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଅନେକ ଘଣ୍ଟା ଧରି ଛିଡ଼ାହୋଇ ରହିଥିବା ଦେଖାଯାଇଥିଲା।

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳିବା ଆବଶ୍ୟକ ଏବଂ ଶିଳ୍ପସଂସ୍ଥାଗୁଡ଼ିକ ଶ୍ରମ ଆଇନର ଅନୁପାଳନ କରିବା ଜରୁରୀ। କର୍ମଚାରୀମାନଙ୍କୁ ଉସୁକାଇବାକୁ ଉଦ୍ୟମ କରୁଥିବା ସମାଜବିରୋଧୀ ତତ୍ତ୍ୱମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ବେତନ ବୃଦ୍ଧି ଏବଂ କାର୍ଯ୍ୟସ୍ଥଳ ସ୍ଥିତିରେ ଉନ୍ନତି ଆଦି ବିଭିନ୍ନ ଦାବି ନେଇ ଫ୍ୟାକ୍ଟ୍ରି ଶ୍ରମିକମାନେ ଗତ କିଛି ବର୍ଷ ହେଲା ବିକ୍ଷୋଭ କରିଆସୁଛନ୍ତି। ଅଣକୁଶଳୀ ଶ୍ରମିକମାନଙ୍କ ସର୍ବନିମ୍ନ ମାସିକ ବେତନ ୧୧,୨୭୪ ଟଙ୍କାରୁ ୧୫,୨୨୦ ଟଙ୍କାକୁ ଏବଂ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ବେତନ ୧୨,୪୩୦ ଟଙ୍କା ୧୮ ପଇସାରୁ ୧୬,୭୮୦ ଟଙ୍କା ୭୪ ପଇସାକୁ ବୃଦ୍ଧି କରିବା ପାଇଁ ହରିୟାଣା ସରକାର ଘୋଷଣା କରିବା ପରେ ବିକ୍ଷୋଭ ଆରମ୍ଭ ହୋଇଛି। କୁଶଳୀ ଏବଂ ଅତି କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ବେତନ ମଧ୍ୟ ୩୫% ବୃଦ୍ଧି କରାଯାଇଛି। ସର୍ବନିମ୍ନ ବେତନ ୨୦ ହଜାର ଟଙ୍କା ଏବଂ ୧୨ ଘଣ୍ଟିଆ ଶିଫ୍ଟ ବଦଳରେ ୮ ଘଣ୍ଟିଆ ଶିଫ୍ଟ ପାଇଁ ଶ୍ରମିକମାନେ ଦାବି କରିଛନ୍ତି। ଏହାଠାରୁ ଅଧିକ ସମୟ କାର୍ଯ୍ୟ ପାଇଁ ଓଭରଟାଇମ୍ ପୈଠ କରିବାକୁ ଶ୍ରମିକମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି, କମ୍ପାନୀ ଆମକୁ ଶୋଷଣ କରୁଛି। ଠିକ୍ ସମୟରେ ଆମକୁ ଖାଦ୍ୟ ମିଳୁନାହିଁ। ମହିଳା କର୍ମଚାରୀମାନଙ୍କ ପାଇଁ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି।

ନଏଡ଼ା ଶ୍ରମିକଙ୍କ ହିଂସାତ୍ମକ ବିକ୍ଷୋଭ ପାଇଁ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ଭାଜପା ସରକାରଙ୍କ ଏକପାଖିଆ ନୀତିକୁ ଦାୟୀ କରିଛନ୍ତି। ଭାଜପା ସରକାର ପୁଞ୍ଜିପତିମାନଙ୍କ ସପକ୍ଷରେ କାର୍ଯ୍ୟ କରୁଥିବାବେଳେ ବେତନଭୋଗୀ କର୍ମଚାରୀ ଓ ଶ୍ରମିକମାନଙ୍କୁ ଅବହେଳା କରୁଥିବା ସେ ଅଭିଯୋଗ କରିଛନ୍ତି।

# ଭୋଟିଂ ପାଇଁ ଫିଙ୍ଗରପ୍ରିଣ୍ଟ: କେନ୍ଦ୍ର, ଇସିକୁ ଜବାବ ତଲବ

## ଲୋକ ସଭା, ବିଧାନସଭା ନିର୍ବାଚନ ପାଇଁ ବାୟୋମେଟ୍ରିକ୍ ବ୍ୟବସ୍ଥା ବିଚାରଯୋଗ୍ୟ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୪(ପି.ଟି./ଲାଇଭ୍ ଲ)



ଦେଶରେ ଭବିଷ୍ୟତରେ ଅନୁଷ୍ଠିତ ହେବାକୁ ଥିବା ଲୋକ ସଭା ଓ ବିଧାନସଭା ନିର୍ବାଚନଗୁଡ଼ିକରେ ମତଦାନ କେନ୍ଦ୍ରରେ ଭୋଟିଂ ଜାଲିଆତି ଏଡ଼ାଇବା ପାଇଁ ଫିଙ୍ଗରପ୍ରିଣ୍ଟ (ଅଙ୍ଗୁଳିଚିହ୍ନ) ସହ (ଆଇରିସ୍) ଚକ୍ଷୁପଟଳ ଆଧାରିତ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଇବା ଉପରେ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ(ଇସି)ଙ୍କୁ ଜବାବ ମାଗିଛନ୍ତି।

ଭୋଟିଂରେ ଜାଲିଆତି ଓ ଲାଞ୍ଚ କାରବାର ରୋକିବା ନିମନ୍ତେ ଆଇନଜୀବୀ ଅଶ୍ୱିନୀ ଉପାଧ୍ୟାୟ ମତଦାନ କେନ୍ଦ୍ରରେ ଫିଙ୍ଗରପ୍ରିଣ୍ଟ ବ୍ୟବସ୍ଥା କରାଇବା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି। ଏଥିରେ ଅଶ୍ୱିନୀ ଦର୍ଶାଇଛନ୍ତି ଯେ, ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୩୨୪ ଅଧୀନରେ ପ୍ରଦତ୍ତ କ୍ଷମତାକୁ ଉପଯୋଗ କରି ଇସି ଫିଙ୍ଗରପ୍ରିଣ୍ଟ ଓ ଆଇରିସ୍‌ଭିତ୍ତିକ ବାୟୋମେଟ୍ରିକ୍ ଅଥେଣ୍ଟିକେଶନ୍‌କୁ କାର୍ଯ୍ୟକାରୀ କରାଇପାରିବେ। ଏହାଦ୍ୱାରା ମତଦାତାଙ୍କ ପରିଚୟ ଚିହ୍ନଟ ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇପାରିବ। ସେହିପରି ଭୋଟ ପାଇଁ ଅର୍ଥ କାରବାର, ଅବାଞ୍ଛିତ ପ୍ରଭାବ, ଜାଲିଆତି ଏବଂ ଜଣକ ବଦଳରେ ଅନ୍ୟ ଜଣେ ମତଦାନ କରିବା ଭଳି କାର୍ଯ୍ୟକଳାପକୁ ରୋକିହେବ ବୋଲି ସେ ନିଜ ପିଟିଶନରେ ଉଲ୍ଲେଖ କରିଛନ୍ତି।

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଓ ଜଷ୍ଟିସ୍ ଜୟମାଲା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ବିଚାର କରିବାକୁ ରାଜି ହୋଇଛନ୍ତି। ସୋମବାର ଶୁଣାଣି ବେଳେ ଖଣ୍ଡପୀଠ କହିଛନ୍ତି, ବର୍ତ୍ତମାନ ହେବାକୁ ଥିବା କେତେକ ରାଜ୍ୟର ବିଧାନସଭା ନିର୍ବାଚନରେ ଏହି ବ୍ୟବସ୍ଥା କରାଯାଇପାରିବ ନାହିଁ। ତେବେ ଆଗକୁ ହେବାକୁ ଥିବା ସଂସଦୀୟ ନିର୍ବାଚନ ଏବଂ/କିମ୍ବା ରାଜ୍ୟ ବିଧାନସଭା ନିର୍ବାଚନଗୁଡ଼ିକରେ ଏଭଳି ପନ୍ଥା ଅନୁସରଣ କରାଯିବା ଉପରେ ପରୀକ୍ଷାନିରୀକ୍ଷା ଆବଶ୍ୟକ। ତେଣୁ କେନ୍ଦ୍ର, ନିର୍ବାଚନ ଆୟୋଗ ଓ ଅନ୍ୟ ରାଜ୍ୟଗୁଡ଼ିକୁ ଉକ୍ତ ଆବେଦନ ଉପରେ ଜବାବ ଦାଖଲ ପାଇଁ ନୋଟିସ କରାଯାଇଛି। ଖଣ୍ଡପୀଠ ଆହୁରି କହିଛନ୍ତି, ଭୋଟିଂ ସେଣ୍ଟରରେ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଗଲେ ଅନେକ ନିୟମଗତ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିବ। ଏପରି କି ଏହାଦ୍ୱାରା ବିପୁଳ ଆର୍ଥିକ ବୋଝ ମଧ୍ୟ ପଡ଼ିବ। କିନ୍ତୁ ଏହି ପ୍ରସଙ୍ଗ ବିଚାରଯୋଗ୍ୟ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, ଆଇନଜୀବୀ ଅଶ୍ୱିନୀ ମୁକ୍ତ ଓ ଅବାଧ ନିର୍ବାଚନ ପାଇଁ ଫିଙ୍ଗରପ୍ରିଣ୍ଟ ସହ ଚକ୍ଷୁପଟଳ ଆଧାରିତ ବାୟୋମେଟ୍ରିକ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଇବା ସକାଶେ ଇସିଙ୍କ ସାମ୍ବିଧାନିକ କ୍ଷମତା ରହିଥିବା କହିଛନ୍ତି। ତାଙ୍କ ମତରେ ଭୋଟର ଆଇଡି ଆଧାରିତ ବ୍ୟବସ୍ଥାରେ ତ୍ରୁଟିବିଚ୍ୟୁତି ରହୁଥିବାରୁ ପରିବର୍ତ୍ତିତ ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୱାନ୍‌ସିଟିଜେନ୍, ୱାନ୍ ଭୋଟ (ଜଣେ ନାଗରିକ, ଗୋଟିଏ ଭୋଟ)ର କଡ଼ା ଅନୁପାଳନ ସକାଶେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

# ଇରାନ୍ ସହ ତୈଳ କାରବାର କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ ଆମେରିକା

ୱାଶିଂଟନ୍,୧୩।୪(ପି.ଟି.)

କୌଣସି ଦେଶ ନିଷିଦ୍ଧ ଘୋଷିତ ଇରାନୀୟ ତୈଳ କିଣାବିକା କଲେ ସମ୍ପୃକ୍ତ ରାଷ୍ଟ୍ର ଉପରେ ଆମେରିକା କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ନେବ ବୋଲି ସୋମବାର ଚେତାବନୀ ଦେଇଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ବନ୍ଦ ଘୋଷଣା କରିବା ପରେ ନ୍ୟାୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ବିଷୟ ସ୍ପଷ୍ଟ କରିଛନ୍ତି। ଫେବୃଆରୀ ୨୮ରୁ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଇସ୍‌ଲାମାବାଦରେ ଆମେରିକା-ଇରାନ୍ ଶାନ୍ତି ଆଲୋଚନା ରବିବାର ବିଫଳ ହୋଇଥିଲା। ଏହା ପରେ ଟ୍ରମ୍ପ୍ ହର୍ମୁଜ୍ ବ୍ଲକେଡ୍‌ର ଚେତାବନୀ ଦେଇଥିଲେ, ଯାହାକି ଭାରତୀୟ ସମୟ ସୋମବାର ରାତି ୭ଟା ୩୦ରୁ ଲାଗୁ ହୋଇଛି। ଇତିମଧ୍ୟରେ Xରେ ଜଷ୍ଟିସ୍ ଡିପାର୍ଟମେଣ୍ଟ କାର୍ଯ୍ୟକାରୀ ଆର୍ଟର୍ନି ଜେନେରାଲ ଟୋଡ୍ ବ୍ଲାନ୍‌ଚେ କହିଛନ୍ତି, ଆମେରିକା ରାଷ୍ଟ୍ରପତି ତଥା କମାଣ୍ଡର ଇନ୍ ଚିଫ୍ ଓ ଆମ ସେନାକୁ ନ୍ୟାୟ ବିଭାଗ ପୂର୍ଣ୍ଣ ସମର୍ଥନ କରୁଛି। ଯିଏ ଇରାନୀୟ ତୈଳ କିଣିବ କିମ୍ବା ବିକ୍ରି କରିବ ତା' ବିରୋଧରେ ଆମେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବୁ।

# ଆମେରିକାକୁ କ୍ୟୁବା ରାଷ୍ଟ୍ରପତିଙ୍କ ଚେତାବନୀ

ସାନ୍ ଜୁଆନ୍ ,୧୩।୪

କ୍ୟୁବା ବିରୋଧରେ ଆମେରିକା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କିମ୍ବା ଏହାର ରାଷ୍ଟ୍ରପତିଙ୍କୁ କ୍ଷମତାଚ୍ୟୁତ କରିବା ଉଦ୍ୟମର କୌଣସି ବୈଧ କାରଣ ନାହିଁ ବୋଲି ରାଷ୍ଟ୍ରପତି ମିଗୁଏଲ୍ ଡିଆଜ୍-କାନେଲ କହିଛନ୍ତି। କ୍ୟୁବା ଆକ୍ରମଣ ପାଇଁ ବହୁମୂଲ୍ୟ ଦେବାକୁ ପଡ଼ିବ ଏବଂ ଏହାର ଆଞ୍ଚଳିକ ସୁରକ୍ଷାକୁ ପ୍ରଭାବିତ କରିବ। ଯଦି ଆକ୍ରମଣ ହୁଏ, ତେବେ କ୍ୟୁବାବାସୀ ଏହାର ପ୍ରତିରୋଧ କରିବେ। ଆବଶ୍ୟକ ପଡ଼ିଲେ ସେମାନେ ଜୀବନ ଦେବାକୁ ପଛାଇବେ ନାହିଁ ବୋଲି ମିଗୁଏଲ କହିଛନ୍ତି।

# ଅଷ୍ଟ୍ରେଲିଆ ସେନାମୁଖ୍ୟ ହେବେ ମହିଳା

କାନବେରା,୧୩।୪



ଅଷ୍ଟ୍ରେଲିଆର ୧୨୫ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ସେନାବାହିନୀର ନେତୃତ୍ୱ ନେବାକୁ ଯାଉଛନ୍ତି। ସେନା ନେତୃତ୍ୱରେ ପରିବର୍ତ୍ତନ ସ୍ୱରୂପ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସୁସାନ କୋଏଲେଙ୍କୁ ଜୁଲାଇରେ ଦେଶର ସେନାମୁଖ୍ୟ ହେବେ ବୋଲି ସରକାରଙ୍କ ପକ୍ଷରୁ ସୋମବାର ଘୋଷଣା କରାଯାଇଛି। ବର୍ତ୍ତମାନର ସେନାମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ସିମନ ଷ୍ଟୁଆର୍ଟଙ୍କ ସ୍ଥାନରେ ସୁସାନେ ଦାୟିତ୍ୱ ଗ୍ରହଣ କରିବେ। ସୁସାନେ ୪ ଦଶନ୍ଧି ହେଲା ସେନାରେ କାର୍ଯ୍ୟ କରିଆସୁଥିବାବେଳେ ବହୁ ବରିଷ୍ଠ କମାଣ୍ଡ ପଦବୀରେ ରହିଛନ୍ତି। ଅଷ୍ଟ୍ରେଲିଆ ସେନା ଅଫିସର ର୍‍ୟାଙ୍କରେ ଅଧିକ ମହିଳାଙ୍କୁ ସାମିଲ କରିବାକୁ ଚାହୁଁଛି।

# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ସମ୍ପନ୍ନ

ମୁମ୍ବାଇ,୧୩।୪

କିମ୍ବଦନ୍ତୀ ଗାୟିକା ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ମୁମ୍ବାଇର ଶିବାଜୀ ପାର୍କ ଶ୍ମଶାନରେ ସୋମବାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ସମ୍ପନ୍ନ ହୋଇଛି। ୮ ଦଶନ୍ଧି ଧରି ନିଜ ସୁମଧୁର ସ୍ୱରର ମୂର୍ଚ୍ଛନାରେ ଅଗଣିତ ସଙ୍ଗୀତପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥିବା ଲୋକପ୍ରିୟ ଗାୟିକାଙ୍କୁ ଶେଷଦର୍ଶନ କରିବା ପାଇଁ ଅନେକ ହଜାର ଲୋକଙ୍କ ସମାଗମ ହୋଇଥିଲା। ମୁମ୍ବାଇ ପୋଲିସ ପାରମ୍ପରିକ ତୋପ ସଲାମୀ ଦେବା ପରେ ତ୍ରିରଙ୍ଗାରେ ଆବୃତ୍ତ ଭୋସ୍‌ଲେଙ୍କ ମରଶରୀର ପଞ୍ଚଭୂତରେ ଲୀନ ହୋଇଯାଇଥିଲା।

ପ୍ରଶଂସକ, ରାଜନେତା ଏବଂ ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତର ସଦସ୍ୟମାନଙ୍କ ପାଇଁ ସୋମବାର ଏକ ଆବେଗଭରା ଦିବସ ଥିଲା। ସେମାନେ ମେଲୋଡି କୁଇନ୍‌ଙ୍କୁ ଶେଷ ସମ୍ମାନ ଜଣାଇବା ପାଇଁ ଏକାଠି ହୋଇଥିଲେ। ପୁଅ ଆନନ୍ଦ ଭୋସ୍‌ଲେ ମୁଖାଗ୍ନି ଦେଇଥିଲେ। କିମ୍ବଦନ୍ତୀ ଗାୟିକାଙ୍କୁ ଗାୟକ ଶାନ୍ ଓ ସୁଦେଶ ଭୋସ୍‌ଲେ ସଙ୍ଗୀତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଚଳଚ୍ଚିତ୍ର ଜଗତର ବହୁ ଜଣାଶୁଣା ଚେହେରାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଥିବା ଦେଖାଯାଇଥିଲା। ଭୋସ୍‌ଲେଙ୍କ ମରଶରୀର ନେଇ ଶିବାଜୀ ପାର୍କ ଅଭିମୁଖେ ଯାଉଥିବା ଗାଡ଼ିକୁ ତାଙ୍କର ପ୍ରିୟ ଧଳା ଓ ହଳଦିଆ ଫୁଲରେ ସଜାଯାଇଥିଲା। ରାସ୍ତା ପାର୍ଶ୍ୱରେ ହଜାର ହଜାର ଲୋକ ଛିଡ଼ାହୋଇ ଅଶ୍ରୁଳ ବିଦାୟ ଜଣାଇଥିଲେ।


ମୁମ୍ବାଇର ଶିବାଜୀ ପାର୍କରେ ଆଶା ଭୋସ୍‌ଲେଙ୍କ ଶେଷକୃତ୍ୟ ବେଳେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଓ ସୁନେତ୍ରା ପାୱାର ଶେଷ ସମ୍ମାନ ଜଣାଉଛନ୍ତି।

# ଏମ୍ଏସ୍‌ପି, କୃଷିଋଣ ଛାଡ଼: କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୧୩।୪(ପି.ଟି.)

ଭାରତୀୟ କୃଷକମାନେ ନିଜ ଉତ୍ପାଦିତ ସାମଗ୍ରୀ ଉଚିତ ମୂଲ୍ୟରେ ବିକ୍ରି କରିପାରୁ ନ ଥିବାରୁ ଭୟଙ୍କର ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଏପରି କି ସେମାନେ ନିଜ ଶସ୍ୟ ବିକି ଉତ୍ପାଦନ ଖର୍ଚ୍ଚ ମଧ୍ୟ ଉଠାଇପାରୁ ନାହାନ୍ତି। ଏଥିଯୋଗୁ ବହୁସଂଖ୍ୟକ ଚାଷୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ତେଣୁ କୃଷକଙ୍କୁ ଶସ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍‌ପି) ପ୍ରଦାନ ସହ କୃଷିଋଣ ଛାଡ଼ ନିମନ୍ତେ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତଙ୍କ ଖଣ୍ଡପୀଠ ସୋମବାର ଏହି ସମ୍ବେଦନଶୀଳ ପ୍ରସ୍ତାବ ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ କରି ଜବାବ ମାଗିଛନ୍ତି।

ସୁପ୍ରିମକୋର୍ଟରେ ଶୁଣାଣି ବେଳେ ଆବେଦନକାରୀମାନଙ୍କ ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ଭୂଷଣ ଯୁକ୍ତି ବାଢ଼ିଛନ୍ତି ଯେ, ଅନେକ ସମୟରେ ଚାଷୀ ନିର୍ଦ୍ଧାରିତ ଏମ୍ଏସ୍‌ପିଠାରୁ କମ୍ ମୂଲ୍ୟ ପାଉଛନ୍ତି। ଏହା ହେଉଛି ଦେଶର କୃଷକମାନଙ୍କ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଅଭାବୀ ବିକ୍ରି ଯୋଗୁ ଗତ ୫ ବର୍ଷରେ କେବଳ ମହାରାଷ୍ଟ୍ରରେ ୧୭,୦୦୦ରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି। ଏମ୍ଏସ୍‌ପି ହିସାବ ସରକାର ନିଜେ କରନ୍ତି। ଜଷ୍ଟିସ୍ ଜୟମାଲା ବାଗ୍‌ଚୀ ସାମିଲ ଥିବା ଖଣ୍ଡପୀଠ ଏହା ଶୁଣିବା ପରେ ଏସମ୍ପର୍କିତ ଆବେଦନର ବିଚାର ପାଇଁ ରାଜି ହୋଇଛନ୍ତି। ଏଥିସହ ଖଣ୍ଡପୀଠ କେନ୍ଦ୍ର ସରକାର, ଫରେନ୍ ଟ୍ରେଡ୍ ଆଣ୍ଡ କମିଶନ୍ ଫର୍ ଏଗ୍ରିକଲ୍‌ଚରାଲ କଷ୍ଟ ଆଣ୍ଡ ପ୍ରାଇସେସ୍ ମହାନିର୍ଦ୍ଦେଶକଙ୍କୁ ଜବାବ ମାଗିଛନ୍ତି।

# ଭାରତ ଶତାବ୍ଦୀର ସବୁଠୁ ଉଲ୍ଲେଖନୀୟ ନିଷ୍ପତ୍ତି ନେବାକୁ ଯାଉଛି: ମୋଦି

## ମହିଳା ସଂରକ୍ଷଣ ବିଲ୍ ଉପରେ ୧୫ରେ ସର୍ବଦଳୀୟ ବୈଠକ ଡାକିଲା କଂଗ୍ରେସ

ନୂଆଦିଲ୍ଲୀ/ବେଙ୍ଗାଲୁରୁ,୧୩।୪

ଭାରତ ଏକବିଂଶ ଶତାବ୍ଦୀର ସବୁଠୁ ଉଲ୍ଲେଖନୀୟ ନିଷ୍ପତ୍ତି ଗ୍ରହଣ କରିବାକୁ ଯାଉଛି। ବହୁ ଦଶନ୍ଧିର ପ୍ରତୀକ୍ଷାର ଅନ୍ତ ଘଟାଇ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନରେ ମହିଳା ସ୍ଥାନ ସଂରକ୍ଷଣ ଆଇନକୁ ୨୦୨୯ରେ କାର୍ଯ୍ୟକାରୀ କରିବା ପାଇଁ ଏଥିରେ ସଂଶୋଧନ ଅଣାଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର କହିଛନ୍ତି। ଆସନ୍ତା ୧୬ରୁ ସଂସଦର ୩ ଦିନିଆ ଅଧିବେଶନ ହେବାକୁ ଯାଉଥିବାବେଳେ ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକ ମହିଳା ସମ୍ମିଳନୀକୁ ଉଦ୍‌ବୋଧନ ଦେଇ କହିଛନ୍ତି, ନାରୀଶକ୍ତି ବନ୍ଦନ ଅଧିନିୟମରେ ହୋଇଥିବା ସଂଶୋଧନ ଅତୀତର ସ୍ୱପ୍ନକୁ ସାକାର କରିବା ସହ ଭବିଷ୍ୟତର ସଂକଳ୍ପକୁ ପୂରଣ କରିବ। ଶାସନରେ ମହିଳାମାନଙ୍କ ଅବଦାନକୁ ଉଚ୍ଚ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅନେକ ମହିଳା ବଡ଼ ଭୂମିକା ନେବାକୁ ପ୍ରସ୍ତୁତ ଓ ଆଗ୍ରହୀ। ପାର୍ଲାମେଣ୍ଟ ନୂଆ ଇତିହାସ ସୃଷ୍ଟିର ନିକଟବର୍ତ୍ତୀ ହୋଇଛି। ୨୦୨୩ରେ ନାରୀଶକ୍ତି ବନ୍ଦନ ଅଧିନିୟମ ସର୍ବସମ୍ମତକ୍ରମେ ଗୃହୀତ ହୋଇଥିଲା। ଏହାକୁ ୨୦୨୯ ସୁଦ୍ଧା କାର୍ଯ୍ୟକାରୀ କରିବାକୁ ବିରୋଧୀ ଦାବି କରିଥିଲେ। ସେଥିପାଇଁ ଅଧିନିୟମରେ ସଂଶୋଧନ ଆବଶ୍ୟକ ହେଉଛି।

ଅନ୍ୟପକ୍ଷରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର କହିଛନ୍ତି, କେନ୍ଦ୍ର ସରକାର ସବୁ ପକ୍ଷଙ୍କ ସହ ବିସ୍ତୃତ ବିଚାର ବିମର୍ଶ ପାଇଁ ପ୍ରସ୍ତୁତ ନ ଥିବାରୁ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରିତା ଉପରେ ଆଲୋଚନା ପାଇଁ ତାଙ୍କ ଦଳ ଆସନ୍ତା ୧୫ରେ ଏକ ସର୍ବଦଳୀୟ ବୈଠକ ଡାକୁଛି। ଉକ୍ତ ବିଧେୟକକୁ ତାଙ୍କ ଦଳ ପୂର୍ଣ୍ଣ ସମର୍ଥନ କରୁଛି। ତେବେ ଏହାର ସୁଦୂରପ୍ରସାରୀ ଜାତୀୟ ପ୍ରଭାବକୁ ଦୃଷ୍ଟିରେ ରଖି ମହିଳା ସଂରକ୍ଷଣ ଆଇନର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ। ଯଦି କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକନ୍ତି, ତେବେ ଆମେ ସେଥିରେ ଭାଗନେଇ ଆବଶ୍ୟକ ପ୍ରସ୍ତାବ ଦେଇପାରିବୁ ବୋଲି ବେଙ୍ଗାଲୁରୁଠାରେ ଖାର୍ଗେ ଖବରଦାତାମାନଙ୍କୁ କହିଛନ୍ତି।



ଧରିତ୍ରୀ
DHARITRI
52 Years
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୪/୨୦୨୬ | Bhubaneswar, Tuesday, April 14/2026




**ପିଟର ଜିତିଲେ ହଙ୍ଗେରୀ ନିର୍ବାଚନ**
ହଙ୍ଗେରୀ ନିର୍ବାଚନରେ ପିଟର ମାଜ୍ୟାର ବିଜୟୀ ହୋଇଥିବାବେଳେ ୧୬ ବର୍ଷ ଧରି ପ୍ରଧାନମନ୍ତ୍ରୀ ଥିବା ଭିକ୍ଟର ଓର୍ବାନ୍ ହାରିଯାଇଛନ୍ତି।
୧୨

୧୬
**ନମ୍ବର ୱାନ ହେଲେ ସିନର**
ଏଟିପି ପୁରୁଷ ସିଙ୍ଗଲ୍ସ ର୍ୟାଙ୍କିଙ୍ଗ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ଇଟାଲୀର ଜାନିକ ସିନର।



# ବଡ଼ବିଲ ବାଇପାସ୍ ରିଂ-ରୋଡ୍ ଭିତ୍ତିପ୍ରସ୍ତର

## ୫୧ ପ୍ରକଳ୍ପ ଭିତ୍ତିପ୍ରସ୍ତର ସହ ୨୪ ପ୍ରକଳ୍ପ ଉଦ୍‌ଘାଟନକଲେ ମୁଖ୍ୟମନ୍ତ୍ରୀ

ବଡ଼ବିଲ,୧୩।୪(ଜୟନ୍ତୀ ରଣା)

କେନ୍ଦୁଝର ଜିଲା ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ବଡ଼ବିଲର ବହୁ ପ୍ରତିକ୍ଷିତ ବାଇପାସ ରିଂ ରୋଡର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିସହ ୫୧ଟି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ଦେଇଥିଲେ। ୨୯.୪୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ୨୪ଟି ବିଭିନ୍ନ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ମଧ୍ୟ କରିଛନ୍ତି।

ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୧ଟା ୩୦ରେ ହେଲିକପ୍ଟରରେ ଆସି ବଡ଼ବିଲଠାରେ ପହଞ୍ଚିଥିଲେ। ସେଠାରୁ କଳିଙ୍ଗସ୍ଥିତ ଖେଳପଡିଆଠାରେ ଆୟୋଜିତ ସାଧାରଣ ସଭାସ୍ଥଳକୁ ଯାଇଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ୨୯.୪୧ କୋଟି ଟଙ୍କା ବ୍ୟୟରେ ୨୪ଟି ବିଭିନ୍ନ ପ୍ରକଳ୍ପକୁ ରିମୋଟ ଜରିଆରେ ଉଦ୍‌ଘାଟନ କରିଥିଲେ। ପ୍ରକଳ୍ପଗୁଡ଼ିକ ମଧ୍ୟରେ ୯ କୋଟି ୨୭ ଲକ୍ଷ ଟଙ୍କା ବିନିଯୋଗରେ ଉତ୍ସବ ପଡ଼ିଆରେ କ୍ରୀଡ଼ା ଭିତ୍ତିଭୂମି ଓ ବଡ଼ବିଲ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ ହୋଇଥିବା କହିଛନ୍ତି। ଏହା ବ୍ୟତୀତ ବଡ଼ବିଲ ଟାଉନହଲ ନିକଟସ୍ଥ ଖେଳପଡ଼ିଆର ଉନ୍ନତୀକରଣ, ନୂତନ ସବ୍-ରେଜିଷ୍ଟ୍ରାର ଅଫିସ ବିଲଡିଂ, ପାର୍କ, ଆଇଟିଆଇ ଷ୍ଟାଫ୍ କ୍ୱାର୍ଟର୍ସ ଆଦିର



ବଡ଼ବିଲ କଳିଙ୍ଗସ୍ଥିତ ଖେଳପଡ଼ିଆଠାରେ ଆୟୋଜିତ ଲୋକାର୍ପଣ ଓ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ତେଲକୋଇ ବିଧାୟକ ଡ. ଫକୀର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଉପସ୍ଥିତ ଅଛନ୍ତି।

ଉଦ୍‌ଘାଟନ କରିଛନ୍ତି। ପରେ ବଡ଼ବିଲ ବାଇପାସ୍ ରିଂ ରୋଡର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅଭିଭାଷଣରେ କହିଥିଲେ, ଏହି ବାଇପାସ୍ ରିଂ ରୋଡର ଦୈର୍ଘ୍ୟ ୧୮.୩୨୬ କିଲୋମିଟର ହୋଇଥିବାବେଳେ ଏହାର ବ୍ୟୟ ଅଟକଳ ୧୫୮୧.୨୧ କୋଟି ଟଙ୍କା। ଏହି ବାଇପାସ୍ ରିଂ ରୋଡ୍ ଯୋଗୁ ବଡ଼ବିଲ ସହର ପ୍ରଦୂଷଣମୁକ୍ତ, ଦୁର୍ଘଟଣାମୁକ୍ତ ଓ ଟ୍ରାଫିକ ସମସ୍ୟା ହ୍ରାସ ହେବ। ରାସ୍ତାରେ ୪୦ ହଜାର କାର ଚାଲିପାରିବାର କ୍ଷମତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆହୁରି କହିଥିଲେ, କେନ୍ଦୁଝରରେ ଡାଟା ସେଣ୍ଟର, ସାନଘାଗରାରେ ରିଜନାଲ ପ୍ଲାଣ୍ଟ ରିସର୍ଚ୍ଚ ସେଣ୍ଟର, ଆପାରେଲ ୟୁନିଟ, ଆର୍‌ବିଆର୍‌ସି, ୪୩୯ କୋଟି ଟଙ୍କାର ବ୍ୟୟ ଅଟକଳରେ କେନ୍ଦୁଝର ବାଇପାସ ନିର୍ମାଣ ନିମନ୍ତେ ଅନୁମୋଦନ ହୋଇଛି। ସଭାରେ ତେଲକୋଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡ. ଫକୀର ମୋହନ ନାୟକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, କେନ୍ଦୁଝର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ଓ ଜିଲାପାଳ ବିଶାଲ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ।

# ଏବର୍ଷ କମ୍ ବର୍ଷା: ପ୍ରଭାବିତ ହେବ କୃଷି, ଅର୍ଥନୀତି

**ଚଳିତ ବର୍ଷ ଦେଶରେ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇପାରେ। ଦୀର୍ଘମିଆଦି ହାରାହାରି(ଏଲ୍‌ପିଏ)ର ୯୨% ବୃଷ୍ଟିପାତ ହେବାନେଇ ସୋମବାର ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପୂର୍ବାନୁମାନ କରିଛି। ଦକ୍ଷିଣପୂର୍ବ ମୌସୁମୀ ଭାରତର ଜୀବନରେଖା ହୋଇଥିବାରୁ କୃଷିକ୍ଷେତ୍ର, ଭୂତଳ ଜଳସ୍ତରକୁ ପୁନଃ ପୂର୍ଣ୍ଣ କରିବା ଏବଂ ଜଳଭଣ୍ଡାରଗୁଡ଼ିକ ପାଇଁ ଆବଶ୍ୟକ ଜଳର ପ୍ରାୟ ୭୦ ପ୍ରତିଶତ ମୌସୁମୀ ବୃଷ୍ଟିପାତରୁ ମିଳିଥାଏ। ମଧ୍ୟପ୍ରାଚ୍ୟ ଯୁଦ୍ଧ ଥମି ନ ଥିବାରୁ ମୁଦ୍ରାସ୍ଫୀତି ବଢ଼ିବା ସହ ଦେଶର ଅଭିବୃଦ୍ଧି ପ୍ରଭାବିତ ହୋଇଛି। ଏଭଳସ୍ଥିତିରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ କୃଷି ଉତ୍ପାଦନ କମିବା ସହ ଅର୍ଥନୀତି ଉପରେ ନକାରାତ୍ମକ ପ୍ରଭାବ ପଡ଼ିପାରେ।**

ନୂଆଦିଲ୍ଲୀ,୧୩।୪

ଭାରତରେ ୩ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଚଳିତ ବର୍ଷ ସ୍ୱାଭାବିକଠାରୁ କମ୍ ବୃଷ୍ଟିପାତ ହୋଇପାରେ ବୋଲି ସୋମବାର ସରକାରଙ୍କ ପକ୍ଷରୁ କୁହାଯାଇଛି। ଇରାନ

## ଆଇଏମ୍‌ଡିର ପୂର୍ବାନୁମାନ

ଯୁଦ୍ଧ ଯୋଗୁ ମୁଦ୍ରାସ୍ଫୀତି ବଢ଼ିଥିବାବେଳେ କମ୍ ବୃଷ୍ଟିପାତ ହେଲେ କୃଷି ଉତ୍ପାଦନ କମିବା ସହ ଏସିଆର ତୃତୀୟ ବୃହତ୍ ଅର୍ଥନୀତିର ଅଭିବୃଦ୍ଧି ହାରକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପ୍ରାୟ ୪ ଟ୍ରିଲିୟନ ଡଲାର ଅର୍ଥନୀତି ଭାରତର ଜବନରେଖା ହେଉଛି ମୌସୁମୀ। କୃଷିକ୍ଷେତ୍ର, ଭୂତଳ ଜଳସ୍ତରକୁ ପୁନଃ ପୂର୍ଣ୍ଣ କରିବା ଏବଂ ଜଳଭଣ୍ଡାରଗୁଡ଼ିକ ପାଇଁ ଆବଶ୍ୟକ ଜଳର ପ୍ରାୟ ୭୦ ପ୍ରତିଶତ ମୌସୁମୀ ବୃଷ୍ଟିପାତରୁ ମିଳିଥାଏ।

ମୌସୁମୀ ପ୍ରତିବର୍ଷ ପ୍ରାୟତଃ ଜୁନ୍ ୧ରେ ଦକ୍ଷିଣ ଭାରତୀୟ ରାଜ୍ୟ କେରଳରେ ପହଞ୍ଚି ସେପ୍ଟେମ୍ବର ମଧ୍ୟଭାଗ ବେଳକୁ ପ୍ରତ୍ୟାବର୍ତ୍ତନ କରିଥାଏ। ଚଳିତ ବର୍ଷ ଦୀର୍ଘମିଆଦୀ ହାରାହାରିର ୯୨ ପ୍ରତିଶତ ବୃଷ୍ଟିପାତ ହେବ ବୋଲି ଭୂବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଚତୁର୍ମାସ ବର୍ଷାଋତୁର ୫୦ ବର୍ଷର ହାରାହାରି ବୃଷ୍ଟିପାତ ୮୭ ସେମି (୩୫ ଇଞ୍ଚ)ର ୯୬%ରୁ ୧୦୪% ମଧ୍ୟରେ ହେଉଥିବା ବର୍ଷାକୁ ସ୍ୱାଭାବିକ ☞ପୃଷ୍ଠା-୧୧

3001/6/2627

ଓଡ଼ିଆ ପକ୍ଷ ୨୦୨୬



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଆ ନବବର୍ଷ ପାଳନ ଓ ଓଡ଼ିଆ ପକ୍ଷର ଉଦ୍‌ଯାପନୀ ଉତ୍ସବ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ

ଓଡ଼ିଆ ପକ୍ଷ ୨୦୨୬

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଓ ଅବକାରୀ

ଡ. ମୁକେଶ ମହାଲିଙ୍ଗ
ମନ୍ତ୍ରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା

ଶ୍ରୀ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚ ଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି

୧୪ ଅପ୍ରେଲ ୨୦୨୬ । ସନ୍ଧ୍ୟା ୬ ଘଟିକା
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ନୂତନ ପ୍ରେକ୍ଷାଳୟ (କୃଷି ଶିକ୍ଷା ସଦନ), ଭୁବନେଶ୍ୱର

OIPR-3001/3029/2/26-27/0006

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଶ୍ରୀ ସୀତାରାମ ସାଂସ୍କୃତିକ ପରିଷଦ ପକ୍ଷରୁ ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଶ୍ରୀ ସୀତାରାମ ସାଂସ୍କୃତିକ ପରିଷଦର ମନ୍ଦିର ପରିସର, ସମୟ: ସକାଳ ୬ଟା।
- ସମ୍ବିଧାନ ନିର୍ମାତା ବାବା ସାହେବ ଡ. ଭୀମରାଓ ଆମ୍ବେଡ୍କରଙ୍କ ଜୟନ୍ତୀ ଉପଲକ୍ଷେ ପୁଷ୍ପମାଲ୍ୟାର୍ପଣ, ସ୍ଥାନ: ଏଜି ଛକ, ସମୟ: ସକାଳ ୮ଟା।
- ଉତ୍କଳ ବିକାଶ ପରିଷଦ ପକ୍ଷରୁ ୨୮ତମ ବାର୍ଷିକ ଅଧିବେଶନ ଏବଂ ଓଡ଼ିଆ ସାମରିକ ଓ ସାଂସ୍କୃତିକ ଐତିହ୍ୟର ମୁଖପତ୍ର 'ଦୁନ୍ଦୁଭି' ଲୋକାର୍ପଣ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବାଞ୍ଚଳ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଓଡ଼ିଆ ନବବର୍ଷ ପାଳନ ଓ କବିତା ପାଠୋତ୍ସବ, ସମୟ: ପୂର୍ବାହ୍ନ ୧୦ଟା।
- ସଂସ୍କୃତି ସୁରକ୍ଷା ମଞ୍ଚ ଟ୍ରଷ୍ଟ ପକ୍ଷରୁ ମହାବିଷୁବ ପଣାସଂକ୍ରାନ୍ତି ଉପଲକ୍ଷେ ପଣା ବଣ୍ଟନ, ଗୀତା ବହି ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମାଷ୍ଟର କ୍ୟାଣ୍ଟିନ୍ ଛକ, ସମୟ: ପୂର୍ବାହ୍ନ ୧୦ଟା।
- ଦୈନିକ ସମ୍ବାଦପତ୍ର ମନ୍ଥନର ୩୧ତମ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରାଜ୍ୟସ୍ତରୀୟ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ପଟିଆ, ଷ୍ଟାଇଲ୍ ଗ୍ରୀନ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଆମ୍ବେଡ୍କର ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଭାରତ ରତ୍ନ ଆମ୍ବେଡ୍କର ଜୟନ୍ତୀ ପାଳନ, ସ୍ଥାନ: ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଫିଜିକ୍ସ ଅଡିଟୋରିୟମ୍, ସମୟ: ଅପରାହ୍ନ ୪ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନୂତନ ବର୍ଷ ପାଳନ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡ଼ିଆ ନୂତନ ବର୍ଷ ପାଳନ, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା ୩୦।
- ଜୟ ବଜରଙ୍ଗବାଲୀ ମନ୍ଦିରର ୨୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: ସେକ୍ଟର ୩, ନୀଳାଦ୍ରି ବିହାର, ସମୟ: ସନ୍ଧ୍ୟା ୬ଟା।
- ମା' ତାରିଣୀ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ତାରିଣୀ ମନ୍ଦିର, ବୀର ସୁରେନ୍ଦ୍ର ସାଏ ନଗର, ସମୟ: ସନ୍ଧ୍ୟା ୮ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ଦେବ ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ରାମ ନାଟକ 'ଇନ୍ଦ୍ରଜିତ ବଧ', ସ୍ଥାନ: ବାଲିଅନ୍ତା ବେଣ୍ଟପୁରସ୍ଥିତ ରାମଲୀଳା ପଡ଼ିଆ, ସମୟ: ରାତି ୧୧ଟା।
- ରାମଲୀଳା ଉଦ୍ଯାପନୀ ଦିବସ ନାଟକ 'ରାବଣ ବଧ ଓ ରାବଣ ପୋଡ଼ି', ସ୍ଥାନ: ବାଲିଅନ୍ତା ବ୍ଲକ କାକରୁଦ୍ରପୁର ଗ୍ରାମ ଶ୍ରୀ ପତିତପାବନ ମନ୍ଦିର ପରିସର, ସମୟ: ରାତି ୧୧ଟା।

**କଟକ**

- ୧୪ତମ ବାର୍ଷିକ ମୁଖା ମେଳଣ ଉତ୍ସବ, ସ୍ଥାନ: ହନୁମାନ ମନ୍ଦିର ପ୍ରାଙ୍ଗଣ, ପ୍ରଫେସରପଡ଼ା, ସମୟ: ସକାଳ ୬ଟା।
- ଗୌଡ଼ିୟ ପାଟେରା ସମ୍ପ୍ରଦାୟର ସାମୁହିକ ବାଲି ଶ୍ରାଦ୍ଧ, ସ୍ଥାନ: ଖଳି ନାଳ ତୁଠ, ଗଦାଧରପୁର, ତିଗିରିଆ, ସମୟ: ସକାଳ ୭ଟା।
- ଡ.ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗାନ୍ଧୀ ପଡ଼ିଆ,ନିଳିଗଡ, ତିଗିରିଆ, ସମୟ: ସକାଳ ୮ଟା।
- ଜିଲା ପ୍ରଶାସନ ପକ୍ଷରୁ ଡ. ବି.ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଲାଲବାଗ ଥାନା ସମ୍ମୁଖ, ଚାନ୍ଦିନୀଚୌକ, ସମୟ: ସକାଳ ୮ଟା ୩୦।
- ହିନ୍ଦୁ ସେନା କଟକ ପୂର୍ବାଞ୍ଚଳ ପକ୍ଷରୁ ଧ୍ୱଜା ଯାତ୍ରା ଶୁଭାରମ୍ଭ, ସ୍ଥାନ: ଚାଉଳିଆଗଞ୍ଜ ଖେଳପଡ଼ିଆ, ସମୟ: ସକାଳ ୯ଟା ୩୦।
- କୈବଲ୍ୟ ସାହିତ୍ୟ ସଂସଦ ଆନୁକୂଲ୍ୟରେ ବିଷୁବ ବିଶ୍ଳେଷଣ ମହୋତ୍ସବ, ସ୍ଥାନ : ସ୍ୱାମୀ ବିଚିତ୍ରାନନ୍ଦ କଲ୍ୟାଣ ଆଶ୍ରମ, ଉଗରପଡ଼ା, ସମୟ: ଅପରାହ୍ନ ୩ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୁତି, ସ୍ଥାନ: ଦଧିଚି ଶିକ୍ଷା ସମୂହ ପରିସର, ସୁନ୍ଦରଗ୍ରାମ, ସମୟ: ଅପରାହ୍ନ ୪ଟା ୩୦।
- ଶ୍ରୀଶ୍ରୀ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ : ମା' କଟକ ଚଣ୍ଡୀ ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ଅଭୀପ୍ସା ପକ୍ଷରୁ ୨୯ତମ ବିଷୁବ ମିଳନ ଓ ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।
- ନୂଆପାଟଣା ଓ ଜେମାଦେଈପୁରର ପ୍ରସିଦ୍ଧ ଖଣ୍ଡାପାଟ ଯାତ୍ରା, ସ୍ଥାନ: ନୂଆପାଟଣା ରାମେଶ୍ୱର ମନ୍ଦିର ପ୍ରାଙ୍ଗଣ, ତିଗିରିଆ, ସମୟ: ଅପରାହ୍ନ ୫ ଟା।
- ଆମେ ଓଡ଼ିଆ ଅନୁଷ୍ଠାନ ପକ୍ଷରୁ ଓଡ଼ିଆ ନବବର୍ଷ ଉତ୍ସବ, ସ୍ଥାନ: ଟାଉନ ହଲ, ଚୌଧୁରୀବଜାର, ସମୟ: ସନ୍ଧ୍ୟା ୫ଟା ୩୦।
- ନୀଳଚକ୍ରର ୫୬ତମ ବାର୍ଷିକ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ବୁଢ଼ୀ ମଙ୍ଗଳାଙ୍କ ଝାମୁଯାତ୍ରା ମହୋତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ଯୋବ୍ରା ମହଲ୍ଲାସାହି, ସମୟ: ସନ୍ଧ୍ୟା ୬ଟା।
- ଗୌଡ଼ିୟ ପାଟେରା ସମ୍ପ୍ରଦାୟର ସାମୁହିକ ବାଲି ଶ୍ରାଦ୍ଧ, ସ୍ଥାନ: ଖଳି ନାଳ ତୁଠ, ଗଦାଧରପୁର, ତିଗିରିଆ, ସମୟ: ସକାଳ ୭ଟା।

**ପୁରୀ**

- ଶ୍ରୀସଙ୍କଟମୋଚନ ମହାବୀରଙ୍କ ୨୬ତମ ପ୍ରତିଷ୍ଠା ଦିବସ ଅବସରରେ ହନୁମାନ ଚାଳିଶା ଓ ସୁନ୍ଦରାକାଣ୍ଡ ପାଠ, ସ୍ଥାନ: ବିଦ୍ୟାଧରପୁର, ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।
- ଆମ୍ବେଦକର ଜୟନ୍ତୀ ଉତ୍ସବ, ସ୍ଥାନ: ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ଅଷ୍ଟପ୍ରହରୀ ନାମ ଯଜ୍ଞ, ସ୍ଥାନ: ବଡୁ ମହାପାତ୍ର ଜାଗା, ଚୁଡ଼ଙ୍ଗ ସାହି, ସମୟ: ପୂର୍ବାହ୍ନ ୧୦ଟା।
- ମାରୁତି ସେନା ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଶିରୁଳି ମହାବୀର, ସମୟ: ପୂର୍ବାହ୍ନ ୧୧ଟା।
- ଶୀତଳ ବାମ୍ଫ ଚିକିତ୍ସାର ଶୁଭାରମ୍ଭ, ସ୍ଥାନ: ପୌରସଦନ ଛକ, ସମୟ: ମଧ୍ୟାହ୍ନ ୧୨ଟା।
- ଗାନ୍ଧିଜୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ପଣା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଭକ୍ତ ସାଲବେଗ ପୀଠ, ସମୟ: ମଧ୍ୟାହ୍ନ ୧୨ଟା।
- ମା' ଗଡ଼ଚଣ୍ଡୀ ଏବଂ ମା' ଜୟଦୁର୍ଗାଙ୍କ ଖାଇଫୋଡ଼ ଯାତ୍ରା, ସ୍ଥାନ: ଭୀମପୁର ଓ ଦାଶବିଦ୍ୟାଧରପୁର, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୨ଟା।
- ଜାଗା ମହାବୀରଙ୍କ ମାଜଣା ଓ ପଣାଭୋଗ, ସ୍ଥାନ: ଚନ୍ଦନ ପୋଖରୀ ମହାବୀର ଜାଗା, ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୪ଟା।
- ଦି ବେଲ୍ସର ୫ମ ବାର୍ଷିକ ଉତ୍ସବ, ସ୍ଥାନ: ଏକଲବ୍ୟ ପାଠଶାଳା, ବଳିଆପଣ୍ଡା, ସମୟ: ଅପରାହ୍ନ ୫ଟା।
- ୨୯ତମ ବାର୍ଷିକ ଶ୍ରୀରାମ ତାରକ ମହାଯଜ୍ଞ ପୂର୍ଣ୍ଣାହୁତି, ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ବାଟମହାବୀର ମନ୍ଦିର, ସାକ୍ଷୀଗୋପାଳ ବ୍ଲକ ଛକ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀସିଦ୍ଧ ମହାବୀରଙ୍କ ପଞ୍ଚମ ବାର୍ଷିକ ସାମ୍ବତ୍ସରିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ବକୁଳବନ, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା।
- ମା' ମଣିନାଗ ଦୁର୍ଗାଙ୍କ ପୀଠରେ ବିଶ୍ୱଶାନ୍ତି ଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଆଦ୍ୟ ଶାସନ ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପ୍ରଥମ ଖଣ୍ଡି, ସମୟ: ସନ୍ଧ୍ୟା ୬ଟା।
- ସହିଯାତ ମହୋତ୍ସବ, ସ୍ଥାନ: ଯାଇଗଡ ଜାଗା, ସମୟ: ରାତି ୭ଟା।
- ଗୁରୁକୁଳ ଉତ୍ସବ-୨୦୨୬ ଉଦ୍ଯାପନୀ ସନ୍ଧ୍ୟା, ସ୍ଥାନ: ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୭ଟା।

**ଖୋର୍ଦ୍ଧା**

- ଡ.ଆମ୍ବେଡକରଙ୍କ ଜିଲାସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ପିପୁଲ ଫର୍ ସୋସାଇଟି ଏବଂ ସଙ୍ଗଠିତ ହିନ୍ଦୁ ପରିବାର ପକ୍ଷରୁ ଓଡ଼ିଆ ନବ ବର୍ଷ ପାଳନ, ସ୍ଥାନ: ହନୁମାନ ବାଟିକା, ଜଟଣୀ, ସମୟ: ମଧ୍ୟାହ୍ନ ୧୨ଟା।
- ପଞ୍ଚମୁଖ ମହାବୀରଙ୍କ ବାର୍ଷିକ ଜନ୍ମ ଉତ୍ସବ ଓ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ତୋଟା, ଜଟଣୀ, ସମୟ: ଅପରାହ୍ନ ୧ଟା।
- ସିଦ୍ଧ ମହାବୀର ଦେବଙ୍କ ୨୧ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗୋପବନ୍ଧୁ ବଜାର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ସଙ୍କଟମୋଚନ ହନୁମାନଙ୍କ ୨୪ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗୋରୁହାଟ, ଆର୍‌ଏମ୍‌ସି ପରିସର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ପାରାୟଣ ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- ସିଦ୍ଧ ମହାବୀର ଦେବଙ୍କ ୩୦ତମ ଜନ୍ମ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ରେଲୱେ ଗୋଲେଇ ଓ ନ୍ୟୁ ମାର୍କେଟ, ଜଟଣୀ, ସମୟ: ସନ୍ଧ୍ୟା ୬ଟା ୩୦।

**ବାଲେଶ୍ୱର**

- ପିତୃପୁରୁଷଙ୍କ ଲାଗି ତିଳତର୍ପଣ, ସ୍ଥାନ: ତାଳସାରୀ ସମୁଦ୍ରକୂଳ, ଭୋଗରାଇ, ସମୟ: ପ୍ରାତଃ ୫ଟା।
- ଖେଟି, ଚିତା, ମୁରୁଜ ଓ ପିଠାପଣା ପ୍ରତିଯୋଗିତା, ସ୍ଥାନ : ଜିଲାପାଳଙ୍କ ନୂତନ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ସକାଳ ୮ଟା ୧୫।
- ଆଲୋଚନାଚକ୍ର, ସ୍ଥାନ : ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ : ସକାଳ ୯ଟା।
- ଚନ୍ଦନେଶ୍ୱର ମହାଦେବଙ୍କଠାରେ ପଣାଭୋଗ, ସ୍ଥାନ : ଚନ୍ଦନେଶ୍ୱର ମନ୍ଦିର, ଭୋଗରାଇ, ସମୟ : ସକାଳ ୯ଟା।
- ଓଡ଼ିଆ ନବ ବର୍ଷ ପାଳନ ଓ ଉଦ୍ଯାପନୀ ସମାରୋହ, ସ୍ଥାନ:ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ସମୟ : ପୂର୍ବାହ୍ନ ୧୦ଟା ୩୦।
- ବାଲେଶ୍ୱର ବୈଶାଖୀ ମହୋତ୍ସବର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।
- ଈଶାଣୀ ବୈଶାଖୀ ମହୋତ୍ସବର ଉଦ୍ଯାପନୀ ସନ୍ଧ୍ୟା, ସ୍ଥାନ: ଈଶାଣୀ ମିନି ଷ୍ଟାଡିୟମ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**

- ବିଷୁବ ସଂକ୍ରାନ୍ତି ଉପଲକ୍ଷେ ପଣାଦାନ ଓ ପାରୁଆ ନାଚ, ସ୍ଥାନ: ମା' ଆଙ୍ଗୁଡ଼ାଶୁଣି ପୀଠ, ବିନାୟକପୁର, ମା' ଭେଡ଼ା ନାୟକାଣୀ ପୀଠ, ବାଲିମେଦ, ବାସୁଦେବପୁର, ସମୟ: ସକାଳ ୮ଟା।
- ବିଷୁବ ମିଳନ ଓ କବିତା ପାଠୋତ୍ସବ, ସ୍ଥାନ: ଦୀନଦୟାଳ ଭବନ, ତିହିଡ଼ି, ସମୟ: ଅପରାହ୍ନ ୫ଟା।
- ଜିଲାସ୍ତରୀୟ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ଗୁଜୁରାଟୀ ଭବନ, ଡାହାଣୀଗଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା ୩୦।

**କେନ୍ଦୁଝର**

- ମହାବିଷୁବ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବ ବର୍ଷ ପାଳନ, ସ୍ଥାନ: ଐକ୍ୟକ୍ଷେତ୍ର, ପିଏଚ୍‌ଡି, ବଡ଼ବିଲ, ସମୟ: ସନ୍ଧ୍ୟା ୭ଟା।
- ତାରିଣୀ ପୀଠରେ ଯଜ୍ଞ, ସ୍ଥାନ: କିରିବୁରୁ ଛକ ତାରିଣୀ ମନ୍ଦିର, ପ୍ରେସ୍ କ୍ଲବ ଛକ ତାରିଣୀ ମନ୍ଦିର, ସେରେଣ୍ଡା ମନ୍ଦିର, ପିଏଚ୍‌ଡି ତାରିଣୀ ମନ୍ଦିର, କଳିଙ୍ଗନଗର ତାରିଣୀ ମନ୍ଦିର, ସାଧୁସିଂହଚିଂ ତାରିଣୀ ମନ୍ଦିର, ବଡ଼ବିଲ, ସମୟ: ସକାଳ ୬ଟା।
- ସ୍ୱାଭିମାନ ମଞ୍ଚ ପକ୍ଷରୁ ଓଡ଼ିଆ ନବ ବର୍ଷ ତଥା ବିଷୁବ ସଂକ୍ରାନ୍ତି ପାଳନ, ସ୍ଥାନ: ଯୋଡ଼ାସ୍ଥିତ ଅଡିଟୋରିୟମ, ସମୟ: ସନ୍ଧ୍ୟା ୬ଟା।
- ଘଟଗାଁ ମା'ତାରିଣୀ ପୀଠରେ ଚଇତି ପର୍ବ : ପଣା ବଣ୍ଟନ, ପ୍ରସାଦ ବଣ୍ଟନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଘଟଗାଁ, ସମୟ: ସକାଳ ୬ଟା।

**ମୟୂରଭଞ୍ଜ**

- ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବେଲପାଳ, ବଡ଼ସାହି,ସମୟ: ସକାଳ ୭ଟା।
- ଓଡ଼ିଆ ନବବର୍ଷ ଓ ପଣାସଂକ୍ରାନ୍ତି ଉପଲକ୍ଷେ ଦହି ସର୍ବତ ବଣ୍ଟନ, ସ୍ଥାନ:ମା' ଅମ୍ବିକା ମନ୍ଦିର ପରିସର, ବାରିପଦା,ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଡ.ଭୀମରାଓ ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ:ପୂର୍ଣ୍ଣଚନ୍ଦ୍ରପୁର ୱାର୍ଡ ନଂ. ୧୫. ବାରିପଦା, ସମୟ: ସକାଳ ୯ଟା।
- ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ବୁଢ଼ାରାଉଳ ମଠ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଜୟନ୍ତୀ ଶୋଭାଯାତ୍ରା, ସ୍ଥାନ: ଷ୍ଟେଶନବଜାର ବାରିପଦା, ସମୟ: ଅପରାହ୍ନ ୪ଟା।
- ଚୈତ୍ରପର୍ବ ଓ ପଲ୍ଲିଶ୍ରୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**

- ଭୀମାରୋଓ ଆମ୍ବେଦକର ଜୟନ୍ତୀ, ସ୍ଥାନ: ଇଞ୍ଜିନିୟର ସ୍କୁଲ ଛକ, ସମୟ: ସକାଳ ୭ ଟା ୩୦।
- କଳିଙ୍ଗ ସାହିତ୍ୟ ସମାଜର ମହାବିଷୁବ ସମାବେଶ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ଅପରାହ୍ନ ୪ ଟା।
- ହିନ୍ଦୁ ନବବର୍ଷ ଉପଲକ୍ଷେ ବାଇକ୍ ରାଲି, ସ୍ଥାନ: ବିନାୟକ ଆଚାର୍ଯ୍ୟ କଲେଜ, ସମୟ: ସନ୍ଧ୍ୟା ୫ ଟା।

**ଗଞ୍ଜାମ**

- ମେରୁଯାତ୍ରା ଉତ୍ସବ, ସ୍ଥାନ: ବୁଗୁଡ଼ା, ମା'କାଳୀମନ୍ଦିର, ସମୟ: ଅପରାହ୍ନ ୧ ଟା।
- ଗଞ୍ଜାମ କଳାକାର ଦିବସ, ସ୍ଥାନ: ବୁଗୁଡ଼ା, ସଙ୍ଗମ ହୋଟେଲ, ସମୟ: ସକାଳ ୯ ଟା।
- ବାବା ସାହେବ ଆମ୍ବେଡକରଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ଆସିକା ଟାଉନହଲ୍, ସମୟ: ଅପରାହ୍ନ ୪ଟା।

**ଗଜପତି**

- ମହାବୀର ହନୁମାନ ଜୟନ୍ତୀ ପାଳିତ,୧୦୮ ହନୁମାନ ଚାଳିଶା, ସ୍ଥାନ: ଆକିଲି, କେଶରୀ ନଗର, ସମୟ: ପ୍ରାତଃ ୫ ଟାରୁ ଆରମ୍ଭ।
- ବାବାସାହେବ ଆମ୍ବେଡକରଙ୍କ ୧୩୫ତମ ଜୟନ୍ତୀ, ସ୍ଥାନ: ନୂତନ ବସଷ୍ଟାଣ୍ଡ, ସକାଳ: ୮ ଟା।
- ଓଡ଼ିଆ ନବବର୍ଷ ପାଳନ, ସ୍ଥାନ: ବିଜୁ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ ଟା ୩୦।

**ଢେଙ୍କାନାଳ**

- ୧୨ ତମ ହନୁମାନ ଜୟନ୍ତୀ ଓ ଯଜ୍ଞ, ସ୍ଥାନ: ଶିବୁଳାପଶି ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୮ଟା।
- ବିଷୁବ ମିଳନ ଓ କବି ବ୍ରଜନାଥ ବଡ଼ଜେନା ଜୟନ୍ତୀ, ସ୍ଥାନ: ଢେଙ୍କାନାଳ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ସଭାଗୃହ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ପ୍ରୟାସ ପକ୍ଷରୁ ଭବ୍ୟ ପଦଯାତ୍ରା, ସ୍ଥାନ: ଢେଙ୍କାନାଳ ଶାସନ ଛକ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**

- ଭାଜପା ତରଫରୁ ଆମ୍ବେଦକର ଜୟନ୍ତୀ ଓ ସଫେଇ କାର୍ଯ୍ୟକ୍ରମ, ସ୍ଥାନ: ଆମ୍ବେଦକର ଛକ, ଆଠମଲ୍ଲିକ, ସମୟ:- ସକାଳ ୮ଟା।
- ମେରୁଯାତ୍ରା ସହିତ ଦଣ୍ଡନୃତ୍ୟ ପରିବେଷଣ, ସ୍ଥାନ: ଆଠମଲ୍ଲିକ ରାମେଶ୍ୱର ପାଟଣା, ସମୟ: ଅପରାହ୍ନ ୨ଟା।
- ମହାବିଷୁବ ମିଳନ ମହୋତ୍ସବ ଓ ଓଡ଼ିଆ ନବବର୍ଷ ପାଳନ ସମାରୋହ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସନ୍ଧ୍ୟା ୬ଟା।

**ଜଗତ୍‌ସିଂହପୁର**

- ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁ ଶୋଭାଯାତ୍ରା, ସ୍ଥାନ: ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୯ଟା।
- ଆଗାମୀ ଓଡ଼ିଶା ପକ୍ଷରୁ ଓଡ଼ିଆ ନବବର୍ଷ ଓ ବିଷୁବ ମିଳନ ସମାରୋହ, ସ୍ଥାନ: ରଘୁନାଥପୁର ବ୍ଲକ ନିକଟସ୍ଥ କଲରାବାଙ୍କ ନୀଳିମାରାଣୀ ସଭାଗୃହ, ସମୟ: ସକାଳ ୯ଟା।
- ପାରାଦୀପ ପୌରପାଳିକା ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହା ବିଷୁବ ସଂକ୍ରାନ୍ତି ପର୍ବ ପାଳନ ସ୍ଥାନ: ବାଲିଯାତ୍ରା ପଡ଼ିଆ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

**କେନ୍ଦ୍ରାପଡ଼ା**

- ପଣାସଂକ୍ରାନ୍ତି ମହୋତ୍ସବ ଓ ଝାମୁଯାତ୍ରା, ସ୍ଥାନ: ମା' ରାମଚଣ୍ଡୀ ପୀଠ, ରାମନଗର, ମହାକାଳପଡ଼ା, ସ୍ଥାନ: ମା' ମାରିଆ ମଙ୍ଗଳା ଶକ୍ତିପୀଠ, ବାରଗାଁ, ରାଜନଗର, ସମୟ: ସକାଳ ୬ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପଞ୍ଚମୁଖୀ ଶ୍ରୀହନୁମାନ ପୀଠ, ହରିଦାସପୁର, ଗରଦପୁର, ସମୟ: ସକାଳ ୬ଟା।
- ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ହିନ୍ଦୁ ଏକତା ଶୋଭାଯାତ୍ରା, ସ୍ଥାନ: ମାଉସୀ ମା' ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।

**ଯାଜପୁର**

- ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ଶୋଭାଯାତ୍ରା, ସ୍ଥାନ: ଅମରେଶ୍ୱର ମନ୍ଦିର, ଛଟିଆ, ସମୟ: ଅପରାହ୍ନ ୪ ଘଟିକା।
- ଧର୍ମଶାଳା ଭାଜପା ପକ୍ଷରୁ ଡ. ବି.ଆର୍. ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ପକ୍ଷରୁ ଓଡ଼ିଆ ନବବର୍ଷ ଓ ମହାବିଷୁବ ସଂକ୍ରାନ୍ତୀ ଉପଲକ୍ଷେ ଆଲୋଚନା ଚକ୍ର, ସ୍ଥାନ: ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ ପାଠାଗାର, ସମୟ: ଅପରାହ୍ନ ୪.୩୦ଟା।
- ଜଗତଜନନୀ ମା' ଗୋପାଳଶୁଣୀ ଦେବୀଙ୍କ ବାର୍ଷିକ ଉତ୍ସବ ଓ ପୂର୍ଣ୍ଣାହୁତି, ସ୍ଥାନ: ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମଦେବୀ ପିଠ, ସମୟ: ରାତ୍ର ୯ଟା।

**ନୟାଗଡ଼**

- ୪୩ତମ ମହା ବିଷୁବ ପଣା ସଂକ୍ରାନ୍ତି ଯାତ୍ରାର ୪ର୍ଥ ଦିବସରେ ଆହୁତି ପ୍ରଦାନ, ସ୍ଥାନ: ଦଶପଲ୍ଲାର ଶ୍ରୀ ଶ୍ରୀ ସ୍ୱପ୍ନ ମହାବୀର ପୀଠ ଖୋଲ ମହାବୀର, ସମୟ:ମଧ୍ୟାହ୍ନ ୧୨ରୁ ଅପରାହ୍ନ ୬ଟା।
- ଜିଲାସ୍ତରୀୟ ଡ. ଭୀମରାଓ ଆମ୍ବେଡ୍କର ଜୟନ୍ତୀ, ସ୍ଥାନ: ନୟାଗଡ଼ ଜିଲାପାଳଙ୍କ ସଦ୍‌ଭାବନା କକ୍ଷ, ସମୟ: ଅପରାହ୍ନ ୫ଟା।

**ରାୟଗଡ଼ା**

- ଆମ୍ବେଡକରଙ୍କ ଜୟନ୍ତୀ ପାଳନ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ଛକ, ରାୟଗଡ଼ା, ସମୟ: ସକାଳ ୭ଟା ୩୦।
- ଓଡ଼ିଆ ପକ୍ଷ ପାଳନ ସମାରୋହ, ସ୍ଥାନ: ଉପଖଣ୍ଡ ସୂଚନା କେନ୍ଦ୍ର ଓ ପାଠାଗାର, ଗୁଣପୁର, ସମୟ: ସକାଳ ୮ଟା।

**ନବରଙ୍ଗପୁର**

- ଓଡ଼ିଆ ନବବର୍ଷ ପାଳନ ସମାରୋହ ଓ ପୁସ୍ତକ ଉନ୍ମୋଚନ, ସ୍ଥାନ: ବିଜୁ ପଟ୍ଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।
- ସୁରକ୍ଷା ସପ୍ତାହ ପାଳନ, ସ୍ଥାନ: ଅଗ୍ନିଶମ ବାହିନୀ କେନ୍ଦ୍ର, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**

- ଆମ୍ବେଡକରଙ୍କ ଜୟନ୍ତୀ ନେଇ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ସ୍ଥାନ: ଆମ୍ବେଡକର ପାର୍କ, କୋରାପୁଟ, ସମୟ: ସକାଳ ୯ଟା।
- ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ନନ୍ଦପୁର ବସ୍‌ଷ୍ଟାଣ୍ଡ, ସମୟ: ସକାଳ ୯ଟା।
- ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ନେଇ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: କୋରାପୁଟ ଆଖଣ୍ଡଳମଣି ଶିବ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡକରଙ୍କ ଜୟନ୍ତି, ସ୍ଥାନ: ଜିଲା କଂଗ୍ରେସ ଭବନ, ଜୟପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସତା ସାହିତ୍ୟ ସାଂସଦର ବିଷୁବ ମିଳନ କାର୍ଯ୍ୟକ୍ରମ, ସ୍ଥାନ: କୋଟସ ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।

**ମାଲକାନଗିରି**

- ଜିଲା ପ୍ରଶାସନର ଆମ୍ବେଡକର ଜୟନ୍ତୀ ପାଳନ, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ମାଲକାନଗିରି, ସମୟ: ସକାଳ ୯ଟା ୩୦।
- ଆମ୍ବେଡକର ଜୟନ୍ତୀ ପାଳିତ, ସ୍ଥାନ: ବ୍ଲକ ପଡିଆ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**

- ଏସ୍‌ଆଆଇଟି କଲୋନୀ ୱେଲଫେୟାର କମିଟି ପକ୍ଷରୁ ମହାବିଷୁବ ସଂକ୍ରନ୍ତି ଓ ହନୁମାନ ଜୟନ୍ତୀ ଉପଲକ୍ଷେ ମହିଳାଙ୍କ ଶୋଭାଯାତ୍ରା, ସ୍ଥାନ: ଏସ୍‌ଆଇଟି କଲୋନୀ, ସମୟ : ଅପରାହ୍ନ ୩ଟା୩୦।
- ହନୁମାନ ଜୟନ୍ତୀ ସମନ୍ୱୟ ସମିତି ପକ୍ଷରୁ ମହାଆଳତୀ ଓ ସାଂସ୍କୃତିକ ଶୋଭାଯାତ୍ରା ଶୁଭାରମ୍ଭ, ସ୍ଥାନ: ବ୍ରୁକ୍ସହିଲ ସ୍ଥିତ ହନୁମାନ ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**

- ଜିଲା ଦଳିତ ସମାଜ ପକ୍ଷରୁ ଭାରତରତ୍ନ ଡ. ବି.ଆର. ଆମ୍ବେଡ୍କର ଜୟନ୍ତୀ, ସ୍ଥାନ: କୋଶଳ କଳା ମଣ୍ଡଳ ପଡ଼ିଆ, ବଲାଙ୍ଗୀର, ସମୟ: ମଧ୍ୟାହ୍ନ ୧୨ଟା।
- ମହାବିଷୁବ ମିଳନ ୨୦୨୬, ସ୍ଥାନ: ଗଙ୍ଗାଧର ପାର୍କ, ପାଟଣାଗଡ଼, ସମୟ: ସନ୍ଧ୍ୟା ୭ଟା।

**ରାଉରକେଲା**

- ସେଲ୍ ଏସ୍‌ସି ଏସ୍‌ଟି କର୍ମଚାରୀ ସଙ୍ଗଠନ ପକ୍ଷରୁ ଆମ୍ବେଦକର ଜୟନ୍ତୀ ପାଳନ ସମାରୋହ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସକାଳ ୮ଟା ୩୦।
- ଏସ୍‌ଟି ଆଣ୍ଡ ଏସ୍‌ସି ସଂଘ ପକ୍ଷରୁ ବାବାସାହେବ ଜୟନ୍ତୀ, ସ୍ଥାନ: ସେକ୍ଟର ୭/୧୭ ଛକ, ସମୟ: ସକାଳ ୯ଟା।
- ମହାବିଷୁବ ସଂକ୍ରାନ୍ତି ଓ ଓଡିଆ ନବବର୍ଷ ପାଳନ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୪୫।

**ସୁନ୍ଦରଗଡ଼**

- ଜିଲା ପ୍ରଶାସନ ପକ୍ଷରୁ ଡକ୍ଟର ବି.ଆର ଆମ୍ବେଡକର ଜୟନ୍ତୀ ସମାରୋହ, ସ୍ଥାନ:ସଦଭାବନା ଭବନ,ସମୟ:ପୂର୍ବାହ୍ନ ୧୦ଟା।
- ଅରଣ୍ୟ ଅନୁଷ୍ଠାନ ପକ୍ଷରୁ ବିଷୁବ ମିଳନ ସମାରୋହ,ସାହିତ୍ୟ ଆସର, ସ୍ଥାନ: ବୀରମିତ୍ର କ୍ଲବ ପରିସର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୬ଟା।

**ବରଗଡ଼**

- ଆମ୍ବେଡକର ଜୟନ୍ତୀ, ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ହନୁମାନ ଜୟନ୍ତୀ ଅବସରରେ ଶୋଭାଯାତ୍ରା ଓ କଳାକୃତି ପ୍ରଦର୍ଶନ, ସ୍ଥାନ: ଅତାବିରା ସମୟ:ସନ୍ଧ୍ୟା ୬ଟା।

**କଳାହାଣ୍ଡି**

- ଜିଲା ପ୍ରଶାସନ ପକ୍ଷରୁ ଆମ୍ବେଡ୍କର ଜୟନ୍ତୀ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଓଡ଼ିଆ ପକ୍ଷ ସମାରୋହ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣା ସରକାରୀ ବାଳିକା ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**

- ହନୁମାନ ଜୟନ୍ତୀ ଅବସରରେ ବିଶାଳ ବାଇକ ଯାତ୍ରା, ସ୍ଥାନ: ସିଙ୍ଗାରି, ବୌଦ୍ଧ ବ୍ଲକ, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ଡ. ବିଆର ଆମ୍ବେଦକର ଜୟନ୍ତୀ,ସ୍ଥାନ:ଜିଲା ସଂଗ୍ରହାଳୟ ବୌଦ୍ଧ, ସମୟ: ସକାଳ ୭ଟା ୩୦।

**ଦେବଗଡ଼**

- ବାବା ସାହେବ ଡ. ବି.ଆର୍. ଆମ୍ବେଡ୍କର ଜୟନ୍ତୀ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ରିଆମାଳ ବ୍ଲକ୍ ଆଡ଼ସ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**

- ଜିଲାସ୍ତରୀୟ ବାବାସାହେବ ଆମ୍ବେଡକରଙ୍କ ଜୟନ୍ତୀ ପାଳନୋତ୍ସବ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୮ଟା ୩୦।
- ଭାଜପା ପକ୍ଷରୁ ଆମ୍ବେଡ୍କର ଜୟନ୍ତୀ, ସ୍ଥାନ: ସ୍ପୋର୍ଟସ୍କ୍ଲବ ବିନିକା, ସମୟ: ପୂର୍ବାହ୍ନ ୧୧ଟା।
- ଏସ୍‌ସି, ଏସ୍‌ଟି, ଓବିସି ସଂଘ ପକ୍ଷରୁ ଆମ୍ବେଡ୍କର ଜୟନ୍ତୀ ପାଳନ, ସ୍ଥାନ: ବିନିକା ଏନଏସି ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଆମ୍ବେଡ୍କର ଜୟନ୍ତୀ ପାଳନ, ସ୍ଥାନ: ବିନିକା ଫୁଲମୁଠି କୀର୍ତ୍ତନ ମଣ୍ଡପ ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୧ଟା।
- ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ଲୁଡୁରପଙ୍କ ହନୁମାନ ଛକ, ବୀରମହାରାଜପୁର ବ୍ଲକ, ସମୟ:ପୂର୍ବାହ୍ନ ୧୧ଟା।
- ଦଣ୍ଡଯାତ୍ରା ମେରୁ ପାଳନ, ସ୍ଥାନ: ଗୌଡ଼ଗାଡ,ବୀରମହାରାଜପୁର ବ୍ଲକ, ସମୟ:ଅପରାହ୍ନ ୧ଟା।
- ଦଣ୍ଡଯାତ୍ରା, ସ୍ଥାନ: ବଡ଼ବର୍ଡାକଟା,ବୀରମହାରାଜପୁର ବ୍ଲକ, ସମୟ : ଅପରାହ୍ନ ୧ଟା।
- ପାଣିଦେଣ୍ଡ, ସ୍ଥାନ: କୁଣ୍ଡାପାଲି, ବଡ଼ମାଳ, କେଶଲଗା, ସୁନାରୀବେଣୀ, ବୀରମହାରାଜପୁର ବ୍ଲକ, ସମୟ: ଅପରାହ୍ନ ୧ଟା।
- ବଜରଙ୍ଗ ଦଳର ଶୋଭାଯାତ୍ରା, ସ୍ଥାନ: ଉପଜିଲାପାଳ ଛକଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ, ସମୟ: ସନ୍ଧ୍ୟା ୭ଟା।

**ନୂଆପଡ଼ା**

- ଶିବ ମନ୍ଦିର ପ୍ରତିଷ୍ଠା ଓ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବେଲରଦନା ଗାଁ, ସମୟ: ସକାଳ ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ବୋଡେନ ବ୍ଲକ ତାରାପୁର ଗାଁ, ସମୟ: ଅପରାହ୍ନ ୩ଟା ୩୩।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: ସିନାପାଲି ବ୍ଲକ ଚଡ଼ଁରା ଗାଁ, ସମୟ: ପ୍ରାତଃ ୪ଟା ୪୫ ଓ ସନ୍ଧ୍ୟା ୬ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଖୋଲପଥର ଗାଁ, ସମୟ: ସକାଳ ୮ଟା।
- ମହାବିଷୁବ ପଣା ସଂକ୍ରାନ୍ତି, ହିନ୍ଦୁ ନବବର୍ଷ ଓ ହନୁମାନ ଜୟନ୍ତୀ ପାଳନ, ସ୍ଥାନ: ହନୁମାନ ମନ୍ଦିର ନୂଆପଡ଼ା, ସମୟ: ସକାଳ ୮ଟା।
- ମହାବିଷୁବ ପଣା ସଂକ୍ରାନ୍ତି ଓ ନବବର୍ଷ ଉପଲକ୍ଷେ ପ୍ରଥମ ପ୍ରହର ଅଖଣ୍ଡ ନାମଯଜ୍ଞ, ସ୍ଥାନ: କୋମନା ବ୍ଲକ ତରବୋଡ଼ ଯାଦବ ସମାଜ ରାଧାକୃଷ୍ଣ ମନ୍ଦିର, ସମୟ: ଅପରାହ୍ନ ୪ଟା।

**ଝାରସୁଗୁଡ଼ା**

- ହନୁମାନଙ୍କ ପଞ୍ଚ ଉପଚାର ପୂଜା ଓ ଚାଳିଶା ପଠନ, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।
- ବି.ଆର୍. ଆମ୍ବେଡକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ସୁନାରୀମୁଣ୍ଡା, ସମୟ: ସକାଳ ୮ଟା।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟାପରା ସୁଖ ଶାଳୀ**
**କହିଲେ ଯେବେ ସହେ,**
**ସଉଦା ସୁଖ କାଳି**
**ନ ମାଗୁଣୁ ଯେବେ ଦିଏ ।**

ଶାଳୀ ଓ ଭିଣୋଇଙ୍କ ସମ୍ପର୍କ ଅତ୍ୟନ୍ତ ମଧୁର ହୋଇଥିବାବେଳେ ଶାଳୀ ହିଁ ଭିଣୋଇର ଥଟ୍ଟାମଜାର ପାତ୍ରୀ ହୋଇଥାଏ। ତେବେ ଏପରି ଥଟ୍ଟା ତାମସାକୁ ଶାଳୀ ଯଦି ହସି ହସି ଗ୍ରହଣ କରିନିଏ, ତେବେ ଭିଣୋଇ ପାଇଁ ତାହା ଖୁସି ଓ ଆନନ୍ଦର ବିଷୟ ହୋଇଥାଏ। ସେହିପରି ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର କୌଣସି ଆପତ୍ତି ଅଭିଯୋଗ ନ ଥାଏ, ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଟୋକା ବୋଲି ବକଟେ,**
**କଥା କହୁଛି ଛଟକେ।**

ଛୋଟ ମୁହଁରେ ବଡ଼ କଥା ଶୋଭା ପାଇନଥାଏ। ବୟସର ସ୍ତରକୁ ଭୁଲି ବଡ଼ ବଡ଼ କରି କଥା କହିଲେ ସମାଜରେ ନିନ୍ଦିତ ହେବାକୁ ପଡିଥାଏ। ଅତି ବାହାଦୁରୀ ଦେଖାଇ କଥା କହୁଥିବା କମ ବୟସର ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କ ରାଶିରେ ବିଳାସକାରକ ଗ୍ରହ ଶୁକ୍ର ଅବସ୍ଥାନକରି ଦିନଟିକୁ ସୁଖ ସ୍ୱାଚ୍ଛନ୍ଦ୍ୟରେ ଅତିବାହିତ କରାଇବେ। ଆନୁଷ୍ଠାନିକ କାମ ମଧ୍ୟରେ ବନ୍ଧୁମାନଙ୍କ ସାନ୍ନିଧ୍ୟ ଓ ପରିବାର ସହ ଭ୍ରମଣର ସୁଯୋଗରୁ ଆନନ୍ଦିତ ହେବେ। କର୍ମକ୍ଷେତ୍ରରେ ନୈରାଶ୍ୟ କ୍ରମଶଃ ଦୂରେଇଯିବା ସହ ସାମାଜିକ ସ୍ତରରେ ସମ୍ମାନ, ପ୍ରତିଷ୍ଠା ଲାଭକରିବେ ।

**ବୃଷ**
ଆଜିର ଜୀବନଚର୍ଯ୍ୟା ପ୍ରୀତିପ୍ରଦ ରହିବା ସାଙ୍ଗକୁ ମୂଲ୍ୟବାନ୍ ଜିନିଷ ଲାଭକରି ଖୁସି ହେବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଧାର୍ମିକ କାର୍ଯ୍ୟ କିମ୍ବା କୌଣସି ଆନୁଷ୍ଠାନିକ କାମରେ ନିୟୋଜିତ ହେବେ। ମୃଗଶିରା ନକ୍ଷତ୍ର କର୍ମକ୍ଷେତ୍ରରେ ସମସ୍ୟା ଜାଲରେ ଛନ୍ଦି ହୋଇପଡ଼ିବେ। ଶିଳ୍ପ, ବାଣିଜ୍ୟ ଓ ପରିବହନ କ୍ଷେତ୍ର ଭଲରେ ଚାଲିବ।

**ମିଥୁନ**
ଆଜି ପୁନର୍ବସୁ ନକ୍ଷତ୍ର ବିଭିନ୍ନ କୌଶଳ ମାଧ୍ୟମରେ କାର୍ଯ୍ୟହାସଲ କରିବେ। ଯୋଜନା କ୍ଷେତ୍ରରେ ଉଦ୍ୟମକୁ ସାକାର କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ଅଯାଚିତ ସାହାଯ୍ୟ ପାଇବେ। ଛୋଟ କଥାକୁ ନେଇ ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିବେ। ବ୍ୟବସାୟୀଙ୍କ ପାଇଁ ଋଣ ପରିଶୋଧ ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ**
ଆଜିର ଶୁଭଯୋଗ ଏକାଧାରରେ ଅର୍ଥ, ସମ୍ମାନ, ସମ୍ବର୍ଦ୍ଧନା ଓ ଉପହାରାଦି ପ୍ରାପ୍ତ ଯୋଗ ରହିଛି। ମନ ଯେମିତି ଚାହୁଁଛି ସେହି ପ୍ରକାରେ ଆଜିର ସମସ୍ତ କାର୍ଯ୍ୟ ସମ୍ପାଦନ ହେବ। ଆଜିର ଯାତ୍ରା, ବାଣିଜ୍ୟ, ସଭାସମିତିରେ ବନ୍ଧୁମିଳନ ଓ ପାରିବାରିକ ସୌଖ୍ୟ ଲାଭ, ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ହେତୁ ଖୁସି ରହିପାରନ୍ତି ।

**ସିଂହ**
ଦକ୍ଷତା ଓ ନିଷ୍ଠାପରତାରୁ କାର୍ଯ୍ୟସିଦ୍ଧି ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପାରୁ ଖୁସି ରହିବେ। ପଦାଧିକାରୀଙ୍କ ସହାୟତାରୁ ସମସ୍ୟା ସମାଧାନ ହୋଇଯିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି ଏବଂ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା**
ଅନୁକୂଳ ଗ୍ରହ ସ୍ଥିତି ପ୍ରଭାବରେ ଆପଣଙ୍କ ପ୍ରଶଂସନୀୟ ଉଦ୍ୟମ ବହୁଜନ ପ୍ରଶଂସିତ ହେବ। ନିଜେ ଠିକ୍ ଥିଲେ ମଧ୍ୟ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେଇପାରେ। ପାରିବାରିକ କ୍ଷେତ୍ରରେ ଅର୍ଥ କିମ୍ବା ଅଳଙ୍କାର କ୍ରୟ କରିବା ସକାଶେ ଆଲୋଚନା କରିପାରନ୍ତି।

**ତୁଳା**
ରାଶ୍ୟାଧିପତିଙ୍କ ଶୁଭ ପ୍ରଭାବରୁ ସର୍ବବିଧ ସାଧନ ପାଇଁ ମାର୍ଗ ଉନ୍ମୁକ୍ତହେବ। ପାରିବାରିକ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି, ଯାତ୍ରା, କର୍ମାରମ୍ଭ ପ୍ରୀତିପ୍ରଦ ରହିବ। ସରକାରୀ କାମ, ଚୁକ୍ତିପତ୍ର, ପ୍ରଶାସନ, ରାଜନୀତି, ସାମ୍ବାଦିକତାରେ ଅସ୍ଥିରତା ଦେଖାଦେବ। ପୁରୁଣା କଥା ଚିନ୍ତାକରି କୌଣସି ଅଭାବ ନ ଥାଇ ମଧ୍ୟ ଚିତ୍ରାର ମନ ଭଲ ଲାଗିବ ନାହିଁ।

**ବିଛା**
କର୍ମକ୍ଷେତ୍ରରେ ମନାନ୍ତର ସାଙ୍ଗକୁ ସମ୍ପର୍କରେ ବାଧା ସୃଷ୍ଟି ସୂଚନା ରହିଛି। ଅର୍ଥହାନି, ପାରିବାରିକ ଦ୍ୱନ୍ଦ୍ୱ ଲାଗିରହିଲେ ମଧ୍ୟ ଶନି ରାଜନୈତିକ କ୍ଷେତ୍ରରେ ସୁଫଳ ପ୍ରଦାନ କରିବେ। କଳା,ସାହିତ୍ୟ ଚର୍ଚ୍ଚା,ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହୋଇପାରନ୍ତି। ତଥାପି କେତେକ ଅହେତୁକ କଳ୍ପନା ମାନସିକ ସ୍ତରକୁ କ୍ଷତବିକ୍ଷତ କରିପାରେ।

**ଧନୁ**
ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ସମସ୍ତ ସୁବିଧା ପାଇଲେ ମଧ୍ୟ ସନ୍ତାନହେତୁକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବ। ବହୁଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇପାରନ୍ତି। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପଡ଼ିବେ।

**ମକର**
ଆଜିର ଗ୍ରହ ସ୍ଥିତି ପ୍ରଭାବରେ ଦିନଟି ସ୍ମରଣୀୟ ହୋଇ ରହିଯିବ। ବିଶିଷ୍ଟ ବ୍ୟକ୍ତିମାନଙ୍କ ସାଙ୍ଗ ଓ ସାହାଯ୍ୟକାରୀ ମନୋଭାବରୁ ଖୁସିହେବେ। କୌଣସି କାମ ଅଟକି ରହିବ ନାହିଁ । ସାମାଜିକ, ଅର୍ଥନୈତିକ, ରାଜନୈତିକ ସ୍ଥିତି ଭଲ ରହିବ। ଶତ୍ରୁ ପରାସ୍ତ ହେବେ, କିନ୍ତୁ ଧନବ୍ୟୟ ସାଙ୍ଗକୁ ବିଭିନ୍ନ ପ୍ରକାର ସମସ୍ୟାଜନିତ ଟେନ୍‌ସନ ଲାଗିରହିପାରେ।

**କୁମ୍ଭ**
ଆଜି ସାମାଜିକ ସ୍ତରରେ ସମ୍ମାନଜନକ ସ୍ଥିତି ସହ ମିଷ୍ଟାନ୍ନ, ବସ୍ତ୍ରାଳଙ୍କାର, ଉପହାର ପାଇପାରନ୍ତି। ଆପଣଙ୍କ ଯାତ୍ରା ସହଜ ସୁଗମ ହେବା ସହ କାର୍ଯ୍ୟାରମ୍ଭ ପ୍ରୀତିପ୍ରଦ ରହିବ। ପରିବାରରେ ଛୋଟ କଥାକୁ ଧରି ବସିଲେ ଅଶାନ୍ତି ବଢ଼ିଯାଇପାରେ। ଦୀର୍ଘଦିନର ପରୋକ୍ଷ ଶତ୍ରୁତା କେତେକ ସମସ୍ୟା ସୃଷ୍ଟିକରିବା ଆଶଙ୍କା ରହିଛି ।

**ମୀନ**
ରାଶିରେ ବୁଧ ବୌଦ୍ଧିକ ସହାୟତା, ଦୈହିକ ସ୍ୱାସ୍ଥ୍ୟ ଓ ପାରିବାରିକ ଶାନ୍ତି ପ୍ରଦାନରେ ସହାୟକ ହେବ। ଉଚ୍ଚଶିକ୍ଷା, ସନ୍ତାନ, ଲେଖାପଢ଼ା, ସାଙ୍ଗକୁ ଆଶା ପୂରଣ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରିବ। ଆଦୌ ଦେଉ ନ ଥିବା ବ୍ୟକ୍ତିଙ୍କ ନିକଟରୁ ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟରେ ଲାଭ ମିଳିବ ।

ଆଜି ଏପ୍ରିଲ ୧୪ ତାରିଖ, ମହାବିଷୁବ ପଣା ସଂକ୍ରାନ୍ତି, ଓଡ଼ିଆ ନବବର୍ଷ, ଭକ୍ତ ଶିରୋମଣି ହନୁମାନଙ୍କ ଜୟନ୍ତୀ, ଅଗ୍ନିଶମ ଦିବସ, ସମ୍ବିଧାନ ପ୍ରଣେତା ଡ. ଆମ୍ବେଡ୍କରଙ୍କ ଜୟନ୍ତୀ, ବୈଶାଖ କୃଷ୍ଣ ଦ୍ୱାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର- ଶତଭିଷା/କୁମ୍ଭ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ.୦୮।୪୦ ଗତେ, ଘ.୧୦।୩୨ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୨୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୩ ଗତେ, ଘ.୦୪।୨୭ ମଧ୍ୟେ ରାହୁକାଳ ।




## ଅଧିକ ମଦ ବିକ୍ରିକୁ ପ୍ରୋତ୍ସାହନ ଦେଉନାହାନ୍ତି ସରକାର: ମନ୍ତ୍ରୀ

**ଭୁବନେଶ୍ୱର, ୧୩।୪ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ନୂଆ ଅବକାରୀ ନୀତି ପ୍ରଣୟନ ସହ ଏହାକୁ ଠିକ୍ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଏହିକ୍ରମରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ସୋମବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ନୂଆ ମଦ ଦୋକାନ ଖୋଲିବା କିମ୍ବା ଅଧିକ ମଦ ବିକ୍ରୟ ଉପରେ ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ସରକାର ମଦ୍ୟପାନକୁ ନିରୁତ୍ସାହିତ କରିବା ପାଇଁ ଅତିରିକ୍ତ ଡି-ଆଡିକ୍ସନ୍ ସେସ୍ ଲଗାଇବାକୁ ଯୋଜନା କରିଛନ୍ତି। ଏହାଦ୍ୱାରା ମଦ୍ୟପାନ ନ କରିବାକୁ ସଚେତନତା ବାର୍ତ୍ତା ପ୍ରସାର କରିହେବ। ଏହାସହ ପୂର୍ବରୁ ଥିବା ଏମ୍‌ଜିକ୍ୟୁ ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ଏମ୍‌ଜିଇଆର୍ ବ୍ୟବସ୍ଥା ଲାଗୁ ହେବ। ଫଳରେ ସର୍ବନିମ୍ନ ମଦ ବିକ୍ରି ପାଇଁ ଡିଲରଙ୍କ ଉପରେ ଚାପ ହ୍ରାସ ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ସେହିପରି ବେଆଇନ ମଦ କାରବାର ଯୋଗୁ କେବଳ ଧନଜୀବନ ହାନି ହେଉନାହିଁ, ବରଂ ରାଜସ୍ୱ ହାନି ହେଉଛି। ତେଣୁ ଏହି ବେଆଇନ ନିଶା ତଥା ମାଦକ ଦ୍ରବ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ବନ୍ଦ ଏବଂ ମଦ ଦୋକାନ ଆବଣ୍ଟନ ବେଳେ ଇ-ଲଟେରି ବ୍ୟବସ୍ଥାକୁ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଅବକାରୀ ବ୍ୟବସ୍ଥାରେ ସୁଧାର ଦ୍ୱାରା ବେଆଇନ କାରବାର ରୋକାଯିବା ସହ ରାଜ୍ୟର ରାଜସ୍ୱ ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଆର୍.ଏସ୍. ଗୋପାଳନ୍, ଅବକାରୀ କମିଶନର ପି.ଅନ୍ୱେଷା ରେଡ୍ଡୀ, ଅତିରିକ୍ତ ଶାସନ ସଚିବ ଦେବାଶିଷ ପଟ୍ଟନାୟକଙ୍କ ସମେତ ଏନ୍ଆଇସି ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୦ରୁ ଊର୍ଦ୍ଧ୍ୱ ଅଳଙ୍କାର ଗଣତି

**ପୁରୀ, ୧୩।୪ (ଅଜିତ କୁମାର ମହାନ୍ତି)**



ସୋମବାର ଭିତର ରତ୍ନଭଣ୍ଡାର ଗଣତିମଣତି ପାଇଁ ରତ୍ନଭଣ୍ଡାର ଉଚ୍ଚସ୍ତରୀୟ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ ଓ ତାଙ୍କ ଟିମ୍ ଶ୍ରୀମନ୍ଦିରକୁ ପ୍ରବେଶ କରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

- ଭିତର ରତ୍ନଭଣ୍ଡାର ଗଣତିମଣତି ଆରମ୍ଭ
- ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଖୋଲା ହେଲା
- ମା' ସୁଭଦ୍ରାଙ୍କ ଆଶୀର୍ବାଦ ଅଛି: ସେବାୟତ

ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ସୋମବାର ଭିତର ରତ୍ନଭଣ୍ଡାରରେ ଗଚ୍ଛିତ ଅଳଙ୍କାର ଓ ମୂଲ୍ୟବାନ ସାମଗ୍ରୀର ଗଣତି ପ୍ରକ୍ରିୟା ଆରମ୍ଭ ହୋଇଛି। ମଧ୍ୟାହ୍ନ ୧୨ଟା ୪୦ରେ ଭିତର ରତ୍ନଭଣ୍ଡାର ତାଲା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲା ଯାଇଥିଲା। ଫଟୋଗ୍ରାଫି, ଭିଡିଓଗ୍ରାଫି ଏବଂ ୩ଡି ମ୍ୟାପିଂକୁ ବ୍ୟବସ୍ଥିତ କରିବା ପାଇଁ ପ୍ରାୟ ଦୁଇରୁ ଅଢ଼େଇ ଘଣ୍ଟା ସମୟ ଲାଗିଥିଲା। ୧୯୭୮ ମସିହା ତାଲିକା ସହ ପ୍ରଥମ କରି ଗୋଟିଏ ଆଲମିରା ଖୋଲାଯାଇ ଗଣତିମଣତି ଆରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାୟ ୫ଘଣ୍ଟା ୨୨ମିନିଟ ପର୍ଯ୍ୟନ୍ତ ଗଣତି ପ୍ରକ୍ରିୟା ଚାଲିଥିଲା।

ଗଣତିରେ ସାମିଲ୍ ହୋଇଥିବା ସମସ୍ତ ସଦସ୍ୟ ପାରମ୍ପରିକ ପୋଷାକ ପିନ୍ଧି ପୂର୍ବାହ୍ନ ୧୦ଟା ୩୦ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ। ସେଠାରେ ମହାପ୍ରଭୁ ଏବଂ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କ ଆଶିଷ ନେବା ପରେ ୧୨ଟା ୨୫ରେ ଭିତର ରତ୍ନଭଣ୍ଡାରକୁ ଯାଇଥିଲେ। ଗଣତି ବେଳେ ପ୍ରଥମେ ଗୋଟିଏ ଆଲମିରାରୁ ରତ୍ନଅଳଙ୍କାର ବାହାର କରାଯାଇ ଗଣତି ଆରମ୍ଭ ହୋଇଥିଲା। ମାର୍ଗଦର୍ଶିକା ଅନୁଯାୟୀ, ସୁନା ଅଳଙ୍କାରଗୁଡ଼ିକ ହଳଦିଆ ମୁଣିରେ, ରୁପା ଅଳଙ୍କାରକୁ ଧଳା ମୁଣିରେ ଏବଂ ଅନ୍ୟାନ୍ୟ ରତ୍ନକୁ ନାଲି ମୁଣିରେ ରଖିବା ପରେ ଏହାକୁ ଏକ ଷ୍ଟିଲ୍ ବାକ୍ସରେ ରଖାଯାଇଛି। ଷ୍ଟିଲ୍ ବାକ୍ସକୁ ସିନ୍ଦୁକ ଭିତରେ ରଖାଯାଇଥିଲା। ପ୍ରତ୍ୟେକ ମୁଣିରେ ୨୦୨୬ର ନୂଆ ଟ୍ୟାଗ ଲଗାଯାଇ ତାହାକୁ ସିନ୍ଦୁକରେ ରଖାଯାଇଛି। ଗଣତି ପ୍ରକ୍ରିୟା ବେଳେ ଆହୁରି ୪ଟି ସିନ୍ଦୁକ ପ୍ରସ୍ତୁତ ହୋଇରହିଛି। ଓଜନ ମାପ ସହ ଅଳଙ୍କାରର ଚିହ୍ନଟ ବଣିଆ ଏବଂ ରତ୍ନ ବିଶାରଦଙ୍କ ଦ୍ୱାରା କରାଯାଉଛି। ଚିହ୍ନଟ ସମ୍ପୂର୍ଣ୍ଣ ପରେ ଏହାକୁ ୧୯୭୮ ମସିହା ତାଲିକା ଅନୁଯାୟୀ କ୍ରମିକ ସଂଖ୍ୟା ସହ ମେଳକ କରାଯାଇ ସିନ୍ଦୁକରେ ରଖାଯାଉଛି। ପ୍ରଥମ ଦିନରେ ୨୦ରୁ ଊର୍ଦ୍ଧ୍ୱ ଅଳଙ୍କାର ଗଣତି ହୋଇଥିବା ସୂଚନା ମିଳିଛି। ମଙ୍ଗଳବାର ଓଡ଼ିଆ ନବବର୍ଷ ପାଇଁ ଗଣତିମଣତି କାର୍ଯ୍ୟ ବନ୍ଦ ରହିବ ବୋଲି ସୂଚନା ମିଳିଛି। ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଭିତର ରତ୍ନଭଣ୍ଡାର ଗଣତି କାର୍ଯ୍ୟ ଆରମ୍ଭ ହେବ। ଶ୍ରୀମନ୍ଦିର ନୀତିକାନ୍ତିକୁ ଲକ୍ଷ୍ୟ ରଖି କମାଣ୍ଡରଙ୍କ ସହ ଆଲୋଚନା କରି ଭିତର ଚନ୍ଦନ ଯାତ୍ରା ସମୟରେ ଯେଉଁ ସମୟ ମିଳିବ ସେହି ସମୟରେ ଗଣତି କରାଯିବ।

ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, ମଧ୍ୟାହ୍ନ ୧୨ଟା ୪୦ରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଟ୍ରେଜେରିରୁ ଆସିଥିବା ଚାବିରେ ଭିତର ରତ୍ନଭଣ୍ଡାର ଖୋଲାଯାଇଥିଲା। ଏସ୍ଓପି ଅନୁଯାୟୀ, ଭିତର ରତ୍ନଭଣ୍ଡାରର ଅଳଙ୍କାର ଗଣତି କରାଯାଇ ସିନ୍ଦୁକରେ ରଖାଯାଇଥିଲା। ସୁନାକୁ ହଳଦିଆ କନା, ରୁପାକୁ ସିଲଭର କନା ଏବଂ ଅନ୍ୟପଦାର୍ଥକୁ ନାଲି କନାରେ ଗୁଡ଼ାଇ ଷ୍ଟିଲ୍ ବାକ୍ସରେ ରଖାଯାଇଥିଲା। ଏହି ଷ୍ଟିଲ୍ ବାକ୍ସଗୁଡ଼ିକୁ ସିନ୍ଦୁକରେ ରଖାଯାଉଛି। ମୁଣା ଉପରେ ପିତ୍ତଳର ଟ୍ୟାଗ୍ ଲଗାଯାଇ ସେଥିରେ ୧୯୭୮ ମସିହା ଓ ୨୦୨୬ ମସିହାର ଟ୍ୟାଗ୍ ଲେଖାହୋଇଛି। ଫଳରେ ପରବର୍ତ୍ତୀ ସମୟରେ ଗଣନ୍ତି ସମୟରେ ସହଜ ହେବ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢ଼ୀ ସୂଚନା ଦେଇ କହିଛନ୍ତି। ସେହିପରି ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର କହିଛନ୍ତି, ସୋମବାର ଗଣତି ପୂର୍ବରୁ ମା'ଙ୍କ ଆଶୀର୍ବାଦ ମିଳିଥିଲା। ଦର୍ଶନ କରିବା ସମୟରେ ମା'ଙ୍କ ଅଧର ମାଳ ଛିଡ଼ିଥିଲା, ଯାହା ଗଣତି କାର୍ଯ୍ୟରେ ମହାପ୍ରଭୁ ନିଜେ ସାହାଯ୍ୟ କରୁଛନ୍ତି ବୋଲି ଛତିଶା ନିଯୋଗ ନାୟକ ମହାପାତ୍ର କହିଛନ୍ତି।

### ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣା

# ବିଚାର ବିଭାଗୀୟ ତଦନ୍ତ ଆରମ୍ଭ

- ୨ ଘଣ୍ଟା ଧରି ବିଭିନ୍ନ ଦିଗ ନେଇ ପଚରାଉଚରା
- ଘଟଣା ସମ୍ପର୍କରେ ଜନସାଧାରଣଙ୍କଠାରୁ ସତ୍ୟପାଠ ଆହ୍ୱାନ
- ବିଜ୍ଞପ୍ତିର ୧୫ ଦିନ ମଧ୍ୟରେ ସତ୍ୟପାଠ ଦାଖଲ କରିବେ ଲୋକେ

**କଟକ, ୧୩।୪ (ଶିଳ୍ପା ପ୍ରିୟଦର୍ଶିନୀ)**

ଏସ୍‌ସିବି ମେଡିକାଲ ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟଣାକୁ ଇତିମଧ୍ୟରେ ମାସେ ପୂରିବାକୁ ଯାଉଥିବାବେଳେ ସୋମବାର ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ମଧ୍ୟାହ୍ନରେ ତଦନ୍ତ କମିଶନ ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ବିଚାରପତି ଲକ୍ଷ୍ମୀଧର ବିଶ୍ୱାଳ ଓ ଟିମ୍ ପହଞ୍ଚି ପ୍ରଥମେ ମେଡିକାଲ କଲେଜ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ପ୍ରାୟ ୧ଘଣ୍ଟା ପଚରାଉଚରା କରିବାପରେ କମିଶନ ଅଧ୍ୟକ୍ଷ ଟ୍ରମା ଆଇସିୟୁ ଭିତରେ ପଶି ପ୍ରାୟ ୩୦ ମିନିଟ୍ ଯାଞ୍ଚ କରିଥିଲେ। ପରେ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଆଉ ଅଧଘଣ୍ଟା ପଚରାଉଚରା କରାଯାଇଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଏସ୍‌ସିବିରେ ତଦନ୍ତ କମିଶନ ଅଧ୍ୟକ୍ଷ ବିଶ୍ୱାଳ ପହଞ୍ଚି ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ମେଡିକାଲ କର୍ତ୍ତୃପକ୍ଷ, ପୂର୍ବତନ ଅଧୀକ୍ଷକ, ଆଇସିୟୁରେ ଡ୍ୟୁଟିରେ ଥିବା ମେଡିକାଲ ଅଫିସର, ଡାକ୍ତର ଓ ନର୍ସଙ୍କୁ ବିଭିନ୍ନ ଦିଗରେ ପଚରାଉଚରା କରିଥିଲେ। ତେବେ କେଉଁ ସମୟରେ ନିଆଁ ଲାଗିଲା, ନିଆଁ ଲାଗିବା ପରେ ସ୍ପ୍ରିଙ୍କଲର କାମ କରିଥିଲା କି ନାହିଁ, ସାଇରନ୍ ବାଜିଥିଲା ନା ନାହିଁ, ଘଟଣାସ୍ଥଳରେ କେଉଁ ଅଧିକାରୀ ଉପସ୍ଥିତ ଥିଲେ, ସେମାନଙ୍କ ଭୂମିକା କ'ଣ ରହିଥିଲା। କେତେଜଣ ରୋଗୀଙ୍କୁ ଉଦ୍ଧାର କରାଯାଇଥିଲା, ଉଦ୍ଧାର କାର୍ଯ୍ୟରେ କିଏ କିଏ ନିୟୋଜିତ ରହିଥିଲେ ଏବଂ ଅଗ୍ନିଶମ ବାହିନୀକୁ କେତେବେଳେ ଖବର ଦିଆଯାଇଥିଲା ଆଦି ବିଭିନ୍ନ ଦିଗରେ ପଚରାଉଚରା କରିଥିଲେ। କମିଶନ ଅଧ୍ୟକ୍ଷ ବିଶ୍ୱାଳ କହିଛନ୍ତି, ବିଭିନ୍ନ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଘଟଣା ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କୁ ରିପୋର୍ଟ ମଗାଯାଇଛି, ତଦନ୍ତରେ ଯେଉଁବ୍ୟକ୍ତିଙ୍କ ଆବଶ୍ୟକ ଅନୁଭବ ହେବ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବ। ଏହାସହ ଅଗ୍ନିକାଣ୍ଡ ଘଟଣା ସମ୍ପର୍କରେ ସାଧାରଣ ଜନତାଙ୍କଠାରୁ ସତ୍ୟପାଠ ଆହ୍ୱାନ କରାଯିବ। ଏସମ୍ପର୍କିତ ବିଜ୍ଞପ୍ତି ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ସାଧାରଣ ଲୋକ ସତ୍ୟପାଠ ଦାଖଲ କରିପାରିବେ। ତଦନ୍ତବେଳେ କୌଣସି ଦିଗକୁ ବାଦ୍ ଦିଆଯିବନାହିଁ। ଏସମ୍ପର୍କରେ ମେଡିକାଲର ଅଧୀକ୍ଷକ ଡା. ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ କହିଛନ୍ତି, କମିଶନ ଓ ଟିମ୍‌ଙ୍କ ନିକଟରେ ସମସ୍ତ ତଥ୍ୟ ପ୍ରଦାନ କରାଯାଇଛି।

ସୂଚନାଥାଉକି, ଗତ ମାର୍ଚ୍ଚ ୧୫ତାରିଖ ବିଳମ୍ବିତ ରାତିରେ ଏସ୍‌ସିବି ଟ୍ରମା ଆଇସିୟୁ ଅଗ୍ନିକାଣ୍ଡ ଘଟି ୧୩ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ବିଚାରବିଭାଗୀୟ ତଦନ୍ତ କରି ୬୦ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି କେନ୍ଦ୍ରୀୟ ଟିମ୍ ମଧ୍ୟ ନିକଟରେ ମେଡିକାଲ ପହଞ୍ଚି ବିଭିନ୍ନ ଦିଗରେ ପଚରାଉଚରା କରିଥିଲା। ଅଗ୍ନି ନିରାପତ୍ତା ବ୍ୟବସ୍ଥା ନେଇ ଏସ୍ଓପି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେବା ସହ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନାର ମୁଖ୍ୟ ଥିବା ଜିଲାପାଳଙ୍କୁ ଘଟଣା ସମ୍ପର୍କରେ କାହିଁକି ଅବଗତ କରାଯାଇ ନ ଥିଲା ସେ ନେଇ କାରଣ ଦର୍ଶାଅ ନୋଟିସ ଜାରି କରିଥିଲା। ଅନ୍ୟପଟେ ଏହି ଅଗ୍ନିକାଣ୍ଡ ଘଟଣା ପରେ ମେଡିକାଲର କୋଠାଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ କୋଠାର ଯାଞ୍ଚ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାରଙ୍କ ତତ୍ତ୍ୱାବଧାନରେ ୫ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯାଞ୍ଚ କରାଯିବା ସହ ରିପୋର୍ଟ ପ୍ରଦାନ କରାଯାଇଥିଲା।

# ବିଲ୍ ବାକିଥିଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହେବନି: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୩।୪ (ସୁନିତ୍ ମିଶ୍ର)**

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସୋମବାର ନିର୍ଦ୍ଦେଶ ଦେଇଛନ୍ତି, ୨୦୨୬ର ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ମୌସୁମୀ ଆସିବା ପର୍ଯ୍ୟନ୍ତ ବକେୟା ବିଦ୍ୟୁତ୍ ବିଲ୍ ଥିଲେ ମଧ୍ୟ କୌଣସି ଘରୋଇ ଗ୍ରାହକଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯିବ ନାହିଁ। ବିଲ୍ ପୈଠ ନ କରିବା କାରଣରୁ କୌଣସି ବି ଡିସ୍‌କମ୍ ଦ୍ୱାରା ଘରୋଇ ଗ୍ରାହକଙ୍କ ଅଘୋଷିତ ବିଦ୍ୟୁତ୍ କାଟ କରାଯାଇପାରିବ ନାହିଁ। କେବଳ ଅତ୍ୟାବଶ୍ୟକ ମରାମତି କିମ୍ବା ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ସାମୟିକ ଭାବେ ବିଦ୍ୟୁତ୍ କାଟ୍ ହୋଇପାରିବ। ଏହି ସମସ୍ତ ପୂର୍ବ ନିର୍ଦ୍ଧାରିତ ବିଦ୍ୟୁତ୍ କାଟ ବିଷୟରେ ଗ୍ରାହକମାନଙ୍କୁ ଏସ୍ଏମ୍ଏସ୍ ଆଲର୍ଟ ଏବଂ ପବ୍ଲିକ୍ ଆଡ୍ରେସ୍ ସିଷ୍ଟମ ମାଧ୍ୟମରେ ଆଗୁଆ ସୂଚନା ଦେବା ବାଧ୍ୟତାମୂଳକ କରାଯାଇଛି। ଶକ୍ତି ବିଭାଗ ଏବଂ ଡିଷ୍ଟ୍ରିବ୍ୟୁଶନ କମ୍ପାନୀଗୁଡ଼ିକୁ ସେମାନଙ୍କ କର୍ମଚାରୀମାନଙ୍କୁ ଏହି ନିର୍ଦ୍ଦେଶ ବିଷୟରେ ଅବଗତ କରାଇବାକୁ ଅନୁରୋଧ କରିଛନ୍ତି। ଏହି ଘୋଷଣାର କଡ଼ାକଡ଼ି ଅନୁପାଳନ ନିଶ୍ଚିତ କରିବା ପାଇଁ ଏକ ଦୃଢ଼ ମନିଟରିଂ ବ୍ୟବସ୍ଥା ପ୍ରତିଷ୍ଠା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯାହାଦ୍ୱାରା ପ୍ରଚଣ୍ଡ ଗ୍ରୀଷ୍ମ ସମୟରେ ଘରୋଇ ଗ୍ରାହକମାନେ ଆଶ୍ୱସ୍ତି ପାଇପାରିବେ। ଏହି ସମସ୍ତ ନିର୍ଦ୍ଦେଶାବଳୀକୁ କାର୍ଯ୍ୟକାରୀ କରିବା ଏବଂ ସମୀକ୍ଷା କରି ଏକ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ମାନସ ବିଜେଡି ରାଜ୍ୟ ସଭା ସଂସଦୀୟ ଦଳ ନେତା

**ଭୁବନେଶ୍ୱର, ୧୩।୪ (ସୁନିତ୍ ମିଶ୍ର)**

**ସୁଲତା ଉପନେତା, ମୁଖ୍ୟ ସଚେତକ**

ବିଜେଡିର ରାଜ୍ୟ ସଭା ସଂସଦୀୟ ଦଳ ନେତା ଭାବେ ମାନସ ରଞ୍ଜନ ମଙ୍ଗରାଜଙ୍କୁ ଦଳ ପକ୍ଷରୁ ନୂଆ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଏହି ପଦରୁ ଇସ୍ତଫା ଦେବା ପରେ ଦଳ ମାନସଙ୍କୁ ଦାୟିତ୍ୱ ଦେବ ବୋଲି ଚର୍ଚ୍ଚା ହେଉଥିଲା। ସମ୍ମାନ ଭାବେ ସସ୍ମିତଙ୍କ ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକ ଗ୍ରହଣ କରିବାର ୪ ଦିନ ପରେ ମାନସଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ଏହାସହ ରାଜ୍ୟ ସଭା ସଦସ୍ୟା ସୁଲତା ଦେଓଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିଛି। ରାଜ୍ୟ ସଭା ସଂସଦୀୟ ଦଳ ଉପନେତା ଏବଂ ମୁଖ୍ୟ ସଚେତକ ଭାବେ ସୁଲତାଙ୍କୁ ନିଯୁକ୍ତି ମିଳିଛି। ମାନସ ଏବଂ ସୁଲତାଙ୍କୁ ନୂଆ ଦାୟିତ୍ୱ ପ୍ରଦାନ ନେଇ ନବୀନ ରାଜ୍ୟ ସଭା ଅଧ୍ୟକ୍ଷଙ୍କୁ ଚିଠି କରି ଜଣାଇ ଦେଇଛନ୍ତି। ଦାୟିତ୍ୱ ମିଳିବା ପରେ ଭୁବନେଶ୍ୱରସ୍ଥିତ ଶଙ୍ଖ ଭବନଠାରେ ଖବରଦାତା ସମ୍ମିଳନୀ କରି ମାନସ କହିଛନ୍ତି, ଦଳର ସଭାପତି ସେମାନଙ୍କ ଉପରେ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଥିବାରୁ ଧନ୍ୟବାଦ। ବିଜେଡି ଏମ୍‌ପିମାନେ ନିଷ୍ଠାର ସହିତ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସୁଛନ୍ତି। ବିଜେଡି ଏମ୍‌ପିମାନଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ। ସୁଲତା କହିଛନ୍ତି, ଦଳର ଜଣେ ଦାୟିତ୍ୱବାନ ସୈନିକ ହିସାବରେ ସେ ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଉଛନ୍ତି। ଏବେ ଯାହା ଦାୟିତ୍ୱ ମିଳିଲା ତାହା ମଧ୍ୟ ନିଷ୍ଠାର ସହ ତୁଲାଇବେ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, କେତେଗୁଡ଼ିଏ ପ୍ରସଙ୍ଗ ଉଠାଇ ସସ୍ମିତଙ୍କୁ ରାଜ୍ୟ ସଭା ଦଳ ନେତା ପଦରୁ ହଟାଇବା ଲାଗି ସବୁ ଏମ୍‌ପି ଏକତ୍ରିତ ଭାବେ ଦଳର ସଭାପତିଙ୍କୁ ଚିଠି ଲେଖିଥିଲେ। ଯାହା ଶୁଣିବାକୁ ମିଳୁଛି, ସେହି ଚିଠିରେ ରାଜ୍ୟ ସଭା ସଦସ୍ୟମାନେ ଉଲ୍ଲେଖ କରିଥିଲେ, ବିଜୁ ବାବୁଙ୍କ ବିଷୟରେ ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ବିବାଦୀୟ ମନ୍ତବ୍ୟ ଦେବା ପରେ ସସ୍ମିତ ତାଙ୍କ ମନଇଚ୍ଛା ସଦନରେ ଘଟଣାକୁ ବିରୋଧ କରି ଗୃହ ତ୍ୟାଗ କରିଥିଲେ, ଯାହା ଅନ୍ୟ ଏମ୍‌ପିମାନେ ଚାହୁଁ ନ ଥିଲେ। ଯେତେବେଳେ ସସ୍ମିତ ସଦନରୁ ବାହାରି ଚାଲିଗଲେ ତାପରେ ବାଧ୍ୟ ହୋଇ ଅନ୍ୟ ଏମ୍‌ପିମାନେ ମଧ୍ୟ ତାଙ୍କ ପଛରେ ଯିବାକୁ ବାଧ୍ୟ ହେଇଥିଲେ। ଯେଉଁଥିଲାଗି ସସ୍ମିତଙ୍କୁ ବିଜେଡି ରାଜ୍ୟ ସଭା ସଂସଦୀୟ ଦଳ ନେତା ପଦରୁ ହଟାଇବା ପାଇଁ ସେମାନେ ଦାବି ରଖିଥିଲେ। ପରବର୍ତ୍ତୀ ସମୟରେ ସସ୍ମିତ ନିଜଆଡୁ ଇସ୍ତଫା ଦେଇଥିଲେ।

# ଜନ୍ମଦିନରେ ଜଳିଲା ଯୁବକଙ୍କ ଜୁଇ

**ଟିକିରି, ୧୩।୪ (ପ୍ରଫୁଲ୍ଲ କୁମାର ବେହେରା)**



ଶ୍ରୀଧର ସ୍ୱାଇଁ

ସୋମବାର ପାଳନ କରିଥାନ୍ତେ ୨୮ ତମ ଜନ୍ମଦିନ। ଜନ୍ମଦିନ ପାଳନ କରିବା ପୂର୍ବରୁ ଚାଲିଗଲା ଯୁବକଙ୍କ ଜୀବନ। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ଟିକିରି ମୁଖ୍ୟ ବଜାରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଟିକିରି ବଜାରରେ ପାନଦୋକାନ କରିଥିବା ଶ୍ରୀଧର ସ୍ୱାଇଁ। ଗତ ୨ଦିନ ହେଲା ଅଞ୍ଚଳରେ ପ୍ରବଳ ଗରମ ଅନୁଭୂତ ହେଉଥିବାରୁ ଅଂଶୁଘାତରେ ଶ୍ରୀଧରଙ୍କ ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ସନ୍ଦେହ କରୁଛନ୍ତି। ସେହିପରି ଯୁବକଙ୍କ ନିର୍ବନ୍ଧ ସରିଥିବାରୁ ଆଉ କିଛି ମାସ ପରେ ତାଙ୍କର ବାହାଘର ହୋଇଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି। ଶ୍ରୀଧର ରବିବାର ମଧ୍ୟାହ୍ନରେ ଦୋକାନକୁ ଆସି ତାଙ୍କ ବାପା ସନ୍ୟାସୀ ସ୍ୱାଇଁଙ୍କୁ ଖାଇବାକୁ ଘରକୁ ପଠାଇ ଦେଇଥିଲେ। ଏହି ସମୟରେ ଶ୍ରୀଧର ଦୋକାନରେ ବସିଥିବା ସମୟରେ ଅସୁସ୍ଥ ଅନୁଭବ କରିଥିଲେ। ପରେ ତାଙ୍କ ନାକରୁ ରକ୍ତ ବାହାରିବା ସହ ଅତ୍ୟଧିକ ଝାଳ ବାହାରିବାରୁ ସେ ଅଚେତ ହୋଇ ଦୋକାନ ଭିତରେ ପଡ଼ିଯାଇଥିଲେ। ସନ୍ୟାସୀ ଖାଇ ଦୋକାନକୁ ଆସି ଦେଖିଲା ବେଳକୁ ପୁଅ ଅଚେତ ହୋଇ ପଡ଼ିଛନ୍ତି। ସଙ୍ଗେ ସଙ୍ଗେ ସେ ପଡ଼ୋଶୀ ଦୋକାନୀଙ୍କୁ ଡାକି ଅଟୋରିକ୍ସା ଯୋଗେ ଉଷାପଡ଼ା ଉତ୍କଳ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପରିବାର ଲୋକେ ଟିକିରି ଥାନାକୁ ଜଣାଇଥିଲେ। ଥାନାରେ ଅପମୃତ୍ୟୁ ମାମଲା ନଂ. ୫/୨୬ ରୁଜୁକରି ପୋଲିସ ଘଟଣାର ତଦନ୍ତ ଚଳାଇଛନ୍ତି। ରବିବାର ରାତି ହୋଇଯିବାରୁ ସୋମବାର ସକାଳେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସୋମବାର ତାଙ୍କ ଜନ୍ମଦିନରେ ଅନ୍ତିମ ସତ୍କାର କରାଯାଇଥିଲା। ଏହି ଘଟଣାକୁ ନେଇ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ମାଲକାନଗିରି କୋର୍ଟକୁ ବୋମାରେ ଉଡ଼ାଇଦେବାକୁ ଇ-ମେଲ ଧମକ

**ମାଲକାନଗିରି, ୧୩।୪ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋର୍ଟକୁ ଏକ ଅଜଣା ଇ-ମେଲ୍‌ରୁ ସୋମବାର ବୋମା ଧମକ ମିଳିଛି। କୋର୍ଟକୁ ବୋମାରେ ଉଡ଼ାଇ ଦେବାକୁ ଧମକ ମିଳିବା ପରେ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଏହାପରେ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ କୋର୍ଟ ପରିସରକୁ ଖାଲି କରିଦିଆଯାଇଥିବା ଜଣାପଡ଼ିଛି। ପୋଲିସ ଓ ବୋମା ନିଷ୍କ୍ରିୟକାରୀ ଦଳ ତନାଘନା ଜାରି ରଖିଛନ୍ତି। ସୂଚନାନୁଯାୟୀ, ସୋମବାର କୋର୍ଟ କାର୍ଯ୍ୟ ସ୍ୱାଭାବିକ ଭାବେ ଚାଲିଥିଲା ବେଳେ କୋର୍ଟ କର୍ତ୍ତୃପକ୍ଷଙ୍କ ନିକଟକୁ ଏକ ଧମକପୂର୍ଣ୍ଣ ଇ-ମେଲ ଆସିଥିଲା। ଏଥିରେ ତାମିଲନାଡୁ ଲିବରେଶନ ଗ୍ରୁପ ନାମକ ଏକ ସଙ୍ଗଠନ ପକ୍ଷରୁ କୋର୍ଟ ପରିସରରେ ବୋମା ଖଞ୍ଜା ଯାଇଥିବା ଓ ଏହାକୁ ଉଡ଼ାଇଦିଆଯିବ ବୋଲି ଉଲ୍ଲେଖ କରାଯାଇଥିଲା। ଏହାପରେ ଜିଲା ଜଜ୍ ଶାନ୍ତନୁ କୁମାର ଦାସ ସମସ୍ତ କର୍ମଚାରୀ, ଓକିଲ ଓ ମହକିଲମାନଙ୍କୁ କୋର୍ଟ ପରିସର ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ବର୍ତ୍ତମାନ ସୁଦ୍ଧା କୋର୍ଟ ପରିସରରୁ କୌଣସି ସନ୍ଦେହଜନକ ବସ୍ତୁ ମିଳି ନ ଥିବା ଜଣାପଡ଼ିଛି। ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି।






ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ ।-ଶ୍ରୀଅରବିନ୍ଦ

-ମହାବିଷୁବ ପଣା ସଂକ୍ରାନ୍ତି, ଝାମୁ ଯାତ୍ରା, ରାଧାରମଣ ଦେବଙ୍କ ଜନ୍ମୋତ୍ସବ ଓ ହନୁମାନ ଜୟନ୍ତୀ



# ଏବେ ତୁର୍କୀ ଓ କ୍ୟୁବା

ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଏବଂ ନିକଟରେ ପାକିସ୍ତାନ ରାଜଧାନୀ ଇସ୍‌ଲାମାବାଦରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ମଧ୍ୟପ୍ରାଚ୍ୟ ପୁନର୍ବାର ଅଶାନ୍ତ। ଇରାନ୍‌କୁ ଖୁବ୍ କମ୍ ସମୟରେ ଭୂପତିତ କରିଦେଇ ତା' ଉପରେ ରାଜୁତି କରିବ ବୋଲି ଆମେରିକା ଯେଭଳି ଭାବିଥିଲା, ତାହା ସମ୍ଭବ ହେଲା ନାହିଁ। ଶତ୍ରୁ ରାଷ୍ଟ୍ର ଇରାନ୍‌ଠାରୁ କଡ଼ା ମୁକାବିଲାର ସମ୍ମୁଖୀନ ହେବା ପରେ ଆମେରିକା ନିଜ ଆଡୁ ଶାନ୍ତି ଆଲୋଚନା ପାଇଁ ସ୍ଥିତି ସୃଷ୍ଟି କରିଥିବା ବିଶ୍ୱବାସୀ ଜାଣିଲେ। ଏହା ଆମେରିକାର ଭାବମୂର୍ତ୍ତିକୁ ବିରାଟ ଆଞ୍ଚ ଆଣିଲା। ଆମେରିକା ପୁରୁଣାକାଳିଆ ଯୁଦ୍ଧ ପାଇଁ ପ୍ରସ୍ତୁତ ଓ ଶକ୍ତିଶାଳୀ ବୋଲି ଦର୍ଶାଇ ଆସୁଥିବା ବେଳେ ଇରାନ୍ ତାହାର ଯୁଦ୍ଧ ପଦ୍ଧତିକୁ ଛୋଟିଆ ଡ୍ରୋନ୍‌ରେ ପରିଣତ କରିଦେଇ ଯୁଦ୍ଧର ସଂଜ୍ଞା ବଦଳାଇଦେଲା। ଯେଉଁଭଳି ଘୋଡ଼ା ଓ ହାତୀ ଏବେ ଯୁଦ୍ଧରେ ଅକାମୀ ହୋଇଗଲେଣି ସେହିଭଳି ବଡ଼ ଧରଣର ତୋପ, ଲଢୁଆ ବିମାନ, ଉଡ଼ାଜାହାଜ ଓ ବୁଡ଼ାଜାହାଜର ଯୁଗ ସରିଆସିଲାଣି। ଏଭଳି ସନ୍ଧିକ୍ଷଣରେ ଦୁଇଟି ନୂଆ ଘଟଣା ଏବେ ଚର୍ଚ୍ଚାକୁ ଆସିଛି। ଇସ୍‌ଲାମାବାଦରେ ଶାନ୍ତି ଆଲୋଚନା ବିଫଳ ହେବା ପରେ ପଶ୍ଚିମ ଏସିଆ ଓ ଦକ୍ଷିଣ ପୂର୍ବ ୟୁରୋପ ମଧ୍ୟରେ ଅବସ୍ଥିତ ତୁର୍କୀର ରାଷ୍ଟ୍ରପତି ରେସିପ୍ ତାଇପି ଏର୍ଦୋଗାନ୍ କହିଛନ୍ତି, ପାଲେଷ୍ଟାଇନ୍ ଓ ଲେବାନନ୍ ଉପରେ ଇସ୍ରାଏଲ ଯେଭଳି ଆକ୍ରମଣ ଜାରି ରଖିଛି ତାହା ଅତ୍ୟନ୍ତ ବର୍ବରତାର ସଙ୍କେତ ଦେଉଛି। ଇସ୍ତାନବୁଲଠାରେ ଇଣ୍ଟରନ୍ୟାଶନାଲ ଏସିଆ ପଲିଟିକାଲ ପାର୍ଟିଜ୍ କନ୍‌ଫରେନ୍ସକୁ ଏପ୍ରିଲ ୧୨ରେ ସମ୍ବୋଧନ କରି ଏର୍ଦୋଗାନ୍ କହିଛନ୍ତି ଯେ, ଇସ୍ରାଏଲ ଯେଭଳି ଭାବେ ଶିଶୁ, ମହିଳା ଓ ବେସାମରିକ ଅଞ୍ଚଳରେ ଅତ୍ୟାଚାର ଜାରି ରଖିଛି ଆବଶ୍ୟକ ପଡ଼ିଲେ ତୁର୍କୀ ତା' ବିରୋଧରେ ସାମରିକ ଆକ୍ରମଣ କରିପାରେ। ଏହାର ଦିନକ ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ କ୍ୟୁବା ରାଷ୍ଟ୍ରପତି ମିଗୁଏଲ ଦିଆଜ୍-କାନେଲ କହିଛନ୍ତି, ତାଙ୍କ ଦେଶ ଉପରେ ଆମେରିକା ଆକ୍ରମଣ କରିବା କିମ୍ବା ତାଙ୍କୁ ଗାଦିଚ୍ୟୁତ କରିବାର କୌଣସି ବୈଧ କାରଣ ନାହିଁ। ସେଭଳି ଯଦି ହୁଏ ତେବେ କ୍ୟୁବା ଯୁଦ୍ଧ କରିବାକୁ ପ୍ରସ୍ତୁତ ଅଛି। ଯୁଦ୍ଧରେ ମରିବାକୁ ପଡ଼ିଲେ ଆମେ ପ୍ରସ୍ତୁତ ଅଛୁ, କାରଣ ଆମ ଜାତୀୟ ସଙ୍ଗୀତ କହେ-'ଦେଶ ପାଇଁ ମରିବା ହେଉଛି ବଞ୍ଚିବା' ବୋଲି କାନେଲ କହିଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ତାଙ୍କ ଦେଶରୁ ଉଠାଇ ନେବା ପରେ କହିଥିଲେ ପରବର୍ତ୍ତୀ ଲକ୍ଷ୍ୟ କ୍ୟୁବା। ଏବେ ଯେତେବେଳେ ଆମେରିକାର କାଟ୍‌ତି ଅନ୍ତର୍ଜାତୀୟ ସ୍ତରରେ କମିଆସୁଥିବା ଲକ୍ଷ୍ୟ କରାଯାଉଛି ସେହି ସମୟରେ କ୍ୟୁବା ମଧ୍ୟ ଟ୍ରମ୍ପ୍‌ଙ୍କୁ ଚ୍ୟାଲେଞ୍ଜ କରିବାକୁ ଆଗେଇ ଆସିଛି।

ଉପରଲିଖିତ ଦୁଇଟି ଘଟଣାକୁ ତର୍ଜମା କଲେ ବୁଝାପଡ଼େ, ଯେତେବେଳେ ଶକ୍ତିଶାଳୀ ରାଷ୍ଟ୍ର ବା ବ୍ୟକ୍ତି ଅନୈତିକ କାର୍ଯ୍ୟ କରି ନିଜ ଲକ୍ଷ୍ୟରେ ବିଫଳ ହୋଇ ନିନ୍ଦିତ ହୁଅନ୍ତି ସେତେବେଳେ କ୍ଷୁଦ୍ର ଦେଶ ବା ତା'ର ରାଷ୍ଟ୍ରମୁଖ୍ୟ ନିଜର ସ୍ଥାୟିତ୍ୱ ପାଇଁ ବଳ ପ୍ରଦର୍ଶନ କରିବା ଲାଗି ସାହସ ପାଇଥାଆନ୍ତି। କ୍ୟୁବା ତାହାର ଜ୍ୱଳନ୍ତ ଦୃଷ୍ଟାନ୍ତ। ଇରାନ୍ ଯେଉଁଭଳି ଭାବେ ଆମେରିକାକୁ ଆଣ୍ଠେଇ ଦେଇ ଅନ୍ତର୍ଜାତୀୟ ସ୍ତରରେ ବାହାବା ପାଇଛି, କ୍ୟୁବା ରାଷ୍ଟ୍ରପତି ସମ୍ଭବତଃ ସେଥିରୁ ପ୍ରେରଣା ପାଇ ଦେଶର ସାର୍ବଭୌମତ୍ୱ ରକ୍ଷା ପାଇଁ ନିଜକୁ ପ୍ରସ୍ତୁତ କଲେଣି। ଅନୁରୂପ ଭାବେ ତୁର୍କୀ ରାଷ୍ଟ୍ରପତି ଏର୍ଦୋଗାନ ଇସ୍ରାଏଲକୁ ଧମକାଇବା ନିଶ୍ଚିତ ଭାବେ ଉଲ୍ଲେଖନୀୟ ବିଷୟ। ଇସ୍‌ଲାମାବାଦ ଶାନ୍ତି ଆଲୋଚନା ବିଫଳ ହେବା ଏବଂ ଛୋଟ ରାଷ୍ଟ୍ରଗୁଡ଼ିକ ଆମେରିକା ଓ ଇସ୍ରାଏଲକୁ ସିଧାସଳଖ ମୁକାବିଲା ପାଇଁ ଅଣ୍ଟା ଭିଡ଼ିବା ଆଗାମୀ ଦିନରେ ଭୂରାଜନୈତିକ ସ୍ଥିତିରେ ନୂଆ ସମୀକରଣ ଆଣିପାରେ।

ଅତୀତକୁ ଦେଖିଲେ ଆମେରିକା ଭଳି ଶାକ୍ତିଶାଳୀ ରାଷ୍ଟ୍ର ଭିଏଟ୍‌ନାମଠାରୁ ପରାସ୍ତ ହେବା ଏବଂ ଆଫଗାନିସ୍ତାନର ରଣକ୍ଷେତ୍ର ଛାଡ଼ି ପଳାୟନ କରିଥିଲା। ଏବର ଆମେରିକା ଓ ଇସ୍ରାଏଲ ଯୁଦ୍ଧ ନିଜ ଦେଶ ପାଇଁ ବହୁ ଦୃଷ୍ଟିରୁ କ୍ଷତି ପହଞ୍ଚାଇଛି। ଏ ନେଇ ଉଭୟ ଦେଶରେ ରାଷ୍ଟ୍ରମୁଖ୍ୟ କଡ଼ା ସମାଲୋଚନାର ସମ୍ମୁଖୀନ ହୋଇଛନ୍ତି। ନିଜର ସୈନ୍ୟ ସହ ଅସ୍ତ୍ରଶସ୍ତ୍ର ନଷ୍ଟ, ତୈଳ ମୂଲ୍ୟ ବୃଦ୍ଧି ସହ ଅର୍ଥନୀତି ଉପରେ ଯୁଦ୍ଧ ଚାପ କେବଳ ଆମେରିକା ନୁହେଁ, ବିଶ୍ୱ ଅର୍ଥନୀତି ଉପରେ ଘୋର ପ୍ରଭାବ ପକାଇଛି। ନାଟୋ ସହଯୋଗୀମାନେ ଆମେରିକାକୁ ସହଯୋଗ ଦେଇ ନାହାନ୍ତି। ଇରାନ୍‌କୁ ଯେଉଁ ଉଦ୍ଦେଶ୍ୟ ନେଇ ଆମେରିକା ଆକ୍ରମଣ କରିଥିଲା ତାହାର କାଣିଚାଏ ସଫଳତା ପାଇପାରିଲା ନାହିଁ। ସେହିପରି ଇସ୍ରାଏଲ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରକୁ ଇରାନ୍ ପ୍ରତିହତ କରିବାରେ ସକ୍ଷମ ହୋଇଛି। କେବଳ ସେତିକି ନୁହେଁ, ଇସ୍ରାଏଲ ବାହୁସ୍ଫୋଟ ମାରୁଥିବା 'ଆଇରନ୍ ଡୋମ୍'ର ସୁରକ୍ଷା କବଚ ଭେଦକରି ଇରାନ ବାରମ୍ବାର ରକେଟ୍ ଓ ଡ୍ରୋନ୍ ମାଡ଼ରେ ଇସ୍ରାଏଲକୁ ଘାଇଲା କରିଚାଲିଛି।

ଆମେରିକା ଓ ଇସ୍ରାଏଲର ଯୁଦ୍ଧଖୋର ମନୋବୃତ୍ତି ଏବଂ ଅନ୍ୟ ଉପରେ ପ୍ରଭୁତ୍ୱ ଦେଖାଇବାର ଦମ୍ଭ ନିଶ୍ଚିତ ଭାବେ ହ୍ରାସ ପାଇଥିବା ଲକ୍ଷ୍ୟ କରାଯାଉଛି। ଏଭଳି ସ୍ଥଳେ ଛୋଟ ଦେଶଗୁଡ଼ିକ ସେମାନଙ୍କୁ ଧମକ ଦେବାକୁ ଆଗେଇ ଆସିଲେ। ଆଧୁନିକ ବିଶ୍ୱରେ କାହାରିକୁ ଦୁର୍ବଳ ଭାବି ଆକ୍ରମଣ କରିବା ପୂର୍ବରୁ ଅନେକ ଥର ଚିନ୍ତା କରିବା ଏକ ନୂଆ ବିଶ୍ୱ ବ୍ୟବସ୍ଥା ଭାବେ ବିଚାର କରାଯିବା କଥା। ଏଥିରୁ ଆଉ ଏକ ବାର୍ତ୍ତା ଗଲା ଯେ, ନିଜକୁ ଶକ୍ତିଶାଳୀ କହିବୁଲିଲେ ଆଉ ଚଳିବ ନାହିଁ। ଶତ୍ରୁକୁ କଦାପି ଦୁର୍ବଳ ଭାବିବା ଠିକ୍ ନୁହେଁ। ଏବେକାର ବିଶ୍ୱ ପରିସ୍ଥିତିଠାରୁ ଭାରତ ମଧ୍ୟ ଶିକ୍ଷା ନେବା ଦରକାର। ଆଜିର ପୃଥିବୀରେ 'ବଡ଼' ଦେଶର ନେତା ନିଜକୁ ବିଶ୍ୱଗୁରୁ କହିଲେ ବୁମେରାଂ ହେଉଛି। ଭାରତର ବୈଦେଶିକ ନୀତି ସମ୍ପୂର୍ଣ୍ଣ ଭାବେ ବିଫଳ ହୋଇଛି। କାରଣ ଏହି ଦେଶର ନୀତି ଭାରତକୁ ସୁରକ୍ଷିତ ରଖିଛି ବୋଲି କହିବା ହେଉଛି ଅପରିପକ୍ୱତାର ପରିଚୟ। ଯୁଦ୍ଧରେ ସାମିଲ ନ ହୋଇ ନୀରବ ରହିବା ଏକ ବିକଳ୍ପ ନୁହେଁ। ଏଥିସହିତ ସ୍ପଷ୍ଟ ଭାବେ ଇରାନ୍‌ର ବିରୋଧୀ ସାଜିକରି ଭାରତ ତା'ର ବ୍ରିକ୍ସ ବନ୍ଧୁତ୍ୱ ଓ ନିଜ ସମ୍ପର୍କରେ ଭାବମୂର୍ତ୍ତି ଉଭୟକୁ କ୍ଷତି କରିଦେଲା।

# ନୂଆବର୍ଷ ପାଇଁ ନୂଆ ଆଶା- ଏକ ଭାରତର ମାନସିକତା



ସି.ପି. ରାଧାକୃଷ୍ଣନ
ଉପରାଷ୍ଟ୍ରପତି

ବୈଶାଖୀ, ରଙ୍ଗୋଲି ବିହୁ, ମହାବିଷୁବ ପଣା ସଂକ୍ରାନ୍ତି, ପୋଇଲା ବୈଶାଖ, ବିଷୁ ଏବଂ ତାମିଲ ପୁଥାଣ୍ଡୁ ଅବସରରେ ଭାରତ ତଥା ସାରା ବିଶ୍ୱରେ ଯେଉଁ ପାରମ୍ପରିକ ନୂଆ ବର୍ଷ ପାଳନ କରାଯାଉଛି ସେହି ଅବସରରେ ମୁଁ ଆପଣମାନଙ୍କୁ ମୋର ଶୁଭେଚ୍ଛା ଜ୍ଞାପନ କରି ନିଜକୁ ଗୌରବାନ୍ୱିତ ମନେକରୁଛି। ଏଭଳି ପାରମ୍ପରିକ ନବବର୍ଷ ଉତ୍ସବ ପାଳନ 'ଏକ ଭାରତ ଶ୍ରେଷ୍ଠ ଭାରତ' ମାନସିକତାକୁ ପ୍ରତିଫଳିତ କରେ। ଏହି ଶୁଭ ଅବସରଗୁଡ଼ିକ ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ସୁଖ, ଶାନ୍ତି ଏବଂ ସମୃଦ୍ଧି ଆଣିଦେଉ। ଏହି ପର୍ବଗୁଡ଼ିକ ଆମ ସଂସ୍କୃତିର ବିଭିନ୍ନତା ମଧ୍ୟରେ ଏକତାକୁ ଆହୁରି ସୁଦୃଢ଼ କରୁ।

ଚୈତ୍ର (ଚିଥିରାଇ) ମାସ ହେଉଛି ସେହି ସମୟ, ଯେତେବେଳେ କୃଷି କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୁଏ। ଚାଷୀମାନେ ଜମିକୁ ଉର୍ବର କରିବା ପାଇଁ କ୍ଷେତରେ କାମ କରିବା ଆରମ୍ଭ କରନ୍ତି। ଯେହେତୁ ଆମ ଦେଶର ଲୋକମାନେ ବିଶ୍ୱାସ କରନ୍ତି ଯେ କଠିନ ପରିଶ୍ରମ ହିଁ ପ୍ରଗତିର ମାର୍ଗ ପ୍ରଶସ୍ତ କରେ, ତେଣୁ ସେମାନେ ଶ୍ରମର ଆରମ୍ଭକୁ ହିଁ ଏକ ଉତ୍ସବ ଭାବରେ ପାଳନ କରନ୍ତି। ସମଗ୍ର ଦେଶରେ ଆମେ ଏହିଭଳି ଅନେକ ସମାନ ଉତ୍ସବ ଦେଖିବାକୁ ପାଉ, ଯାହା ଭାରତର ଏକତା ଏବଂ ସମୃଦ୍ଧ ସାଧାରଣ ସଂସ୍କୃତିର ଜ୍ୱଳନ୍ତ ଉଦାହରଣ। ଏହି ପରମ୍ପରାଗୁଡ଼ିକ ଆମକୁ ପରସ୍ପର ସହ ଯୋଡ଼ିବା ସହ ଶ୍ରମ ଓ ସୃଜନଶୀଳତା ପ୍ରତି ସମ୍ମାନ ପ୍ରଦର୍ଶନ କରିବାକୁ ଶିକ୍ଷା ଦିଏ।

ଉତ୍ତର ଭାରତ, ବିଶେଷ କରି ପଞ୍ଜାବରେ ଲୋକମାନେ ବୈଶାଖୀକୁ ଏକ ଅମଳର ପର୍ବ ଭାବରେ ବହୁତ ଉତ୍ସାହର ସହ ପାଳନ କରନ୍ତି। ଏହି ସମୟରେ କୃଷକମାନେ ସେମାନଙ୍କର କଠିନ ପରିଶ୍ରମର ଫଳ ସ୍ୱରୂପ ପାଚିଲା ଫସଲକୁ ଦେଖି ଆନନ୍ଦିତ ହୁଅନ୍ତି। ସେହିପରି ଦକ୍ଷିଣ ଭାରତରେ, କେରଳର ଲୋକମାନେ ବିଷୁ ପର୍ବ ପାଳନ କରନ୍ତି। ଏହି ପର୍ବରେ ଶୁଭ ବସ୍ତୁ ବା 'କାନି' ଦର୍ଶନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା, ଯାହା ଆଗାମୀ ବର୍ଷ ପାଇଁ ସମୃଦ୍ଧିର ସଙ୍କେତ ବୋଲି ବିଶ୍ୱାସ କରାଯାଏ। ଅନ୍ୟପଟେ, ଆସାମରେ ଲୋକମାନେ ବିହୁ ପର୍ବ ପାଳନ କରୁଥିବା ବେଳେ ପଶ୍ଚିମବଙ୍ଗରେ ପୋଇଲା ବୈଶାଖକୁ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ସହ ପାଳନ କରାଯାଏ। ଏହି ସମସ୍ତ ପର୍ବ ଆମ ଦେଶର ସାଂସ୍କୃତିକ ବିବିଧତା ଏବଂ ଏକତାର ଏକ ସୁନ୍ଦର ଝଲକ ପ୍ରଦାନ କରିଥାଏ।

ଅନୁରୂପ ଭାବରେ, ମଣିପୁର, ତ୍ରିପୁରା, ଓଡ଼ିଶା, ବିହାର, ଉତ୍ତରପ୍ରଦେଶ, ହିମାଚଳପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନର ଲୋକମାନେ ନବବର୍ଷର ଏହି ଅବଧିକୁ ବିଭିନ୍ନ ପାରମ୍ପରିକ ଉତ୍ସବ ଏବଂ କାର୍ଯ୍ୟକ୍ରମ ମାଧ୍ୟମରେ ପାଳନ କରିଥାଆନ୍ତି। ଉତ୍ତରାଖଣ୍ଡର ହରିଦ୍ୱାରଠାରେ ଏହି ଅବସରରେ ସାରା ଦେଶର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ପବିତ୍ର ଗଙ୍ଗା ନଦୀରେ ସ୍ନାନ କରିଥାଆନ୍ତି ଏବଂ ତାହା ସେମାନଙ୍କ ପାଇଁ ଏହି ଅବସରଟିକୁ ଦିବ୍ୟ ଭାବରେ ମନାଇବାର ଏକ ମାଧ୍ୟମ ବୋଲି ବିବେଚନା କରାଯାଇଥାଏ।

ତେଲୁଗୁ ଭାଷାଭାଷୀ ଲୋକମାନେ ସେମାନଙ୍କର ନୂଆବର୍ଷକୁ ଉଗାଡ଼ି ପର୍ବ ଭାବେ ପାଳନ କରିଥାଆନ୍ତି, ଯେତେବେଳେ କି ମରାଠୀ ଓ କୋଙ୍କଣୀ ଲୋକମାନେ ଏହି ନବବର୍ଷ ଅବସରକୁ ଗୁଡ଼ି ପାଡଓ୍ୱା ଭାବରେ ମନାଇଥାଆନ୍ତି।

ଆମେ ଜାଣୁ ଯେ ଆମେ ଏକ ପ୍ରାଚୀନ ସଭ୍ୟତାର ଅଂଶବିଶେଷ ଏବଂ ଏହା ହେଉଛି ଆମର ସମୃଦ୍ଧ ଐତିହ୍ୟ। ଏଥିରେ ବୈଜ୍ଞାନିକ ସମ୍ମତ ଅନେକ ଧାରା ରହିଛି ବୋଲି ଆମର ପୂର୍ବଜମାନେ ଆମକୁ କହିଛନ୍ତି। ସେମାନଙ୍କର ସୂକ୍ଷ୍ମ ଧାରଣାଟି ଥିଲା ଏହା ଯେ ନୂଆ ବର୍ଷ ଉତ୍ସବ ପାଳନ ଏକ ଜାଗତିକ ଭାବଧାରାକୁ ପ୍ରତିଫଳିତ କରିଥାଏ।

ଅନୁରୂପ ଭାବରେ, ତାମିଲ ନବବର୍ଷ ମଧ୍ୟ ଏକ ଉଲ୍ଲେଖନୀୟ ଅବସର, ଯେତେବେଳେ ଆମ ପୂର୍ବଜମାନଙ୍କ ଜ୍ଞାନକୁ ଆମେ ମନାଇଥାଉ। ଏହା ଏଭଳି ଏକ ଉତ୍ସବ ଯାହା ମାଧ୍ୟମରେ ଆମ ପରମ୍ପରା, ପରିବାର, ଆଧ୍ୟାତ୍ମିକତା ଏବଂ ଶୃଙ୍ଖଳିତ ଜୀବନ ଧାରା ପ୍ରତିଫଳିତ ହୋଇଥାଏ। ଏହା ଏକ ନୂତନ ଅୟମାରମ୍ଭର ସୂତ୍ରପାତ ଘଟାଇଥାଏ। ଏହା ଆମକୁ ନୂତନ ଆଶା ସହିତ ଆଗକୁ ଅଗ୍ରସର ହେବାରେ ସହାୟକ ହୋଇଥାଏ, ଯାହା କି ଅତୀତର ଅନୁଭୂତି ଉପରେ ଆଧାରିତ।

ଆଜି ଆମେମାନେ ଯେତେବେଳେ ବୈଶ୍ୱିକ କ୍ୟାଲେଣ୍ଡର ବ୍ୟବହାର କରୁଛୁ, ଆମକୁ ଏକଥା ମଧ୍ୟ ଅବଶ୍ୟ ସ୍ମରଣ ରଖିବାକୁ ହେବ ଯେ ଆମର ତାମିଲ କ୍ୟାଲେଣ୍ଡର, ଯାହାକି ଅତି ଅଭିନବ ଭାବେ ପ୍ରସ୍ତୁତ କରାଯାଇଛି। ସେଥିରେ କେବଳ ଦିନ ଅବା ମାସର ନାମ ସୂଚିତ ହୋଇନାହିଁ ବରଂ ବର୍ଷଗୁଡ଼ିକର ନାମ ମଧ୍ୟ ରହିଛି। ଏହିଭଳି ମୋଟ ୬୦ଟି ବର୍ଷର ନାମ ଅଛି ଏବଂ ଚଳିତବର୍ଷ, ଯାହାର ନାମ ପରାଭବ, ଏହି ଚକ୍ରର ୪୦ତମ ବର୍ଷ ଅଟେ।

ଆଷ୍ଟ୍ରୋନୋମି (ଜ୍ୟୋତିର୍ବିଜ୍ଞାନ) ଶବ୍ଦଟି ଗ୍ରୀକ ଭାଷାରୁ ଆସିଛି, ଯାହା ହେଉଛି ଆକାଶର ତାରକାମାନଙ୍କର ଚଳନର ନିୟମ ସମ୍ପର୍କରେ ଅଧ୍ୟୟନ କରିବା। ତାମିଲରେ ଏହାକୁ 'ଭାନିୟାଲ' ବୋଲି କୁହାଯାଏ। ଆଜକୁ ହଜାର ହଜାର ବର୍ଷ ପୂର୍ବେ, ତାମିଲ ବିଦ୍ୱାନମାନେ ଉତ୍ତମ ରୂପେ ବୁଝିପାରିଥିଲେ ଯେ ପୃଥିବୀ ହେଉଛି ଗୋଲାକାର ବୃତ୍ତ ସଦୃଶ ଏବଂ ଏହା ମହାକାଶରେ ଅନ୍ୟାନ୍ୟ ଗ୍ରହ ନକ୍ଷତ୍ରମାନଙ୍କ ଚଳନ ତଥା ସେମାନଙ୍କର ପୃଥିବୀ ଉପରେ ପ୍ରଭାବ ରହିଛି, ଯାହାକୁ ସେମାନେ ଅଧ୍ୟୟନ କରିଥିଲେ।

ପ୍ରାଚୀନ ତାମିଲ ସାହିତ୍ୟ ଯଥା ପଥିତ୍ରୁପାଠୁରେ ବିଶ୍ୱ ବ୍ରହ୍ମାଣ୍ଡର ସ୍ୱଭାବ ଏବଂ ଗତିବିଧି ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ବିଭିନ୍ନ ଗୀତରେ ବର୍ଣ୍ଣନା କରାଯାଇଛି ଏହି ବିଶ୍ୱ କିପରି ମୂଳ ପାଞ୍ଚଗୋଟି ଉପାଦାନରୁ ଗଠିତ ହୋଇଛି ଏବଂ ଜାଗତିକ ଶକ୍ତି କିପରି ଏହାର ଚଳନ ଏବଂ ଅନ୍ୟାନ୍ୟ କାର୍ଯ୍ୟକୁ ନିୟନ୍ତ୍ରଣ କରୁଛନ୍ତି। 'ସିରୁପନାରୁପାଦାଇ' ଭଳି ଅନ୍ୟାନ୍ୟ କୃତିରେ ମଧ୍ୟ ଗ୍ରହ ନକ୍ଷତ୍ରମାନଙ୍କ ଗତିବିଧି ଓ ଚଳନ ସମ୍ପର୍କରେ ବର୍ଣ୍ଣନାମାନ ରହିଛି।

ସଙ୍ଗମ ସାହିତ୍ୟରେ ଗ୍ରହ ଏବଂ ତାରକାମାନଙ୍କ ସମ୍ପର୍କରେ ଅନେକ ସ୍ଥାନରେ ଉଲ୍ଲେଖ ରହିଛି। ଉଦାହରଣ ସ୍ୱରୂପ ଶନିଙ୍କୁ କଳା (ମୈମ୍ମିନ) ବୋଲି ପୁରାନାନୁରୁରେ ବର୍ଣ୍ଣନା କରାଯାଇଛି। ସେହିଭଳି ଏହିସବୁ ଖଗୋଳୀୟ ଗ୍ରହନକ୍ଷତ୍ରମାନଙ୍କ ପ୍ରଭାବକୁ ଅଧ୍ୟୟନ କରିବାର ପରମ୍ପରା ସହିତ ସମ୍ପୃକ୍ତ ଲୋକମାନଙ୍କୁ 'କନିୟାନ' ବୋଲି କୁହାଯାଇଥାଏ। କବି କନିୟାନ ପୁଙ୍ଗୁନ୍ଦ୍ରନାରଙ୍କ ନାମ ଏହି ପରମ୍ପରାରୁ ଆହରଣ କରାଯାଇଥିବା ବିଶ୍ୱାସ କରାଯାଏ।

ଏପରି କି ପ୍ରାଚୀନ ଗ୍ରନ୍ଥ 'ଟୋଲକପିୟାମ'ରେ ଜ୍ଞାନୀ ବ୍ୟକ୍ତିମାନଙ୍କୁ 'ଅରିଭର' ବୋଲି ଉଲ୍ଲେଖ କରାଯାଇଛି। 'ଆକାନାନୁରୁ' ଭଳି ସାହିତ୍ୟ ସୂଚନା ପ୍ରଦାନ କରେ ଯେ ଶୁଭ ଉତ୍ସବାନୁଷ୍ଠାନ ଯଥା ବିବାହ ଭଳି କାର୍ଯ୍ୟ ଶୁଭଦିନ ଏବଂ ମାହେନ୍ଦ୍ର ମୁହୂର୍ତ୍ତରେ ସମ୍ପାଦନ ନିମନ୍ତେ ଧାର୍ଯ୍ୟ କରାଯାଉଥିଲା।

ଏହି ପରମ୍ପରା ତାମିଲ ନା ଆଜି ସୁଦ୍ଧା ଅବ୍ୟାହତ ରହିଛି। ଚିଥିରାଇର ପ୍ରଥମ ଦିବସରେ, ମନ୍ଦିରରେ ପଞ୍ଚାଙ୍ଗ (ପାଞ୍ଜି) ପଢ଼ାଯାଉଥିଲା ଏବଂ ଏହାକୁ ଶୁଣିବା ଲାଗି ଲୋକମାନେ ରୁଣ୍ଡ ହେଉଥିଲେ।

ପଞ୍ଚାଙ୍ଗ ପାଞ୍ଚଟି ମୁଖ୍ୟ ଉପାଦାନ ବା ତତ୍ତ୍ୱକୁ ନେଇ ଗଠିତ, ଯଥା: ବାର, ତିଥି, କରଣ, ନକ୍ଷତ୍ର ଏବଂ ଯୋଗ। ଏହି ପାଞ୍ଚଟି ତତ୍ତ୍ୱର ସମାହାରକୁ ହିଁ ପଞ୍ଚାଙ୍ଗ କୁହାଯାଏ, ଯାହା ଆମ ପାରମ୍ପରିକ ସମୟ ଗଣନାର ଏକ ଅଭିନ୍ନ ଅଙ୍ଗ।

ଆମର ପୂର୍ବପୁରୁଷମାନେ ସମୟ ମାପିବା ପାଇଁ ସୌର ଏବଂ ଚନ୍ଦ୍ର ଉଭୟ ପଦ୍ଧତିର ବ୍ୟବହାର କରୁଥିଲେ। ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କ ଗତିପଥକୁ ଅନୁଧ୍ୟାନ କରି ସେମାନେ ଦିନ, ମାସ ଏବଂ ବର୍ଷର ସୂକ୍ଷ୍ମ ଗଣନା କରିବାରେ ସମର୍ଥ ହୋଇଥିଲେ। ଏହି ପାରମ୍ପରିକ ଜ୍ଞାନ କୌଶଳ ଆମର ଜ୍ୟୋତିର୍ବିଜ୍ଞାନର ସମୃଦ୍ଧିକୁ ଦର୍ଶାଇଥାଏ। ଯଦିଓ ଆଧୁନିକ ବିଜ୍ଞାନ ଆଜି ଉନ୍ନତ ଯନ୍ତ୍ରପାତି ସାହାଯ୍ୟରେ ଗ୍ରହଣ ଓ ପରାଗର ସମୟ ନିରୂପଣ କରୁଛି, ମାତ୍ର ପ୍ରାଚୀନ କାଳରେ ମଧ୍ୟ ଏହିଭଳି ମହାକାଶୀୟ ଘଟଣାଗୁଡ଼ିକୁ ଗଭୀର ଭାବେ ଅଧ୍ୟୟନ କରାଯାଉଥିଲା। ସେହି ସମୟର ବିଦ୍ୱାନମାନେ କୌଣସି ଆଧୁନିକ ବୈଷୟିକ ଜ୍ଞାନକୌଶଳ ବିନା ମଧ୍ୟ ଅତ୍ୟନ୍ତ ସଠିକ ଭାବରେ ଏହି ସବୁର ପୂର୍ବାନୁମାନ କରିପାରୁଥିଲେ।

ଆମର ପୂର୍ବଜମାନଙ୍କଠାରୁ ଏହି ପ୍ରାଚୀନ ଜ୍ଞାନ ପିଢ଼ି ପରେ ପିଢ଼ି ଗଡ଼ି ଆସିଛି। ଏହା ଆମର ଐତିହ୍ୟ ଓ ସମ୍ପଦ। ଆମକୁ ଏହାକୁ ସଂରକ୍ଷିତ କରି ରଖିବାକୁ ହେବ ଏବଂ ଆମର ଭବିଷ୍ୟତ ବଂଶଧରମାନଙ୍କୁ ମଧ୍ୟ ଏହାର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇବାକୁ ପଡ଼ିବ। ମନ୍ଦିରରେ ପଢ଼ାଯାଉଥିବା ପଞ୍ଚାଙ୍ଗ ଶ୍ରବଣ ହେଉଛି ଏହି ପରମ୍ପରା ପ୍ରତି ସମ୍ମାନ ପ୍ରଦର୍ଶନ କରିବାର ଏକ ପରମ୍ପରା।

ନୂତନ ବର୍ଷ ପାଳନ କରିବାର ଆଉ ଗୋଟିଏ କାରଣ ହେଉଛି ଆମର ଲୋକମାନଙ୍କ ମନରେ ପ୍ରକୃତି ପ୍ରତି ପ୍ରଗାଢ଼ ସମ୍ମାନ ଏବଂ ଭକ୍ତି ରହିଛି। ଆମ ଘରେ, ପବିତ୍ର ପଦାର୍ଥ ଯଥା ଫଳମୂଳ ଏବଂ ଫୁଲକୁ ଆମେ ସଜାଇ ରଖିଥାଉ ଏବଂ ଦେଖି ଉପଭୋଗ ମଧ୍ୟ କରୁ। ତାହା ହେଉଛି ଏକ ପ୍ରାତ୍ୟହିକ କାର୍ଯ୍ୟ, ଯାହା ସକାଳେ ସମ୍ପାଦନ କରାଯାଇଥାଏ।

ବସନ୍ତ ଋତୁ ହେଉଛି ସେହି ସମୟ ଯେତେବେଳେ ପ୍ରକୃତି ନିଜର ନବକଳେବର କରେ-ଗଛଲତାଗୁଡ଼ିକ ପୁଣି ଥରେ ସବୁଜିମାରେ ଭରିଯାନ୍ତି ଏବଂ ଚତୁର୍ଦ୍ଦିଗରେ ଫୁଲ ଓ ଫଳର ସମ୍ଭାର ଦେଖିବାକୁ ମିଳେ। ପ୍ରକୃତି ସହ ନିବିଡ଼ ଭାବରେ ଜଡ଼ିତ ରହୁଥିବା ତାମିଲ ସମ୍ପ୍ରଦାୟର ଲୋକମାନେ ଏହି ପ୍ରାକୃତିକ ପ୍ରାଚୁର୍ଯ୍ୟକୁ ଦର୍ଶନ କରି ନୂତନ ବର୍ଷର ଆରମ୍ଭ କରନ୍ତି। ଏହି ସୁନ୍ଦର ପରମ୍ପରାକୁ 'କାନି କାନାଲ' ବୋଲି କୁହାଯାଏ। ଏଥିରେ ଶୁଭ ବସ୍ତୁ ଓ ପ୍ରକୃତିର ଉପହାରଗୁଡ଼ିକୁ ଦର୍ଶନ କରି ଆଗାମୀ ବର୍ଷଟି ସୁଖ ଓ ସମୃଦ୍ଧିରେ କଟିବ ବୋଲି ବିଶ୍ୱାସ କରାଯାଏ। ଏହା ମଣିଷ ଏବଂ ପ୍ରକୃତି ମଧ୍ୟରେ ଥିବା ଅତୁଟ ସମ୍ପର୍କର ଏକ ଜ୍ୱଳନ୍ତ ଉଦାହରଣ।

ଅନୁରୂପ ଭାବରେ, ସମସ୍ତଙ୍କ ଘରେ ଏହି ଦିନ ପାରମ୍ପରିକ ଖାଦ୍ୟ ସାମଗ୍ରୀମାନ ପ୍ରସ୍ତୁତ କରାଯାଇଥାଏ, ଏପରି କି ସୁସ୍ୱାଦୁ ବ୍ୟଞ୍ଜନ, ମିଷ୍ଟାନ୍ନଠାରୁ ତିକ୍ତ ପର୍ଯ୍ୟନ୍ତ ସବୁକିଛି। ଏହା ଆମକୁ ଶିକ୍ଷାଦିଏ ଯେ ଜୀବନ ସବୁକିଛି ଅନୁଭବର ସମାହାର ; ଏଥିରେ ଆନନ୍ଦ ଓ ବିଷାଦର ସ୍ଥାନ ସମାନ ଏବଂ ଆମକୁ ଏହାକୁ ସନ୍ତୁଳନ ରକ୍ଷା ପୂର୍ବକ ଗ୍ରହଣ କରିବାକୁ ପଡ଼ିବ।

ସାରା ଦେଶରେ ଏହି ନବବର୍ଷ ପାଳନ କରିବାରେ ଅନେକ ସାଦୃଶ୍ୟ ଥିବାର ଦେଖିବାକୁ ମିଳେ ତଥା ସାରା ବିଶ୍ୱରେ ବିଭିନ୍ନ ସ୍ଥାନରେ ବସବାସ କରୁଥିବା ଭାରତୀୟ ସମୁଦାୟଙ୍କ ମଧ୍ୟରେ ମଧ୍ୟ ଏହିଭଳି ସାମଞ୍ଜସ୍ୟ ରହିଛି। ଏହିସବୁ ଉତ୍ସବ ଆମମାନଙ୍କୁ ଆମ ସଂସ୍କୃତିର ମହାନତା, ବିବିଧତା ତଥା ଉତ୍କୃଷ୍ଟତା ସମ୍ପର୍କରେ ସ୍ମରଣ କରାଇଦିଏ। ଏହା ବ୍ୟତୀତ ଏହା ପଛରେ ଥିବା ମହତ୍ତ୍ୱପୂର୍ଣ୍ଣ ଚିନ୍ତାଧାରାଟି ହେଲା ଏକତା। ସେମାନେ ସମସ୍ତେ ଆଶାକୁ ହିଁ ପ୍ରତିବିମ୍ବିତ କରନ୍ତି ଏବଂ ଆଶା କରନ୍ତି ଯେ ଆମେ ସୌହାର୍ଦ୍ଦ୍ୟର ସହିତ ଜୀବନକୁ ବଞ୍ଚି ଚାଲିଥିବୁ।

ଆମ ପୂର୍ବଜମାନଙ୍କ ଦ୍ୱାରା ଦର୍ଶାଯାଇଥିବା ମାର୍ଗକୁ ଅନୁସରଣ କରି ସକାରାତ୍ମକତା, ବିଶ୍ୱାସ ଏବଂ ନିଷ୍ଠାର ସହ ନୂତନ ବର୍ଷକୁ ପାଳନ କରିବା ପାଇଁ ମୁଁ ଯୁବପିଢ଼ିଙ୍କୁ ଅନୁରୋଧ କରୁଛି। ଆସନ୍ତୁ, ଦେଶର ପ୍ରଗତିରେ ଯୋଗଦାନ ଦେବା ପାଇଁ ଦୃଢ଼ ସଙ୍କଳ୍ପର ସହ ଆମର ପ୍ରଚେଷ୍ଟା ଆରମ୍ଭ କରିବା। ଆମର ଭାରତ ନିଜର ସାଂସ୍କୃତିକ ତଥା ସଭ୍ୟତାଗତ ଭାବଧାରାରେ ସର୍ବଦା 'ଏକ' ହୋଇ ରହିଆସିଛି ଏବଂ ଆଗକୁ ମଧ୍ୟ 'ଏକ' ହୋଇ ରହିବ। ଆମ ଗୁରୁଜନମାନଙ୍କ ଆଶୀର୍ବାଦ ସହିତ ଯୁବପିଢ଼ି 'ଏକ ଭାରତ' ଭାବନାରେ ଆଗକୁ ବଢ଼ନ୍ତୁ ଏବଂ ୨୦୪୭ ସୁଦ୍ଧା ଏକ 'ଶ୍ରେଷ୍ଠ ଭାରତ' ତଥା 'ବିକଶିତ ଭାରତ' ଗଠନ କରିବାରେ ସଫଳ ହୁଅନ୍ତୁ।

# ବିପଦରେ ଐତିହ୍ୟ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସାମ୍ପ୍ରତିକ ସମୟରେ ଆମେ ଉନ୍ନତି ପଥରେ ଦୌଡ଼ିଲା ବେଳେ ପଛରେ ରହିଯାଉଛି ଆମର ଐତିହ୍ୟ ଓ ସ୍ମୃତି। ଏହି ଐତିହ୍ୟ କେବଳ ପଥରର ସ୍ଥାପତ୍ୟ ଏବଂ ଦୁର୍ଗ ଗୁଡ଼ିକରେ ସୀମିତ ନୁହେଁ, ଏହା ଆମର ଅସ୍ତିତ୍ୱର ଚିହ୍ନ ! ଆମର ପ୍ରତିଟି ଐତିହ୍ୟର ବୈଶିଷ୍ଟ୍ୟ ହେଉଛି, ଏହା ମାନବ ଜୀବନରେ ଖୁବ୍ ମହତ୍ତ୍ୱ ରଖେ। ଏହା ସାଂସ୍କୃତିକ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ମିଶ୍ରଣ। ବିଗତ କିଛି ବର୍ଷ ମଧ୍ୟରେ ଭାରତ ବିଶ୍ୱ ଐତିହ୍ୟ ସୂଚୀରେ ନିଜର ଉପସ୍ଥିତିକୁ ନିରନ୍ତର ଭାବରେ ବୃଦ୍ଧି କରିଚାଲିଛି। ଭାରତ ଏବେ ବିଶ୍ୱ ଐତିହ୍ୟ ସୂଚକାଙ୍କ ତାଲିକାରେ ୪୩ତମ ସ୍ଥାନ ଅଧିକାର କରିଛି। ଏହି ସୂଚୀ ଲିପିବଦ୍ଧ ହେବାର କାର୍ଯ୍ୟ ୧୯୮୩ ମସିହାରେ ଆଗ୍ରାର ଦୁର୍ଗଠାରୁ ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ତାଜମହଲ, ଅଜନ୍ତା ଓ ଏଲୋରା ଗୁମ୍ଫାକୁ ଏଥିରେ ସାମିଲ କରାଗଲା। ଏହି ଐତିହାସିକ ସ୍ଥଳୀଗୁଡ଼ିକୁ କେବଳ ଇତିହାସର ପ୍ରତୀକ ରୂପେ ନୁହେଁ ବରଂ ଆଗାମୀ ପିଢ଼ି ପାଇଁ ଶିକ୍ଷଣୀୟ ସ୍ଥାନ ରୂପେ ସଂରକ୍ଷିତ କରାଯାଇଛି।

ଗ୍ରାମୀଣ ଓଡ଼ିଶାର ବହୁ ପୁରାତନ ମନ୍ଦିର ବିଷୟରେ ଯଦି ଆଲୋଚନା କରାଯାଏ , କେତେ କେତେ ଶତାବ୍ଦୀ ପୁରୁଣା ଏହି ମନ୍ଦିରଗୁଡ଼ିକ ଆମର ଅବହେଳା ଯୋଗୁ ଏବେ ଭଗ୍ନ ଅବସ୍ଥାରେ। ସମୟ ଏବଂ ପ୍ରାକୃତିକ ବିପର୍ଯ୍ୟୟର ଆଘାତ ସହିବା ସହ ମଣିଷର ଅନାଗ୍ରହ ଏଗୁଡ଼ିକୁ ଅଧିକ ଧ୍ୱଂସାଭିମୁଖୀ କରିଚାଲିଛି। ଯେଉଁଠି କେବେ ଉତ୍ସବ ଓ ଆସ୍ଥାର କେନ୍ଦ୍ର ଥିଲା, ସେଠି ଆଜି ନୀରବତା ରାଜୁତି କରୁଛି। ଆମ ପୁରୁଣା ଘରବାଡ଼ି ଓ ପାରମ୍ପରିକ ନିର୍ମାଣଶୈଳୀକୁ ମଧ୍ୟ ଉଦାହରଣ ରୂପେ ନିଆଯାଇପାରେ। ସିମେଣ୍ଟ ଓ କଂକ୍ରିଟର ଆଧୁନିକ ଗୃହ ନିର୍ମାଣର ଚାକଚକ୍ୟରେ ମାଟି ଓ କାଠର ପୁରୁଣା ଘରଗୁଡ଼ିକର ଅସ୍ତିତ୍ୱ ପ୍ରାୟତଃ ହଜିଗଲାଣି ଏବଂ ସେଗୁଡ଼ିକ ସହ ଅପସରିଯାଉଛି ଆମର ପାରମ୍ପରିକ ଓଡ଼ିଆ ଜୀବନଶୈଳୀ, ଓଡ଼ିଆ ସଂସ୍କୃତିର ସ୍ମୃତି। ଲୋକକଳା ଓ ପାରମ୍ପରିକ କୌଶଳ, ପଟ୍ଟଚିତ୍ର, ପଥର ଶିଳ୍ପ, ଲୋକଗୀତ ଆଦି ନୂତନ ପିଢ଼ି ପାଖରେ ଆକର୍ଷଣ ହରାଉଛନ୍ତି। ଡିଜିଟାଲ ଯୁଗର ସହଜ ମନୋରଞ୍ଜନ ମଧ୍ୟରେ ଏହିସବୁ ମୂଲ୍ୟବାନ୍ କଳା



ଅବହେଳିତ ଅବସ୍ଥାରେ। ଫଳସ୍ୱରୂପ, କଳାକାରମାନେ ତାଙ୍କ ପେସା ଛାଡ଼ିବାକୁ ବାଧ୍ୟ ହେଉଛନ୍ତି। ଉପରୋକ୍ତ କିଛି ଉଦାହରଣ ଆମକୁ ଏକ ସତ୍ୟର ସମ୍ମୁଖୀନ କରାଏ ଯେ, ଯଦି ଆମେ ଏବେ ଆଖି ଖୋଲିବାକୁ ଭୁଲିଯାଉ, ତେବେ ଆଗାମୀ ପିଢ଼ି ପାଇଁ ଆମର ଐତିହ୍ୟ କେବଳ ପୁସ୍ତକ ପୃଷ୍ଠାରେ ସୀମିତ ହୋଇଯିବ।

ଭାରତ ସରକାର ଏ ଦିଗରେ କିଛି ପଦକ୍ଷେପ ଯେ ନେଇନାହାନ୍ତି ତା'ନୁହେଁ। ୧୯୭୬ ରୁ ୨୦୨୪ ପର୍ଯ୍ୟନ୍ତ ବିଦେଶୀ ରାଷ୍ଟ୍ରଗୁଡ଼ିକରୁ ୬୫୫ଟି ପୁରାତନ ବସ୍ତୁ ପୁନଃ ପ୍ରାପ୍ତ କରିବାର ଉଦ୍ୟମ କରାଯାଇଛି। ବିଭିନ୍ନ ଯୋଜନା ମାଧ୍ୟମରେ ସ୍ମାରକୀଗୁଡ଼ିକୁ ସଂରକ୍ଷିତ କରିବାର ପ୍ରକ୍ରିୟା ପାଇଁ ସହଯୋଗ ପ୍ରଦାନ କରାଯାଉଛି। ଭାରତୀୟ ପୁରାତନ ସର୍ବେକ୍ଷଣ ଏବଂ ବିଭିନ୍ନ ରାଜ୍ୟର ବିଭିନ୍ନ ସଂଗଠନ ମଧ୍ୟରେ ୨୧ରୁ ଅଧିକ ବୁଝାମଣାପତ୍ର ସାକ୍ଷର ହୋଇସାରିଛି। ବର୍ଷ ୨୦୨୪ ରେ ୧୪୦ ରୁ ଅଧିକ ଦେଶ ଏବଂ ୨୯୦୦ ରୁ ଅଧିକ ଅନ୍ତଃରାଷ୍ଟ୍ରୀୟ ପ୍ରତିନିଧିମାନେ ଭାଗନେଇ ଭାରତର ସାଂସ୍କୃତିକ, ପ୍ରାକୃତିକ ଏବଂ ମିଶ୍ରିତ ଐତିହ୍ୟର ସଂରକ୍ଷଣ ଉପରେ ଚର୍ଚ୍ଚା ଏବଂ ସହଯୋଗ କରିବା ପାଇଁ ଏକତ୍ରିତ ହୋଇଛନ୍ତି। ଏହା ଭାରତର ଐତିହ୍ୟ ସଂରକ୍ଷଣ ଦିଗରେ ବିଶ୍ୱସ୍ତରୀୟ ଭୂମିକା ନିର୍ବାହ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଶ୍ଚୟ।

ଐତିହ୍ୟକୁ ନଷ୍ଟହେବାରୁ ରକ୍ଷାକରିବା ବା ଅବୈଧ ନିର୍ମାଣକୁ ରୋକିବା ପାଇଁ ସରକାରଙ୍କ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ। ଡିଜିଟାଲ ଡକ୍ୟୁମେଣ୍ଟେଶନ, 3D ସ୍କାନିଂ ଓ ସଂରକ୍ଷଣ ପ୍ରଯୁକ୍ତି ଦ୍ୱାରା ଐତିହ୍ୟକୁ ଆଧୁନିକ ଭାବେ ସୁରକ୍ଷା କରାଯାଇପାରିବ। ଗାଁ ଓ ସ୍ଥାନୀୟ ଲୋକମାନେ ଯଦି ନିଜ ଐତିହ୍ୟକୁ ନିଜର ଦାୟିତ୍ୱ ଭାବିବେ, ତେବେ ସେଗୁଡ଼ିକ ଅଧିକ ଭଲ ଭାବରେ ସୁରକ୍ଷିତ ରହିବ। ଆମର ପାରମ୍ପରିକ ଲୋକକଳା, ସଙ୍ଗୀତ, ନୃତ୍ୟ ଏବଂ ଜ୍ଞାନକୁ ଉତ୍ସାହ ଓ ସମର୍ଥନ ଦେଇ ଆମେ ରକ୍ଷା କରିପାରିବା। ପୁନରୁଦ୍ଧାର ପ୍ରକଳ୍ପ ମାଧ୍ୟମରେ ନଷ୍ଟ ହୋଇଯାଇଥିବା ସ୍ଥାନଗୁଡ଼ିକୁ ପୁନଃ ଗଢ଼ିବା ପାଇଁ ସରକାର ଓ ସଂଗଠନଗୁଡ଼ିକ ମିଶି ପ୍ରକଳ୍ପ ଗଠନ କଥା ଚିନ୍ତା କରିବା ଉଚିତ।

ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ବେଙ୍ଗାଲୁରୁରେ ଅଧାରୁ ପାଠ ଛାଡ଼ିଥିବା ଏବଂ ଶିଶୁ ଶ୍ରମିକ ଭାବରେ ଖଟୁଥିବା ପିଲାଙ୍କୁ ଉଦ୍ଧାର କରି ଶିକ୍ଷାର ମୁଖ୍ୟ ସ୍ରୋତକୁ ଆଣୁଛନ୍ତି ଏମ୍. ନାଗରାଜୈହ। ଏହି କାର୍ଯ୍ୟକୁ ସେ ପ୍ରଗତି ଚାରିଟେବଲ ଟ୍ରଷ୍ଟ ମାଧ୍ୟରେ କରୁଛନ୍ତି। ବେଙ୍ଗାଲୁରୁର ବସ୍ତିଗୁଡ଼ିକରେ ରହୁଥିବା ଶ୍ରମିକ ପରିବାରର ପିଲାମାନେ ପଢ଼ିବାର ସୁଯୋଗ ପାଇପାରନ୍ତି ନାହିଁ କିମ୍ବା ଯେଉଁମାନଙ୍କର ନାମ ଲେଖାଯାଇଥାଏ ସେମାନେ ଅଧାରୁ ପାଠ ଛାଡ଼ି ଶିଶୁ ଶ୍ରମିକ ହୋଇ କିଛି ରୋଜଗାର କରିବାକୁ ବାଧ୍ୟ ହୋଇଥାନ୍ତି। ଅନେକେ ମଧ୍ୟ ପଢ଼ା ଛାଡ଼ି ବର୍ଜ୍ୟ ଗୋଟାଇବାରେ ଲାଗିଯାଇଥାନ୍ତି। ଶିଶୁଙ୍କର ଏଭଳି ସମସ୍ୟାକୁ ଦେଖି ସେମାନଙ୍କୁ ପୁନର୍ବାର ସ୍କୁଲକୁ ଫେରାଇ ଆଣିବା ପାଇଁ ଚେଷ୍ଟା ଜାରି ରହିଛି। କେମ୍ପାପୁରା, ସୁମନହାଲି ଏବଂ ଅମ୍ରୁଥାଲିରେ ତିନୋଟି ଶିକ୍ଷାକେନ୍ଦ୍ର ଖୋଲାଯାଇଛି, ଯେଉଁଠାରେ ୯.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଇଂଲିଶ, କନ୍ନଡ, ଗଣିତ ଓ ହିନ୍ଦୀ ପଢ଼ାଯାଉଛି। ଅପରାହ୍ନ ୧.୩୦ଟା ପରେ ପିଲାଙ୍କୁ ଚିତ୍ରାଙ୍କନ, ନୃତ୍ୟ ଓ ପେଣ୍ଟିଂ ଶିକ୍ଷା ଦିଆଯାଉଛି। ପରେ ସରକାରୀ ସ୍କୁଲରେ ସେମାନଙ୍କ ନାମ ଲେଖାଯାଉଛି। ତିନୋଟି କେନ୍ଦ୍ରର ୧୧୧ ପିଲାଙ୍କ ମଧ୍ୟରୁ ୬୫ଙ୍କୁ ସରକାରୀ ସ୍କୁଲକୁ ପଠାଗଲାଣି।

## ଚିରନ୍ତନୀ

ଦୁଇ ବିଦେଶରେ କେତେ ପ୍ରଣୟିନୀ
ମୋହ ବିରହରେ କଲେଣି ଦୟିନି
ମୋହ ବିରହରେ କେତେ ନିଃଶ୍ୱାସ
ମିଶିଛି ଆଜି ଆକାଶେ ।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | | 2 | 5 |
| | | | 9 | 3 | | 7 | | 6 |
| | | | | | 2 | 3 | | |
| | 8 | 4 | | | | | 3 | 7 |
| 1 | 2 | | | | 4 | | | |
| | | 3 | | | | | | |
| 5 | | | 1 | | | | | |
| | 9 | 8 | | | | | 7 | |
| | | | 6 | 5 | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 8 | 9 | 5 | 2 | 3 | 1 | 7 |
| 7 | 9 | 5 | 3 | 4 | 1 | 2 | 6 | 8 |
| 1 | 2 | 3 | 7 | 8 | 6 | 4 | 5 | 9 |
| 4 | 3 | 9 | 6 | 1 | 5 | 7 | 8 | 2 |
| 5 | 7 | 2 | 8 | 9 | 3 | 6 | 4 | 1 |
| 8 | 1 | 6 | 2 | 7 | 4 | 9 | 3 | 5 |
| 2 | 8 | 4 | 1 | 3 | 9 | 5 | 7 | 6 |
| 9 | 5 | 1 | 4 | 6 | 7 | 8 | 2 | 3 |
| 3 | 6 | 7 | 5 | 2 | 8 | 1 | 9 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଜନନୀ ସୁରକ୍ଷା ନୈରାଶ୍ୟଜନକ

ମହାଶୟ,

ଭାରତରେ ମାତୃମୃତ୍ୟୁ ହାର ଚନ୍ତାଜନକ ସ୍ଥିତିରେ ରହିଛି। ଏହି ସମସ୍ୟାର ମୁକାବିଲା ଲାଗି ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନରେ ଗର୍ଭବତୀଙ୍କ ଠାବ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତଥାପି ଏହାର କାର୍ଯ୍ୟକାରିତାରେ ଅନିୟମିତତା ଥିବା ଅଭିଯୋଗ ଆସୁଛି। ସ୍ୱାସ୍ଥ୍ୟ ଏକ ରାଜ୍ୟ ବିଷୟ ହୋଇଥିବାରୁ ସରକାରୀ କାର୍ଯ୍ୟକ୍ରମର ସଫଳତା ସ୍ଥାନୀୟ ପ୍ରଶାସନ ଓ ରାଜନୈତିକ ଇଚ୍ଛାଶକ୍ତି ଉପରେ ନିର୍ଭର କରେ। ଗୁଜରାଟ, ମହାରାଷ୍ଟ୍ର ଓ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଜାତିସଂଘ ଦ୍ୱାରା ଘୋଷିତ ସଷ୍ଟେନବୁଲ ଡେଭଲପମେଣ୍ଟ ଗୋଲ୍ (ଏସ୍‌ଡିଜି) ବା ସତତ ବିକାଶ ଲକ୍ଷ୍ୟ ହାସଲ ପାଇଁ ଟ୍ରାକ୍‌ରେ ଥିବାବେଳେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ଓଡିଶା, ରାଜସ୍ଥାନ, ଛତିଶଗଡ, ଝାଡଖଣ୍ଡ, ଆସାମ ଆଦି ରାଜ୍ୟରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବହୁ ଶୂନ୍ୟସ୍ଥାନ ଥିବା ସରକାରୀ ଓ ଲାନ୍‌ସେଟ ରିପୋର୍ଟରେ କୁହାଯାଇଛି। ଗୋଟିଏ ପକ୍ଷରେ ଭାରତ ସଫଳତାର ସହ ଅଧିକ ନବଜାତକ ଶିଶୁଙ୍କ ଜୀବନ ବଂଚାଇବାରେ ସଫଳ ହୋଇଥିବାବେଳେ ଅନ୍ୟପଟେ ମାତୃମୃତ୍ୟୁ ରୋକିବାରେ ବିଫଳ ହୋଇଛି। ଏହାର ମୁକାବିଲା ପାଇଁ ପ୍ରସୂତି ବା ଗର୍ଭବତୀଙ୍କ ସେବା, ନବଜାତକ ପ୍ରସବ ସମ୍ବନ୍ଧୀୟ ଏବଂ ପ୍ରସବ ପରବର୍ତ୍ତୀ ସେବା ଯତ୍ନକୁ ଯୁଦ୍ଧକାଳୀନଭିତ୍ତିରେ ଗ୍ରହଣ କରିବାର ଆବଶ୍ୟକତା ରହିଛି।

-ସୌଭାଗ୍ୟ ରଂଜନ ମହାନ୍ତି, ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଏମାନଙ୍କ ମତରେ ଓଡିଆ ନବବର୍ଷ

### ଓଡ୍ର ପରମ୍ପରାର ଅସ୍ମିତା ଓ ସ୍ୱାଭିମାନ ହେଉଛି ବିଷୁବ



ସନାତନ ପରମ୍ପରାରେ ବିଷୁବ ସଂକ୍ରାନ୍ତି ନୂତନ ବର୍ଷ ଭାବରେ ବହୁ ପୁରାତନ କାଳରୁ ଗୃହୀତ ହୋଇଥିଲା। ସୂର୍ଯ୍ୟ ଉପାସନାର ଭିତ୍ତିଭୂମି ଉପରେ ଏହା ପ୍ରଚଳିତ ଥିଲେ ମଧ୍ୟ ଶିବ ଉପାସନା, ଦେବୀ ଉପାସନା ଓ ବିଷ୍ଣୁ ଉପାସନାର ସମୀକରଣ ଏଥିରେ ହୋଇଛି। ଓଡ଼ିଶା ୫ ଉପାସନାର ମିଳନ ସ୍ଥଳ। ଶ୍ରୀମନ୍ଦିର ଏହାର ନାଭିକେନ୍ଦ୍ର। ମହାପ୍ରଭୁଙ୍କୁ ଆଧାର କରି ବିଷୁବ ସମୃଦ୍ଧ ହେବା ସ୍ୱାଭାବିକ। ତେଣୁ ଆମ ଐତିହ୍ୟର ବିଷୁବ କେବଳ ସ୍ୱାଭିମାନ ନୁହେଁ, ଆମର ପ୍ରାଚୀନ ଓଡ୍ର ପରମ୍ପରାର ନିଦର୍ଶନ। ତେଣୁ ଆମେ ବହୁ ଘାତ/ପ୍ରତିଘାତ ମଧ୍ୟରେ ଭୁଲିନାହୁଁ ଆମ ଅସ୍ମିତାକୁ।

**–ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ**

### ଓଡ଼ିଆ ନବବର୍ଷ ଆମ ଜାତିର 'ଶ୍ରୀ'



ଆଜି ଓଡ଼ିଆ ନବବର୍ଷ। ଏହା 'ମହାବିଷୁବ ସଂକ୍ରାନ୍ତି' ନାମରେ ଖୁବ୍ ଜଣାଶୁଣା। ଓଡ଼ିଆ ପରମ୍ପରାନୁଯାୟୀ, ଏହି ଦିନଠାରୁ ନୂତନ ବର୍ଷ ଆରମ୍ଭ ହୋଇଥାଏ। ଓଡ଼ିଆ ସଂସ୍କୃତି ଅନୁସାରେ, ଗୋଟିଏ ବର୍ଷ ବୈଶାଖରୁ ଆରମ୍ଭ ହୋଇ ଚୈତ୍ରରେ ସମାପ୍ତ ହୋଇଥାଏ। ସେହିଭଳି ଜ୍ୟୋତିଷ ଗଣନା ଅନୁଯାୟୀ, ଏହି ଦିନକୁ 'ମେଷ ସଂକ୍ରାନ୍ତି' ବୋଲି ଆମେ କହୁ। ଦୋଳପୂର୍ଣ୍ଣିମାରେ ଦୋଳଗୋବିନ୍ଦଙ୍କ ନିକଟରେ ସମର୍ପଣ ହୋଇଥିବା ପାଞ୍ଜି ପଣାସଂକ୍ରାନ୍ତି ବା ଓଡ଼ିଆ ନବବର୍ଷରେ ପ୍ରଚଳନ ହୋଇଥାଏ। ଓଡ଼ିଆ ନବବର୍ଷ କେବଳ ଏକ ପର୍ବ ନୁହେଁ, ବରଂ ଏହା ଆମ ଜାତିର 'ଶ୍ରୀ'। ଏହି ପର୍ବ ଲୋକମାନଙ୍କୁ ଆଧ୍ୟାତ୍ମିକ ଦିଗରେ ପ୍ରେରିତ କରିବା ସହ ସମାଜରେ ଏକତାର ବୀଜ ବୁଣିଥାଏ। ଏହି ପରମ୍ପରାକୁ ଆମ ଆଗାମୀ ପିଢ଼ିଙ୍କୁ ପରିଚିତ କରାଇବା ସହ ସମ୍ମାନ ଦେବା ଆମର ମୁଖ୍ୟ ଆକାଂକ୍ଷା ହେବା ଅବଶ୍ୟକ।

**–ଶୁଭସ୍ମିତା ପଟ୍ଟନାୟକ, ଛାତ୍ରୀ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର**

### ଓଡ଼ିଆ ପର୍ବରେ ମନ ମିଶେଇ ଜାଣିଲେ ମିଠାପଣ ବାରିହୁଏ



ଆମ ଓଡ଼ିଆ ପର୍ବରେ ମନ ମିଶେଇ ଜାଣିଲେ ବେଶ୍ ମିଠାପଣ ବାରିହୁଏ। ଓଡ଼ିଆ ସଂସ୍କୃତିରେ ପଣା ସଂକ୍ରାନ୍ତି ଏକ ନିଆରା ପର୍ବ। ଏହି ପର୍ବରୁ ଆରମ୍ଭିଛି ଓଡ଼ିଆ ନବବର୍ଷର କଥା। ବସନ୍ତ ପୃଥିବୀରେ ଗୋଟାପଣେ ହଳଦିଆ ରଙ୍ଗ ଉଡେଇ ଖୁବ୍ ଖୁମେଇଲା ପରେ ଗ୍ରୀଷ୍ମ ସୁନା ଖରାର ତାତି ନେଇ ହସି ହସି ଆସେ। ଏହିଦିନ ମା' ବୃନ୍ଦାବତୀଙ୍କ ନିକଟରେ ବସୁନ୍ଧରା ଠେକିରେ ବେଲ ପଣା ଭୋଗ ଲଗେଇବାର ପରମ୍ପରା ଥାଏ। ଘରେ ଘରେ ଓଷା ଉପବାସ, ପଣା ସେବନର ବ୍ୟବସ୍ଥା ଲାଗିରହେ। ଓଡ଼ିଆ ନବବର୍ଷରେ ହନୁମାନ ଜୟନ୍ତୀ ଥିବାରୁ ଆମେ ନୂତନ ବସ୍ତ୍ର ପରିଧାନ କରି ମହାବୀରଙ୍କୁ ଦର୍ଶନ କରିବାକୁ ଯାଉ।

**–ସସ୍ମିତା ସାମଲ, ଛାତ୍ରୀ, ଆଳି, କେନ୍ଦ୍ରାପଡ଼ା**

### ଓଡ଼ିଆ ବର୍ଷର ପ୍ରଥମ ଦିନ



ଏପ୍ରିଲ୍ ୧୪ ମହାବିଷୁବ ସଂକ୍ରାନ୍ତିରେ ଆମେ ସଭିଏଁ ଓଡ଼ିଆ ନୂଆବର୍ଷ ପାଳନ କରିଥାଉ। ଏହିଦିନ ହନୁମାନ ଜୟନ୍ତୀ ଓଡ଼ିଆ ପର୍ବ ଓ ପରମ୍ପରାର ବେଶ୍ ଗୁରୁତ୍ୱ ବଖାଣିଥାଏ। ଭାଷା ଦୃଷ୍ଟିରୁ ବିଚାର କଲେ ଆମର ଏହି ନୂଆ ବର୍ଷରୁ ଆରମ୍ଭ ହୋଇଥାଏ ଗଣନା ଏବଂ ଓଡ଼ିଆ ମାସ ବା ଓଡ଼ିଆ ବର୍ଷର ପ୍ରଥମ ଦିନ। ଯେହେତୁ ଆମେ ଓଡ଼ିଆ ଭାଷା ଆଧାରରେ ଏକ ଭୌଗୋଳିକ ଭୂଖଣ୍ଡ ପାଇଛେ, ତେଣୁ ଏହିଦିନ ଆମ ଅସ୍ମିତାକୁ ପ୍ରଚାର ପ୍ରସାର କରିବା ପାଇଁ ଏକ ବଡ଼ ସୁଯୋଗ। ଇଂଲିଶ୍ ନୂଆବର୍ଷରେ ଯେମିତି ଏକ ନୂଆ କ୍ୟାଲେଣ୍ଡର ବା ଡାଏରି ଘରକୁ ଆଣୁଛେ, ସେହିପରି ଓଡ଼ିଆ ପଞ୍ଜିକାଟିଏ ମଧ୍ୟ ଆମେ ଘରକୁ ଆଣିବା ଜରୁରୀ। କାରଣ ଏପ୍ରିଲ୍ ୧୪ ହିଁ ଆମ ଓଡ଼ିଆ ନୂଆବର୍ଷର ପ୍ରଥମ ତାରିଖ। ଏଇଠୁ ହିଁ ଆମ ଓଡ଼ିଆ ମାସର ଶୁଭାରମ୍ଭ ହୁଏ। ତେଣୁ ଏହି ଦିନକୁ ଆମେ ଓଡ଼ିଆ ନବବର୍ଷ ଭାବେ ଧୁମ୍‌ଧାମ୍‌ରେ ପାଳନ କରିବା ଯଥାର୍ଥ।

**–ଡ. ଦେବାଶିଷ ମହାପାତ୍ର, ଓଡ଼ିଆ ଭାଷାବିତ୍, ଭୁବନେଶ୍ୱର**

### ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାର ଅଂଶବିଶେଷ ବିଷୁବ ସଂକ୍ରାନ୍ତି



ବିଷୁବ ସଂକ୍ରାନ୍ତି ହେଉଛି ଓଡ଼ିଶାର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟ ପରମ୍ପରାର ଅଂଶବିଶେଷ। ଏହି ଦିନକୁ ମହାବୀରଙ୍କ ଜୟନ୍ତୀ ଭାବେ ପାଳନ କରାଯାଏ। ତୁଳସୀ ଗଛମୂଳରେ ପଣାଭୋଗ କରାଯାଇଥାଏ। ବିଷୁବ ସଂକ୍ରାନ୍ତି ମାନବ ଜୀବନ ଓ ପ୍ରକୃତି ସହ ସମ୍ପୃକ୍ତି ଓ ସମନ୍ୱୟର ଶାଶ୍ୱତ ବାର୍ତ୍ତା ଦେଇଥାଏ। ଓଡ଼ିଆ ଘରର ପରମ୍ପରା, ସଂସ୍କୃତି ସହ ସଂକ୍ରାନ୍ତି ଜଡ଼ିତ। ଓଡ଼ିଆ ନବବର୍ଷ ପାଳନ ଭିତରେ ପଣାର ଭୂମିକା ମଧ୍ୟ ରହିଥାଏ। ପଣା ଶରୀରକୁ ପୋଷକ ତତ୍ତ୍ୱ ବିଭିନ୍ନ ଭିଟାମିନ, ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟତା କରିଥାଏ। ଇଂଲିଶ ନବବର୍ଷ ପାଳନ ପାଇଁ ଯେପରି ଯୁବ ପିଢ଼ି ଆଗ୍ରହ ପ୍ରକାଶ କରୁଛନ୍ତି, ତା'ଠାରୁ ବେଶି ଆଗ୍ରହ ଦେଖାଇ ଓଡ଼ିଆ ନବବର୍ଷକୁ ବେଶ୍ ଧୁମ୍‌ଧାମରେ ପାଳନ କରାଯିବା ଉଚିତ। ଓଡ଼ିଆ ନବବର୍ଷ ସମାଜକୁ ଅନେକ ବାର୍ତ୍ତା ପ୍ରଦାନ କରିଥାଏ।

**–ଅଂଶୁମାନ ଜେନା, ଏସ୍‌ସିଏସ୍ କଲେଜ ଛାତ୍ର**

## ସଂସ୍କୃତି, ପରମ୍ପରାର ଅମ୍ଳାନ ପ୍ରତୀକ

ମହାବିଷୁବ ସଂକ୍ରାନ୍ତି ବା ଓଡ଼ିଆ ନବବର୍ଷ ଆମକୁ ଆମର ମୂଳ ସଂସ୍କୃତି ସହ ଯୋଡ଼ିଥାଏ। ଏହା କେବଳ ଏକ ପର୍ବ ନୁହେଁ, ବରଂ ପ୍ରକୃତିର ପୂଜା ଏବଂ ମାନବ ସମାଜ ମଧ୍ୟରେ ଭ୍ରାତୃଭାବ ସୃଷ୍ଟି କରିବାର ଏକ ଶ୍ରେଷ୍ଠ ମାଧ୍ୟମ; ଯାହା ଆମ ସଂସ୍କୃତି ଓ ପରମ୍ପରାର ଏକ ଅମ୍ଳାନ ପ୍ରତୀକ। ଆମର ଏହି ଗୌରବମୟ ପରମ୍ପରା ବଞ୍ଚାଇ ରଖିବା ପ୍ରତ୍ୟେକ ଓଡ଼ିଆଙ୍କ କର୍ତ୍ତବ୍ୟ। ଭାରତୀୟ ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ୯ଗୋଟି ଗ୍ରହ, ୧୨ଗୋଟି ରାଶି ଓ ୨୭ଗୋଟି ନକ୍ଷତ୍ର ରହିଛନ୍ତି। ସେଥି ମଧ୍ୟରୁ ରବି (ସୂର୍ଯ୍ୟ) ହେଉଛନ୍ତି ଗ୍ରହରାଜ। ସେହି ଗ୍ରହରାଜଙ୍କୁ ପୃଥିବୀ ନିଜ କକ୍ଷପଥରେ ରହି ପ୍ରତିବର୍ଷ ପରିକ୍ରମା କରିଥାଏ। ଏହି ସମୟରେ ସୂର୍ଯ୍ୟ ୧୨ଗୋଟି ରାଶିରେ ଏକ ଏକ ମାସ ଅବସ୍ଥାନ କରିଥାନ୍ତି। ସେ ଗୋଟିଏ ରାଶିଚକ୍ରରୁ ଅନ୍ୟ ଗୋଟିଏ ରାଶିଚକ୍ରକୁ ସଂକ୍ରମଣ (ଗମନ) କରିବା ସମୟକୁ ସଂକ୍ରାନ୍ତି କୁହାଯାଏ। ସାଧାରଣତଃ ଶାସ୍ତ୍ର ଅନୁଯାୟୀ ସୂର୍ଯ୍ୟଙ୍କର ୨ପ୍ରକାର ଗତି ରହିଛି। ଗୋଟିଏ ହେଉଛି 'ନିରୟଣ' ଏବଂ ଅନ୍ୟଟି 'ସାୟନ'। ଉଭୟ ଗତି ଜ୍ୟୋତିଷ ଶାସ୍ତ୍ରରେ ଗ୍ରହମାନଙ୍କ ସ୍ଥିତି ଗଣନା କରିବାର ମୁଖ୍ୟ ଦୁଇଟି ପଦ୍ଧତି। ନିରୟଣର ଅର୍ଥ ହେଉଛି ଅୟନ ବିହୀନ। ସେହିପରି ସାୟନ ଏହାର ଅର୍ଥ ହେଉଛି 'ଅୟନ ସହିତ'। ଏହି ପଦ୍ଧତି ଋତୁ ପରିବର୍ତ୍ତନ ଏବଂ ସୂର୍ଯ୍ୟଙ୍କ ଅୟନ ଚଳନ ଉପରେ ଆଧାରିତ।

ଆମର ଓଡ଼ିଆ ସଂସ୍କୃତିରେ ପ୍ରତ୍ୟେକ ସଂକ୍ରାନ୍ତିର ମହତ୍ତ୍ୱ ରହିଛି। ସେଥିମଧ୍ୟରୁ ମେଷ ସଂକ୍ରାନ୍ତିର ବିଶେଷ ମହତ୍ତ୍ୱ ଦେଖିବାକୁ ମିଳେ। ଯାହା ଆମ ପାଇଁ ଅତି ଆନନ୍ଦ ଓ ଉତ୍ସବର ଦିବସ। କାରଣ ଏହା ହେଉଛି ଓଡ଼ିଆ ଜାତିର ନୂତନ ବର୍ଷ। ଏହି ସମୟରେ ପୃଥିବୀ ବିଷୁବରେଖାକୁ ଗତି କରିଥାଏ। ଏଥିଯୋଗୁ ଦିନ ଓ ରାତି ସମାନ ହୋଇଥାଏ। ତେଣୁ ଏହାକୁ 'ବିଷୁବ ସଂକ୍ରାନ୍ତି' କୁହାଯାଏ। ଏ କାଳରେ ଗ୍ରୀଷ୍ମଋତୁର ଆରମ୍ଭ ହୋଇଥାଏ। ଏଥିଯୋଗୁ ଉତ୍ତାପ ବୃଦ୍ଧି ଘଟେ। ତେଣୁ ଶରୀରକୁ ସନ୍ତୁଳିତ ରଖିବା ପାଇଁ ବେଲ, ଛେନା, କଦଳୀ ଓ କ୍ଷୀରରୁ ପ୍ରସ୍ତୁତ ସୁସ୍ୱାଦୁ ପଣା ଭୋଗ କରାଯାଇ ବଣ୍ଟନ କରାଯାଏ। ଏଣୁ ଏହାର ନାମ ପଣା ସଂକ୍ରାନ୍ତି। ଏହିଦିନ ଓଡ଼ିଆଙ୍କ ଘରେ ଚଉରା ଉପରେ ଏକ ଛୋଟ ଝରା ମାଠିଆ ବନ୍ଧାଯାଏ, ଯାହାକୁ 'ବସୁଧା ବସା' କୁହାଯାଏ। ସେହିପରି ଏହିଦିନ ବୀର ହନୁମାନଙ୍କ ଜନ୍ମୋତ୍ସବ ପାଳନ କରାଯିବା ସହ ବିଶେଷଭାବେ ମନ୍ଦିରମାନଙ୍କରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏଂ ହନୁମାନ ଚାଳିଶା ପାଠ କରାଯାଏ। ତତ୍ ସହିତ ମା' ମଙ୍ଗଳା ଓ ମା' ଚର୍ଚ୍ଚିକାଙ୍କ ପୀଠରେ 'ଝାମୁ ଯାତ୍ରା' ହୋଇଥାଏ। ଏ ଶୁଭାବସରରେ ଭକ୍ତମାନେ ନିଆଁ ଉପରେ ଚାଲି ନିଜର ଭକ୍ତି ପ୍ରଦର୍ଶନ କରନ୍ତି ଏବଂ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲାରେ ଦଣ୍ଡ ନାଚର ଉଦ୍‌ଯାପନୀ ମଧ୍ୟ ହୋଇଥାଏ।

**–ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ**
ଖମ୍ବେଶ୍ୱରୀ ପାଟଣା, ଆସିକା, ଗଞ୍ଜାମ
ମୋ: ୯୮୬୧୩୩୪୮୬୮









ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପରେ ସୋମବାର ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ପାଇକ ଆଖଡ଼ା ଓ ଲେଜର ଶୋ'ରେ ଗୌତମ ବୁଦ୍ଧଙ୍କ ପ୍ରତିଛବି। (ଫଟୋ– ବିକାଶ ନାୟକ)

# 'ଭୁବନେଶ୍ୱରର ବିକାଶ ସରକାର, ନାଗରିକଙ୍କ ସାମୂହିକ ଦାୟିତ୍ୱ'

## ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହ



ସମାରୋହରେ ରାଜ୍ୟପାଳଙ୍କ ସହ ଅନ୍ୟ ଅତିଥିମାନେ ଭୁବନେଶ୍ୱରର ଜଣେ ଶତାୟୁ ନାଗରିକଙ୍କୁ 'ରାଜଧାନୀ ଗୌରବ ପୁରସ୍କାର' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୧୩।୪(ବନ୍ଦନା ସେଠୀ)

### ୧୩ଜଣଙ୍କୁ 'ରାଜଧାନୀ ଗୌରବ ପୁରସ୍କାର'

ଭୁବନେଶ୍ୱରର ବିକାଶ ସରକାର ଓ ନାଗରିକଙ୍କ ସାମୂହିକ ଦାୟିତ୍ୱ। ତେଣୁ ଭୁବନେଶ୍ୱରର ବିକାଶକୁ ନୂଆ ଉଚ୍ଚତାରେ ପହଞ୍ଚାଇବା ନିମନ୍ତେ ସମ୍ମିଳିତ ଉଦ୍ୟମ ପାଇଁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ଏଥିସହ ସକ୍ରିୟ ଭାବେ ଭୁବନେଶ୍ୱର ଐତିହ୍ୟର ସଂରକ୍ଷଣ ଓ ଭବିଷ୍ୟତ ଗଠନରେ ଅବଦାନ ରଖିବାକୁ ରାଜ୍ୟପାଳ କହିଛନ୍ତି। ସୋମବାର ଉତ୍କଳ ମଣ୍ଡପରେ ଅନୁଷ୍ଠିତ ୭୮ତମ ରାଜଧାନୀ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ନାଗରିକମାନେ ସ୍ଥାୟୀ ଓ ସ୍ଥିର ଜୀବନଶୈଳୀ ଗ୍ରହଣ କରି ପରିବେଶ ସଚେତନ, ପ୍ରଦୂଷଣମୁକ୍ତ ଓ ପରିଷ୍କାର ପରିଚ୍ଛନ୍ନ ମହାନଗର ଗଠନ ପାଇଁ ପ୍ରତିବଦ୍ଧ ହୁଅନ୍ତୁ। ସାମୂହିକ ପ୍ରୟାସ ଦ୍ୱାରା ରାଜଧାନୀକୁ ସମାବେଶୀ, ଆଧୁନିକ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଉପରେ ରାଜ୍ୟପାଳ ଗୁରୁତ୍ୱାରୋପ କରିଛନ୍ତି। ରାଜଧାନୀବାସୀଙ୍କୁ ରାଜଧାନୀ ପ୍ରତିଷ୍ଠା ଦିବସ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଲେ, ଭୁବନେଶ୍ୱର ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ସହ ଆଧୁନିକ ଭାରତର ଆକାଂକ୍ଷାକୁ ସମ୍ମାନ ଦେଉଛି। ଭୁବନେଶ୍ୱର ପ୍ରାଚୀନ କଳିଙ୍ଗର ଐତିହ୍ୟରେ ଗଭୀର ଭାବେ ପ୍ରତିଫଳିତ ଏବଂ କଳିଙ୍ଗ ଯୁଦ୍ଧ ପରି ପରିବର୍ତ୍ତନକାରୀ ଘଟଣା ସହ ଜଡ଼ିତ। ଭୁବନେଶ୍ୱର ବର୍ତ୍ତମାନ ଶାସନ, ଶିକ୍ଷା, ପ୍ରଯୁକ୍ତି ଓ ସଂସ୍କୃତିର ଏକ ପ୍ରମୁଖ କେନ୍ଦ୍ର ରୂପେ ଉଭା ହୋଇଛି। ଏହା ଭାରତର କ୍ରୀଡ଼ା ରାଜଧାନୀ ଭାବେ ମଧ୍ୟ ପରିଚିତ ହୋଇ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରି ଗୌରବ ଆଣୁଛି। ନାଗରିକ ସେବା ଓ ଆବର୍ଜନା ପରିଚାଳନା କ୍ଷେତ୍ରରେ ଭୁବନେଶ୍ୱର ମହାନଗର ନିଗମର ପ୍ରୟାସକୁ ପ୍ରଶଂସା କରି ରାଜ୍ୟପାଳ ନାଗରିକମାନଙ୍କୁ ସ୍ୱଚ୍ଛତା ଅଭିଯାନରେ ସହଯୋଗ କରି ସ୍ୱଚ୍ଛ ସର୍ବେକ୍ଷଣରେ ଶ୍ରେଷ୍ଠ ସ୍ଥାନ ହାସଲ ପାଇଁ ଆହ୍ୱାନ ଜଣାଇଛନ୍ତି।

ଏହି ଅବସରରେ ରାଜଧାନୀ ଭୁବନେଶ୍ୱର ପାଇଁ ଅବଦାନ ରଖିଥିବା ୧୩ଜଣଙ୍କୁ 'ରାଜଧାନୀ ଗୌରବ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ କର୍ପୋରେଟରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାରୋହରେ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ। ମେୟର ସୁଲୋଚନା ଦାସ ସ୍ୱାଗତ ଭାଷଣ ଦେଇ ରାଜଧାନୀର କଳା, ସଂସ୍କୃତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ କହିଥିଲେ। ବିଏମ୍‌ସି କମିଶନର ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣା ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଆତସବାଜି ଏବଂ ଲେଜର ଶୋ' କରାଯାଇଥିଲା। ଖୋର୍ଦ୍ଧା ପାଇକଙ୍କ ଆକର୍ଷଣୀୟ ପାଇକ ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣ ସାଜିଥିଲା। ସମାରୋହକୁ ରତ୍ନାକର ସାହୁ ଓ କୈଳାସ ଚନ୍ଦ୍ର ଦାସ ସଂଯୋଜନା କରିଥିଲେ।

## ଆକର୍ଷଣ ସାଜିଲା ଆତସବାଜି, ଲେଜର ଶୋ': ଆଖିରେ ପଡିଲା ବାଣ ଝୁଲ

ପ୍ରତିଷ୍ଠା ଦିବସ ସମାରୋହରେ ଲେଜର ଶୋ' ସହ ଆକର୍ଷଣ ସାଜିଥିଲା ଆତସବାଜି କାର୍ଯ୍ୟକ୍ରମ। ତେବେ ଆତସବାଜି କାର୍ଯ୍ୟକ୍ରମବେଳେ ଛୋଟ ଅଘଟଣ ଦେଖିବାକୁ ମିଳିଥିଲା। ମଞ୍ଚତଳେ ବସିଥିବା ୱାର୍ଡ ନଂ. ୨୬ର କର୍ପୋରେଟର ଭାରତୀ ସିଂ ଆକାଶକୁ ଚାହିଁ ବାଣଫୁଟା ଦେଖୁଥିବାବେଳେ ତାଙ୍କ ଆଖିରେ ବାଣ ଝୁଲ ପଡିଯାଇଥିଲା। ଫଳରେ ସେ କିଛି ସମୟ ପାଇଁ ଦେଖିବାରେ କଷ୍ଟ ଅନୁଭବ କରିଥିଲେ।




ଆତସବାଜି କାର୍ଯ୍ୟକ୍ରମବେଳେ କର୍ପୋରେଟର ଭାରତୀ ସିଂଙ୍କ ଆଖିରେ ବାଣ ଝୁଲ ପଡିଯାଇଛି।


![ସେଲ୍ଫି କର୍ନର ଧରିତ୍ରୀ DHARITRI]

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com




@ ଅମରେନ୍ଦ୍ର



@ ମାନସ



@ ଶିବ



@ ଶାନ୍ତିଲତା



@ ମୁକେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ଛେନାପୋଡ଼କୁ ମିଳିବ ଜିଆଇ ଟ୍ୟାଗ୍ ମାନ୍ୟତା



### ମେ' ୨୮, ୨୯ରେ ସ୍ୱତନ୍ତ୍ର ବୈଠକ

ଭୁବନେଶ୍ୱର, ୧୩।୪ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଶାର ପ୍ରସିଦ୍ଧ ନୟାଗଡ଼ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବ। କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଏନେଇ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆସନ୍ତା ମେ' ୨୮ ଓ ୨୯ରେ ଏକ ସ୍ୱତନ୍ତ୍ର ବୈଠକ ବସି ନିଷ୍ପତ୍ତି ନିଆଯିବ। ପରବର୍ତ୍ତୀ ସମୟରେ ବିଧିବଦ୍ଧ ଭାବେ ଘୋଷଣା କରାଯିବା ସହ ଜିଆଇ ଟ୍ୟାଗ୍ ନେଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପୀୟୂଷ ଜଣାଇଛନ୍ତି। ସେହିପରି ଏମ୍‌ପି ସମ୍ବିତ୍ ପାତ୍ର ତାଙ୍କ 'X' ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି ଯେ, ବିଶ୍ୱ ପ୍ରସିଦ୍ଧ ନୟାଗଡ଼ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ବହୁଦିନ ହେବ ଦାବି ରହି ଆସିଛି। ଛେନାପୋଡ଼ ଦିବସ ଅବସରରେ ଏହି ସ୍ୱାଦଷ୍ଟ ଖାଦ୍ୟକୁ ଟ୍ୟାଗ୍ ମାନ୍ୟତା ପ୍ରଦାନ କରିବା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଗୋୟଲଙ୍କୁ ଦାବିପତ୍ର ପ୍ରଦାନ କରିଥିଲି। ସେ ଏହାକୁ ଗମ୍ଭୀରତାର ସହ ନେଇ ଯଥାଶୀଘ୍ର ନୟାଗଡ଼ ଛେନାପୋଡ଼ାକୁ ଜିଆଇ ମାନ୍ୟତା ପ୍ରଦାନ କରାଯିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

# ପ୍ରାଥମିକ ଶିକ୍ଷକଙ୍କ ବଦଳି ପାଇଁ ପ୍ରକାଶ ପାଇଲା ବିଜ୍ଞପ୍ତି

ଭୁବନେଶ୍ୱର, ୧୩।୪(ସୁଚିସ୍ମିତା ସାହୁ)

ପ୍ରାଥମିକ ଶିକ୍ଷକଙ୍କ ବଦଳି ପାଇଁ ସୋମବାର ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ବିଇଓ ଏବଂ ଡିଇଓମାନେ ଶିକ୍ଷକଙ୍କ ପ୍ରୋଫାଇଲ୍ ୟୁଏଏସ୍ ପୋର୍ଟାଲ୍‌ରେ ଅପଡେଟ୍ କରିବେ। ସେହିପରି ଆଶାୟୀ ଶିକ୍ଷୟିତ୍ରୀଶିକ୍ଷକମାନେ ୩୦ ତାରିଖ ମଧ୍ୟରେ ବଦଳି ପାଇଁ ଆବେଦନ କରିବେ। ମେ ୧୦ ସୁଦ୍ଧା ବିଇଓମାନେ ସମସ୍ତ ଆବେଦନକୁ ଯାଞ୍ଚ କରିବା ସହ ଡିଇଓଙ୍କୁ ପ୍ରଦାନ କରିବେ। ଆନ୍ତଃଜିଲା ବଦଳି ପାଇଁ ୨୦ ତାରିଖ ମଧ୍ୟରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଅବଗତ କରିବେ। ମେଡିକାଲ୍ ଗ୍ରାଉଣ୍ଡ୍‌ରେ ଆବେଦନ କରିଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତଥ୍ୟ ମେ ୨୫ ଓ ୨୬ରେ ମେଡିକାଲ୍ ବୋର୍ଡକୁ ପ୍ରଦାନ କରାଯିବ। ମେଡିକାଲ ବୋର୍ଡ ଯାଞ୍ଚ କରି ଜୁନ୍ ୬ ସୁଦ୍ଧା ରିପୋର୍ଟ ଦେବ। ଜୁନ୧୦ ଓ ୧୧ରେ ରିପୋର୍ଟକୁ ପୋର୍ଟାଲ୍‌ରେ ଅପଲୋଡ୍ କରାଯିବ। ଏହାପରେ ବଦଳି ପାଇଁ ଶିକ୍ଷକମାନେ ୧୭ରୁ ୧୯ ତାରିଖ ମଧ୍ୟରେ ଚଏସ୍ ଲକ୍ କରିବେ। ଜୁନ୍ ୨୯ରୁ ଜୁଲାଇ ୪ ମଧ୍ୟରେ ଜିଲା ଓ ରାଜ୍ୟସ୍ତରୀୟ ବଦଳି କମିଟି ବସି ଚୂଡ଼ାନ୍ତ ନିଷ୍ପତ୍ତି ନେବା ପରେ ୮ ତାରିଖରେ ବଦଳି ତାଲିକା ଓସେପା ୱେବସାଇଟ୍‌ରେ ପ୍ରକାଶ ପାଇବ। ୧୦ ତାରିଖ ମଧ୍ୟରେ ବଦଳି ଅର୍ଡର ପ୍ରକାଶ ପାଇବ ଓ ୧୮ ତାରିଖ ପୂର୍ବରୁ ସମସ୍ତେ ନୂତନ ସ୍ଥାନରେ ଯୋଗଦେବେ ବୋଲି ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ମହାନଦୀ ଜଳ ବିବାଦର ସମାଧାନ ପାଇଁ ଗଠନ ହେଲା ବିଶେଷଜ୍ଞ କମିଟି

ଭୁବନେଶ୍ୱର, ୧୩।୪ (ବନ୍ଦନା ସେଠୀ)

### ଓଡ଼ିଶା, ଛତିଶଗଡ଼, କେନ୍ଦ୍ର ସରକାରଙ୍କୁ ଦିଆଯିବ ଶ୍ୱେତପତ୍ର

ମହାନଦୀ ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ବୁଦ୍ଧ ମନ୍ଦିରରେ 'ମହାନଦୀ ଟ୍ରିବ୍ୟୁନାଲ ଓ ମହାନଦୀର ଭାଗ୍ୟ' ପ୍ରସଙ୍ଗକୁ ନେଇ ଏକ ଆଲୋଚନା ସୋମବାର ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ଆବାହକ ସୁଦର୍ଶନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳ ବିବାଦର ସମାଧାନ ଏବଂ ଓଡ଼ିଶାକୁ ନ୍ୟାୟ ଦେବା କ୍ଷେତ୍ରରେ ଟ୍ରିବ୍ୟୁନାଲର ବିଫଳତା ତଥା ସରକାରଙ୍କ ନିଷ୍କ୍ରିୟତାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅବସରରେ ମହାନଦୀର ସୁରକ୍ଷା ଏବଂ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ତମାମ ଆନ୍ଦୋଳନକୁ ଜୋର୍‌ଦାର କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ଟ୍ରିବ୍ୟୁନାଲର ବିଗତ ୮ ବର୍ଷର କାର୍ଯ୍ୟକ୍ରମ ଓ ଜଳ ବିବାଦ ସଂକ୍ରାନ୍ତୀୟ ଘଟଣାକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ କରିବା ପାଇଁ ସ୍ଥିର କରାଯାଇଛି। ଏଥିନିମନ୍ତେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ତଥା ଅତିରିକ୍ତ ସଚିବ ଇଂ. ଆଶୁତୋଷ ଦାସଙ୍କ ଆବାହକତ୍ୱରେ ଏକ ୭ଜଣିଆ ବୈଷୟିକ କମିଟି ଗଠନ କରାଯାଇଛି। କମିଟିରେ ଜଳ ସମ୍ପଦ ବିଭାଗର ପୂର୍ବତନ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ ଇଂ. ହରିଶ୍ ଚନ୍ଦ୍ର ବେହେରା ଓ ଇଂ. ରମେଶ ଚନ୍ଦ୍ର ତ୍ରିପାଠୀ, ଇଂ. ପ୍ରଦୀପ ପ୍ରଧାନ, ଉତ୍କଳ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗର ପୂର୍ବତନ ପ୍ରଫେସର ଡ. ସୂର୍ଯ୍ୟ ନାୟକ, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆର ବୈଜ୍ଞାନିକ ଡ. ଶୁଭ୍ରାଂଶୁ ରାୟ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳର ପୂର୍ବତନ ପ୍ରଫେସର ଡ. ବିଜୟ ସାହୁ, ଟାଇମ୍ସ ଅଫ୍ ଇଣ୍ଡିଆର ପୂର୍ବତନ ଏଡିଟର ନଳିନୀ ମହାନ୍ତି ଓ ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର ସଭ୍ୟ ରହିଛନ୍ତି। ଏହି କମିଟି ମହାନଦୀ ଟ୍ରିବ୍ୟୁନାଲର ଗତ ୮ ବର୍ଷର କାର୍ଯ୍ୟାଧାରା ତଥା ଜଳ ବିବାଦର ସମାଧାନ କ୍ଷେତ୍ରରେ ସରକାରଙ୍କ କାର୍ଯ୍ୟାଧାରାକୁ ବିଜ୍ଞାନସମ୍ମତ ଓ ଗବେଷଣାଭିତ୍ତିକ ଢଙ୍ଗରେ ଅଧ୍ୟୟନ କରି ଏକ ଶ୍ୱେତପତ୍ର ବା ଷ୍ଟାଟସ୍ ରିପୋର୍ଟ ପ୍ରସ୍ତୁତ କରିବ। ରିପୋର୍ଟରେ ଜଳ ବିବାଦର ସମାଧାନ କ୍ଷେତ୍ରରେ କ'ଣ ପଦକ୍ଷେପ ନିଆଯିବ ତାହା ଉଲ୍ଲେଖ କରାଯିବ। ଆସନ୍ତା ମାସେ ଭିତରେ ରିପୋର୍ଟ ପ୍ରସ୍ତୁତ କରାଯାଇ ଓଡ଼ିଶା ଏବଂ ଛତିଶଗଡ଼ ଏବଂ କେନ୍ଦ୍ର ସରକାରଙ୍କୁ ଦିଆଯିବ।

ଅନୁରୂପ ଭାବେ ଓଡ଼ିଶାର ଅଭିଜ୍ଞ ଓ ପ୍ରତିଷ୍ଠିତ ଓକିଲମାନଙ୍କୁ ନେଇ ଏକ ଲିଗାଲ କମିଟି ଗଠନ କରିବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଛି। ମହାନଦୀ ଅବବାହିକାରେ ଥିବା ତଥା ମହାନଦୀ ଉପରେ ନିର୍ଭରଶୀଳ ଜିଲାଗୁଡିକରେ ମହାନଦୀ ବଞ୍ଚାଅ ଆନ୍ଦୋଳନର ସାଙ୍ଗଠନିକ ଭିତ୍ତିଭୂମି ସୃଷ୍ଟି କରି ପ୍ରତି ଜିଲାରେ କମିଟି ଗଠନ କରିବା ସହ ରାଜ୍ୟସ୍ତରରେ ଆନ୍ଦୋଳନକୁ ପରିଚାଳନା ପାଇଁ ଦକ୍ଷ କମିଟି ମଧ୍ୟ ଗଢ଼ାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, କିଷାନ କଂଗ୍ରେସର ରାଜ୍ୟ ସଭାପତି ଅଭୟ କୁମାର ସାହୁ, ଫରୱାର୍ଡ଼ ବ୍ଲକ ସାଧାରଣ ସମ୍ପାଦକ ଜ୍ୟୋତିପ୍ରକାଶ ମହାପାତ୍ର, ଗାନ୍ଧିବାଦୀ ଚିନ୍ତକ ପ୍ରହ୍ଲାଦ ସିଂହ, ସିପିଆଇଏମ୍‌ଏଲ୍ ଲିବରେଶନ ନେତା ଅଶୋକ ପ୍ରଧାନ, ଆନ୍ଦୋଳନର ସହ ଆବାହକ ବାସୁଦେବ ଭଟ୍ଟ ଓ ପ୍ରସନ୍ନ ବିଶୋଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ମାଇଁ ଇଣ୍ଡିଆ ବଜେଟ କ୍ୱେଷ୍ଟ

### ଓଡ଼ିଶାରୁ ୪୪୦ ଜଣ ପୁରସ୍କୃତ

ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)



କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭୁବନେଶ୍ୱରସ୍ଥିତ ସୋଆ ବିଶ୍ୱବିଦ୍ୟାଳୟରେ ମାଇଁ ଇଣ୍ଡିଆ ବଜେଟ କ୍ୱେଷ୍ଟ–୨୦୨୬ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବଜେଟ ସମ୍ପର୍କିତ ବିଭିନ୍ନ କୁଇଜ୍ ଓ ପ୍ରବନ୍ଧ ପ୍ରତିଯୋଗିତା ହୋଇଥିଲା। ଏଥିରେ ଦେଶର ୧୨ ଲକ୍ଷରୁ ଅଧିକ ଯୁବତୀ ଯୁବକ ଅଂଶଗ୍ରହଣ କରିଥିଲେ। ଏହି ୧୨ ଲକ୍ଷରୁ ୧୨ ହଜାର ଯୁବତୀ ଯୁବକ ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିଲେ। ଓଡ଼ିଶାରୁ ୪୪୦ ଜଣ ପୁରସ୍କୃତ ହୋଇଛନ୍ତି। ଏହା ସହିତ ଆଣ୍ଡାମାନରୁ ୨୫ ଜଣ ପୁରସ୍କୃତ ଛାତ୍ରୀଛାତ୍ର ମଧ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ବାର୍ତ୍ତାରେ ଦେଶର ଅର୍ଥନୈତିକ ଅଭିବୃଦ୍ଧି, ଯୁବଶକ୍ତିକୁ ସଶକ୍ତ କରିବା ଓ ବିକଶିତ ଭାରତ ଗଢ଼ିବାରେ ହୋଇଥିବା ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଚମ୍ପୁଆରୁ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କହିଥିଲେ, ଦେଶରେ ଛାତ୍ରୀଛାତ୍ରମାନଙ୍କୁ ସାଧାରଣତଃ ଅର୍ଥନୀତି, ବ୍ୟାଙ୍କିଙ୍ଗ୍ ଓ ଫାଇନାନ୍ସ ସମ୍ପର୍କିତ ପ୍ରାଥମିକ ଜ୍ଞାନ ଦିଆଯାଉ ନ ଥିବାରୁ ଭବିଷ୍ୟତରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ଯୁବବର୍ଗଙ୍କ ଉନ୍ନତି ପାଇଁ ଓଡ଼ିଶା ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା କରିଥିବା କଥା ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରି କହିଥିଲେ ଯେ, ଚଳିତ ବର୍ଷ କ୍ରୀଡ଼ା ବଜେଟ ୧,୩୫୯ କୋଟି ଟଙ୍କା କରାଯାଇଥିବା ବେଳେ ସ୍କିଲ୍ ଡେଭଲପମେଣ୍ଟ ପାଇଁ ୧,୮୨୩ କୋଟି ଟଙ୍କା ଓ ମହିଳା ସଶକ୍ତୀକରଣ ପାଇଁ ୧,୮୯୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସମ୍ବଲପୁର ଓ ବ୍ରହ୍ମପୁରରେ ବିଶ୍ୱସ୍ତରୀୟ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯିବାକୁ ଯୋଜନା ରହିଛି ଏବଂ ଆଇଟି, ଏଗ୍ରି–ଟେକ୍, ଏ.ଆଇ., ଲଜିଷ୍ଟିକ୍ ଓ ଆଡଭାନ୍ସଡ୍ ମାନୁଫାକ୍ଚରିଂ ପରି କ୍ଷେତ୍ରରେ ଯୁବମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ସେ ଆହୁରି କହିଥିଲେ ଯେ, ଓଡ଼ିଶା ବର୍ତ୍ତମାନ କ୍ରୀଡା କ୍ଷେତ୍ରରେ ଏକ ଗ୍ଲୋବାଲ୍ ସ୍ପୋର୍ଟ୍ସ ହବ୍ ଭାବେ ଉଭା ହେଉଛି। ୨୦୨୮ରେ ବିଶ୍ୱ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଏହା ସହିତ ଏସିଆନ୍ ଇଣ୍ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ମଧ୍ୟ ଓଡ଼ିଶା ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ନାରୀ ସଶକ୍ତୀକରଣକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ ନାରୀଶକ୍ତି ବନ୍ଦନ ଅଧିନିୟମକୁ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡଭ୍ୟ ଭର୍ଚୁଆଲ୍ ମାଧ୍ୟମରେ 'ବଜେଟ କ୍ୱେଷ୍ଟ'ର ଆବଶ୍ୟକତା ବିଷୟରେ ଆଲୋକପାତ କରି 'ମାଇଁ ଭାରତ' ପ୍ଲାଟଫର୍ମ କିଭଳି ଯୁବପିଢ଼ିଙ୍କ ଭବିଷ୍ୟତ ଗଢ଼ିବାରେ ସହାୟକ ହେଉଛି, ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପି.କେ. ନନ୍ଦ ଏବଂ ଭୁବନେଶ୍ୱର ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶିକା ସୁଶ୍ରୀ ସରିତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।





୭୮ତମ ରାଜଧାନୀ ପ୍ରତିଷ୍ଠା ଉତ୍ସବ ପାଳନ ଅବସରରେ ସୋମବାର ଭୁବନେଶ୍ୱରସ୍ଥିତ ବିଧାନସୌଧ ସମ୍ମୁଖ ରାଜଧାନୀ ଶିଳାନ୍ୟାସ ଫଳକ ନିକଟରେ ଆୟୋଜିତ ବେସାମରିକ ପରେଡ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ବାଦ୍ୟ ଓ ସ୍କେଟିଂ ପ୍ରଦର୍ଶନ କରୁଛନ୍ତି। (ଫଟୋ- ବିକାଶ ନାୟକ)

# ରାଜଧାନୀ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧୩।୪ (ବନ୍ଦନା ସେଠୀ)

■ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ
■ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କଲେ ବାଚସ୍ପତି
■ଫଟୋଚିତ୍ର ପ୍ରଦର୍ଶନୀରେ ଓଡ଼ିଶାର ଗାଥା

୭୮ତମ ରାଜଧାନୀ ପ୍ରତିଷ୍ଠା ଉତ୍ସବ ଓ ଜନ୍ମଦିନ ସୋମବାର ବିଧାନସୌଧ ସମ୍ମୁଖ ତଥା ପିଏମ୍‌ଜି ଛକସ୍ଥିତ ଶିଳାନ୍ୟାସ ଫଳକ ନିକଟରେ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ ଯୋଗଦେଇ କହିଲେ, ରାଜଧାନୀ ହେଉଛି ରାଜ୍ୟର ମୁଖଶାଳା। ମହିମାମଣ୍ଡିତ ଆମ ରାଜଧାନୀର କଳା ଓ ଐତିହ୍ୟ ବେଶ୍ ଗୌରବମଣ୍ଡିତ। ଏହି ଗୌରବମୟ ରାଜଧାନୀର ଶ୍ରୀବୃଦ୍ଧି କରିବା ପାଇଁ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ବାଚସ୍ପତି ରାଜଧାନୀବାସୀଙ୍କୁ ଆହ୍ୱାନ ଦେଇଥିଲେ।

ସକାଳେ ପ୍ରଥମେ ଲିଙ୍ଗରାଜ ମନ୍ଦିରଠାରୁ ଏକ ମଶାଲ ଶୋଭାଯାତ୍ରା ବାହାରି ବଡେଇବାଙ୍କ ଛକ, ମାଉସୀ ମା', ଶିଶୁଭବନ ଛକ, ରାଜମହଲ, ମାଷ୍ଟରକ୍ୟାଣ୍ଟିନ ଦେଇ ପିଏମ୍‌ଜିଠାରେ ପହଞ୍ଚିଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଓ ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ କମିଟିର ମିଳିତ ଆନୁକୂଲ୍ୟରେ



ବିଧାନସଭା ସମ୍ମୁଖ ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ ଅବସରରେ ବାଚସ୍ପତି ସୁରମା ପାଢ଼ି, ମେୟର ସୁଲୋଚନା ଦାସ, ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ ଅନ୍ୟ ଅତିଥି।

ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିମାନେ ରାଜଧାନୀ ଶିଳାନ୍ୟାସ ଫଳକରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବାଚସ୍ପତି ପତାକା ଉତ୍ତୋଳନ କରିବା ସହ ବେସାମରିକ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପରେଡରେ ମୋଟ ୫୧ଟି ଦଳ ଭାଗ ନେଇଥିଲା। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ, ବିଏମ୍‌ସି ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଡେପୁଟି ମେୟର ମଞ୍ଜୁଲତା କହଁର, ପୋଲିସ କମିଶନର ଏସ. ଦେବଦତ୍ତ ସିଂ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ କମିଶନର କୈଳାସ ଦାସ ଓ ରତ୍ନାକର ସାହୁ, ଭୁବନେଶ୍ୱରର ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଉପଜିଲାପାଳ ଡ. ମନୋରଞ୍ଜନ ସାହୁ, କର୍ପୋରେଟର ବିରଞ୍ଚି ନାରାୟଣ ମହାସୁପକାର, ଆସିୟା ବେଗମ, ଭୁବନେଶ୍ୱର ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, କମିଟି ସଭାପତି ପ୍ରଦୋଷ ପଟ୍ଟନାୟକ, ଉପସଭାପତି ପ୍ରଦ୍ୟୁମ୍ନ କୁମାର ମହାନ୍ତି, ସାଧାରଣ ସମ୍ପାଦକ ସନତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସେହିପରି ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ସୂଚନା ଭବନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ବାଚସ୍ପତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଏଥିରେ ପ୍ରଦର୍ଶିତ ଫଟୋଚିତ୍ରଗୁଡିକ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧ୍ୟାତ୍ମିକ ପରିଦୃଶ୍ୟ, ସ୍ମାର୍ଟସିଟି ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶର କଥା କହୁଛି।

# ଓଡ଼ିଆ ନବବର୍ଷ ପାଇଁ ଉତ୍ସବମୁଖର ରାଜଧାନୀ

## ପୂଜାପାଠ ସହ ଜମିବ ପଣା ଆସର

*ଭୁବନେଶ୍ୱର, ୧୩।୪ (ସୌମ୍ୟରଞ୍ଜନ ରାଉତ) – ମଙ୍ଗଳବାର ଓଡ଼ିଆ ନବବର୍ଷ। ଏଥିସହ ହନୁମାନ ଜୟନ୍ତୀ ଓ ମହାବିଷୁଭ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି। ଏଥିଲାଗି ଉତ୍ସବମୁଖର ହୋଇପଡ଼ିଛି ରାଜଧାନୀ ଭୁବନେଶ୍ୱର। ଛୋଟବଡ଼ ସମସ୍ତ ହନୁମାନ ମନ୍ଦିର ଓ ଶକ୍ତିପୀଠରେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିବାବେଳେ ଘରେ ଘରେ ପିଠାପଣା ସହ ପୂଜାନୀତି ପାଇଁ ପ୍ରସ୍ତୁତି ସରିଛି। ଚଉଁରାରେ ପାଣି ଠେକି ବନ୍ଧାଠାରୁ ଆରମ୍ଭ କରି ଆରମ୍ଭ କରି ପୂଜାପାଠ ସହ ଜମିବ ପଣା ଆସର।*

### ବଢିଗଲା ବେଲ ମୂଲ୍ୟ

ପଣା ସଂକ୍ରାନ୍ତି ପାଇଁ ବଜାରରେ ବେଲ, କଦଳୀ ଆଦି ବିଭିନ୍ନ ସାମଗ୍ରୀର ପସରା ମେଲିଛି। ପଣା ପାଇଁ ରବିବାର ବିଭିନ୍ନ ଫଳ ଦୋକାନରେ ଭିଡ଼ ଦେଖିବାକୁ ମିଳିଥିଲା। ଚାହିଦା ଅଧିକ ଥିବାରୁ ଦର ବଢ଼ିଯାଇଥିଲା। ଗୋଟା ୨୦ ରେ ବିକ୍ରି ହେଉଥିବା ବେଲ ଏବେ ୫୦ ଟଙ୍କା ରହିଛି। ଏନେଇ ବ୍ୟବସାୟୀ କୁହନ୍ତି, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, ଆଠଗଡ଼ରୁ ବେଲ ଆସୁଛି। ସେହିପରି ଫଳର ମୂଲ୍ୟ ମଧ୍ୟ ଉଚ୍ଚା ରହିଛି। ନଡ଼ିଆ ଗୋଟାକୁ ୫୦ ଟଙ୍କା, କଦଳୀ ଡଜନ ୭୦ ଟଙ୍କାରୁ ଅଧିକ, ସେଓ ୨୫୦ ଓ ଅଙ୍ଗୁର ୧୫୦ ଟଙ୍କା ରହିଛି।

### ଆଜିଠୁ ଚାଲିବ ନୂଆ ପାଞ୍ଜି

ମହାବିଷୁବ ସଂକ୍ରାନ୍ତିଙ୍କୁ ଓଡ଼ିଆ ନବବର୍ଷର ଆରମ୍ଭ। ସେଥିପାଇଁ ମଙ୍ଗଳବାରଠାରୁ ଚାଲିବ ନୂଆ ପାଞ୍ଜି। ଲୋକେ ବଜାରରୁ ପାଞ୍ଜି କିଣିବା ସହ ପୂଜାର୍ଚ୍ଚନା କରି ଶୁଭାରମ୍ଭ କରିବେ।

### ସକାଳୁ ରାତି ହୋମ ଯଜ୍ଞ

ସିଆର୍‌ପିସ୍ଥିତ ଜଙ୍ଗଲୀ ମହାବୀର ମନ୍ଦିରରେ ପ୍ରାତଃରୁ ସନ୍ଧ୍ୟା ପର୍ଯ୍ୟନ୍ତ ହୋମଯଜ୍ଞ ଚାଲିବ। ୨ହଜାର ଲୋକଙ୍କ ପାଇଁ ସକାଳ ୧୦ଟାରୁ ପଣା ବଣ୍ଟନ କରାଯିବ। ସେହିପରି ଅପରାହ୍ନ ୧ଟା ୩୦ରୁ ୩ଟା ୩୦ ପର୍ଯ୍ୟନ୍ତ ପ୍ରସାଦ ସେବନର ବ୍ୟବସ୍ଥା ରହିଛ ବୋଲି ମନ୍ଦିର ପୁରୋହିତ ଗଗନ କୁମାର ରଥ। ସେହିପରି ୟୁନିଟ-୧ରେ ଥିବା ୧୦୮ ହନୁମାନ ମନ୍ଦିରର ପୁରୋହିତ ହେମନ୍ତ କୁମାର ପଣ୍ଡା କହିଛନ୍ତି, ସକାଳୁ ମଙ୍ଗଳ ଆଳତି ପରେ ବାଳଭୋଗ, ପ୍ରଭୁଙ୍କ ସ୍ନାନ ପରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଏବଂ ହୋମ ଯଜ୍ଞ ହେବ। ଦିନ ତମାମ ହନୁମାନଙ୍କ ପାଖରେ ପୂଜା କରାଯିବ। ୟୁନିଟ୍-୨ ଡାକ ମହାବୀର ମନ୍ଦିରରେ ପୂଜାପାଠ ସହ ଭକ୍ତଙ୍କ ଲାଗି ପଣା ବ୍ୟବସ୍ଥା କରାଯାଇଥିବା ମନ୍ଦିର କମିଟି ପକ୍ଷରୁ କୁହାଯାଇଛି। ସେହିପରି ରାଜଧାନୀର ବିଭିନ୍ନ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି

### ପଣା ଷ୍ଟଲ୍‌ରେ ଜମୁଛି ଭିଡ଼

ଜୟଦେବ ବିହାରସ୍ଥିତ ଭଗବତୀ ମନ୍ଦିର ନିକଟରେ ଥିବା ନାରାୟଣ ମିଶ୍ରଙ୍କ ପଣା



ଷ୍ଟଲ୍‌ରେ ଜମୁଛି ବେଲ ପଣାର ଆସର। ମଙ୍ଗଳବାର ଓଡ଼ିଆ ନବବର୍ଷ ବା ପଣା ସଂକ୍ରାନ୍ତି ଥିଲେ ମଧ୍ୟ ପୂର୍ବଦିନରୁ ଲୋକଙ୍କ ଭିଡ଼ ଆରମ୍ଭ ହୋଇଥିଲା। ଏନେଇ ନାରାୟଣ କହୁହନ୍ତି ବେଲ ପଣା ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ସେଥିଲାଗି ଏହାକୁ ସେବନ ପାଇଁ ଲୋକଙ୍କ ଭିଡ଼ ଜମାଉଛନ୍ତି। ବେଲ, ଛେନା, କଦଳୀ, ଗୋଲମରିଚରେ ଏହାକୁ ପ୍ରସ୍ତୁତ ହୋଇଥିବା ବେଳେ ଏହାର ମୂଲ୍ୟ ୨୦ ଟଙ୍କା ରହିଛି।

# ରାଜାରାଣୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୩।୪ (ସୁଚିସ୍ମିତା ସାହୁ)

ଭୁବନେଶ୍ୱର ଟଙ୍କପାଣି ରୋଡ୍‌ରେ ଥିବା ରାଜାରାଣୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଇଂ. ନିମାଇଁ ଚରଣ ରାଉତ ସଭାପତିତ୍ୱ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଅନନ୍ତ ପ୍ରସାଦ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପାରାଦୀପ କଲେଜର ପୂର୍ବତନ ଅଧ୍ୟକ୍ଷ ତଥା ଶିକ୍ଷାବିତ୍ ଡ. ସୁରେନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମା ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ଏହା ଇଂଲିଶ ମାଧ୍ୟମ ବିଦ୍ୟାଳୟ ହୋଇଥିଲେ ଏଠାରେ 'ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ' କରାଯିବା ଓ ମାତୃଭାଷାକୁ ଗୁରୁତ୍ୱ ଦିଆଯାଉଥିବାରୁ ଅତ୍ୟନ୍ତ ଆନନ୍ଦିତ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧାର ଶକ୍ତି ଶଙ୍କର ମିଶ୍ର, ବିଦ୍ୟାଳୟର ନିର୍ଦ୍ଦେଶିକା ଶୁଭଦା ପଟ୍ଟନାୟକ, ନବକିଶୋର ପରିଡା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗୋଲାପରାଣୀ ବରାଳ ଧନ୍ୟବାଦ ପ୍ରଦାନ କରିଥିଲେ।




ରାଜାରାଣୀ ଇଂଲିଶ ମାଧ୍ୟମ ବିଦ୍ୟାଳୟର ବାର୍ଷିକୋତ୍ସବରେ ଶିକ୍ଷାବିତ୍ ଡ. ସୁରେନ୍ଦ୍ର ମିଶ୍ର, ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲୀପ ଦାଶଶର୍ମାଙ୍କ ସହ ଅନ୍ୟ ଅତିଥିମାନେ।

# ନବୋଦୟ ସାହିତ୍ୟ ସଂସ୍କୃତି ସମିତିର ଆଲୋଚନାଚକ୍ର



ନବୋଦୟ ସାହିତ୍ୟ ସଂସ୍କୃତି ସମିତି ଉତ୍କଳ ପ୍ରାନ୍ତର ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୧୩।୪ (ସୁଚିସ୍ମିତା ସାହୁ)

ନବୋଦୟ ସାହିତ୍ୟ ସଂସ୍କୃତି ସମିତି ଉତ୍କଳ ପ୍ରାନ୍ତର ଆଲୋଚନାଚକ୍ର ରବିବାର ସୁନ୍ଦରପଦାସ୍ଥିତ ଗୌରିଧାମଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ହାୱାଡା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ପ୍ରଫେସର ଦାମୋଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଆ ଏବଂ ହିନ୍ଦୀ ସାହିତ୍ୟ ବିଷୟରେ ଆଲୋଚନା ହୋଇଥିଲା। ନବୋଦୟ ସାହିତ୍ୟ ସଂସ୍କୃତି ସମିତିର ମୁଖପତ୍ର ଭାବେ ନବ ଉତ୍କଳ ଭାରତୀ ପତ୍ରିକା ପ୍ରକାଶନ ବିଷୟରେ ସଭ୍ୟମାନେ ମତ ରଖିଥିଲେ। ଆଗାମୀ ଦିନରେ ଜାତୀୟ ଆଲୋଚନାଚକ୍ର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପତ୍ରିକାର ଉନ୍ମୋଚନ ଉତ୍ସବ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଜାତୀୟ ସ୍ୱାର୍ଥରେ ଓଡ଼ିଆ ସାହିତ୍ୟକୁ ବିଶ୍ୱସ୍ତରରେ ପ୍ରତିଷ୍ଠିତ କରିବା ଏବଂ ହିନ୍ଦୀ ମାଧ୍ୟମରେ ଏହାର ବ୍ୟାପକ ସ୍ୱୀକୃତି ସୁନିଶ୍ଚିତ କରିବାକୁ ନବ ଉତ୍କଳ ଭାରତୀ ପତ୍ରିକାର ଲକ୍ଷ୍ୟ ରହିଛି ବୋଲି ଆଲୋଚନାଚକ୍ରରେ ମତ ପ୍ରକାଶ ପାଇଛି। ଡ.ଅବଦୁଲ ଓସମାନ ଖାନ, ଡ. ଚିତ୍ତରଞ୍ଜନ ନାହାକ, ଜଗବନ୍ଧୁ ଚୌଧୁରୀ, ମହେଶ୍ୱର ସାହୁ, ଡ. ବିଜୟଲକ୍ଷ୍ମୀ ମହାନ୍ତି, ରାଜକିଶୋର ସେନାପତି, ପ୍ରକାଶଚନ୍ଦ୍ର ଖାଟୁଆ, ଲାଲାବାବୁ ଖାନ, ସରୋଜ କୁମାର ମଲ୍ଲିକ, ମୀର ଅବଦୁଲ ମହମ୍ମଦ, ଶୁଭଶ୍ରୀ ଦାସ ଆଲୋଚନାରେ ଭାଗ ନେଇଥିଲେ। ସୁଧାଂଶୁବାଳା ଧନ୍ୟବାଦ ଅର୍ପଣ କରିଥିଲେ ।

# 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ଗଣତନ୍ତ୍ର ପାଇଁ ଐତିହାସିକ ପଦକ୍ଷେପ

ଭୁବନେଶ୍ୱର, ୧୩।୪ (ସୁଚିସ୍ମିତା ସାହୁ)

ନାରୀଶକ୍ତି ବନ୍ଦନ ଅଧିନିୟମ ୨୦୨୩ର ସଂଶୋଧନ ନିମନ୍ତେ ସଂସଦର ବିଶେଷ ଅଧିବେଶନ ଉପଲକ୍ଷେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗ ତରଫରୁ ସୋମବାର ଏକ ଦିନିକିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ କୁଳପତି ପ୍ରଫେସର ଜ୍ୟୋତ୍ସ୍ନା କୁମାରୀ ବିଶ୍ୱାଳ ରାଉତ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଏକ ସମାବେଶୀ ସମାଜ ଗଠନରେ ମହିଳାଙ୍କ ରାଜନୈତିକ ସଶକ୍ତୀକରଣର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ନାରୀ ଶକ୍ତି ବନ୍ଦନ ଅଧିନିୟମ ଆମ ଗଣତନ୍ତ୍ରରେ ଏକ ଐତିହାସିକ ପଦକ୍ଷେପ। ଏକ ମହିଳା ବିଶ୍ୱବିଦ୍ୟାଳୟ ଭାବେ ଏ ସମ୍ପର୍କରେ ଛାତ୍ରୀମାନଙ୍କୁ ସଚେତନ କରିବା ନୈତିକ ଦାୟିତ୍ୱ ବୋଲି କୁଳପତି କହିଛନ୍ତି। ଏହି ଅବସରରେ ଉତ୍କଳ ବିଶ୍ୱବିଦ୍ୟାଳୟର ସାଧାରଣ ପ୍ରଶାସନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସ୍ୱର୍ଣ୍ଣମୟୀ ତ୍ରିପାଠୀ ଓ ଫକୀମୋହନ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଶ୍ୟାମସୁନ୍ଦର ଆଚାର୍ଯ୍ୟ ପ୍ରମୁଖ ନାରୀ ସଶକ୍ତୀକରଣ, ସଂସଦର ବିଶେଷ ଅଧ୍ୟୟନର ଆବଶ୍ୟକତା ତଥା ଆଗକୁ ଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ସ୍ୱାଗତ ଭାଷଣ ଓ କୁଳସଚିବ ମନସିନୀ ସାହୁ ବକ୍ତବ୍ୟ ରଖିଥିଲେ। ଆଲୋଚନା ଚକ୍ରର ସଂଯୋଜକ ଡ. ମାନସ ବେହେରା ଭିତ୍ତିପ୍ରବନ୍ଧ ଉପସ୍ଥାପନଓ ,ବିଭାଗ ତରଫରୁ ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ତତଲା ବାଲିରେ ଗଡ଼ିଲେ ମାନସିକଧାରୀ

ବାରଙ୍ଗ, ୧୩।୪ (ଲିଙ୍ଗରାଜ ରାଉତ)

ମେଣ୍ଢାଶାଳରେ ମହାବିଷୁବ ପଣା ସଂକ୍ରାନ୍ତି ପୂର୍ବରୁ ମହାସମାରୋହରେ ଦଣ୍ଡଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ପ୍ରତ୍ୟୁଷରୁ ଦଣ୍ଡୁଆମାନେ ଗ୍ରାମଦେବତୀ ମନ୍ଦିରରୁ ଅଜ୍ଞାମାଳ ପାଇବା ପରେ ୫୭ ପାଟୁଆଙ୍କୁ ସଙ୍କୀର୍ତ୍ତନ କରି ଶ୍ରୀଶ୍ରୀ ଭାଗବତ ବାସୁଦେବଙ୍କ ମନ୍ଦିର ନିକଟକୁ ପାଛୋଟି ନିଆଯାଇଥିଲା। ଏହାପରେ ଦଣ୍ଡଯାତ୍ରା ଆରମ୍ଭ ହୋଇଥିଲା। ପାଟୁଆ, ମାନସିକଧାରୀ ଦଣ୍ଡୁଆମାନେ ବାସୁଦେବ ମନ୍ଦିର ସମ୍ମୁଖରୁ ବାଲୁଙ୍କେଶ୍ୱର ମନ୍ଦିର ପର୍ଯ୍ୟନ୍ତ ବିଛା ଯାଇଥିବା ୧କିମି ପର୍ଯ୍ୟନ୍ତ ଉତ୍ତପ୍ତ ବାଲିରେ ଦ୍ୱିପ୍ରହର ସମୟରେ ଦଣ୍ଡ ଗଡ଼ିଗଡି ଯାଇଥିଲେ। ପରେ ପଦ୍ମ ପୋଖରୀରେ ସ୍ନାନ ସାରି ଗାଁରେ ବୁଲି ପଣା ଖାଇଥିଲେ। ପଣାଖିଆ କାର୍ଯ୍ୟ ସରିବା ପରେ ସମସ୍ତ ଦଣ୍ଡୁଆ ଏକତ୍ରିତ ହୋଇ କାମନା ମନ୍ଦିରଠାରେ ଅଘରତପ ପାଇଁ ଗୁହାରିଆ ପଡ଼ିଥିବା ୪ଜଣ ଗୁହାରିଆଙ୍କୁ ନେଇ ପଦ୍ମ



ପୋଖରୀରେ ସ୍ନାନ କରାଇଥିଲେ। ଗାଁର ୨ ଭୋଇସାହିର ଅନ୍ୟ ଏକ ଦଣ୍ଡ ପାଟୁଆ ଦଳ ସିଦ୍ଧେଶ୍ୱର ମନ୍ଦିରଠାରେ ପାଣିତୋଳା କାର୍ଯ୍ୟକରି ବ୍ରତରେ ରହିଥିଲେ ଓ ଚଣ୍ଡୀ ମନ୍ଦିରଠାରେ ଦଣ୍ଡ ଯାତ୍ରା କାର୍ଯ୍ୟ ସମାପନପରେ ସେମାନେ ବାଲୁଙ୍କେଶ୍ୱର ମନ୍ଦିରଠାରେ ଏକତ୍ରିତ ହୋଇ ଅଘୋର ତପ କାର୍ଯ୍ୟରେ ସାମିଲ ହୋଇଥିଲେ।

# ଆମ ରୁଚି ଆମ ଖାଦ୍ୟ ଦିବସରେ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ

**ଓଡ଼ିଆ ପକ୍ଷର ତ୍ରୟୋଦଶ ଦିବସ**

ଭୁବନେଶ୍ୱର, ୧୩।୪ (ସୁଚିସ୍ମିତା ସାହୁ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସକୁ ସୋମବାର 'ଆମ ରୁଚି ଆମ ଖାଦ୍ୟ ଦିବସ' ଭାବେ ପାଳନ କରାଯାଇଛି। ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନଠାରେ ବିଭାଗ ପକ୍ଷରୁ ମିଲେଟ ଜାତୀୟ ପୁଷ୍ଟିକର ଖାଦ୍ୟ, ଓଡ଼ିଆ ପାରମ୍ପରିକ ମିଠା, ବିଭିନ୍ନ ପ୍ରକାରର ପିଠା, ଦହିବରା-ଆଳୁଦମ୍ ସହିତ ଅନେକ ସ୍ୱାଦିଷ୍ଟ ବ୍ୟଞ୍ଜନକୁ ନେଇ ଏକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଠାରେ ପ୍ରଦର୍ଶିତ ପାରମ୍ପରିକ ଓଡ଼ିଆ ଖାଦ୍ୟ ସମସ୍ତଙ୍କ ମନଜିଣିଥିଲା। ସେହିପରି ବିଭିନ୍ନ ଜିଲା ମୁଖ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ମହାବିଦ୍ୟାଳୟରେ ମଧ୍ୟ 'ଆମ ରୁଚି ଆମ ଖାଦ୍ୟ' ଦିବସ ପାଳନ




ପ୍ରଦର୍ଶନୀରେ ଏସ୍‌ଏଚ୍‌ଜି ପକ୍ଷରୁ ଖୋଲାଯାଇଥିବା ମିଲେଟ୍ ଖାଦ୍ୟ ଷ୍ଟଲ୍।

କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀର ଆୟୋଜନ ହୋଇଥିଲା। ବିଭିନ୍ନ ଜିଲାରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏପ୍ରିଲ ୧୪ ମଙ୍ଗଳବାର ଓଡ଼ିଆ ପକ୍ଷ ପାଳନର ଶେଷ ଦିବସ। ଏହି ଅବସରରେ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଉଦ୍‌ଯାପନୀ ସମାରୋହ ତଥା ରାଜ୍ୟସ୍ତରୀୟ ଓଡ଼ିଆ ନବ ବର୍ଷ ଉତ୍ସବ ଆୟୋଜିତ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉକ୍ତ ଯୋଗଦେଇ ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରିବେ।

## ସଂକ୍ଷେପରେ

### ତୁଳସୀ, ତପନ, ଅରୁନ୍ଧତୀ ପାଇବେ ଜାନକୀ ବଲ୍ଲଭ ସ୍ମାରକୀ ସମ୍ମାନ

କଟକ,୧୩।୪(କାର୍ତ୍ତିକ ସାହୁ)

ଜାନକୀ ବଲ୍ଲଭ ସ୍ମାରକୀ ପ୍ରତିଷ୍ଠାନ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆସାମର ପୂର୍ବତନ ରାଜ୍ୟପାଳ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ଏକାଦଶ ଶ୍ରାଦ୍ଧବାର୍ଷିକୀ ସମାରୋହ ଆସନ୍ତା ୨୧ ତାରିଖ (ମଙ୍ଗଳବାର) ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକସ୍ଥିତ ସାରଳା ଭବନରେ ଅନୁଷ୍ଠିତ ହେବ। ଏହି ସମାରୋହରେ ସାହିତ୍ୟ, ସାମ୍ବାଦିକତା ଓ ସମାଜସେବା କ୍ଷେତ୍ରରେ ସୁଖ୍ୟାତ ରାଜ୍ୟର ୩ଜଣ କୃତବିଦ୍ୟ ବ୍ୟକ୍ତିଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ‘ଜାନକୀ ବଲ୍ଲଭ ସ୍ମାରକୀ ସମ୍ମାନ’ ପ୍ରଦାନ କରାଯିବ। ସାହିତ୍ୟିକ ବଲାଙ୍ଗୀର ଜିଲାର ତୁଳସୀ ଜୈନଙ୍କୁ ଜାନକୀବଲ୍ଲଭ ସାହିତ୍ୟ ସମ୍ମାନ, ‘ସମାଜ’ର ସମ୍ପାଦକ ତପନ କୁମାର ମିଶ୍ରଙ୍କୁ ଜାନକୀ ବଲ୍ଲଭ ସାମ୍ବାଦିକ ସମ୍ମାନ ଓ ଶୋଭନୀୟ ଆନ୍ଦୋଳନର ସୁଖ୍ୟାତ କର୍ମୀ ଡ. ଅରୁନ୍ଧତୀ ଦେବୀଙ୍କୁ ଜାନକୀ ବଲ୍ଲଭ ସେବା ସମ୍ମାନ ପ୍ରଦାନ ନିମନ୍ତେ ମନୋନୀତ କରାଯାଇଛି ବୋଲି ସ୍ମାରକୀ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ଡ. ଗୋବିନ୍ଦ ଭୂୟାଁ ସୂଚନା ଦେଇଛନ୍ତି।

### ନଗରୀ ପଞ୍ଚାୟତରେ ଯୁଗ୍ମ ଜନଶୁଣାଣି ଶିବିର

ବ୍ରାହ୍ମଣଝରିଲୋ,୧୩।୪

ବାରଙ୍ଗ ବ୍ଲକ ଅନ୍ତର୍ଗତ ନଗରୀ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୯୯ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ଜମି, ପାଣି ପାଇପ ଯୋଗାଣ, ରାସ୍ତା ମରାମତି, ପେନସନ ସମସ୍ୟା, ଆବାସ ଯୋଜନା ଏବଂ ବିଭିନ୍ନ ସରକାରୀ ସେବା ସମ୍ପର୍କିତ ଅଭିଯୋଗ ଥିଲା। ଶିବିରରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ ଲୋକଙ୍କ ସମସ୍ୟା ଶୁଣିବା ସହିତ ସମ୍ବନ୍ଧିତ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସିଡିପିଓ ସଂଯୁକ୍ତା ବେଉରା, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର ମଧ୍ୟ ଉପସ୍ଥିତ ରହିଥିଲେ। ଏହା ସହିତ ଜଳ ବିଭାଗ ସହକାରୀ ଯନ୍ତ୍ରୀ ଅଭିଜିତ ଦାସ, ବିଏସ୍ଏସ୍ଓ ସ୍ମିତରାଣୀ ସାହୁ, ପରିମଳ ସଂଯୋଜକ ମହେନ୍ଦ୍ର ବେହେରା, ସାମାଜିକ ସମ୍ପ୍ରସାରଣ ଅଧିକାରୀ ହରପ୍ରିୟା ସାମଲ, ବି.ପି.ସି. ମମତା ନାୟକ, ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ଏସିପି ପବିତ୍ର ମୂଳିଆ, ପି.ଇ.ଓ ସଞ୍ଜୟ ରାଉତରାୟ, ରବୀନ୍ଦ୍ର ସାହୁ, ପ୍ରିୟମ୍ବଦା ବେହେରା, ଏଡିଇଓ ପ୍ରିୟଦର୍ଶିନୀ ଅମିନ ପ୍ରମୁଖ ଉପସ୍ଥିତ ରହିଥିଲେ। ସ୍ଥାନୀୟ ସରପଞ୍ଚ ନରୋତ୍ତମ ଦାସ ଓ ସମିତି ସଭ୍ୟ କୃଷ୍ଣଚନ୍ଦ୍ର ମଲ୍ଲିକ ମଧ୍ୟ ଯୋଗଦେଇଥିଲେ।

### ସିଏମ୍ ଟ୍ରଫି ଫୁଟ୍‌ବଲ: ୟଙ୍ଗ୍ ଉତ୍କଳ, ଜିକେ କ୍ଲବ ବିଜୟୀ

କଟକ,୧୩।୪(କୁମାରଶ୍ରୀ)

ସ୍ଥାନୀୟ ସତ୍ୟବ୍ରତ ଗ୍ରାଉଣ୍ଡରେ ଚାଲିଥିବା ସିଏମ୍ ଟ୍ରଫି ଫୁଟ୍‌ବଲ ପ୍ରତିଯୋଗିତାର ସୋମବାର ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବ ଏବଂ ଜିକେ କ୍ଲବ ବିଜୟୀ ହୋଇଛନ୍ତି। ପୂର୍ବାହ୍ନରେ ବାଳକ ବର୍ଗର ମ୍ୟାଚ୍‌ରେ ୟଙ୍ଗ ଉତ୍କଳ କ୍ଲବ ସେଣ୍ଟ ଜାଭିୟର୍ସ ହାଇସ୍କୁଲକୁ ଭେଟିଥିଲା। ଦମଦାର ପ୍ରଦର୍ଶନ କରିଥିବା ୟଙ୍ଗ ଉତ୍କଳ କ୍ଲବ ୭-୦ ଗୋଲରେ ମ୍ୟାଚକୁ ଜିତିଥିଲା। ସନ୍ଧ୍ୟାରେ ଖେଳାଯାଇଥିବା ବାଳିକା ବର୍ଗ ମ୍ୟାଚ୍‌ରେ ମଧ୍ୟ ଜିକେ କ୍ଲବକୁ ବୃହତ ବିଜୟ ମିଳିଥିଲା। ଜୟନ୍ତୀ ବିଦ୍ୟାପୀଠ ବିପକ୍ଷରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଜିକେ କ୍ଲବ ୧୯-୦ ଗୋଲରେ ବିଜୟଲାଭ କରିଛି।

### ନାଟ୍ୟ ନିର୍ଦ୍ଦେଶକଙ୍କ ପରଲୋକ

କଣ୍ଟାପଡ଼ା,୧୩।୪(ସୁର ନାରାୟଣ ସାହୁ)



କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ସରୋଜ କୁମାର ଦାସଙ୍କ ରବିବାର ରାତିରେ ପରଲୋକ ହୋଇଯାଇଛି। ତାଙ୍କୁ ୫୪ ବର୍ଷ ବୟସ ହୋଇଥିଲା। ରବିବାର ସନ୍ଧ୍ୟାରେ ୪୨ ମୌଜାସ୍ଥିତ କଳପଡା ଗ୍ରାମର ଏକ ନାଟକର ବହି ପୂଜା କରିବା ସମୟରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପ୍ରଥମେ ବେଣ୍ଟକାର ଓ ପରେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଳମ୍ବିତ ରାତିରେ ତାଙ୍କ ମରଶରୀରକୁ ବିଭିନ୍ନ ନାଟ୍ୟ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ବିୟୋଗରେ ବହୁ ନାଟ୍ୟପ୍ରେମୀ ଦୁଃଖ ପ୍ରକାଶ କରିଛନ୍ତି।

# ଜବରଦଖଲରେ ଇଦ୍‌ଗାପଡ଼ିଆ ସ୍ମୃତିସ୍ତମ୍ଭ ଅଞ୍ଚଳ

## ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନର ମୂକ ସାକ୍ଷୀ ଇଦ୍‌ଗାପଡ଼ିଆ

କଟକ,୧୩।୪(କାର୍ତ୍ତିକ ସାହୁ)

ଐତିହ୍ୟ ସ୍ମାରକୀ ଇଦ୍‌ଗାପଡ଼ିଆରେ ସ୍ମୃତି ସ୍ତମ୍ଭ ଅଞ୍ଚଳକୁ ଜବରଦଖଲମୁକ୍ତ କରାଯାଇ ପ୍ରଶାସନ ଏକ ବର୍ଣ୍ଣାଢ୍ୟ ସ୍ମାରକୀ ନିର୍ମାଣ କରନ୍ତୁ। ଯେଉଁ ସ୍ମାରକୀ ଆଗାମୀ ପିଢ଼ିକୁ ଓଡ଼ିଆ ଜାତିର ସୁଦୀର୍ଘ ଇତିହାସକୁ ସ୍ମରଣ କରାଇବ। ବିଭିନ୍ନ ପ୍ରାନ୍ତରରେ ଥିବା ଓଡ଼ିଆମାନେ ସଗର୍ବେ ଏହି ସ୍ଥାନ ପରିଭ୍ରମଣ କରି ମହାନ ଓଡ଼ିଆ ଜାତିର ସ୍ମୃତିକୁ ରୋମନ୍ଥନ କରି ପ୍ରେରଣା ଲାଭ କରିପାରିବେ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂସ୍ଥା ‘ନୀଳଚକ୍ର’ ପକ୍ଷରୁ କୁହାଯାଇଛି। ଏହି ମର୍ମରେ ଅନୁଷ୍ଠାନର ଏକ ପ୍ରତିନିଧିମଣ୍ଡଳୀ ସୋମବାର ଇଦ୍‌ଗାପଡ଼ିଆ ପରିଦର୍ଶନ କରିବା ସହ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ସ୍ମାରକପତ୍ରରେ ଦର୍ଶାଯାଇଛି, ନୀଳଚକ୍ର ଅନୁଷ୍ଠାନ ଦୀର୍ଘ ପାଞ୍ଚ ଦଶନ୍ଧିରୁ ଊର୍ଦ୍ଧ୍ୱ କାଳ ଧରି ଉତ୍କଳ ମାଟିର ବରପୁତ୍ର, ସେମାନଙ୍କ ଜନ୍ମସ୍ଥାନର ଉନ୍ନତୀକରଣ, ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ନିରନ୍ତର କାର୍ଯ୍ୟ କରିଆସୁଛି। ଅତ୍ୟନ୍ତ ପରିତାପର ବିଷୟ ଯେଉଁ ବରପୁତ୍ରମାନଙ୍କ ପ୍ରତ୍ୟକ୍ଷ ସହଯୋଗ ବିଶେଷକରି ମଧୁବାବୁଙ୍କ ଆକ୍ଳାନ୍ତ ପରିଶ୍ରମ ଯୋଗୁ ଓଡ଼ିଶା ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଭାବରେ ଜନ୍ମ ଲାଭ କଲା ସେସବୁ ଗୌରବମୟ ଇତିହାସର ମୂକ ସାକ୍ଷୀ ହେଉଛି କଟକର ଇଦ୍‌ଗାପଡ଼ିଆ। ସେହି ପଡ଼ିଆରେ ୧୯୦୩ ଡିସେମ୍ବର ୩୦ ଓ ୩୧ରେ ଆୟୋଜିତ ହୋଇଥିଲା ଉତ୍କଳ ସମ୍ମିଳନୀର ମହାଅଧିବେଶନ। ସେଥିରେ ସମଗ୍ର ଓଡ଼ିଆ ଭାଷାଭାଷୀ ଅଞ୍ଚଳର ପ୍ରତିନିଧିମାନେ ଯୋଗଦେଇଥିଲେ। ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ ଗଠନ ପାଇଁ ଦୃଢ଼ ଦାବି ଗୃହୀତ ହୋଇଥିଲା। ଓଡ଼ିଆମାନଙ୍କୁ ଏକତ୍ରିତ କରିବାରେ ସେହି ସମ୍ମିଳନୀ ମୁଖ୍ୟ ଭୂମିକା ଗ୍ରହଣ କରିଥିଲ। ପରେ ଅନେକ ଆନ୍ଦୋଳନ, ଆଲୋଚନା ଓ ଜାଗରଣ ଫଳରେ ଓଡ଼ିଶା ସ୍ୱପ୍ନ ସାକାର ହୋଇପାରିଥିଲା।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ସୁରକ୍ଷା ସଂସ୍ଥା ‘ନୀଳଚକ୍ର’ ପକ୍ଷରୁ ପ୍ରତିନିଧିମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

୧୯୩୬ ଏପ୍ରିଲ ୧ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଜନ୍ମଲାଭ କରିଥିଲା ଓ ନିଜସ୍ୱ ପରିଚୟ ପାଇଥିଲା। ଏହି ଐତିହ୍ୟଭରା ଇଦ୍‌ଗାପଡ଼ିଆର ଅବସ୍ଥା ଦେଖିଲେ ମନରେ କ୍ଷୋଭ ଆସେ। ଗୋଟିଏ ଜାତିର ସ୍ମୃତିକୁ ବହନ କରୁଥିବା ଐତିହ୍ୟସ୍ଥଳୀ ଆଜି ସମ୍ପୂର୍ଣ୍ଣ ଜବରଦଖଲରେ। ବହୁପୂର୍ବରୁ ସ୍ଥାପିତ ସ୍ମୃତି ସ୍ତମ୍ଭର ଭଗ୍ନାବଶେଷ ଲୁଚିବାକୁ ବସିଛି। ରାଜ୍ୟ ସରକାର ଓଡ଼ିଆ ଅସ୍ମିତା ଦିଗରେ ବହୁ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଐତିହ୍ୟ ଗ୍ରାମ ଘୋଷଣା କରିଛନ୍ତି। ଐତିହ୍ୟ/ଅସ୍ମିତା ପକ୍ଷ ପାଳନ କରୁଛନ୍ତି। କିନ୍ତୁ କଟକର ଇଦ୍‌ଗାପଡ଼ିଆର ସ୍ମୃତି ରକ୍ଷା ପ୍ରସଙ୍ଗକୁ ଉପେକ୍ଷା କରିଛନ୍ତି। ଓଡ଼ିଆ ଜାତିର ସ୍ପନ୍ଦନ କଟକର ଇଦଗାପଡ଼ିଆ। ଏହିଠାରୁ ଓଡ଼ିଆମାନେ ଭାଷାର ମମତ୍ୱବୋଧର ଝଙ୍କାର ଶୁଭିଥିଲା। ଯଥାଶୀଘ୍ର ଇଦ୍‌ଗାପଡ଼ିଆରେ ସ୍ମାରକୀ ନିର୍ମାଣ ପାଇଁ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବେ ଓ ରାଜ୍ୟ ସରକାରଙ୍କ ଅବଗତି ନିମନ୍ତେ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିବେ। ନୀଳଚକ୍ର ଅନୁଷ୍ଠାନ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରି ଉକ୍ତ ସ୍ଥାନଟିକୁ ଜବରଦଖଲମୁକ୍ତ କରି ଏକ ବର୍ଣ୍ଣାଢ୍ୟ ସ୍ମାରକୀ ନିର୍ମାଣ କରନ୍ତୁ ବୋଲି ଦର୍ଶାଯାଇଛି।

# ୨୪ ଘଣ୍ଟାରେ ୭ ଲକ୍ଷ ଜରିମାନା

## କଟକରେ ପୋଲିସର କଟକଣା କଡ଼ାକଡ଼ି

■ ନକଲି ଖବରଦାତାଙ୍କ ଉପରେ ତୀକ୍ଷ୍ଣ ନଜର

କଟକ,୧୩।୪(କୁମାରଶ୍ରୀ)

ଏପ୍ରିଲ ଆରମ୍ଭରୁ କଟକ କମିଶନରେଟ ପୋଲିସ ପକ୍ଷରୁ ଯାଞ୍ଚ କଟକଣା କଡାକଡି କରାଯାଇଛି। ସହରର ବିଭିନ୍ନ ଛକରେ ପୋଲିସ ପଇଁତରା ମାରୁଥିବା ବେଳେ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡା ଆଭିମୁଖ୍ୟ ଗ୍ରହଣ କରୁଛି। କଟକ ଡିସିପିଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ମୁତାବକ ଗତ ୨୪ ଘଣ୍ଟା ମଧ୍ୟରେ ୬ ଲକ୍ଷ ୯୨ ହଜାର ଟଙ୍କାର ଜରିମାନା ଆଦାୟ କରାଯାଇଛି। ଏହା ଭିତରୁ ପ୍ରାୟ ୪ ଲକ୍ଷ ଟଙ୍କା ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ପଡ଼ିଛି।

ପ୍ରକାଶଥାଉ କି, ସହରର ବିଭିନ୍ନ ଥାନା ଅଞ୍ଚଳରେ ଏବେ ପୋଲିସ ପକ୍ଷରୁ ଯାଞ୍ଚ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ପୂର୍ବାହ୍ନ ୧୦ଟାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ପୋଲିସ ପାଟ୍ରୋଲିଂ କରୁଛି। ବେଆଇନ ନିଶାଦ୍ରବ୍ୟ ବିକିବା ଅଭିଯୋଗରେ ଗତ ୨୪ ଘଣ୍ଟା ମଧ୍ୟରେ ୨ଜଣ ଗିରଫ ହୋଇଛନ୍ତି। ସେହିପରି ମଦ୍ୟପାନ କରି ଗାଡି ଚଳାଇବା ଅଭିଯୋଗରେ ମଧ୍ୟ ୨ଜଣ ଧରାପଡ଼ିଛନ୍ତି। ଟ୍ରାଫିକ ଥାନାଧିକାରୀ ଅନିରୁଦ୍ଧ ନାୟକଙ୍କ ସୂଚନା ମୁତାବକ, ମଧୁପାଟଣା, ବାଦାମବାଡି, କ୍ୟାଣ୍ଟନମେଣ୍ଟ, ବେଲଭ୍ୟୁ ଛକ ଆଦି ସ୍ଥାନରେ ଏବେ ଟ୍ରାଫିକ ପୋଲିସ ପକ୍ଷରୁ ଗାଡିମୋଟର ଯାଞ୍ଚ ବଢ଼ାଇ ଦିଆଯାଇଛି। ବିନା ହେଲମେଟରେ ଯାତ୍ରା କରୁଥିବା ଗାଡି ଚାଳକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଶେଷ କରି ନମ୍ବର ପ୍ଲେଟରେ ଷ୍ଟିକର ମାରି ପୋଲିସ ଆଖିରେ ଧୂଳି ଦେଇ ଖସିଯିବାକୁ ଚେଷ୍ଟା କରୁଥିବା ଗାଡି ଚାଳକଙ୍କୁ ମଧ୍ୟ ପୋଲିସ ଗୋଡାଇ ଧରୁଛି। ଏପରିକି ଦୁଇଦିନ ପୂର୍ବେ ଜଣେ ନାବାଳକ ଗାଡି ନେଇ ଯାଉଥିବା ବେଳେ ଧରାପଡ଼ିଥିଲେ। ତାଙ୍କ ବିରୋଧରେ ୨୭ ହଜାର ଟଙ୍କାର ଜରିମାନା କରାଯାଇଛି। ଅନ୍ୟପଟେ ପୋଲିସର ଯାଞ୍ଚ ସମୟରେ କେତେଜଣ ନକଲି ଖବରଦାତା ଧରାପଡ଼ିଥିବା ସେ କହିଛନ୍ତି। ଗାଡିରେ ପ୍ରେସ୍ ଷ୍ଟିକର ମାରି ଘୁରି ବୁଲୁଥିବା ନକଲି ଖବରଦାତାଙ୍କ ଉପରେ ତୀକ୍ଷ୍ଣ ନଜର ରହିଛି ବୋଲି ଟ୍ରାଫିକ ଥାନା ଆଇଆଇସି ଅନିରୁଦ୍ଧ କହିଛନ୍ତି।

# ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମଦ, ଗୁଡ଼ପୋଚ ନଷ୍ଟ

## ଅବକାରୀ, ବନ ବିଭାଗର ମିଳିତ ଚଢ଼ାଉ

ଖୁଣ୍ଟୁଣୀ,୧୩।୪ (ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡାଲୁଆ, କଂସର, ବାଉଁଶଟାଙ୍ଗର, ସରସ୍ୱତୀପୁର ଓ ଖଣ୍ଟୁଆଳି ସଂରକ୍ଷିତ ଜଙ୍ଗଲରେ ସୋମବାର ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ଜିଲା ମୋବାଇଲ ୟୁନିଟ, ସଦର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନ ବିଭାଗ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ୨୪୫୦ ଲିଟର ଦେଶୀ ମଦ ସହ ୨୦.୬୫୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡପୋଚ ଜବତ କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି। ଜବତ ମଦ ଓ ଗୁଡ଼ ପୋଚର ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ଜଣାପଡିଛି। ଏ ବାବଦରେ ୬ଟି ମାମଲା ରୁଜୁ କରାଯାଇଛି। କଟକ ଜିଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆଠଗଡ଼ ଅବକାରୀ ନିରୀକ୍ଷକ ରବି ନାରାୟଣ ପଧାନ, ବାଙ୍କୀ ଅବକାରୀ ଥାନା ଅକ୍ଷୟ କୁମାର ଜେନା, ଜିଲା ମୋବାଇଲ ୟୁନିଟ ଅବକାରୀ ଉପନିରୀକ୍ଷକ, କଟକ ସଦର ଅବକାରୀ ଥାନା, ଆଠଗଡ଼ ଅବକାରୀ ଥାନା, ଖୁଣ୍ଟୁଣୀ ବନ ବିଭାଗ ଏବଂ ସମସ୍ତ ଅବକାରୀ ସହକର୍ମୀମାନେ ଚଢ଼ାଉରେ ଉପସ୍ଥିତ ଥିଲେ।



କଟକ ଜିଲା କ୍ରୀଡ଼ା ସଂସଦ ପକ୍ଷରୁ ସୋମବାରଠାରୁ ସତ୍ୟବ୍ରତ ଗ୍ରାଉଣ୍ଡରେ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫି ଖୋଖୋ ପ୍ରତିଯୋଗିତାରେ ସାମିଲ ହୋଇଥିବା ଖେଳାଳିମାନେ।

# କନ୍ଦରପୁର ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ପାଳିତ

କଟକ ସଦର,୧୩।୪(ସୁଶାନ୍ତ କୁମାର ଜେନା)

ରାଜ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ କଟକ ସଦର ବ୍ଲକ ଆନୁକୂଲ୍ୟରେ ସୋମବାର କନ୍ଦରପୁର ମହାବିଦ୍ୟାଳୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆମ ରୁଚି ଓ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଅତିଥି ଓ ସାଧାରଣ ଲୋକଙ୍କୁ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଖାଦ୍ୟର ମଜା ନେଇଥିଲେ। ଏହି କାର୍ଯ୍ୟକ୍ରମରେ କଟକ ସଦର ବିଡିଓ ପ୍ରତୀକ ସାହୁ, କନ୍ଦରପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସ୍ୱାତୀ ପଣ୍ଡା, ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ବ୍ଲକ ମିଶନ ଶକ୍ତି ପରିଚାଳକ ସରୋଜିନୀ ମହାନ୍ତି, ହୃଷୀକେଶ ଜେନା, ସ୍ଥାନୀୟ ସରପଞ୍ଚ ସୁବାସିନୀ ରାଉତ, ମଣ୍ଡଳ ସଭାପତି ନିରଞ୍ଜନ ରାଉଳ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ମହନ୍ତ, ହେମନ୍ତ ଦାଶ, ଅର୍ଚ୍ଚନା ବେହେରା, ସରସ୍ୱତୀ ମହାଳି, ଜୟନ୍ତ ଦାସ, ଅମିୟ ବାରିକ, ସାଗର ସାହାଣୀ, ନିବେଦିତା ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ।


ଓଡ଼ିଆ ପାରମ୍ପରିକ ଖାଦ୍ୟର ମଜା ନେଉଛନ୍ତି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ।

# ସିଏମ୍ ଟ୍ରଫି ଖୋଖୋ ଆରମ୍ଭ

କଟକ,୧୩।୪(କୁମାରଶ୍ରୀ)

କଟକ ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ସିଏମ୍ ଟ୍ରଫି ଖୋଖୋ ପ୍ରତିଯୋଗିତା ସୋମବାରଠାରୁ ସ୍ଥାନୀୟ ସତ୍ୟବ୍ରତ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଜିଲା କ୍ରୀଡ଼ାଧିକାରୀ ଅଜୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କଟକ ଜିଲା କ୍ରୀଡ଼ା ସଂସଦ ଉପସଭାପତି ସହଦେବ ରାଉତ, ସହ ସମ୍ପାଦକ ନବକିଶୋର ମିଶ୍ର, ବିଭାଗୀୟ ସମ୍ପାଦକ (ଖୋଖୋ) ସୁନାକର ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ୧୪ବର୍ଷରୁ କମ୍ ବାଳକ ବର୍ଗରେ ହେଉଥିବା ଏହି ପ୍ରତିଯୋଗିତାରେ ୯ଟି ଦଳରୁ ୧୩୫ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୧୬ଜଣ କ୍ରୀଡ଼ା ଶିକ୍ଷକ ପ୍ରତିଯୋଗିତା ପରିଚାଳନା କରୁଛନ୍ତି।

# ଇନ୍‌ଫ୍ଲୁଏନ୍ସରଙ୍କ ସପକ୍ଷରେ କଂଗ୍ରେସ ସର୍ବଦା ରହିଛି



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଯୁବ କଂଗ୍ରେସ କର୍ମୀ।

କଟକ,୧୩।୪(ଶିଳ୍ପା ପ୍ରିୟଦର୍ଶିନୀ)

ବାଖରାବାଦସ୍ଥିତ ଗାନ୍ଧୀ ଭବନଠାରେ ଯୁବ କଂଗ୍ରେସ ପକ୍ଷରୁ ଡିଜିଟାଲ ସ୍ୱାଧୀନତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସାମାଜିକ ଗଣମାଧ୍ୟମ ଇନଫ୍ଲୁଏନ୍ସରଙ୍କ କଣ୍ଠରୋଧ କରାଯାଉଛି। ଏପରିକି କେନ୍ଦ୍ର ଏବଂ ରାଜ୍ୟ ସରକାର ବିରୋଧରେ କୌଣସି ପୋଷ୍ଟ କଲେ ତାହା କାଟି ଦିଆଯାଉଥିବା ବେଳେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବି ଧମକ ଦିଆଯାଉଛି। ତେବେ ସାମାଜିକ ଗଣମାଧ୍ୟମ ଗଣତନ୍ତ୍ରର ପଞ୍ଚମ ସ୍ତମ୍ଭ ସାଜିଥିବାବେଳେ ଏହି ଇନଫ୍ଲୁଏନ୍ସରଙ୍କ ସପକ୍ଷରେ କଂଗ୍ରେସ ସର୍ବଦା ଛିଡ଼ାହେବ ବୋଲି ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ନଗର (ଜିଲା) କଂଗ୍ରେସ ସଭାପତି ଶାନ୍ତାୟନ ମିଶ୍ର କହିଛନ୍ତି। ସମ୍ମିଳନୀକୁ କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟ ପରିଚାଳନା କରିଥିଲେ। ଓଡ଼ିଶା ପ୍ରଦେଶ କଂଗ୍ରେସ ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଯୁବ କଂଗ୍ରେସର ମିଡିଆ ପ୍ରଭାରୀ ରଜା ଅହମ୍ମଦ, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଶିବ ଅଗ୍ରୱାଲ, କଟକ କଂଗ୍ରେସ ଜିଲା ଉପସଭାପତି ମନୋଜ ବିଶ୍ୱାଳ, ଜିଲା ମୁଖପାତ୍ର ମାନସ ପରିଡା ଓ ରାହିଲ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

# ମେ’ ୨ରୁ ମା’ ଖରାଖାଇଙ୍କ ପୀଠରେ ରାମଲୀଳା ମହୋତ୍ସବ

ଫୁଲନଖରା,୧୩।୪
(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ମହାନଗର ନିଗମ ଅନ୍ତର୍ଗତ ୫୯ ନଂ. ୱାର୍ଡସ୍ଥିତ ମୁଗଭଙ୍ଗା ଗ୍ରାମର ଆରାଧ୍ୟା ଦେବୀ ମା’ଖରାଖାଇଙ୍କ ପୀଠରେ ଦ୍ୱାଦଶ ବାର୍ଷିକ ରାମଲୀଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଭାଗ୍ୟଧର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ’ ୨ରୁ ୪ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଶ୍ରୀରାମ ଲୀଳା ମହୋତ୍ସବ ଅନୁଷ୍ଠିତ ହେବ। ମହୋତ୍ସବର ପ୍ରଥମ ଦିନରେ ଶ୍ରୀଶ୍ରୀ ଚନ୍ଦନେଶ୍ୱର ରାମଲୀଳା ସମିତି ପୁରୁଣା କାଚରାମାଳ, ଦ୍ୱିତୀୟ ଦିନରେ ମା’ ବୁଢ଼ୀ ଜାଗୁଲାଇ ପୋତାପୋଖରୀ, କଟକ ଓ ତୃତୀୟ ଦିନ ଗୋପାଳକୃଷ୍ଣ ପ୍ରଚାର ସମିତି, ନୂଆପାଟଣା ଦ୍ୱାରା ରାମଲୀଳା ପରିବେଷଣ ହେବ। ଏଥିସହିତ ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବା କାର୍ଯ୍ୟକ୍ରମ ରହିଛି। ବୈଠକରେ ନବକିଶୋର ଦଳାଇ, ହେମନ୍ତ କୁମାର ଦଳାଇ, ବିଚିତ୍ରାନନ୍ଦ ଦଳାଇ, ସଚ୍ଚିଦାନନ୍ଦ ଦଳାଇ, ମୁକେଶ ସ୍ୱାଇଁ, ଅଞ୍ଜନ ଦଳାଇ, ମନୋରଞ୍ଜନ ଭୂୟାଁ, ପୀୟୂଷ ରଞ୍ଜନ ମହାପାତ୍ର, ଦିଲୀପ ଦଳାଇ, ନିକୁଞ୍ଜ କିଶୋର ସାମନ୍ତରାୟ, ଅଶୋକ ଦଳାଇ ପ୍ରମୁଖ ଉପସ୍ଥିତ ଥିବା ବେଳେ ମା’ଖରାଖାଇ ଯୁବକ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ସଦସ୍ୟମାନେ।

# ସମାବେଶରେ ମେଳି ହେଲେ କଟକ ନାଗରିକ

## ମଧୁ ସେତୁ ସଂଯୋଗୀ ରାସ୍ତା ଖୋଲିବା, ଲାଲବାଗ ଥାନା ସ୍ଥାନାନ୍ତର ବନ୍ଦ ଦାବି

କଟକ,୧୩।୪(କାର୍ତ୍ତିକ ସାହୁ)

ମଧୁ ସେତୁ ସଂଯୋଗ ରାସ୍ତା ଖୋଲିବା ଓ ଲାଲବାଗ ଥାନା ସ୍ଥାନାନ୍ତର ବନ୍ଦ କରିବା ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ନାଗରିକ ସମାବେଶ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଧାରଣାରେ ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ଖଗେଶ୍ୱର ସେଠୀ, ସୁକାନ୍ତ ନାୟକ, କ୍ଷୀରୋଦ ମହାପାତ୍ର, ଡଲି ଦାଶ, ବିଶ୍ୱଜିତ ଘୋଷ, କଶୀନାଥ ସ୍ୱାଇଁ, ପ୍ରସନ୍ନ କୁମାର ମହାପାତ୍ର, ଅରବିନ୍ଦ ମଲ୍ଲିକ, ଅକ୍ଷୟ କୁମାର ରାଉଳ, ବେଣୁଧର ମହାରଣା, ନୀରୋଦ ମହାପାତ୍ର, ବିଭୂତି ଭୂଷଣ ବେହେରା, ପ୍ରିୟବ୍ରତ ଦେବତା, ରୁଦ୍ରଶିଷ ଦାଶ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେମାନେ କହିଥିଲେ ଅଧୁନା କଟକ ମହାନଗର ଅଞ୍ଚଳରେ ପ୍ରଶାସନର ଜ୍ଞାତସାରରେ ବହୁ ଅଘୋଷିତ ବେଆଇନ କାର୍ଯ୍ୟକ୍ରମ ହେଉଛି। ଯାହା ଜନସ୍ୱାର୍ଥର ବିରୋଧୀ ଓ ତା’ର ଉତ୍ତରଦାୟିତ୍ୱ ପ୍ରଶାସନର କୌଣସି ବିଭାଗ ନେଉନାହିଁ। ମଧୁସେତୁ ଓ ନେତାଜୀ ସେତୁ ତଥା ନରାଜ ସେତୁର ସଂଯୋଗକାରୀ ମୁଖ୍ୟ ପ୍ରଶସ୍ତ ରାସ୍ତାକୁ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଚାପରେ ବନ୍ଦକରି ଦିଆଯାଇଛି। ଉକ୍ତ ରାସ୍ତା ସେତୁ ସିଧା ସଂଯୋଗ ରାସ୍ତା ହେବା ପାଇଁ ହିଁ ନିର୍ମିତ ହୋଇଥିଲା। ସମସ୍ତ ଯାତ୍ରୀବାହୀ ବସ୍ ସେହି ବାଟ ଦେଇ ଯାତାୟାତ କରୁଥିଲା। ଏବେ ସାରା ରାଜ୍ୟର ଲୋକେ ଅଭାବନୀୟ ଅସୁବିଧା ଭୋଗୁଛନ୍ତି। ଦ୍ୱିତୀୟ ଘଟଣାଟି କଟକର ଲାଲବାଗ ଥାନା କେବଳ ଏକ ଐତିହାସିକ ଐତିହ୍ୟ ଅଞ୍ଚଳ ନୁହେଁ ଏହା ଏକସଙ୍ଗେ ହାଇକୋର୍ଟ, ଶିଶୁଭବନ, ତହସିଲ ଅଫିସ, ବଡ଼ ପୋଷ୍ଟ ଅଫିସ, ନେତାଜୀଙ୍କ ରେଭେନ୍‌ଶା କଲିଜିଏଟ ସ୍କୁଲ, ଜିଲାପାଳ ଅଫିସ, ପରିବହନ ଅଫିସ, ରାଜସ୍ୱ ଭବନ ଓ ସାତ ମହଲାରେ ଥିବା ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସକୁ ସୁରକ୍ଷା ପ୍ରଦାନ କରୁଛି। ଏହାକୁ ଅନିଶ୍ଚିତ ଅବାସ୍ତବ ସ୍ଥାନକୁ ସ୍ଥାନାନ୍ତର କରିବା ପ୍ରବଳ ଜନଅସନ୍ତୋଷ ସୃଷ୍ଟି କରିଛି। ଏହି କାଣ୍ଡ ମଧ୍ୟ ପ୍ରଭାବଶାଳୀଙ୍କ ଚାପରେ ହୋଇଛି ବୋଲି କୁହାଯାଉଛି। ଏ ଦୁଇଟି ଜନବିରୋଧୀ କାମ ବିନା ବିଚାରରେ ଓ ନ୍ୟସ୍ତସ୍ୱାର୍ଥରେ ହୋଇଛି। ମଧୁସେତୁ କାଠଯୋଡ଼ି ସଂଲଗ୍ନ ପ୍ରଶସ୍ତ ରାସ୍ତାର ଅବରୋଧ ହଟାଇବା ଓ ଲାଲବାଗ ଥାନାକୁ ପୂର୍ବ ସ୍ଥାନରେ ସୁରକ୍ଷିତ କରିବାକୁ ଦାବି କରାଯାଇଛି। ଏସବୁ ପ୍ରସଙ୍ଗ ନାଗରିକମାନେ କଟକ ଜିଲାପାଳଙ୍କ ଜରିଆରେ ଏକ ସ୍ମାରକ ପତ୍ରରେ ରାଜ୍ୟପାଳଙ୍କୁ ଜଣାଇଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଆୟୋଜିତ ସମାବେଶରେ ଯୋଗଦେଇଥିବା କଟକ ନାଗରିକବୃନ୍ଦ।

# ତତଲା ବାଲି, କଣ୍ଟାରେ ଗଡ଼ିଲେ ମାନସିକଧାରୀ

**କାମନାବର ପୀଠରେ ମେରୁଯାତ୍ରା**



ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାର ପୁରପଲ୍ଲୀରେ ମେରୁଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାନସିକସାରୀ ୨୧ଦିନ ଧରି ନିଷ୍ଠାର ସହ ଉପବାସ ରହି ପର୍ବକୁ ପାଳନ କରିଥିଲେ। ମାନସିକଧାରୀ ତତଲା ବାଲିରେ ଚାଲିବା ସହ କୋଇଲିଖିଆ କଣ୍ଟାରେ ଗଡ଼ିଥିଲେ। ପାଟଭୁକ୍ତା ନିଆଁରେ ଝୁଲିଥିଲେ। ବିଶ୍ୱାସ ଓ ନିଷ୍ଠା ଯୋଗୁ ତତଲା ବାଲି କିମ୍ବା କଣ୍ଟାରେ ଗଡ଼ିବା ବେଳେ ଶରୀରକୁ କୌଣସି କଷ୍ଟ ହୋଇ ନ ଥାଏ ବୋଲି ମାନସିକଧାରୀ କହିଛନ୍ତି। ମାସାଧିକ କାଳ ନିଷ୍ଠାରେ ରହି ସମସ୍ତ ନୀତି ସମ୍ପନ୍ନ କରିଥାନ୍ତି। ଆଉ ଶେଷ ୭ଦିନ କେବଳ ଗୋଟିଏ ଓଳି ପଣା ସେବନ କରି ମନ୍ଦିର ପରିସରରେ ରାତ୍ରିଯାପନ କରିଥାନ୍ତି। ଏହାଦ୍ୱାରା ସେମାନଙ୍କ ସକଳ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି।

ସୋମବାର ସହରର ଉପରସାହିସ୍ଥିତ କାମନାବର ମନ୍ଦିରରେ ମେରୁଯାତ୍ରାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପୂର୍ବାହ୍ନରେ ଦଣ୍ଡୁଆମାନେ କୋଇଲିଖିଆ କଣ୍ଟା ସଂଗ୍ରହ କରି ହରିଚନ୍ଦନ ପୋଖରୀରେ ବୁଡ଼ାଇ ରଖିଥିଲେ। ମଧ୍ୟାହ୍ନରେ ଧୂଳିଦଣ୍ଡ ଅନୁଷ୍ଠିତ ହୋଇଥିଲା। ଧୂଳିଦଣ୍ଡରେ ଦଣ୍ଡୁଆମାନେ ବିଭିନ୍ନ ପ୍ରକାର ଦଣ୍ଡ ଭାଙ୍ଗିଥିଲେ। ଓଡ଼ିଶାର କୃଷି ପରମ୍ପରାର ଝଲକ ମଧ୍ୟ ଏଥିରେ ଦେଖିବାକୁ ମିଳେ। ଧୂଳିଦଣ୍ଡ ପରେ ମାନସିକଧାରୀ ହରିଚନ୍ଦନ ପୋଖରୀରେ ପହଞ୍ଚିଥିଲେ। ସ୍ନାନସାରି ସେଠାରେ ନୀତି ସମ୍ପନ୍ନ ହେବା ପରେ କଣ୍ଟାକୁ ଆଣି ମନ୍ଦିର ସମ୍ମୁଖରେ ଶହେ ମିଟର ପର୍ଯ୍ୟନ୍ତ ପ୍ରାୟ ୨ଫୁଟ ଉଚ୍ଚତାରେ ବିଛାଇଥିଲେ। ପାଟଭୁକ୍ତା କାମନାଦେବ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଠାକୁରଙ୍କୁ ଧରି କଣ୍ଟାର ଚତୁଃପାର୍ଶ୍ୱ ପରିକ୍ରମା କରି ତାହାକୁ ସ୍ପର୍ଶ କରାଇଥିଲେ। ପରେ ଦଣ୍ଡୁଆମାନେ ପାଟଭୁକ୍ତାଙ୍କ ସହ କଣ୍ଟା ଚାରିପଟେ ୭ଥର ପରିକ୍ରମା କରିଥିଲେ। ଘଣ୍ଟ, ଘଣ୍ଟା, କାହାଳୀ, ମୃଦଙ୍ଗ ଆଦି ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଭକ୍ତଙ୍କ ଜୟ ଜୟକାର, ମନ୍ତ୍ରଧ୍ୱନି, ହୁଳହୁଳିରେ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। ପରେ ଦଣ୍ଡୁଆମାନେ କଣ୍ଟା ଉପରେ ଗଡ଼ିଥିଲେ। ଅପରାହ୍ନରେ ଦଣ୍ଡୁଆମାନେ ସ୍ନାନ ସାରି ମନ୍ଦିରରେ ପହଞ୍ଚି ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ପାଟପର୍ବ ପାଇଁ ପ୍ରସ୍ତୁତି କରାଯାଇଥିଲା। ମନ୍ଦିର ପରିସରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ମେରୁଖୁଣ୍ଟକୁ ଶୋଧ କରାଯାଇ ଆମ୍ବ ବନ୍ଧାଯାଇଥିଲା। ପରେ ଠାକୁରଙ୍କ ନିକଟରେ ଗୁହାରିଆ ପଡ଼ିଥିବା ପାଟଭୁକ୍ତାଙ୍କ ଗୋଡ଼କୁ ଦଉଡ଼ିରେ ବାନ୍ଧି ଗୋଡ଼ ଦୁଇଟି ଉପରକୁ କରାଯାଇ ମେରୁଖୁଣ୍ଟରେ ବନ୍ଧାଯାଇଥିଲା। ତଳେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ସମୟରେ ପାଟଭୁକ୍ତା ବନ୍ଧାଯାଇଥିବା ଆମ୍ବକୁ ଫୋପାଡ଼ିଥିଲେ। ବିଶ୍ୱାସ ରହିଛି, ଏହି ଆମ୍ବକୁ ବନ୍ଧ୍ୟାନାରୀ ସେବନ କଲେ ସନ୍ତାନ ପ୍ରାପ୍ତି ହୋଇଥାଏ। ଦଣ୍ଡୁଆମାନେ ଗଡ଼ିଥିବା କଣ୍ଟା ଠାକୁରଙ୍କ ସ୍ପର୍ଶ ପାଇଥିବାରୁ ଏହାକୁ ନେଇ ଘରେ ରଖିଲେ ପରିବାରରେ ଶାନ୍ତି ବଜାୟ ରହିବା ସହ ସକଳ ଦୁରାରୋଗ୍ୟ ମଧ୍ୟ ଦୂର ହୋଇଥାଏ। ଏ ସମ୍ପର୍କରେ ପାଟଭୁକ୍ତା କହିଛନ୍ତି, ଏହି ପରମ୍ପରା ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ। ଓଡ଼ିଶାର ସଂସ୍କୃତି ପରମ୍ପରା ମଧ୍ୟରେ ଦଣ୍ଡଯାତ୍ରା ଅନନ୍ୟ। ନିଷ୍ଠା, ସମର୍ପଣ ଓ ଭକ୍ତିଭାବ ରହିଲେ ଈଶ୍ୱରଙ୍କ ପ୍ରାପ୍ତି ହୋଇଥାଏ। କୋଇଲିଖିଆ କଣ୍ଟାରେ ଗଡ଼ିବା ବେଳେ କଣ୍ଟା ଦେହରେ ଭେଦିବା ସମ୍ଭାବନା ରହିଥାଏ। ତେବେ ଦଣ୍ଡୁଆଙ୍କର କିଛି ହୋଇ ନ ଥାଏ। ଏସବୁ ଠାକୁରଙ୍କ ମହିମା ଓ ଆଶୀର୍ବାଦ। କଣ୍ଟାର କଷ୍ଟକୁ ଦଣ୍ଡୁଆମାନେ ଉପଲବ୍ଧି କରି ନ ଥାନ୍ତି। ଏସବୁ କାମନାବର ଠାକୁରଙ୍କ ଅସୀମ ମହିମା ବୋଲି ସେମାନେ କହିଛନ୍ତି।

## ଉମାମହେଶ୍ୱର ଦେବଙ୍କ ଦଣ୍ଡ ଉତ୍ସବ ଉଦ୍‌ଯାପିତ

ବାଲୁଗାଁ,୧୩।୪(ସଂଗ୍ରାମ ପାଇକରାୟ)



ବାଲୁଗାଁ ଅଞ୍ଚଳର ଆରାଧ୍ୟ ଉମାମହେଶ୍ୱର ଦେବଙ୍କ ପାଟଣାସାହିସ୍ଥିତ ଗାଦିଶ୍ୱର ପୀଠରେ ଦଣ୍ଡ ଉତ୍ସବର ସୋମବାର ଅନ୍ତିମ ଦିବସରେ ମେରୁପର୍ବ ଅନୁଷ୍ଠିତ ହୋଇଯାଇଛି। ପାରମ୍ପରିକ ରୀତିନୀତି ଅନୁଯାୟୀ ଦଣ୍ଡଠାକୁରଙ୍କୁ ଆବିର୍ଭାବ କରାଯାଇ ଦୀର୍ଘ ୨୧ଦିନ ଧରି ଉମାମହେଶ୍ୱର ଦେବ ଦଣ୍ଡ ଠାକୁର ବିଭିନ୍ନ ଗ୍ରାମ ପରିକ୍ରମା କରି ମାନସିକ ଦଣ୍ଡ, ପୂର୍ବ ନିର୍ଦ୍ଧାରିତ ଗ୍ରାମର କୋଠ ଦ୍ୱାରରେ ପାଣିତୋଳା ଉତ୍ସବ ଓ ଦଣ୍ଡକାଳୀ ପୂଜା ସହ ରାତ୍ରରେ ଦଣ୍ଡନୃତ୍ୟ ପରିବେଷଣ କରି ଅନ୍ତିମ ଦିବସରେ ମେରୁ ସକାଳେ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଉମାମହେଶ୍ୱର ଦେବଙ୍କ ଗାଦିଶ୍ୱର ପୀଠକୁ ମେରୁଯାତ୍ରା ଅବସରରେ ଶ୍ରଦ୍ଧାଳୁମାନେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମାନସିକ ପୂଜାନୀତି ସମ୍ପାଦନା କରିଥିଲେ। ମଧ୍ୟାହ୍ନରେ ଗାଦିଶ୍ୱର ପୀଠରେ ଭଗତାମାନେ ଧୂଳିଦଣ୍ଡ ଖେଳି ସାରିବା ପରେ ବାର ଭଗତା ଦଣ୍ଡ ଠାକୁରଙ୍କୁ ସାଙ୍ଗରେ ନେଇ କଣ୍ଟାରେ ଗଡ଼ିବା ପରେ ଅପରାହ୍ନରେ ଅନ୍ତିମ ଦିବସ ସ୍ନାନ ନିମନ୍ତେ ନିକଟ ସାମନ୍ତରାପୁର ପୁଷ୍କରିଣୀକୁ ଯାଇଥିଲେ। ଦଣ୍ଡଠାକୁର ବାଲୁଗାଁ ଅଞ୍ଚଳର ସାମନ୍ତରାପୁର, ଗୁଣ୍ଡୁରପୁର, ପାଟଣା ସାହି ଓ ନୂଆଗାଁ ଆଦି ଗ୍ରାମ ପରିକ୍ରମା କରିବା ସହ ଶେଷ ପାଣିତୋଳା ଉତ୍ସବ ସମାପନ ପରେ ସନ୍ଧ୍ୟାରେ ଗାଦିଶ୍ୱର ପୀଠକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଦଣ୍ଡଠାକୁର ଗାଦିଶ୍ୱର ପୀଠକୁ ଆସିବା ପରେ ସେଠାରେ ଠାକୁରଙ୍କୁ ସାଙ୍ଗରେ ନେଇ ପାଟଭଗତା ଅଗ୍ନିରେ ସଂଯୋଗ ଥିବା ମେରୁଖୁଣ୍ଟରେ ଝୁଲିଥିଲେ। ପୀଠରେ ବିଭିନ୍ନ ପୂଜାନୀତି ସମ୍ପାଦନା ସାରି ମେରୁଖୁଣ୍ଟ ନିକଟରେ ପୂଜା କରାଯାଇ ମାନସିକଧାରୀ ପଡ଼ିଥିବା ଅଧିଆଙ୍କୁ ଦଣ୍ଡକାଳୀ ଆବିର୍ଭାବ ହୋଇ ମନସ୍କାମନା ପୂରଣ ନିମନ୍ତେ ବରଦାନ କରିଥିଲେ। ପୂଜା ସାରି ଦଣ୍ଡୁଆମାନେ ପ୍ରସାଦ ସେବନ ପରେ ରାତ୍ରରେ ଚଳିତବର୍ଷ ଦଣ୍ଡ ଉତ୍ସବର ଶେଷ ଦଣ୍ଡନୃତ୍ୟ ପରିବେଷଣ ହୋଇଥିଲା । ରାତିରେ ଦଣ୍ଡ ଠାକୁରଙ୍କୁ ନିଜର ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରାଯାଇ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଦଣ୍ଡ ଉତ୍ସବରେ ପାଟଭଗତା ଓ ମୁଖ୍ୟ ଦଣ୍ଡୁଆଙ୍କ ସମେତ ବହୁ ମାନସିକଧାରୀ ଭଗତା ସାମିଲ ହୋଇଥିଲେ। ଏହି ୨୧ଦିନ ବ୍ୟାପୀ ଦଣ୍ଡ ଉତ୍ସବକୁ ଗ୍ରାମବାସୀ ଶୃଙ୍ଖଳାର ସହ ପରିଚାଳନାରେ ସହଯୋଗ କରିଥିଲେ।

## କଣ୍ଟାରେ ଗଡ଼ିଲେ, ନିଆଁରେ ଚାଲିଲେ



ବେଗୁନିଆ,୧୩।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକର ବିଭିନ୍ନ ସ୍ଥାନରେ ଚାଲିଥିବା ଦଣ୍ଡଯାତ୍ରାର ଅନ୍ତିମ ଦିବସ ତଥା ମେରୁପର୍ବରେ ନିଷ୍ଠାର ସହ ମାନସିକଧାରୀମାନେ ଝାମୁଯାତ୍ରାରେ ଚାଲିଥାନ୍ତି। ଡିଙ୍ଗର ଏବଂ ଦେଉଳି ପଞ୍ଚାୟତ ଅନ୍ତର୍ଗତ ଗୋଡ଼ା ଗ୍ରାମରେ ମାନସିକଧାରୀମାନେ କଣ୍ଟାରେ ଗଡିଥାନ୍ତି। ବିଭିନ୍ନ ସ୍ଥାନରେ ମାନସିକଧାରୀ ନିଆଁରେ ଚାଲୁଥିବା ଦୃଶ୍ୟ ଦେଖିବାକୁ ମିଳିଥିବା ବେଳେ ଭକ୍ତିଭାବମୟ ପରିବେଶ ମଧ୍ୟରେ ସବୁ ସ୍ଥାନରେ ଜନସାଧାରଣଙ୍କର ସମାଗମ ହୋଇଥିଲା।

## ମେରୁପର୍ବରେ ଓହଳ ତପ ଖେଳିଲେ ଦଣ୍ଡୁଆ ଭକତା

ବୋଲଗଡ,୧୩।୪ (ଦେବବ୍ରତ ହୋତା)



ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଅନ୍ତର୍ଗତ ସଂପୁର ଗ୍ରାମର ମା'ଦଣ୍ଡକାଳୀଙ୍କ ମନ୍ଦିରଠାରେ ସୋମବାର ମେରୁପର୍ବରେ ଦଣ୍ଡୁଆ ଭକ୍ତମାନେ ଓହଳ ତପରେ ଭାଗ ନେଇଥିଲେ। ପ୍ରାରମ୍ଭରେ ମା'ଦଣ୍ଡକାଳୀଙ୍କୁ ସାଥିରେ ଧରି ଦଣ୍ଡୁଆମାନେ ସ୍ନାନ ଅଭିମୁଖେ ଯାଇଥିଲେ। ବିଧି ଅନୁଯାୟୀ ଦଣ୍ଡୁଆମାନେ ଧୂଳି ଖେଳ କରିବା ପରେ ପୋଖରୀରେ ସ୍ନାନକାର୍ଯ୍ୟ, ପୂଜା ପାଠ ସାରି ଫେରିବା ସମୟରେ ଗ୍ରାମ ପରିକ୍ରମା କରି ଗ୍ରାମବାସୀଙ୍କ ଦ୍ୱାରା ପ୍ରତ୍ୟେକ ଦ୍ୱାରରେ ଭୋଗଲାଗି କରାଯାଇଥିଲା। ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିବା ପରେ ପୁରୋହିତଙ୍କ ଦ୍ୱାରା ପୂଜା ପାଠ କରାଯାଇ ହୋମ ଓ ଓହଳ ତପ ନିମନ୍ତେ ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରଚଣ୍ଡ ଅଗ୍ନିଝାସରେ ଦଣ୍ଡୁଆଙ୍କ ଗୋଡ଼ ବନ୍ଧାଯାଇ ମୁଣ୍ଡ ତଳକୁ କରି ନିଆଁରେ ଝୁଲା ଯାଇଥିଲା। ପରେ ଅଗ୍ନି ଶାନ୍ତ କରାଯାଇଥିଲା। ଏହି ଓହଳ ତପ ଖେଳ ଦେଖିବାକୁ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ଶେଷରେ ମେରୁ ଉପବାସଧାରୀ ଠାକୁରଙ୍କ ଦର୍ଶନ କରି ଉପବାସ ଭଙ୍ଗ କରିଥିଲେ। ଏହି ଓହଳ ତପ ଉତ୍ସବ ଦଣ୍ଡ କୋଠିମାନଙ୍କରେ ଦେଖିବାକୁ ମିଳୁଥିବା ବେଳେ ଫାସିଓଦା ପଞ୍ଚାୟତ ଟାଙ୍ଗୀସାହି ଗ୍ରାମରେ ମା' ଦଣ୍ଡକାଳୀଙ୍କ ଓସ୍ତତପ ଦର୍ଶନ ପାଇଁ ବହୁ ଜନସମାଗମ ହୋଇଥିଲା।

## ମହାସମାରୋହରେ ମେରୁପର୍ବ ପାଳିତ

ନିରାକାରପୁର,୧୩।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ସହିତ ଡିଆ, ଲେଣ୍ଡୋ, ରାମେଶ୍ୱର, ବଡ଼ପୋଖରିଆ, ନୂଆଗଡ଼, ଭୂଷଣ୍ଡପୁର, ସରପାରି, ଅଚ୍ୟୁତପୁର, କମାଗୁରୁ, ଟାଙ୍କୋଳ, ଛଣଗିରି, ଓଳସିଂହ, ଜଙ୍କିଆ, ଗୋଳବାଇ, ଓରବରସିଂହ, ନରଣଗଡ଼, ଗୋଡ଼ିପଡ଼ା ସମେତ ଏହାର ଆଖପାଖ ପଞ୍ଚାୟତରେ ଥିବା ସମସ୍ତ ପୁରପଲ୍ଲୀର ଇଷ୍ଟଦେବଦେବୀଙ୍କ ପୀଠରେ ମେରୁପର୍ବ ପାଳିତ ହୋଇଯାଇଛି। ଗତବର୍ଷ ଅପେକ୍ଷା ସଂଖ୍ୟାଧିକ ଭଗତା ଠାକୁରଙ୍କ ଏହି ପର୍ବକୁ ନିଷ୍ଠାର ସହ ପାଳନ କରିଥିଲେ। ଏହି ଦିବସରେ ଶତାଧିକ ଭକ୍ତ ଠାକୁରଙ୍କ ନିକଟରେ ମାନସିକ ପୂରଣ ପାଇଁ ଶ୍ରୀଜୀଉମାନଙ୍କର ଶରଣ ପଡ଼ିଥାନ୍ତି। ତେଣୁ କେହି ଭକ୍ତ ନିଆଁରେ ଚାଲୁଥିବା ବେଳେ ଆଉ କେତେଜଣ କଣ୍ଟାରେ ଓ କେହି ତତଲା ବାଲିରେ ଗଡ଼ିଥାନ୍ତି। ବିଭିନ୍ନ ଗ୍ରାମର ଆରାଧ୍ୟ ଠାକୁରଙ୍କୁ ପୂଜକମାନେ ବିଭିନ୍ନ ବେଶରେ ସଜାଇଥିଲେ। ଦଣ୍ଡ ଯାତ୍ରାର ଅନ୍ତିମ ଦିବସ ଥିବାରୁ ଶ୍ରୀଜୀଉମାନଙ୍କୁ ନିକଟସ୍ଥ ଜଳାଶୟରେ ସ୍ନାନପର୍ବ ସହ ଫଳମୂଳ ଭେଟି ଦିଆଯାଇଥିଲା। ଭଗତାମାନେ ସନ୍ଧ୍ୟାରେ ନିଜ ନିଜ କୋଠିରେ ପ୍ରସ୍ତୁତ ପଣା ସାରି ଏହି ପର୍ବକୁ ଉତ୍ସାହର ସହ ମେଲାଣି ଦେଇଥିଲେ। ଘଣ୍ଟ, ଘଣ୍ଟି, ମୃଦଙ୍ଗ ବାଦ୍ୟ ସହ ହରିବୋଲ, ହୁଳହୁଳି ଶବ୍ଦରେ ଗ୍ରାମ୍ୟ ପ୍ରକମ୍ପିତ ହୋଇଥିଲା। ଏପରିକି ଦଣ୍ଡୁଆଙ୍କ 'ହେ ଭଗତେ ଗୁହାରିଆର ମନସ୍କାମନା ପୂରଣ କର' ଧ୍ୱନିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଆରିକମାରେ 'ପଲ୍ଲୀରେ ପ୍ରଶାସନ' କାର୍ଯ୍ୟକ୍ରମ



ବୋଲଗଡ଼,୧୩।୪(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଆରିକମା ପଞ୍ଚାୟତସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଭବାନୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସୁମନସୁଧା କୁଣ୍ଡୁଙ୍କ ତତ୍ତ୍ୱାବଧାନରେ ତହସିଲଦାର ବିଜୟ ସେଠୀଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିବା ସହ ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିଥିଲେ। ମୋଟ୍ ୬୩ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୫୩ଟିର ତତ୍କାଳ ସମାଧାନ ହୋଇଥିଲା। ଆଉ ୧୦ ଅଭିଯୋଗର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପ୍ରଦାନ କରାଯାଇଛି। ସରପଞ୍ଚ ପ୍ରମୋଦ ରାଉତରାୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସମୀର ସାହୁ, ଏଡିଇଓ ନିରଞ୍ଜନ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## 'ନାରୀଶକ୍ତି ହିଁ ଗଣତନ୍ତ୍ରର ସୁରକ୍ଷା କବଚ'

ବାଲୁଗାଁ,୧୩।୪(ସଂଗ୍ରାମ ପାଇକରାୟ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଦେଶବ୍ୟାପୀ ଅନୁଷ୍ଠିତ ନାରୀଶକ୍ତି ବନ୍ଦନ କାର୍ଯ୍ୟକ୍ରମରେ ବାଲୁଗାଁ ମହାବିଦ୍ୟାଳୟ ସାମିଲ ହୋଇ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଛି। ଏହି ପରିପ୍ରେକ୍ଷୀରେ ସୋମବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ବନ୍ଦନୀୟ ନାରୀଶକ୍ତି' ଶୀର୍ଷକ ଆଲୋଚନାଚକ୍ରରେ ଅଧ୍ୟାପିକା ଓ ଛାତ୍ରୀମାନେ ଯୋଗଦେଇ ସମ୍ବିଧାନରେ ଲୋକସେବା ସାଂସଦଙ୍କ କ୍ଷେତ୍ରରେ ମହିଳା ପ୍ରତିନିଧିଙ୍କ ସଂରକ୍ଷଣ ସମ୍ପର୍କରେ ଯୁକ୍ତି ଉପସ୍ଥାପନ କରି ନାରୀଶକ୍ତି ହିଁ ଗଣତନ୍ତ୍ରର ସୁରକ୍ଷା କବଚ ବୋଲି ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ମୋନାଲିସା ମାନସିଂହ, ରୀନା ରାଉତ, ମନସ୍ୱିନୀ ପଟ୍ଟନାୟକ, ଝରଣା ନାଥ, ସ୍ୱପ୍ନାରାଣୀ ମୁଦୁଲି, ପ୍ରିୟମ୍ବଦା ମହାପାତ୍ର, ବନ୍ଦନା ଦାସ, ଶୁଭଦର୍ଶିନୀ ବିଶ୍ୱାଳ, ଅନ୍ୱେଷା ପାତ୍ର ପ୍ରମୁଖ ଯୋଗଦେଇ ମତାମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରୀ ସୁଶ୍ରୀ ଶାଶ୍ୱତୀ ମିଶ୍ର ଓ ସୁଶ୍ରୀ ପଦ୍ମିନୀ ରାଉତ ନାରୀଶକ୍ତି ଶୀର୍ଷକ କବିତା ଆବୃତ୍ତି କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପିକା ପୂଜା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଘରେ ପଶି ଦେଢ଼ ଲକ୍ଷ ଟଙ୍କା, ସୁନାଗହଣା ନେଇଗଲେ

ବାଣପୁର,୧୩।୪(ଦିଲୀପ କୁମାର ସ୍ୱାଇଁ)

ନାଚୁଣୀ ଥାନା ଅଞ୍ଚଳରେ ଚୋରଙ୍କ ଉତ୍ପାତ ଦିନକୁ ଦିନ ବଢ଼ିବାରେ ଲାଗିଛି। ଓଡ଼ଗାଁ ଗ୍ରାମର ବିଚିତ୍ର ପାଇକରାୟ ଘରେ ତାଲା ପକାଇ ଭୁବନେଶ୍ୱରରେ ପୁଅ ବୋହୁ ରହୁଥିବା ଘରକୁ ୪ଦିନ ତଳେ ଯାଇଥିଲେ। ଏହି ସୁଯୋଗରେ ରବିବାର ରାତିରେ ଦୁର୍ବୃତ୍ତମାନେ ତାଙ୍କ ଘରର ମୁଖ୍ୟ ଫାଟକ ତାଲା ଭାଙ୍ଗି ଘର ଭିତରକୁ ପଶିଥିଲେ। ତେବେ ଦୁର୍ବୃତ୍ତମାନେ ମୋଟ୍ ୫ଟି ତାଲା ଭାଙ୍ଗି ବେଡରୁମ୍‌ର ପଶିବା ସହ ଆଲମିରା ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା, ଗୋଟିଏ ସୁନାହାର, ୨ଟି ସୁନାଚେନ, ୩ଟି ହାତ ମୁଦି ସହିତ ପ୍ରାୟ ୩୦ ଗ୍ରାମ ଉପରେ ସୁନା ଗହଣା ନେଇଯାଇଛନ୍ତି। ଖବରପାଇ ଗମ୍ଭାରୀମୁଣ୍ଡା ବିଟ୍‌ହାଉସ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସାହାଯ୍ୟରେ ତଦନ୍ତ କରିଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ ଲୁଟେରାଙ୍କ ଟେଟ୍ ମିଳିପାରି ନ ଥିବା ଜଣାପଡ଼ିଛି। ସୂଚନାଥାଉ କି, ଦୁଇମାସ ପୂର୍ବେ ଏହି ଗ୍ରାମର ନେତ୍ରାନନ୍ଦ ମହାରଣାଙ୍କ ଏକ ବୁଲେଟ ଚୋରି ହୋଇଥିଲା। ସେହିପରି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ପୈତୃକ ବାସଭବନ ଏବଂ ଦେଓଗାଁ ପଥରା ପାହାଡ଼ ରାଧାକାନ୍ତ ଦେବ ମନ୍ଦିରରୁ ଚୋରି ଘଟଣାରେ ପୋଲିସକୁ ସଫଳତା ମିଳି ନ ଥିବା ଜଣାପଡ଼ିଛି।

## ମା'ମଙ୍ଗଳା କ୍ରିକେଟ କ୍ଲବ ଚାମ୍ପିୟନ

**ବାଘମାରୀ ପ୍ରିମିୟର ଲିଗ୍**

ବାଘମାରୀ,୧୩।୪(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ପଞ୍ଚାୟତ ଖେଳପଡ଼ିଆରେ ଶିବଶକ୍ତି ବିପ୍ଳବ କ୍ଲବ ଆନୁକୂଲ୍ୟରେ ଚାଲିଥିବା ତୃତୀୟ ବାର୍ଷିକ ବାଘମାରୀ ପ୍ରିମିୟର ଲିଗ୍‌ରେ ମା'ମଙ୍ଗଳା କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଏହି ପ୍ରିମିୟର ଲିଗ୍‌ରେ ଚାରିଟି ଦଳ ଅଂଶଗ୍ରହଣ କରିଥିବା ବେଳେ ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ କିଙ୍ଗ ଜଗୁଆର୍ କ୍ରିକେଟ କ୍ଲବକୁ ହରାଇ ମା'ମଙ୍ଗଳା କ୍ରିକେଟ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅନୁଷ୍ଠାନର ସଭାପତି ଚକ୍ରଧର ପାଇକରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବାଘମାରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ସାମନ୍ତରାୟ, ସମ୍ମାନିତ ଅତିଥିଭାବେ ଖୋର୍ଦ୍ଧା ଜିଲା ପରିଷଦ ସଭ୍ୟ ଅନାଦି ଚରଣ ସାହୁ, କୁଞ୍ଜୁରି ସରପଞ୍ଚ ପରମାନନ୍ଦ ସାହୁ, ଚର୍ତ୍ତୁଭୂଜ ପାଇକରାୟ, ଅଶୋକ କୁମାର ପୃଷ୍ଟି ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳିଭାବେ ଆଶିଷ ଚମ୍ପତି ଏବଂ ଚାମ୍ପିୟନ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଶୁଭଦତ୍ତ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି ଚାମ୍ପିୟନ ଦଳର ଖେଳାଳି।

## ଆନ୍ତଃ କ୍ଲବ, ଜିଲା କବାଡ଼ି ଚାମ୍ପିୟନଶିପ୍ ଉଦ୍‌ଘାଟିତ

**ଜିଲାସ୍ତରୀୟ ସିଏମ୍ ଟ୍ରଫି**

ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା କ୍ରୀଡ଼ା ସଂସଦ ଆନୁକୂଲ୍ୟରେ ଜିଲାସ୍ତରୀୟ ସିଏମ୍ ଟ୍ରଫି ଏବଂ ପ୍ରଥମ ଆନ୍ତଃ କ୍ଲବ ଓ ଜିଲା କବାଡ଼ି ଚାମ୍ପିୟନଶିପ୍-୨୦୨୬ ସୋମବାର ଖୋର୍ଦ୍ଧା ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଥିଲେ, କ୍ରୀଡ଼ାର ପ୍ରଚାରପ୍ରସାର କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏହା ଏକ ଅଭିନବ ଯୋଜନା। ଏହା ତୃଣମୂଳସ୍ତରରେ କ୍ରୀଡ଼ା ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ କରିବ। ସମ୍ମାନିତ ଅତିଥିଭାବେ ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇଥିଲେ। କ୍ରୀଡ଼ା ଶରୀରକୁ ସୁସ୍ଥ ରଖେ। କ୍ରୀଡ଼ା ଶିକ୍ଷା, କଠିନ ପରିଶ୍ରମ ଜାରି ରଖିଲେ ଭବିଷ୍ୟତରେ ଭଲ ଖେଳାଳି ହେବା ସହ ସୁନାମ ଅର୍ଜନ କରିପାରିବ। କ୍ରୀଡ଼ାରେ ଶୃଙ୍ଖଳା, ଏକାଗ୍ରତା ଜରୁରୀ ବୋଲି ଅତିଥିମାନେ କହିଥିଲେ। କ୍ରୀଡ଼ା ସଂସଦ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ଦେବା ସହ ମୁଖ୍ୟମନ୍ତ୍ରୀ ଟ୍ରଫି ଓ କବାଡ଼ି ଚାମ୍ପିୟନଶିପ୍-୨୦୨୬ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଳକ ଓ ବାଳିକା ବିଭାଗରୁ ଯଥାକ୍ରମେ ୧୦ ଓ ୬ ଦଳ ଅଂଶ ଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କ୍ରୀଡ଼ା ସଂସଦ କାର୍ଯ୍ୟକର୍ତ୍ତା ଜ୍ୟୋତି ପ୍ରକାଶ ମହାନ୍ତି, ଅନିଲ କୁମାର ସାହୁ, ଡାନିଏଲ ନାୟକ, ବୀରକିଶୋର ସିଂହ, କେଦାର କୁମାର ବରାଳଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରଶିକ୍ଷକମାନେ ଯୋଗଦେଇଥିଲେ। କ୍ରୀଡ଼ା ସଂଘ ସଭାପତି ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




ଅତିଥିଙ୍କ ସହ ପିଲାମାନେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୩।୪।୨୦୨୬

| | |
|---|---|
| ୫,୯୩,୦୦୫ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଶ୍ରୀମନ୍ଦିରରୁ ବିଭିନ୍ନ ମହାବୀର ମନ୍ଦିରକୁ ଯିବ ଆଜ୍ଞାମାଳ

ପୁରୀ,୧୩।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀକ୍ଷେତ୍ରରେ ହନୁମାନ ଉପାସନା ବହୁ ପ୍ରାଚୀନ ପରମ୍ପରା। ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ରଙ୍କ ସୂଚନା ଅନୁଯାୟୀ, ଶ୍ରୀକ୍ଷେତ୍ରର ମହାବୀର ଉପାସନା ସହିତ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ସମ୍ପୃକ୍ତି ରହିଛି। ମହାବିଷୁବ ସଂକ୍ରାନ୍ତି ଦିନ ମଠ ପକ୍ଷରୁ ଶ୍ରୀମନ୍ଦିର ପୂର୍ବଦ୍ୱାରରେ ବିଜେ କରିଥିବା ଫତେ ମହାବୀର, ପଶ୍ଚିମଦ୍ୱାର ମହାବୀର ଓ ଦକ୍ଷିଣଦ୍ୱାର ମହାବୀରଙ୍କୁ ପ୍ରଥମେ ପନ୍ତିଭୋଗ ଲାଗେ। ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଜଗନ୍ନାଥବଲ୍ଲଭ ମଠକୁ ଯାଇ ମଠ ପରିସରରେ ବଡ଼ ମହାବୀର ନାମରେ ପ୍ରସିଦ୍ଧ ସୁଗ୍ରୀବ ମହାରାଜଙ୍କ ନିକଟରେ ପହଞ୍ଚିଥାଏ। ଶ୍ରୀମନ୍ଦିର ପୂଜାପଣ୍ଡା ସୁଗ୍ରୀବ ମହାରାଜାଙ୍କୁ କାନ୍ତି ଓ ଶିରୁପା ସମର୍ପଣ କରିବା ପରେ ଆଜ୍ଞାମାଳ ଲାଗି ହୁଏ ଓ ପୁନଃ ମଠ ପରିସରରେ ଥିବା ଗୁମ୍ଫା ମହାବୀରଙ୍କ ପାଖକୁ ଆଜ୍ଞାମାଳ ଯାଏ। ଗୁମ୍ଫା ମହାବୀର, ମନ୍ତ୍ରୀ ଜାମ୍ବବାନ ରୂପେ ପ୍ରସିଦ୍ଧ। ସେଠାରେ ନୀତି ସରିବା ପରେ ମହାପ୍ରଭୁଙ୍କ ଆଜ୍ଞାମାଳର କିଛି ଅଂଶ ଜାମ୍ବବାନଙ୍କୁ ଲାଗିହୁଏ। ପୂର୍ବରୁ ସୁଗ୍ରୀବ ମହାରାଜାଙ୍କୁ ମଧ୍ୟ ଆଜ୍ଞାମାଳର କିଛିଅଂଶ ଲାଗି ହୋଇଥାଏ। ସୁଗ୍ରୀବ ମହାରାଜ, ମନ୍ତ୍ରୀ ଜାମ୍ବବାନଙ୍କ ପରେ ଆଜ୍ଞାମାଳ ମଠ ପରିସରରେ ଗୁଆବାରୀ ମହାବୀର ରୂପେ ଲୋକପ୍ରସିଦ୍ଧି ଲାଭ କରିଥିବା ଶ୍ରୀହନୁମାନଙ୍କ ପାଖକୁ ଯାଏ। ଏଠାରେ ପୂଜାନୀତି ସରିବା ପରେ ପୂଜାପଣ୍ଡା ସାମନ୍ତ ଆଜ୍ଞାମାଳର କିଛି ଅଂଶ ଶ୍ରୀହନୁମାନଙ୍କୁ ଲାଗି କରନ୍ତି। ଏହାପରେ ଆଜ୍ଞାମାଳ ପୋଖରିଆ ମହାବୀରଙ୍କ ପାଖକୁ ଯାଏ।

ବର୍ତ୍ତମାନ ବଡ଼ଦାଣ୍ଡରେ ଥିବା ମ୍ୟୁନିସିପାଲିଟି ମାର୍କେଟ, ଯାହାକି ବଳଭଦ୍ରବଲ୍ଲଭ ରୂପେ ପରିଚିତ ଥିଲା, ତାହାର ପୂର୍ବଦିଗକୁ ଏହି ପୋଖରିଆ ଅବସ୍ଥିତ। ପୂର୍ବେ ଏହା ଶ୍ରୀସୁଦର୍ଶନବଲ୍ଲଭ ରୂପେ ପରିଚିତ ଥିଲା। ପୋଖରିଆ ମହାବୀର ଶ୍ରୀଜଗନ୍ନାଥବଲ୍ଲଭ ମଠର ଉପାସନା ଭିତ୍ତିରେ ରାମାୟଣର 'ନୀଳ' ରୂପେ ଉପାସିତ। ଏଠାରେ ନୀତି ହେବା ପରେ ଆଜ୍ଞାମାଳର କିଛି ଅଂଶ ଲାଗି କରାଯାଏ। ଏହାପରେ ମହାପ୍ରଭୁଙ୍କଠାରୁ ଆସିଥିବା ଅବଶିଷ୍ଟ ଆଜ୍ଞାମାଳ ସହ ପୂଜାପଣ୍ଡା ସାମନ୍ତ ଚକ୍ରତୀର୍ଥ ଅଞ୍ଚଳରେ ବିଜେ କରିଥିବା ବେଢ଼ି ହନୁମାନଙ୍କ ନିକଟକୁ ପଟୁଆରରେ ଯାଆନ୍ତି। ବେଢ଼ି ହନୁମାନ ଅଥବା ଦରିଆ ମହାବୀର ରୂପେ ପ୍ରସିଦ୍ଧି ଲାଭ କରିଥିବା ଏହି ମହାବୀର, ଶ୍ରୀଜଗନ୍ନାଥବଲ୍ଲଭ ମଠର ଉପାସନା ଧାରାରେ 'ନଳ' ରୂପେ ପରିଚିତ। ସେଠାରେ କାନ୍ତି ଶିରିପା ଲାଗି ପରେ ମହାପ୍ରଭୁଙ୍କ ଆଜ୍ଞାମାଳ ଲାଗି ହୁଏ। ସେଠାରୁ ଉକ୍ତ ପଟୁଆର ପୁନଃ ଶ୍ରୀଜଗନ୍ନାଥବଲ୍ଲଭ ମଠକୁ ଆସେ। ଶ୍ରୀଜଗନ୍ନାଥ ବଲ୍ଲଭରେ ସେତେବେଳକୁ ଶ୍ରୀମନ୍ଦିରର ଭଣ୍ଡାର ମହାବୀର ପାଲିଙ୍କିରେ ଆସି ବିଜେ କରିଥାନ୍ତି। ମହାପ୍ରଭୁଙ୍କ ଆଜ୍ଞାମାଳ ପଟୁଆର ମଠକୁ ଫେରିବା ବେଳକୁ ଭଣ୍ଡାର ମହାବୀର ଅପେକ୍ଷା କରିଥାନ୍ତି। ପୂଜାପଣ୍ଡା ସେବକ ଭଣ୍ଡାର ମହାବୀରଙ୍କୁ ଏଠାରେ ମାଜଣା କରି କାନ୍ତଶିରପା ଲାଗି କରିବା ପରେ ଭଣ୍ଡାର ମହାବୀର ଶ୍ରୀମନ୍ଦିରକୁ ଫେରିଥାନ୍ତି। ତେବେ ତେବେ ଅତୀତରେ ଶ୍ରୀକ୍ଷେତ୍ରରେ ଅଷ୍ଟମହାବୀରଙ୍କ ଉପାସନା ହେଉଥିବା ସୂଚନା ମିଳେ। ଏବେ ୫ ମହାବୀରଙ୍କ ନିକଟକୁଆଜ୍ଞାମାଳ ଯାଉଥିବାବେଳେ ଅନ୍ୟ ୩ ମହାବୀର କିଏ ତାହା ଏବେ ଲୁକ୍କାୟିତ ହୋଇ ରହିଥିବା ମିଶ୍ର ସୂଚନା ଦେଇଛନ୍ତି।

## ଆଜି ମହାବିଷୁବ ସଂକ୍ରାନ୍ତି



ଶ୍ରୀମନ୍ଦିରରେ ପୁରୀବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ ଦାବିରେ ସିଂହଦ୍ୱାର ସମ୍ମୁଖରେ ଧାରଣା।

# ଆଶା ଭୋସ୍‌ଲେଙ୍କୁ ସ୍ୟାଣ୍ଡ୍ ଆନିମେଶନରେ ଶ୍ରଦ୍ଧାଞ୍ଜଳି




ପୁରୀ,୧୩।୪(ଅଜିତ୍ କୁମାର ମହାନ୍ତି)

ବଲିଉଡ୍‌ର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କର ରବିବାର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ଭାରତୀୟ ସଙ୍ଗୀତ ଜଗତର ଅପରାଜୟ ସାମ୍ରାଜ୍ଞୀ ଆଶା ଭୋସଲେ ଯିଏ ନିଜ ସ୍ୱରରେ ଆଠ ଦଶନ୍ଧି ଧରି ନିଜର ମଧୁର କଣ୍ଠରେ କୋଟି କୋଟି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତାଙ୍କ ବିୟୋଗରେ ପୁରୀ ଅଠରନଳା ସ୍ଥିତ ଭାସ୍କର୍ଯ୍ୟ ଶିଳ୍ପୀ ୪୫ ମିନିଟ୍‌ର ଏକ ସ୍ୟାଣ୍ଡ ଆନିମେଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପଦ୍ମ ବିଭୂଷଣ ଆଶା ଭୋସଲେଙ୍କ ବିୟୋଗରେ ବଲିଉଡ୍ ନୁହେଁ ବରଂ ସମଗ୍ର ବିଶ୍ୱ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।

# ଆଜି ଜାଗା ଆଖଡ଼ାରେ ହେବ କୁସ୍ତି ଖେଳ

ପୁରୀ,୧୩।୪(ଅଜିତ କୁମାର ମହାନ୍ତି)

ଓଡ଼ିଆ ପଞ୍ଜିକାର ଗଣନା ଅନୁସାରେ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷର ପ୍ରଥମ ସଂକ୍ରାନ୍ତି ଭାବେ ଗ୍ରହଣ କରାଯାଏ। ଏହି ଦିନଟିକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଏ। ବର୍ଷ ଆରମ୍ଭ ହେଉଥିବାରୁ ଓଡ଼ିଆ ପରିବାରରେ ଦେବଦେବୀଙ୍କଠାରେ ପୂଜା, ଭୋଗ, ହୋମ ସହ ଚଉରା ମୂଳରେ ଛତୁଆ ଓ ପଣା ଭୋଗର ବିଧି ରହିଛି। ତୁଳସୀ ବୃକ୍ଷ ଉପରେ ନଡ଼ିଆ ବାହୁଙ୍ଗାରେ ଛାମୁଡ଼ିଆ କରି ଘଡ଼ିରେ ଜଳ ରଖି ଜଳଦାନ କରାଯାଇଥାଏ। ତେଣୁ ଏହିଦିନକୁ ପଣା ସଂକ୍ରାନ୍ତି ବୋଲି କୁହାଯାଏ। ଏହିଦିନ ମହାବୀର ହନୁମାନ ଜନ୍ମ ହୋଇଥିବାରୁ ଉକ୍ତ ଦିନକୁ ହନୁମାନ ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମହାବିଷୁବ ସଂକ୍ରାନ୍ତି ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ସକାଳଧୂପ ସମ୍ପନ୍ନ ହେବା ପରେ ପାଳିଆ ପୂଜାପଣ୍ଡା ସାମନ୍ତ ରତ୍ନସିଂହାସନ ଉପରକୁ ଯାଇ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଅଧର ଚୁମ୍ବିତ ମାଳକୁ ଆଣିଥାନ୍ତି। ଘଣ୍ଟ, ଛତା, କାହାଳୀ ସହ ଆଜ୍ଞାମାଳକୁ ପୂଜାପଣ୍ଡା ସାମନ୍ତ ପ୍ରଥମେ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ସମସ୍ତ ହନୁମାନଙ୍କ ବିଗ୍ରହରେ ପ୍ରଦାନ କରିଥାନ୍ତି। ପରେ ଜଗନ୍ନାଥବଲ୍ଲଭ, ପୋଖରିଆ ସମେତ ଶ୍ରୀମନ୍ଦିର ସହ ଜଡ଼ିତ ଥିବା ସହରର ବିଭିନ୍ନ ମହାବୀରଙ୍କୁ ଏହି ଆଜ୍ଞାମାଳ ପ୍ରଦାନ କରାଯାଇଥାଏ। ଶେଷରେ ଚକ୍ରତୀର୍ଥ ରୋଡ୍‌ରେ ଥିବା ବେଢି ହନୁମାନଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳ ପ୍ରଦାନ କରିବାର ବିଧି ରହିଛି। ସେହିପରି ଶ୍ରୀମନ୍ଦିର ସହ ଜଡ଼ିତ ଥିବା ଜାଗାଗୁଡ଼ିକରୁ ମହାବୀରଙ୍କ ପ୍ରତୀକ ନିଶାମ ବାହାରି ଶ୍ରୀମନ୍ଦିର ଚାରିପାଖ ପରିକ୍ରମା କରିବାର ବିଧି ରହିଛି। ସେହିପରି ଜାଗା ପରିସରରେ ଥିବା ସମସ୍ତ ସରଞ୍ଜାମଗୁଡ଼ିକୁ ମହାବୀରଙ୍କ ନିକଟରେ ପୂଜା କରାଯାଇଥାଏ। ପରେ ଜାଗା ଆଖଡ଼ାର ସଦସ୍ୟମାନେ ନୂତନ ବସ୍ତ୍ର ମହାବୀରଙ୍କ ନିକଟରେ ଲାଗି କରି ପରମ୍ପରା ମୁତାବକ କୁସ୍ତି ଖେଳିଥାନ୍ତି। ସେହିପରି ପୁରୀର ଅନ୍ୟତମ ପ୍ରମୁଖ ଦେବୀ ପୀଠ ମା' ଝାଡ଼େଶ୍ୱରୀ ପୀଠରେ ମହାବିଷୁବ ସଂକ୍ରାନ୍ତି ଅବସରରେ ଝାମୁ ଯାତ୍ରା ଅନୁଷ୍ଠିତ ହୋଇଥାଏ।

## ସଂକ୍ଷେପରେ

### ବୃଦ୍ଧାଙ୍କ ବେକରୁ ସୁନାଚେନ ଝାମ୍ପିନେଲେ

ନିମାପଡ଼ା,୧୩।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ଭୁବନିପୁର ଗ୍ରାମର ଗୌରୀ ଦେଈ (୭୨) ନାମ୍ନୀ ବୃଦ୍ଧାଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଦୁଇଜଣ ଲୁଟେରା ବାଇକରେ ଚମ୍ପଟ ମାରିଛନ୍ତି। ରବିବାର ସକାଳେ ଗୌରୀ ତାଙ୍କ ଘର ନିକଟରେ ଫୁଲ ତୋଳି ସାରି ଦାଣ୍ଡଦୁଆରେ ଠିଆହୋଇଥିଲେ। ଏହି ସମୟରେ ହଠାତ ଦୁଇଜଣ ଲୁଟେରା ଏକ ବାଇକରେ ଆସି ଗୌରୀଙ୍କ ନିକଟରେ ପହଞ୍ଚି ତାଙ୍କ ବେକରୁ ସୁନାଚେନ ଛିଡ଼ିନେଇ କେନାଲବନ୍ଧ ରାସ୍ତାରେ ଦ୍ରୁତଗତିରେ ପଳାଇଯାଇଥିଲେ। ଏସମ୍ପର୍କରେ ଗୌରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ କେସ୍ (ନଂ.୧୦୪/୨୬) ରୁଜୁକରି ତଦନ୍ତ ଚଳାଇଛି। ଲୁଟେରାଙ୍କ ଯୋଗୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ତୁରନ୍ତ ଲୁଟେରାଙ୍କୁ ଗିରଫ କରାଯିବାକୁ ଗୌରୀଙ୍କ ପରିବାରବର୍ଗ ପୋଲିସ ନିକଟରେ ଦାବି କରିଛନ୍ତି।

### ବିନୟ ଜାତୀୟ ସାଇକେଲ ପୋଲୋ କ୍ରୀଡ଼ାର ଉପାଧ୍ୟକ୍ଷ

ପୁରୀ,୧୩।୪(ଅଜିତ୍ କୁମାର ମହାନ୍ତି)

ବିଶିଷ୍ଟ ଆଇନଜୀବୀ ତଥା ଆମେଚର ଗୋ ଜାତୀୟ କ୍ରୀଡ଼ାର ରାଜ୍ୟ ସଭାପତି ବିନୟ ନୃସିଂହ ମହାପାତ୍ର ମହାରାଷ୍ଟ୍ର ନାଗପୁର



ଠାରେ ଆୟୋଜିତ ଜାତୀୟ ନିର୍ବାଚନୀ ପର୍ବରେ ଜାତୀୟ ଉପାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସେ ଏକାଧାରରେ ସାମାଜିକ ସଂଗଠକ ଓ ଅଟଳ ବିଚାର ମଞ୍ଚର ଅଧ୍ୟକ୍ଷ ଭାବେ ଯୋଗଦେଇ ବିଭିନ୍ନ ସମସ୍ୟା ସମ୍ବନ୍ଧରେ କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କୁ ରାଜ୍ୟ ସମ୍ପାଦକ ରାଜକିଶୋର ମହାନ୍ତିଙ୍କ ସମେତ କ୍ରୀଡ଼ାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

### ବକୁଳ ବାଟିକାରେ ବନ୍ଧୁମିଳନ

ସାକ୍ଷୀଗୋପାଳ,୧୩।୪
(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ଶ୍ରୀପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ୨୦୦୨ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ବକୁଳବନସ୍ଥିତ ବକୁଳ ବାଟିକାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୪ ବର୍ଷର ବ୍ୟବଧାନରେ ଏକାଠି ହୋଇଥିବା ବନ୍ଧୁମାନେ ଛାତ୍ର ଜୀବନର ପୁରୁଣା ସ୍ମୃତି ବଖାଣିଥିଲେ। ଦିବଂଗତ ବନ୍ଧୁମାନଙ୍କୁ ମନେପକାଇ ଏକମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପରସ୍ପର ଭାବ ବିନିମୟ ସହିତ ଅନୁଷ୍ଠିତ ସଭାରେ କବିତା ପାଠ କରାଯାଇଥିଲା। ବକୁଳ ବାଟିକାର ଛାୟାପ୍ରଦ ସବୁଜିମା ମଧ୍ୟରେ ଏକ ଭୋଜି ଆୟୋଜନ କରାଯାଇଥିଲା। ଦୁର୍ଗା ଶଙ୍କର ଦାଶ, ନିରଞ୍ଜନ ନାୟକ, ସୂର୍ଯ୍ୟକାନ୍ତି ସାହୁ, ନିରୁପମା ତ୍ରିପାଠୀ, ଦେବାଶିଷ ମିଶ୍ର, ଦୀପକ ରଞ୍ଜନ ମହାରଣା, ସନ୍ତୋଷ କୁମାର ପ୍ରଧାନ ଓ ବଟକୃଷ୍ଣ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଆମ ରୁଚି ଆମ ଖାଦ୍ୟ' ପ୍ରତିଯୋଗିତା

ପୁରୀ,୧୩।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନର ତ୍ରୟୋଦଶ ଦିବସରେ ସୋମବାର ଅପରାହ୍ନରେ ଜିଲାପରିଷଦ କାର୍ଯ୍ୟାଳୟଠାରେ 'ଆମ ରୁଚି ଆମ ଖାଦ୍ୟ' ସମ୍ପର୍କରେ ଏକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଆନୁକୂଲ୍ୟରେ ଓ ଓରମାସ, ପୁରୀ ସହଯୋଗରେ ଏହି ଜିଲାସ୍ତରୀୟ ପାରମ୍ପରିକ ଖାଦ୍ୟ ଦିବସରେ ଅତିରିକ୍ତ ଉନ୍ନୟନ ଅଧିକାରୀ ରାଜୀବ କୁମାର ବେହେରା, ଉପଜିଲାପାଳ ରାଜକିଶୋର ଜେନା ଯୋଗଦେଇ ଆମ ପାରମ୍ପରିକ ଖାଦ୍ୟ ମେଳା ପରିଦର୍ଶନ କରିଥିଲେ। ଏହି ଖାଦ୍ୟ ଷ୍ଟଲ୍‌ରେ ଓଡ଼ିଆ ଘରର ଚନ୍ଦ୍ରକାନ୍ତି ପିଠା, ମାଲପୁଆ, ଚୁଡ଼ା କଦମ୍ବ, ଡାଲମା, କାକେରା ପିଠା, ଆରିସା ପିଠା, କ୍ଷୀର ପୋଡ଼ପିଠା, ସିଝା ମଣ୍ଡା ପିଠା, ଡାଲିଆ ପିଠା, ମାଣ୍ଡିଆ ସର୍ବତ, ସୁଆଁ ଖିରି, କଳା ଚାଉଳ ଖିରି, ପୋଦିନା ସର୍ବତ, ମାଣ୍ଡିଆ କାଞ୍ଜି, ଚାଉଳ ବରା, ଲାଉ ଚିତଉ ପିଠା, ଅପରାଜିତା ଫୁଲ ମଣ୍ଡା ପିଠା, ମାଣ୍ଡିଆ ଓ ଗୁଡ଼ ପିଠା ଇତ୍ୟାଦି ଏହି ଖାଦ୍ୟ ମେଳାରେ ପ୍ରଦର୍ଶିତ ହୋଇଥିଲା। ପରେ ଖାଦ୍ୟ ପ୍ରସ୍ତୁତ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀ ମା'ମାନଙ୍କ ମଧ୍ୟରୁ ପ୍ରଥମ ହୋଇଥିବା ମା' ସନ୍ତୋଷୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ହୋଇଥିବା ଶ୍ରୀକ୍ଷେତ୍ର ମଲ୍ଟି ଆକ୍ଟିଭିଟି ଉତ୍ପାଦକ ଗୋଷ୍ଠୀ, ସତ୍ୟବାଦୀ ଓ ଯୁଗ୍ମ ତୃତୀୟ ହୋଇଥିବା ଭୁବନେଶ୍ୱରୀ ଉତ୍ପାଦକ ଗୋଷ୍ଠୀ, ପୁରୀ ସଦର ଏବଂ କୁଞ୍ଜେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ପୁରୀ ସଦରକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଏପିଡି ବାଣୀଭୂଷଣ ଦାଶ, ତୃପ୍ତି ବଡ଼ଜେନା, ଓରମାସ୍‌ର ଡେପୁଟି ସିଇଓ ନିଗମ ଚରଣ ଦାଶ, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଈ, ବାଲ୍ୟବତୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯଉଛି।

# ଗ୍ରାମାଞ୍ଚଳରେ ବିକ୍ରି ହେଉଛି 'ଗୋଗୋ'

ଅସ୍ତରଙ୍ଗ/କାକଟପୁର,୧୩।୪
(ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭଦର୍ଶନ ମିଶ୍ର)

ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ଚା ଓ ପାନଦୋକାନରେ ଗଞ୍ଜେଇ ବିକ୍ରି ହେଉଥିବାବେଳେ ସିଗାରେଟ ଆକୃତିର ଗୋଗୋ ଟାଣି ରାସ୍ତାରେ ବୁଲୁଛନ୍ତି ନିଶାଡ଼ି। ସେମାନଙ୍କ ଯୋଗୁ ଘରୁ ବାହାରିବା ପାଇଁ ମହିଳମାନେ ଡରୁଛନ୍ତି। କେହି ବାରଣ କଲେ ସମ୍ପୃକ୍ତ ନିଶାଖୋର ବ୍ୟକ୍ତିମାନେ ନାଲିଆଖି ଦେଖାଉଛନ୍ତି। ପୋଲିସ ଧରପଗଡ଼କୁ ଖାତିର କରୁନାହାନ୍ତି। ଅବକାରୀ ଓ ପୋଲିସ ବିଭାଗ ମଧ୍ୟ ସବୁ ଦେଖି ଚୁପ୍ ବସୁଛି। ଏବେ ସ୍ୱତନ୍ତ୍ର ପ୍ୟାକେଟରେ ଚିଲମ ସଦୃଶ ଖୋଳ ମିଳୁଛି, ଯାହାର ନାମ ଗୋଗୋ। ଏହାର ଦାମ୍ ୧୦ ଟଙ୍କା। ଖୋଳରେ ଗଞ୍ଜେଇ ଭର୍ତ୍ତି କରି ୫୦ ଟଙ୍କାରେ ବିକାଯାଉଛି। ଅନେକ ବ୍ୟକ୍ତି ନିଜ ଘରେ ବାଜା ସିଗାରେଟ ପ୍ରସ୍ତୁତ କରି ବେପାରୀଙ୍କୁ ବିକୁଛନ୍ତି। ଦୋକାନୀମାନେ ଲୁଚାଛପାରେ ତାହାକୁ ବିକ୍ରି କରୁଛନ୍ତି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ଇନ୍ସପେକ୍ଟର ପ୍ରଭାକର ସେଠୀ କହିଛନ୍ତି, ପଥାୟ ପ୍ରତ୍ୟେକ ଦିନ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ଚଢାଉ କରାଯାଉଛି। ଚୋରା ନିଶା କାରବାର ଉପରେ ପୋଲିସ ନଜର ରଖିଛି, କେହି ଧରାପଡ଼ିଲେ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଓଡ଼ିଆ ନବବର୍ଷ ପାଳିଲେ ଓଏଭି ଛାତ୍ରୀଛାତ୍ର




ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ ।

କୋଣାର୍କ,୧୩।୪(ଜ୍ୟୋତିରାଜ ମହାନ୍ତି)

ମହାବିଷୁବ ସଂକ୍ରାନ୍ତିର ଅବ୍ୟବହିତ ପୂର୍ବରୁ ସୋମବାର କୋଣାର୍କ ନିକଟ କୁଞ୍ଜସ୍ଥିତ କାକଟପୁର ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଓଡ଼ିଆ ନବବର୍ଷ ପାଳନ କରିବା ସହ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ପାଇଁ ଶପଥ ନେଇଛନ୍ତି। କୋଣାର୍କର ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଏଭି ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ଅଭିଭାବକ ଓ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ସମାଜ କଲ୍ୟାଣ ସଂସ୍ଥାନର ସମ୍ପାଦକ ବିରଞ୍ଚି ନାରାୟଣ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ମୁଖ୍ୟ ଅତିଥି, ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ତ୍ରିପାଠୀ ମୁଖ୍ୟ ବକ୍ତା ଏବଂ ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟଜିତ ସ୍ୱାଇଁ, ଶିକ୍ଷକ ଭାଗିରଥୀ ପାଇକରାୟ, ଶିକ୍ଷକ ଫିଲୁ ଦଳାଇ ଓ ଶିକ୍ଷୟିତ୍ରୀ ସମିତା ପ୍ରଧାନ ସମ୍ମାନିତ ଅତିଥିରୂପେ ଯୋଗଦେଇ ମହାବିଷୁବ ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଶିକ୍ଷକ ସୁମନ୍ତ କୁମାର ଶତପଥୀ ସଂଯୋଜନା କରିଥିଲେ। କଳା ଶିକ୍ଷକ ମାଧବ ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଦୀପ୍ତ କୁମାର ପ୍ରଧାନ ଓ ସବିତା ରଥ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଔଷଧ ପ୍ରସ୍ତୁତକାରୀ କମ୍ପାନୀ ପକ୍ଷରୁ ନିଯୁକ୍ତି ସାକ୍ଷାତ୍‌କାର

ପୁରୀ,୧୩।୪(ଅଜିତ୍ କୁମାର ମହାନ୍ତି)

କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନସେସ୍ ମହାବିଦ୍ୟାଳୟରେ ବି.ଫାର୍ମା, ଡି.ଫାର୍ମା ଓ ଏମ୍. ଫାର୍ମା ଭଳି ଫାର୍ମାସୀ ପାଠ୍ୟକ୍ରମର ଅଧ୍ୟୟନ କରାଯାଇଥାଏ। ସେଠାରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ୧୦୦% ନିଯୁକ୍ତି ସୁଯୋଗ ପ୍ରଦାନ କରିବା ଲକ୍ଷ୍ୟରେ ପ୍ରତିବର୍ଷ କଲେଜ ଦ୍ୱାରା ବିଭିନ୍ନ ଔଷଧ ପ୍ରସ୍ତୁତକାରୀ କମ୍ପାନୀ ଦ୍ୱାରା ବିଭିନ୍ନ ସମୟରେ ନିଯୁକ୍ତି ସାକ୍ଷାତକାର ଆୟୋଜନ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ସୋମବାର ମୁମ୍ବାଇସ୍ଥିତ ଔଷଧ ପ୍ରସ୍ତୁତକାରୀ କମ୍ପାନୀ 'ମାକ୍‌ଲଏଡ ଫାର୍ମାସ୍ୟୁଟିକାଲ ଲିମିଟେଡ' ଦ୍ୱାରା ଏକ ନିଯୁକ୍ତି ସାକ୍ଷାତକାର କରାଯାଇଛି। ଏହା ପୂର୍ବରୁ କଲେଜ ଅଧ୍ୟକ୍ଷ ଡ. ଅମୀୟକାନ୍ତ ମିଶ୍ର, ନିର୍ଦ୍ଦେଶକ ଡ. ସନ୍ତୋଷ କୁମାର ମହାପାତ୍ର, ଉପାଧ୍ୟକ୍ଷ ସଞ୍ଜୟ କୁମାର ନାଏକ ଏବଂ ଉକ୍ତ କମ୍ପାନୀର ଅଧିକାରୀଙ୍କ ଦ୍ୱାରା କମ୍ପାନୀ ବିଷୟରେ ସମ୍ୟକ ସୂଚନା ଦିଆଯାଇଥିଲା। ଏହି ସାକ୍ଷାତକାରରେ ଉକ୍ତ କଲେଜ ଓ ବାହାର କଲେଜରୁ ମୋଟ ୫୦ ଜଣ ଆଶାୟୀ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରୁ କମ୍ପାନୀ ପରୀକ୍ଷା କରିବା ପରେ ମୋଟ ୧୭ଜଣ ଛାତ୍ରୀଛାତ୍ରଙ୍କୁ ଯୋଗ୍ୟ ବିବେଚିତ କରି ସେମାନଙ୍କୁ କମ୍ପାନୀରେ ନିଯୁକ୍ତି ପାଇଁ ଅଫର ଲେଟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁନୀତା ମିଶ୍ର, ବିଦ୍ୟୁସ୍ମିତା ପ୍ରଧାନ, ଅଧ୍ୟାପକ ଯଶସୀ ରାୟ, ଅସିତ୍ କୁମାର ଷଡ଼ଙ୍ଗୀ, ସଂଗ୍ରାମ କେଶରୀ ପୂଜାରୀ ଓ ଅଫିସ୍ ପରିଚାଳକ ସରୋଜ ବିହାରୀ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଫଟୋ ରେ ଖବର



ରଥ ନିର୍ମାଣ ପାଇଁ ସୋମବାର ଶ୍ରୀନଅର ସମ୍ମୁଖରେ ରଥଖଳା ପ୍ରସ୍ତୁତ କରାଯାଉଛି।



ନନ୍ଦୀ ଗ୍ରାମଠାରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ସ୍ୱାଗତ କରୁଛନ୍ତି ପତିଆରା ହନୁମାନ।



ପୁରୀରେ ପହଞ୍ଚିଲା ୭ମ ପର୍ଯ୍ୟାୟ ରଥକାଠ। (ଫଟୋ– ଯଜ୍ଞେଶ୍ୱର ମହାନ୍ତି)

**ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

ନିରାକାରପୁର (ମାନସ ଚନ୍ଦ୍ର ପଟ୍ଟନାୟକ): ଗୋଳବାଇ ପଞ୍ଚାୟତ ଅନ୍ତର୍ଗତ ନଇକୂଳପାଟଣା(ଇଛାପୁର) ଗ୍ରାମସ୍ଥ ମା'ତାରିଣୀଙ୍କ ପୀଠରେ ଚାଲିଥିବା ସପ୍ତଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସମ୍ପନ୍ନ ହୋଇଛି। ଏହି ଅବସରରେ ଗ୍ରାମର ଶତାଧିକ ବ୍ରତଧାରୀ ନିକଟସ୍ଥ ଜଳାଶୟରୁ ଜଳ ଯାତ୍ରା କରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲେ। ପରେ ଅଗ୍ନିସ୍ଥାପନା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ ସହ ଗୋପୂଜା, ସୂର୍ଯ୍ୟପୂଜା ଆଦି ହୋଇଥିଲା। ପୂର୍ଣ୍ଣାହୁତି ଦିବସରେ ଗ୍ରାମ ଓ ଜଗତ ମଙ୍ଗଳ ଉଦ୍ଦେଶ୍ୟରେ ଘୃତ ଆହୁତ ଦିଆଯାଇଥିଲା। ହରିବୋଲ, ହୁଳହୁଳି, ଚଣ୍ଡୀପାଠ ଓ ବେଦଧ୍ୱନିରେ ଯଜ୍ଞ ପୀଠରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

**ସଂକ୍ଷେପରେ**

## ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ



ବାଲୁଗାଁ,୧୩।୪(ସଂଗ୍ରାମ ପାଇକରାୟ): ଜାତୀୟ ଅଗ୍ନି ନିରାପତ୍ତା ସପ୍ତାହ ପାଳନ ଅବସରରେ ସୋମବାର ବାଲୁଗାଁ ମହାବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ଅଗ୍ନିଶମ ବିଭାଗ ଏବଂ ଆପାତକାଳୀନ ସେବା ସହଯୋଗରେ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଲୁଗାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ପ୍ରଶାନ୍ତ କୁମାର ମହାପାତ୍ର ଯୋଗଦେଇ ଜାତୀୟ ସେବା ଯୋଜନା, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ଯୁବ ରେଡ୍‌କ୍ରସ ଓ ରେଞ୍ଜର୍ସ ଛାତ୍ରୀଛାତ୍ରଙ୍କୁ ଘରୋଇ ପରିବେଶରେ ଗ୍ୟାସ୍ ସିଲିଣ୍ଡରର ନିରାପତ୍ତା, ଉପଯୁକ୍ତ ବ୍ୟବହାର ଓ ଜରୁରିକାଳୀନ ପରିସ୍ଥିତିରେ ଦାୟିତ୍ୱବୋଧତା ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଗ୍ନିଯୋଦ୍ଧା ଅମୂଲ୍ୟ ପ୍ରଧାନ, ନିର୍ମଳ ଭୁଜବଳ, ବିଜୟ କୁମାର ଡାକୁଆ, ଧୀରେନ ଜେନା ପ୍ରମୁଖ ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ କୈଳାସ ଚନ୍ଦ୍ର ମହାରଣା, ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ, ଯୁବ ରେଡ୍‌କ୍ରସ ଅଧିକାରୀ ଡ. ମନସ୍ୱିନୀ ପଟ୍ଟନାୟକ, ରେଞ୍ଜର୍ସ ଅଧିକାରୀ ସ୍ମିତାରାଣୀ ମୁଦୁଲି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୧୯୧ ଅଭିଯୋଗରୁ ୬ ତତ୍କାଳ ସମାଧାନ

ନିରାକାରପୁର,୧୩।୪(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ରାମେଶ୍ୱର ପଞ୍ଚାୟତ ପରିସରରେ ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ୍ ୧୯୧ଟିଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ୬ଟିଅଭିଯୋଗର ତତ୍କାଳସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗଗୁଡ଼ିକର ଅନୁଧ୍ୟାନ ଏବଂ ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି କୁହାଯାଇଛି।

## ଦେଶୀ, ବିଦେଶୀ ମଦ ଜବତ: ୪ କୋର୍ଟଚାଲାଣ

ବେଗୁନିଆ,୧୩।୪(ସନ୍ଧ୍ୟାରାଣୀ ମିଶ୍ର): ଖୋର୍ଦ୍ଧା ଜିଲା ଅବକାରୀ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ନୀରିକ୍ଷକ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଅବକାରୀ ଥାନା କର୍ମଚାରୀଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୬୫ଲିଟର ଦେଶୀ ମଦ ଏବଂ ୮. ୨୪୦ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତି ନେଇ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ମାଧବ ନାୟକ, ରାଜକିଶୋର ପଣ୍ଡା, ଦୁର୍ଯ୍ୟୋଧନ ସାହୁ ଏବଂ ସଞ୍ଜୟ ସାମନ୍ତରାୟ। ଏନେଇ ପୃଥକ୍‌ଭାବେ ୪ଟି ମାମଲା ରୁଜୁ ପରେ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବରପୁତ୍ରଙ୍କ ପଥ ଅନୁସରଣ ପାଇଁ ଆହ୍ୱାନ

**ଜିଲାସ୍ତରୀୟ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ**

ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଅନ୍ୟମାନେ।

ଓଡ଼ିଆ ପକ୍ଷ ପାଳନ ଅବସରରେ ଜିଲା ସଂସ୍କୃତି ବିଭାଗ ଓ ଖୋରଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସଭାପତିତ୍ୱ କରିଥିଲେ। ବରିଷ୍ଠ ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ବନ୍ଦନୀୟ ବରପୁତ୍ରଙ୍କ ସମ୍ପର୍କରେ କହିଥିଲେ। ପାଇକ ବିଦ୍ରୋହ ଏକ ଐତିହାସିକ ସଂଗ୍ରାମ ଥିଲା। ପାଇକ ବୀରଙ୍କ ବୀରତ୍ୱ, ଶୌର୍ଯ୍ୟ, ତ୍ୟାଗ ସର୍ବଦା ସ୍ମରଣୀୟ ହୋଇ ରହିବ। ଏଥିସହିତ ଏହି ମାଟିର କାଳଜୟୀ କବି ସଚ୍ଚିଦାନନ୍ଦ ରାଉତରାୟ, କବୟିତ୍ରୀ କୁନ୍ତଳା କୁମାରୀ ସାବତ, କବି ମାୟାଧର ମାନସିଂ, ବୃନ୍ଦାବତୀ ଦାସୀ, କବି ଜୟଦେବ, ଶିଶୁ ଅନନ୍ତଙ୍କ ଭଳି ବହୁମୁଖୀ ପ୍ରତିଭା ଉତ୍କଳର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି। ସମ୍ମାନୀୟ ବକ୍ତାଭାବେ ପୂର୍ବତନ ଅଧ୍ୟାପିକା ଡ. ପ୍ରତିଭାମୟୀ ମିତ୍ର ତାଙ୍କ ଅଭିଭାଷଣରେ ବକ୍ସି ଜଗବନ୍ଧୁଙ୍କ ବୀରତ୍ୱ, ପାଇକଙ୍କ ଶୌର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ସାହିତ୍ୟ ସଂସଦର ସମ୍ପାଦକ ଡ. ଧୀରେନ୍ଦ୍ର ନନ୍ଦ ଜୟୀ ରାଜଗୁରୁଙ୍କ ସଂଗ୍ରାମ ପୃଷ୍ଠଭୂମି ଉପରେ କହିଥିଲେ। ୧୮୧୭ର ପାଇକ ବିଦ୍ରୋହ ପୂର୍ବରୁ ୧୮୦୪ରେ ଜୟୀ ରାଜଗୁରୁ ବ୍ରିଟିଶ୍ ବିରୋଧରେ ଯୁଦ୍ଧଂ ଦେହି ଡାକରା ଦେଇଥିଲେ। ତାଙ୍କ ଯୁଦ୍ଧ, ପାଇକଙ୍କ ବୀରତ୍ୱ, ରଣକୌଶଳ ଏବେ ବି ଇତିହାସରେ ଲିପିବଦ୍ଧ। ସେ ଭାରତ ବର୍ଷର ପ୍ରଥମ ଶହୀଦ ବୋଲି କହିଥିଲେ। ଡ. କୈଳାସ ଚନ୍ଦ୍ର ମହାରଣା ବରପୁତ୍ରଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓଡ଼ିଆ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିବା ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସଭାପତିତ୍ୱ ଭାଷଣରେ ମୁଖ୍ୟ ଉନ୍ନୟନ ଅଧିକାରୀ ସାହୁ କହିଥିଲେ, ଯେଉଁ ବନ୍ଦନୀୟ ବରପୁତ୍ରମାନେ ମା', ମାଟିକୁ ନିଜ ଜୀବନ ଉତ୍ସର୍ଗ କରି ଋଦ୍ଧିମନ୍ତ କରିଛନ୍ତି, କେବଳ ତାଙ୍କ ଦିବସ ପାଳନ କଲେ ହେବନି, ଏଥିସହିତ ତାଙ୍କର ଦେଶ ଓ ସମାଜକୁ ପ୍ରଦର୍ଶିତ ମାର୍ଗରେ ନିଜକୁ ଗଢ଼ିପାରିଲେ ତାହା ହେବ ତାଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି। ଏହି ଅବସରରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ପ୍ରାୟ ୬୫ଜଣ କବି ବରପୁତ୍ରଙ୍କ ଉପରେ ଆଧାରିତ କବିତା ପାଠ କରିଥିଲେ।

# ପଞ୍ଚାୟତ ନିର୍ବାଚନରେ ଏକାଠି ଲଢ଼ିପାରନ୍ତି ବିଜେଡି-କଂଗ୍ରେସ

ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)

ପଞ୍ଚାୟତ ନିର୍ବାଚନରେ ଏକାଠି ଲଢ଼ିପାରନ୍ତି ବିଜେଡି-କଂଗ୍ରେସ। ଜିଲା ପରିଷଦ ସିଟ୍ ପାଇଁ ହୋଇପାରେ ବୁଝାମଣା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ବୟାନ ପରେ ବଢ଼ିଛି ଚର୍ଚ୍ଚା। ରାଜ୍ୟ ସଭା ନିର୍ବାଚନଠାରୁ ରାଜ୍ୟରେ ବିଜେଡି-କଂଗ୍ରେସ ମେଣ୍ଟ ଚର୍ଚ୍ଚା ଲାଗିରହିଥିବାବେଳେ ଏବେ ପିସିସି ସଭାପତିଙ୍କ ପ୍ରତିକ୍ରିୟା ନିଆଁରେ ଘିଅ ଢାଳିଛି। ଭକ୍ତ କହିଛନ୍ତି, ହାଇକମାଣ୍ଡ ଚାହିଁଲେ ମେଣ୍ଟ ହୋଇପାରେ। ଖଡ଼୍‌ଗେ, ରାହୁଲ ଗାନ୍ଧୀ ଏବଂ ନବୀନ ଚାହିଁଲେ ଏକାଠି ଲଢ଼ିପାରୁ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଚେକ୍ ଦେବା ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ ମେଣ୍ଟ ଚର୍ଚ୍ଚା ଜୋର୍ ଧରିଛି। ରବିବାର ଖୋର୍ଦ୍ଧାରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଏଥିରେ ଛୁଙ୍କ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପୂର୍ବରୁ ଦଳ ଏକାକୀ ଲଢ଼ିବ

**ରାହୁଲ, ଖଡ଼୍‌ଗେ, ନବୀନ ଚାହିଁଲେ ମେଣ୍ଟ ସମ୍ଭାବନା : ଭକ୍ତ**

କହୁଥିବା ଭକ୍ତ ଏବେ ୟୁ-ଟର୍ନ ମାରିଛନ୍ତି। ଆଗରୁ କହୁଥିଲେ ପ୍ରସଙ୍ଗଭିତ୍ତିକ ସମର୍ଥନ। ଏବେ କହୁଛନ୍ତି ହାଇକମାଣ୍ଡ ଚାହିଁଲେ ମେଣ୍ଟ ହେବ। ରାଜ୍ୟ ସଭା ନିର୍ବାଚନରୁ ବିଜେଡି-କଂଗ୍ରେସ ଭିତରେ ପଡ଼ିଥିବା ମେଣ୍ଟ ସମ୍ପର୍କର ମୂଳଦୁଆ ଆଗକୁ ସ୍ଥାୟୀ ରୂପ ନେଉଥିବା ପିସିସି ସଭାପତିଙ୍କ ବୟାନରୁ ଜଣାପଡିଛି। ଆଗରୁ ଯାହା ଚର୍ଚ୍ଚା ହେଉଥିଲା, ଏବେ ମେଣ୍ଟ ହୋଇପାରେ ବୋଲି ଖୋଦ୍ ପିସିସି ସଭାପତିଙ୍କ ବୟାନ ପରେ ଚର୍ଚ୍ଚା ଆହୁରି ଜୋର୍ ଧରିଛି । ସେପଟେ ପିସିସି ସଭାପତିଙ୍କ ମେଣ୍ଟ ଆକଳନକୁ ପରୋକ୍ଷରେ ସମର୍ଥନ କରିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି, ସମ୍ଭାବନା ସବୁକ୍ଷେତ୍ରରେ ରହିଛି। ସ୍ଥିତିକୁ ଦେଖି ରାଜ୍ୟ ସ୍ୱାର୍ଥ ଅନୁଯାୟୀ ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ।

# ଲୁକ୍କାୟିତ ପ୍ରତିଭାଙ୍କୁ ସୁଯୋଗ ଦେଇଥାଏ ମହୋତ୍ସବ



ମହାପାଟଦେଇ କାଳିକା ଦେବୀ ମହୋତ୍ସବର ୫ମ ସନ୍ଧ୍ୟାରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

ବେଗୁନିଆ,୧୩।୪(ସନ୍ଧ୍ୟାରାଣୀ ମିଶ୍ର)

**ମହାପାଟଦେଇ କାଳିକା ଦେବୀ ମହୋତ୍ସବର ୫ମ ସନ୍ଧ୍ୟା**

ବେଗୁନିଆସ୍ଥିତ ଦୁର୍ଗା ମଣ୍ଡପ ନିକଟରେ ମହାପାଟଦେଇ କାଳିକା ଦେବୀ ମହୋତ୍ସବର ସୋମବାର ପଞ୍ଚମ ସନ୍ଧ୍ୟାରେ ପରିବେଷିତ ଯୁଗଳବନ୍ଦୀ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କ ମନ ଜିଣିଥିଲା। ଶିକ୍ଷାବିତ୍ ଭାଗୀରଥି ପରିଡ଼ାଙ୍କ ଅଧ୍ୟକ୍ଷତା ଏବଂ ଲୋକନାଥ ଜେନାଙ୍କ ସଂଯୋଜନରେ କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ଅତିଥି, କଂଗ୍ରେସର ବେଗୁନିଆ ବ୍ଲକ ସଭାପତି ମହମ୍ମଦ ମୋହିଉଦ୍ଦିନ ଅହମ୍ମଦ ମୁଖ୍ୟ ବକ୍ତା, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି କାଳନ୍ଦୀ ଚରଣ ମହାପାତ୍ର, ପ୍ରସନ୍ନ କୁମାର ବିଶୋୟୀ, ଗଙ୍ଗାଧର ମାର୍ଥା, ରଶ୍ମି ରଞ୍ଜନ କର, ସନ୍ତୋଷ କୁମାର ସାହୁ, ପ୍ରସନ୍ନ କୁମାର ବାରିକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଲୁକ୍କାୟିତ ପ୍ରତିଭାଙ୍କୁ ସୁଯୋଗ ଦେଇଥାଏ ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ପରେ ସ୍ଥାନୀୟ କଳାକାର, ବଲାଙ୍ଗୀର ଶଙ୍କର ବେହେରା ଓ ସାଥିଙ୍କ ଦାରା ଦୁଲଦୁଲି, ଗୀତିକାର ପ୍ରଫୁଲ୍ଲ କୁମାର ଦେଉରିଙ୍କ ଦ୍ୱାରା ଭଜନ, ବର୍ଷା ପ୍ରିୟଦର୍ଶିନୀ ଓ ଶ୍ରାବଣୀ ଶୁଭଦର୍ଶିନୀ ଯୁଗଳବନ୍ଦୀ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ।

## ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ

ଜଟଣୀ,୧୩।୪(ରବୀନ୍ଦ୍ରନାଥ ମହାକୁଡ଼): ପଞ୍ଚାୟତ ମହାବିଦ୍ୟାଳୟ ଗୋଡ଼ିପୁଟ ମାଟିଆପଡ଼ା ଠାରେ ଅଧ୍ୟକ୍ଷ ପବିତ୍ର ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ସୋମବାର ମହାବିଦ୍ୟାଳୟ ପରିସରରେ ଏକ ସଫେଇ କାର୍ଯ୍ୟକ୍ରମ ହୋଇଥିଲା। ମହାବିଦ୍ୟାଳୟ ପକ୍ଷରୁ ୱାଇଏସ୍‌ଆର ସଂଯୋଜକ ଡ. ସନ୍ତୋଷ କୁମାର ମିଶ୍ର ଏବଂ ଏନ୍‌ଏସ୍‌ଏସ୍ ସଂଯୋଜକ ଡ. କୁନମୟ ରଞ୍ଜନ ଶତପଥୀଙ୍କ ତତ୍ତ୍ୱାବଧାନରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ସଫେଇ କରିଥିଲେ। ଅଧ୍ୟକ୍ଷ ମିଶ୍ର ମାତୃଭାଷା, ମାତୃଭୂମିକୁ ସମ୍ମାନ ଦେବା ଉଚିତ ବୋଲି ଛାତ୍ରୀଛାତ୍ରଙ୍କୁ କହିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ।

## ମା' ଚେମେଣ୍ଡାଇ ସାଂସ୍କୃତିକ ପରିଷଦ ପକ୍ଷରୁ ଭଜନ ସମାରୋହ




ବେଗୁନିଆ,୧୩।୪
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସଦର ମହକୁମାସ୍ଥିତ ମା' ଚେମେଣ୍ଡାଇ ମଣ୍ଡପ ପରିସରରେ ସୋମବାର ଭଜନ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଚେମେଣ୍ଡାଇ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୧୬ଶ ବିଷୁବ ମିଳନ ସମାରୋହରେ ଓଡ଼ିଶାର ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି, ଐତିହ୍ୟ ଓ ପରମ୍ପରା ବିଶ୍ୱବିଦିତ ଏବଂ ଜଗନ୍ନାଥଙ୍କ ଭଜନ ଓ ଜଣାଣ ସମଗ୍ର ବିଶ୍ୱବାସୀଙ୍କୁ ଆକର୍ଷିତ କରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। କଣ୍ଠଶିଳ୍ପୀ ଗିରିଶ ବଏ, କୁମାରୀ ଖୁସବୁ, ପ୍ରସନ୍ନ ତାଣ୍ଡି, ନିତୁ ଚାଟାର୍ଜୀ, ନୀଳିମା ମହାନ୍ତି ଏବଂ ଦିଲୀପ କୁମାର ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ଭାଜପା ନେତା ନିକୁଞ୍ଜ ପଟ୍ଟନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସମ୍ପାଦକ ଦେବରାଜ ବେହେରା, ପ୍ରସନ୍ନ କୁମାର ବିଶୋୟୀ, ଦିଲୀପ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ମା' ଚେମେଣ୍ଡାଇଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ଶେଷରେ ବରିଷ୍ଠ ସଦସ୍ୟ ବିଶୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଓଡ଼ିଆ ଅସ୍ମିତା: ଏକ ବିଶ୍ଳେଷଣ' ଶୀର୍ଷକ ଆଲୋଚନାଚକ୍ର

ଜଟଣୀ,୧୩।୪(ରବୀନ୍ଦ୍ରନାଥ ମହାକୁଡ଼)




ଆମରି ସତ୍ୟ ବିକାଶ ପରିଷଦ ଜଟଣୀ ପକ୍ଷରୁ ଓଡ଼ିଆ ପକ୍ଷ ପାଳିତ ହୋଇଯାଇଛି। ରବିବାର ପଣ୍ଡିତ ପଦ୍ମନାଭ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ବନମାଳୀ କଲୋନୀଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ଓଡ଼ିଆ ଅସ୍ମିତା: ଏକ ବିଶ୍ଳେଷଣ' ଆଲୋଚନାଚକ୍ର ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାହିତ୍ୟିକ ଡ. ବିଷ୍ଣୁ ଚରଣ ସାହୁ ଉଦ୍‌ଘାଟନ କକରିଥିଲେ। ଆମରି ସତ୍ୟ ପତ୍ରିକାର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ୍ ବ୍ରଜବନ୍ଧୁ ନାୟକ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ବ୍ୟବସାୟ ପ୍ରତିଷ୍ଠାନ, କାର୍ଯ୍ୟାଳୟ, ବିଜ୍ଞାପନରେ ଓଡ଼ିଆ ଭାଷାର ପ୍ରଚଳନ କରିବା ସହ ସମସ୍ତ ଇଂରାଜୀ ବିଦ୍ୟାଳୟରେ 'ଓଡ଼ିଆ' ଏକ ବିଷୟ ଅଧ୍ୟୟନ ବାଧ୍ୟତାମୂଳକ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ 'ମାର୍ଗଦର୍ଶୀ'ର ସମ୍ପାଦକ ଉମାଶଙ୍କର ପ୍ରସାଦ ଏବଂ ସମ୍ମାନିତ ଅତିଥି ଜବାହର ଲାଲ ସୁବୁଦ୍ଧି ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ରଶ୍ମିତା ନାୟକ ଓ ପଦ୍ମଲୋଚନ ସାହୁଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ବହୁ କବୟିତ୍ରୀ ଓ କବି ଯୋଗଦେଇ କବିତା ପାଠ କରିଥିଲେ। ତ୍ରିଲୋଚନ ମହାପାତ୍ର, କିଶୋର ପାଇକରାୟ, ରମାକାନ୍ତ ଦାସ, ସୁରେଶ ସ୍ୱାଇଁ, ବିଜୟାନନ୍ଦ ପଟ୍ଟନାୟକ, ପ୍ରତାପ ବାରିକ, ବିଷ୍ଣୁ ଚରଣ ସ୍ୱାଇଁ, ଗଗନ ବିହାରୀ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚଳନା କରିଥିଲେ। ରୋଟାରିଆନ ଆଦିନାରାୟଣ ଖଣ୍ଡୁଆଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଦାନ ପ୍ରେରଣା କାର୍ଯ୍ୟକ୍ରମ

ଟାଙ୍ଗୀ,୧୩।୪ (ରଘୁନାଥ ସାହୁ): ଓଡ଼ିଆ ପକ୍ଷ ଅବସରରେ ଟାଙ୍ଗୀ ଦୁର୍ଗା ଚରଣ ଚିଲିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରକ୍ତଦାନ ପ୍ରେରଣା ବିଷୟକ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବ ରେଡକ୍ରସ ଓ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମିଳିତ ଆନୁକୂଲ୍ୟରେ ହୋଇଥିଲା। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷ ମହେନ୍ଦ୍ର କୁମାର ପ୍ରଧାନ ଅଧ୍ୟକ୍ଷତା କରି ରକ୍ତଦାନର ମହତ୍ତ୍ୱ ବିଷୟରେ କହିବା ସହ ଓ ଯୁବଗୋଷ୍ଠୀଙ୍କୁ ସେବାମୂଳକ କାର୍ଯ୍ୟରେ ଆଗୁଆ ହେବାକୁ ଆହ୍ୱାନ କରିଥିଲେ। ପ୍ରୋଗ୍ରାମ ଅଫିସର ରଞ୍ଜନ କୁମାର ମହାପାତ୍ର ରକ୍ତଦାନର ଗୁରୁତ୍ୱ, ଏହାର ଜୀବନରକ୍ଷାମୂଳକ ଭୂମିକା ଓ ସମାଜ ପ୍ରତି ଏହାର ଅବଦାନ ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଶ୍ରୀକାନ୍ତ ଦାସ, ଅଧ୍ୟାପିକା ସଂଘମିତ୍ରା ଦତ୍ତ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ସ୍ୱଇଚ୍ଛାରେ ଭବିଷ୍ୟତରେ ରକ୍ତଦାନ କରିବାକୁ ସଙ୍କଳ୍ପ କରିଥିଲେ।

## ଗାଦିଶ୍ୱର ଦେବଙ୍କ ପୀଠରେ ମେରୁ ଉତ୍ସବ

ବାଣପୁର,୧୩।୪(ଦିଲୀପ କୁମାର ସ୍ୱାଇଁ)



ବାଣପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଦଣ୍ଡ ଉତ୍ସବର ଅନ୍ତିମ ଦିବସରେ ମେରୁପର୍ବ ଅନୁଷ୍ଠିତ ହୋଇଯାଇଛି। ମେରୁପର୍ବ ଯୋଗୁ ଗାଁ ଉତ୍ସବ ମୁଖର ହେବା ସହିତ ଭକ୍ତମାନଙ୍କ ହରିବୋଲ, ହୁଳହୁଳି, ମୃଦଙ୍ଗ, ଘଣ୍ଟ ଘଣ୍ଟା, କାହାଳି ଆଦି ବାଦ୍ୟଯନ୍ତ୍ରରେ ପରିବେଶ ପ୍ରକମ୍ପିତ ହୋଇଥିଲା। ଏହି ଅବସରରେ ଗୁପ୍ତେଶ୍ୱର ଦେବ ଗାଲୁଆ, ଝାଡ଼େଶ୍ୱର ଦେବ ଭୀମପୁର, ଭେଟିନାଥ ଦେବ ଭେଟେଶ୍ୱର, ରାଜା ରାଜେଶ୍ୱର ଦେବ ବଡ଼ହନ୍ତୁଆଡ଼, ଗାଦିଶ୍ୱର ଦେବ ଘାସଡ଼ିହ ଆଦି ଗ୍ରାମରେ ଉଦଯାପିତ ହୋଇଛି। ମେରୁ ଯାତ୍ରା ଅବସରରେ ଦିନତମାମ ଶ୍ରଦ୍ଧାଳୁମାନେ ପହଞ୍ଚି ପୂଜାର୍ଚ୍ଚନା କରିବା ସହ ମାନସିକ ପୂଜା କରିଥିଲେ। ଏହି ଅବସରରେ ଅପରାହ୍ନରେ ଘାସଡ଼ିହ ଗାଦିଶ୍ୱର ଦେବଙ୍କ ପୀଠରେ ଭଗତାମାନେ ଧୂଳିଦଣ୍ଡ ଖେଳିବା ପରେ ଗ୍ରାମର ଚନ୍ଦନ ପୋଖରୀରେ ସ୍ନାନ କରି ଭଗତାମାନେ ଦଣ୍ଡ ଠାକୁରଙ୍କୁ ସାଙ୍ଗରେ ନେଇ ଓହଳ ଦ୍ୱୀପ ନିମନ୍ତେ ଅଗ୍ନି ସ୍ଥାପନ କରାଯାଇଥିଲା। ପ୍ରଚଣ୍ଡ ଅଗ୍ନିଝାସରେ ଦଣ୍ଡୁଆମାନଙ୍କ ମଣି ଖମ୍ବରେ ଗୋଡ଼ ବନ୍ଧାଯାଇ ମୁଣ୍ଡ ତଳକୁ କରି ନିଆଁରେ ଝୁଲାଯାଇଥିଲା। ଏହି ଓହଳ ଦ୍ୱୀପ ଦେଖିବାକୁ ଶତାଧିକ ଲୋକେ ଉପସ୍ଥିତ ଥିଲେ। ଶେଷରେ ମେରୁ ଉପବାସଧାରୀ ଠାକୁରଙ୍କ ଦର୍ଶନ କରି ଉପବାସ ଭଙ୍ଗ କରିଥିଲେ।

# 'ଗୁଣାତ୍ମକ ଅଭ୍ୟାସ ଦ୍ୱାରା ଶିକ୍ଷଣ ଦକ୍ଷତା ବୃଦ୍ଧି ହୁଏ'

ବୋଲଗଡ଼,୧୩।୪(ଦେବବ୍ରତ ହୋତା)




କାର୍ଯ୍ୟକ୍ରମରେ ବିଧାୟକ ପ୍ରଶାନ୍ତ ଜଗଦେବଙ୍କ ସହ ଅନ୍ୟମାନେ।

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ମନୋରଞ୍ଜନ ଦାଶଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧା ଡିଆଇଇଟି ଅଧ୍ୟକ୍ଷ ଡ.ତାପସ କୁମାର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗୁଣାତ୍ମକ ଅଭ୍ୟାସ ଦ୍ୱାରା ଶିକ୍ଷଣ ଦକ୍ଷତା ବୃଦ୍ଧି ହୁଏ ବୋଲି କହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ନୟାଗଡ଼ ଡିଆଇଇଟି ଅଧ୍ୟକ୍ଷ ବିଜୟ କୁମାର ତ୍ରିପାଠୀ ଏବଂ ସମ୍ମାନିତ ଅତିଥିଭାବେ ପ୍ରତିଷ୍ଠାତା କାଳୀଚରଣ ଜୟସିଂହ, ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ, ଜିଲା ପରିଷଦ ସଭ୍ୟ ଅନାଦି ସାହୁ, ସରପଞ୍ଚ ରଶ୍ମିତା ରାଉତରାୟ, ସମିତସଭ୍ୟ ରଞ୍ଜନ ଲେଙ୍କା ଓ ସମ୍ପାଦିକା କୁମୁଦିନୀ ଜୟସିଂହ ମଞ୍ଚାସୀନ ଥିଲେ। ଅଧ୍ୟକ୍ଷ ଦାସ ସ୍ୱାଗତ ଭାଷଣ, ସୁଶାନ୍ତ କୁମାର ସୁବୁଦ୍ଧି ଅତିଥି ପରିଚୟ ଏବଂ ଛାତ୍ରୀ ବିଦୁସ୍ମିତା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାନର ମୁଖପତ୍ର 'ପାଞ୍ଚଗଡ଼ ପ୍ରଦୀପ ସମାଚାର'କୁ ମୁଖ୍ୟ ଅତିଥି ଜଗଦେବ ଉନ୍ମୋଚନ କରିଥିଲେ। ଏଥିସହ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଶାନ୍ତ କୁମାର ଶଗଡ଼, ଗଣେଶ୍ୱର ଖଟାଇ ସହଯୋଗ କରିଥିଲେ। ପ୍ରଶିକ୍ଷକ ସ୍ୱପ୍ନେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

# ଘରେ ଗୀତା, ରାମାୟଣ ପାଠ ସହ ପିଲାଙ୍କୁ ଶିକ୍ଷାଦିଅ

ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଖୋର୍ଦ୍ଧା ଉପକଣ୍ଠ ତନ୍ତମୁଣ୍ଡିଆ ଜରିପୁଟସ୍ଥିତ ଶ୍ରୀସଙ୍କଟମୋଚନ ମହାବୀର ଦେବଙ୍କ ୩୬ତମ ବାର୍ଷିକ ଶ୍ରୀରାମଚରିତ ମାନସ, ନବାହ୍ନ ପାରାୟଣ, ପ୍ରବଚନ ଓ ମହାଯଜ୍ଞ ସୋମବାର ଆରମ୍ଭ ହୋଇଛି। ଆସନ୍ତା ୨୨ତାରିଖରେ ପୂର୍ଣ୍ଣାହୁତି ସହ ଯଜ୍ଞ ସମାପନ ହେବ। ଶ୍ରୀସଙ୍କଟମୋଚନ ମହାବୀର ସେବାସଂଘ ପକ୍ଷରୁ ଦଶଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ଦାସଜୀ ମହାରାଜ ଉଦ୍‌ଘାଟନ କରିଥିଲେ। ବିଶ୍ୱମ୍ଭର ଦାସଜୀ ମହାରାଜ ସଭାପତିତ୍ୱ କରିଥିଲେ। ସୁଦର୍ଶନ ଦାସଜୀ ମହାରାଜ ମୁଖ୍ୟ ଅତିଥି, ଅନନ୍ତ ନାରାୟଣ ଦେବାଚାର୍ଯ୍ୟ, ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ସଭାପତି ଶକ୍ତିଶଙ୍କର ମିଶ୍ର, ଖୋର୍ଦ୍ଧା ଜଲା ଯୋଗ ସମିତି ସଭାପତି ଦୁଃଶାସନ ସ୍ୱାଇଁ,

**ରାମଚରିତ ମାନସ ପାରାୟଣ, ମହାଯଜ୍ଞ ଆରମ୍ଭ**

ସଙ୍କଟମୋଚନ ମହାବୀର ସେବା ସଂଘ ସଭାପତି ସର୍ବେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସମ୍ପାଦକ ଦୟାନିଧି ରାଉତରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖବରଦାତା ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ନିରଞ୍ଜନ ଦୋରା, ପ୍ରଭାତ ପାଣିଗ୍ରାହୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ପରିବାରରେ ଗୀତା, ଭାଗବତ, ରାମାୟଣ ପାଠ ସହ ପିଲାଙ୍କୁ ଶିକ୍ଷା ଦେବାକୁ ସୁଦର୍ଶନ ଦାସଜୀ ମହାରାଜ ପରାମର୍ଶ ଦେଇଥିଲେ। ମଙ୍ଗଳବାର ପଣା ସଂକ୍ରାନ୍ତି, ମହାବୀରଙ୍କ ଜୟନ୍ତୀ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ମୁଖ୍ୟ ପରିଚାଳକ ଭାବେ ବିଶ୍ୱମ୍ଭର ଦାସ ମହାରାଜ ରହିଥିବା ବେଳେ ପରିଚାଳନାରେ ମହନ୍ତ ଅନନ୍ତ ନାରାୟଣ ଦେବାଚାର୍ଯ୍ୟ, ଆଚାର୍ଯ୍ୟ ଭାବେ ପଣ୍ଡିତ ସଚ୍ଚିଦାନନ୍ଦ ଖାଡ଼ଙ୍ଗା, ଲଳିତ କର ଦାୟିତ୍ୱରେ ରହିଛନ୍ତି।

**ମୋବାଇଲ୍ ଚୋରି ପରେ ଆକାଉଣ୍ଟରୁ ନେଇଗଲେ ୮୫ ହଜାର**

ଭୁବନେଶ୍ୱର, (ତ୍ରିନାଥ ମହାନ୍ତି): ଚୋରି ମୋବାଇଲ୍ ଫୋନ୍ ନେଇ ଆକାଉଣ୍ଟ ଖାଲି କରିଦେଲେ ଅଭିଯୁକ୍ତ। ଫୋନ୍‌ରେ ଥିବା ୟୁପିଆଇ ମାଧ୍ୟମରେ ଆକାଉଣ୍ଟରୁ ୮୫ ହଜାର ଟଙ୍କା ଲୁଟ୍ ହୋଇଛି। ଠକାମିର ଶିକାର ହୋଇଥିବା ରଞ୍ଜନ କୁମାର ସ୍ୱାଇଁ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ନର୍ସିଂ ଅଫିସରଙ୍କୁ ଆକ୍ରମଣ ଅଭିଯୋଗରେ ୨ ଗିରଫ



ଭୁବନେଶ୍ୱର,୧୩।୪(ପ୍ରସନଜିତ୍ ସାହୁ)

ନର୍ସିଂ ଅଫିସରଙ୍କୁ ଆକ୍ରମଣ ମାମଲାରେ ଖଣ୍ଡଗିରି ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ରହୁଥିବା ସୌମ୍ୟରଞ୍ଜନ ବିଶୋଇ (୨୧) ଓ ବିଜେବି ନଗରର ଅମିତ କୁମାର ଜେନା (୩୫)। ସେମାନଙ୍କ ନିକଟରୁ ଏକ ସ୍କୁଟି ଜବତ କରାଯାଇଛି।

ସୂଚନାଯୋଗ୍ୟ, ପନୁଗୁପତି ରମେଶ ଏମ୍‌ସ ହସ୍ପିଟାଲରେ ସିନିୟର ନର୍ସିଂ ଅଫିସର ଭାବେ କାର୍ଯ୍ୟ କରନ୍ତି। ଗତ ଶୁକ୍ରବାର ଅପରାହ୍ଣ ସାଢେ ୪ଟାରେ ସେ ଏମ୍‌ସରୁ ପାତ୍ରପଡ଼ାସ୍ଥିତ ଘରକୁ ମୋଟରସାଇକେଲ୍ ଯୋଗେ ଫେରୁଥିବାବେଳେ ପାତ୍ରପଡ଼ା ଆମ ବସ୍ ଷ୍ଟାଣ୍ଡ ନିକଟରେ ୬ ଜଣ ଅଜଣା ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ମୋଟରସାଇକେଲରୁ ତଳେ ପଡ଼ିଯାଇଥିଲେ। ଏହାପରେ ଦୁର୍ବୃତ୍ତମାନେ ମାରଣାସ୍ତ୍ର ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଏହି ଘଟଣାକୁ ନେଇ ସେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ( ନଂ. ୩୧୯/୨୦୨୬) ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିବା ସହ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ୨ ବ୍ରାଉନସୁଗାର ବେପାରୀ ଗିରଫ

ଭୁବନେଶ୍ୱର,୧୩।୪(ପ୍ରସନଜିତ୍ ସାହୁ)

ଲକ୍ଷ୍ମୀସାଗର ଥାନା ପୋଲିସ ଚଢ଼ାଉ କରି ୨ ବ୍ରାଉନସୁଗାର ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଝାରପଡ଼ା ମୁସ୍‌ଲିମ ସାହିର ବାବୁ ଖାଁ ଓ ମହାଦେବ ନଗରର ପ୍ରତାପ ସାମଲ। ଛାନଭିନ ସମୟରେ ପୋଲିସ ଅଭିଯୁକ୍ତ ବାବୁ ନିକଟରୁ ୧୦ଗ୍ରାମ ଓଜନର ବ୍ରାଉନ ସୁଗାର ଏବଂ ୩୨୦୦ ଟଙ୍କା ଜବତ କରିଥିବା ବେଳେ ଅଭିଯୁକ୍ତ ପ୍ରତାପଙ୍କ ନିକଟରୁ ଏକ ମୋଟରସାଇକେଲ ଏବଂ ୪ ହଜାର ଟଙ୍କା ଜବତ କରିଛି। ପଚରାଉଚରା ବେଳେ ଉଭୟ ଅଭିଯୁକ୍ତ ବ୍ରାଉନସୁଗାର ବ୍ୟବସାୟ କରୁଥିବା ସ୍ୱୀକାର କରିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ରାଜଧାନୀରେ ଚୋରଙ୍କ ଉତ୍ପାତ

# ୧୫ ଦିନରେ ୪୦ ଚୋରି

### ଘରଠୁ ମନ୍ଦିର ସବୁଠି କଳାକନା ବୁଲାଇ ଚମ୍ପଟ ମାରୁଛନ୍ତି

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

ରାଜଧାନୀରେ ଗତ କିଛିମାସ ହେବ ମାତିଛନ୍ତି ଚୋର। ଘରଠୁ ମନ୍ଦିର, ସବୁଠି କଳାକନା କଳାକନା ବୁଲାଉଛନ୍ତି। ସିସିଟିଭି ଲାଗିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଫରକୁ ପଡୁନି। ପୋଲିସ ତଥ୍ୟ ଅନୁସାରେ, ଗତ ୧୫ ଦିନରେ ରାଜଧାନୀରୁ ୪୦ରୁ ଉର୍ଦ୍ଧ୍ୱ ଚୋରି ମାମଲା ରୁଜୁ ହୋଇଛି। ବିଶେଷକରି ଭରତପୁର, ଖଣ୍ଡଗିରି, ଏୟାରଫିଲ୍ଡ, ନୂଆପଲ୍ଲୀ, ମଞ୍ଚେଶ୍ୱର ଏବଂ ଶହୀଦନଗର ଥାନା ଅଞ୍ଚଳରୁ ସର୍ବାଧିକ ଚୋରି ହୋଇଛି। ଗତ ଗୁରୁବାର ରାତିରେ ପଟିଆ ଅଞ୍ଚଳର ୩ଟି ମନ୍ଦିରରୁ ସିରଜ୍ ଚୋରି ହୋଇଛି। ସେହିପରି ଶନିବାର ରାତିରେ ଖଣ୍ଡଗିରି ଥାନା ଜାଗମରାରେ ଜଣଙ୍କ ଘରେ ତୌସିଫ ନାମକ ଅଭିଯୁକ୍ତ ପଶି ଚୋରି କରିବା ସମୟରେ ଧରାପଡ଼ି ନିର୍ଘାତ ମାଡ଼ ଖାଇଥିଲେ। ସେ ମଧ୍ୟ ଶୁକବିହାର ନିମିତା ଦୁବେଙ୍କ ଘରୁ ଚୋରି କରିଥିବା ଜଣାପଡ଼ିଛି। ଉକ୍ତ ରାତିରେ ଶହୀଦନଗରସ୍ଥିତ ପ୍ଲଟ୍ ନଂ.୧୭୮ ନିର୍ମାଣାଧୀନ ଆପାର୍ଟମେଣ୍ଟ ଭିତରେ ଚୋର ପଶିଥିଲା। ସେଠାରେ ରହୁଥିବା ମାମୁଁ, ଭଣଜା ଶବ୍ଦ ଶୁଣି ଚୋରକୁ ଧରିବାକୁ ଦୌଡ଼ିଥିଲେ। ହେଲେ ଅସାବଧାନତାବଶତଃ ଭଣଜା ମୋତିଲାଲ ଶେଖରଙ୍କ ଗୋଡ଼ ଖସିଯିବାରୁ ୩ ତାଲାରୁ ପଡ଼ି ମୃତ୍ୟୁ ବରଣ କରିଥିଲେ। ଗତ ୨ ତାରିଖରେ ଶୁକବିହାର ସ୍ଥିତି ନମିତା ଦୁବେଙ୍କ ଘରୁ ୧୦ ଲକ୍ଷ ଟଙ୍କାର ସୁନା ଗହଣା ସହ ନଗଦ ୧୫ ହଜାର ଟଙ୍କା ଚୋରି ହୋଇଥିଲା। ଗତ ମାସ ୩୦ ତାରିଖ ରାତିରେ ଭରତପୁର ଥାନା ଶ୍ରୀକ୍ଷେତ୍ରବିହାର ଫେଜ୍-୨ରେ ରହୁଥିବା ଗୋପାଳ ସରକାରଙ୍କ ଘରୁ ଚୋରି ହୋଇଥିଲା। ପରିବାର ଲୋକେ ଘରେ ନ ଥିବାବେଳେ ଘରୋଇ ସହାୟିକାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ୨୦ ଲକ୍ଷ ଟଙ୍କାର ସୁନା ଗହଣା ଓ ନଗଦ ୫୦ ହଜାର ଲୁଟି ନେଇଥିଲେ। ଗତ ମାସ ୨୮ ତାରିଖରେ ଲକ୍ଷ୍ମୀସାଗର ଥାନା ଜଗନ୍ନାଥ ନଗରରେ ଏକ ଜ୍ୱେଲାରୀ ଦୋକାନରୁ ୪ଜଣ ଅଭିଯୁକ୍ତ ଲୁଟ୍ କରିବାକୁ ଉଦ୍ୟମ କରିଥିଲେ। ପୋଲିସ ଚଢାଉ କରି ୪ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ସେହପରି ଗତ ୨୭ ତାରିଖରେ ଏୟାରପୋର୍ଟ ଥାନା ପୋଖରୀପୁଟ ପ୍ଲଟ୍ ନଂ.୧୯/୩ରେ ରହୁଥିବା ମୌନିକା ବିବେକଙ୍କ ଘରୁ ସୁନା ଗହଣା ଏବଂ ନଗଦ ଟଙ୍କା ଚୋରି ହୋଇଥିଲା। ସେହିପରି କ୍ୟାପିଟାଲ ହସ୍ପିଟାଲ ପରିସରରେ ଥିବା ଏକ କାର କାଚ ଭାଙ୍ଗି ଆଇ ଫୋନ୍ ଏବଂ ନଗଦ ୧୦ ହଜାର ଟଙ୍କା ଚୋରି ହୋଇଥିଲା। କାର ମାଲିକ ରାକେଶ ଖୁଣ୍ଟିଆ ଚିକିତ୍ସା ପାଇଁ ହସ୍ପିଟାଲ ଯାଇଥିବା ବେଳେ ଏହି ଲୁଟ୍ ହୋଇଥିଲା। ଗତ ୨୪ ତାରିଖରେ ଲକ୍ଷ୍ମୀ ସାଗର ଥାନା ଲେନ୍-୪ରେ ରହୁଥିବା ବି.ସୁଦର୍ଶନ ପାତ୍ରଙ୍କ ଘରୁ ୧୦ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା ଏବଂ ନଗଦ ଟଙ୍କା ଚୋରି ହୋଇଥିଲା। ଗତ ମାସ ୨୪ତାରିଖରେ ସତ୍ୟନଗରରୁ ସରୋଜ ବେହେରାଙ୍କ କାର କାଚ ଭାଙ୍ଗି ସୁନା ଗହଣା ଥିବା ବ୍ୟାଗ୍ ଏବଂ ଟଙ୍କା ଚୋରି ହୋଇଥିଲା। ଗତ ମାସ ୨୩ରେ ଶହୀଦନଗର ଥାନା ଅଞ୍ଚଳରେ ରହୁଥିବା କନ୍‌ଷ୍ଟେବଲ ମୋହନ କୁମାର ବେହେରାଙ୍କ ଘର ଆଗରୁ ବାଇକ୍ ଚୋରି ହୋଇଥିଲା। ଏହିଭଳି ସହରର ବିଭିନ୍ନ ଥାନା ଅଞ୍ଚଳରେ ଚୋରି ମାମଲା ବଢୁଥିବାରୁ ରାଜଧାନୀବାସୀ ଅସୁରକ୍ଷିତ ମଣୁଛନ୍ତି। ଏନେଇ ଆଇନଜୀବୀ ଅବିନାଶ ଗୁରୁ କହିଛନ୍ତି, ପୋଲିସ ଗଳି କନ୍ଦିରେ ପାଟ୍ରୋଲିଂକୁ ବନ୍ଦ କରି ଦେଇଛି। କେବଳ ରାତିରେ ଏମାନେ ଏକ ନିରୋଳା ସ୍ଥାନରେ ଗାଡ଼ି ରଖି ଶୋଇ ପଡୁଛନ୍ତି, ଯାହାର ଫାଇଦା ନେଉଛନ୍ତି ଚୋର। ଆହୁରି ମଧ୍ୟ ଜେଲ ପରେଡ୍ କରାଯାଉ ନ ଥିବାରୁ ଚୋର ସମ୍ପର୍କରେ ସୂଚନା ପୋଲିସ ନିକଟରେ ରହୁନି। ସେମାନେ ଜେଲରୁ ଆସି ପୁଣି ଚୋରି କରୁଛନ୍ତି। ଏନେଇ ଡିସିପି ଜଗମୋହନ ମୀନା କହିଛନ୍ତି, ପୋଲିସ ସହରରେ କଡ଼ାକଡ଼ି ପାଟ୍ରୋଲିଂ କରୁଛି। ଯେଉଁ ଘରେ କେହି ରହୁନାହାନ୍ତି ଚୋର ଉକ୍ତ ଘରକୁ ଟାର୍ଗେଟ କରି ଚୋରି କରୁଛନ୍ତି। ଯେଉଁମାନେ ଘର ଛାଡ଼ି ଯାଉଛନ୍ତି ପୋଲିସକୁ ଜଣାନ୍ତୁ ବୋଲି ସେ କହିଛନ୍ତି।

## ବିରିୟାନୀ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ ମାମଲା, ୪ ଗିରଫ



ଭୁବନେଶ୍ୱର,୧୩।୪(ପ୍ରସନଜିତ୍ ସାହୁ)

ବିରିୟାନୀ ଦୋକାନୀଙ୍କୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ସୋମବାର ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସାମ୍‌ପୁରର ଶଶାଙ୍କ ଶେଖର ନାୟକ(୧୯), ସକଳେଶ୍ୱର ବସ୍ତିର ପୁରସ୍ତମ ନାଏକ(୨୪), ଅକ୍ଷୟ କେନ୍ଦ୍ର ବସ୍ତିର ବି. ଗୌରୀଶଙ୍କର (୨୪) ଓ ଖଣ୍ଡୁଆଳ ବସ୍ତିର ସିଦ୍ଧାନ୍ତ ଦିଗଲ(୨୬)। ସେମାନଙ୍କ ନିକଟରୁ ଏକ ଖଣ୍ଡା ଏବଂ ଦୁଇଟି ମୋଟରସାଇକେଲ ଜବତ ହୋଇଛି। ସୂଚନାଯୋଗ୍ୟ, ଅନ୍ଧାରୁଆ ଅଞ୍ଚଳର ମନମୋହନ ସାମନ୍ତରାୟ ଜିଏ କଲୋନିଶ୍ ନିକଟରେ ଏକ ବିରିୟାନୀ ଦୋକାନ କରିଛନ୍ତି। ଗତ ଶୁକ୍ରବାର ମଧ୍ୟାହ୍ନରେ ସେ ନିକଟସ୍ଥ ମାର୍କେଟକୁ ଯାଇଥିବା ସମୟରେ ଅଭିଯୁକ୍ତ ପୁରସ୍ତମ ତାଙ୍କ ଦୋକାନ ସାମ୍ନାରେ ନିଜ ବାଇକ ପାର୍କିଂ କରିଥିଲେ। ଫଳରେ ଗ୍ରାହକମାନଙ୍କ ଯିବା ଆସିବାରେ ଅସୁବିଧା ହୋଇଥିଲା। ଦୋକାନ ସାମ୍ନାରୁ ଗାଡି ହଟାଇବାକୁ କହିବାରୁ, ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ସେଠାରୁ ଚାଲିଯାଇଥିଲେ। କିଛି ସମୟ ପରେ, ପୁରସ୍ତମ ପୁନର୍ବାର ତାଙ୍କ ସହଯୋଗୀ ସିଦ୍ଧାନ୍ତ, ଶଶାଙ୍କ ଏବଂ ବି. ଗୌରୀଶଙ୍କରଙ୍କ ସହିତ ଦୁଇଟି ମୋଟରସାଇକେଲ୍‌ରେ ଆସି ମନମୋହନଙ୍କୁ ଭରତପୁରରେ ଷ୍ଟଲ୍ ନ ଖୋଲିବାକୁ ଧମକ ଦେବା ସହ ପୁରସ୍ତମ ଏକ ଖଣ୍ଡା ବାହାର କରି ମନମୋହନଙ୍କୁ ଆକ୍ରମଣ କରିଥିଲେ। ପରେ ଦୋକାନ କର୍ମଚାରୀ ସୁନୀଲ କୁମାର ପରିଡା ଏଥିରେ ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ମଧ୍ୟ ଖଣ୍ଡାରେ ଆକ୍ରମଣ କରିଥିଲେ। ଅଭିଯୋଗ ଅନୁସାରେ ପୋଲିସ ଏକ ମାମଲା(ନଂ.୨୬୫/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ୪ ଅଭିଯୁକ୍ତଙ୍କୁ ନୟାଗଡ଼ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି।

## 'ଯୁବପିଢି ଆମ ଐତିହ୍ୟ, ପରମ୍ପରା ସଂରକ୍ଷଣ ଲାଗି ଉଦ୍ୟମ କରନ୍ତୁ'



ଅତିଥିମାନେ ପୁସ୍ତକ 'ବିବିଧ ପ୍ରସଙ୍ଗ' ଓ 'ମୁକ୍ତିକାମୀ ମୋହିନୀ ମୋହନ'କୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୧୩।୪ (ସୌମ୍ୟରଞ୍ଜନ ରାଉତ)

ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଫକୀରମୋହନ ଫାଉଣ୍ଡେଶନ ପକ୍ଷରୁ ସୋମବାର ପୁସ୍ତକ ଉନ୍ମୋଚନ ଓ ସାହିତ୍ୟ ଚର୍ଚ୍ଚା ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋହିନୀମୋହନ ସେନାପତିଙ୍କ ପ୍ରବନ୍ଧ ସଂକଳନ 'ବିବିଧ ପ୍ରସଙ୍ଗ'ର ନୂତନ ସଂସ୍କରଣ, ପ୍ରଫେସର ମଣୀନ୍ଦ୍ର କୁମାର ବେହେରାଙ୍କ 'ମୁକ୍ତିକାମୀ ମୋହିନୀ ମୋହନ' ଓ ଫକୀରମୋହନଙ୍କ ଦାୟାଦ ଡ.ମୋନିକ ଦାସଙ୍କ ଇଂଲିଶ୍ ପୁସ୍ତକ 'ଇଣ୍ଡିଆନ କଲ୍‌ଚର ଅଫ୍ ବିଉଟି' ଅତିଥିଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା। ଡ. ମିହିର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଉନ୍ମୋଚିତ ପୁସ୍ତକର ଗୁରୁତ୍ୱ, ଭାଷା, ଭାବ ଓ ମୂଲ୍ୟବୋଧ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ମୋନିକା ଦାସ ସମସାମୟିକ ଯୁବପିଢି ଆମ ଐତିହ୍ୟ ଓ ପରମ୍ପରାର ସଂରକ୍ଷଣ ନିମନ୍ତେ ସଂକଳ୍ପବଦ୍ଧ ହୋଇ ଏହାର ପ୍ରସାର ଓ ପ୍ରଚାର ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ପ୍ରାବନ୍ଧିକ ମୋହିନୀମୋହନ ତାଙ୍କର ପ୍ରଚଣ୍ଡ ବୁଦ୍ଧିମତ୍ତା ଓ ବୌଦ୍ଧିକ ଦାମ୍ଭିକତା ଯୋଗୁ ବହୁ ଯୁକ୍ତିନିଷ୍ଠ ତର୍କ ସମ୍ବଳିତ ପ୍ରସଙ୍ଗଭିତ୍ତିକ ପ୍ରବନ୍ଧ ମାଧ୍ୟମରେ ଆମ ସାହିତ୍ୟକୁ ଋଦ୍ଧିମନ୍ତ କରିଛନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରଫେସର ମଣିନ୍ଦ୍ର କୁମାର ମେହେର, କବି ରକ୍ଷକ ନାୟକ ଯୋଗଦେଇ ଓଡ଼ିଆ ସାହିତ୍ୟରେ ପ୍ରବନ୍ଧର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ଯୁବ ନେତୃତ୍ୱ ପ୍ରଶିକ୍ଷଣ ଶିବିରର ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ୨ ମୋବାଇଲ ଚୋର ଗିରଫ

ଭୁବନେଶ୍ୱର,୧୩।୪ (ପ୍ରସନଜିତ୍ ସାହୁ)

ମୋବାଇଲ ଚୋରି ଅଭିଯୋଗରେ ୨ ଅଭିଯୁକ୍ତଙ୍କୁ ଇନ୍‌ଫୋସିଟି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ କାନନ ବିହାର ଫେଜ୍-୨ ଅଞ୍ଚଳର ଆଲୋକ ଦାସ(୨୫) ଓ ଅଶ୍ୱିନୀ ଶତପଥୀ(୨୫)। ସୂଚନାଯୋଗ୍ୟ, ପବିତ୍ର ଶର୍ମା ଏବଂ ୨ ଅଭିଯୁକ୍ତ ଆଲୋକ ଓ ଅଶ୍ୱିନୀ କାନନ ବିହାର, ଫେଜ୍-୨ ରେ ଥିବା ଏକ ଗ୍ୟାରେଜରେ କାମ କରନ୍ତି। ରବିବାର ସକାଳେ ପବିତ୍ର ଗ୍ୟାରେଜରେ ଥିବା ଏକ ରୁମ୍‌ରେ ଶୋଇଥିବାବେଳେ ଆଲୋକ ଏବଂ ଅଶ୍ୱିନୀ ରୁମ୍ ଭିତରେ ପଶି ତାଙ୍କର ୨ଟି ମୋବାଇଲ ଫୋନ୍ ଚୋରି କରି ନେଇଯାଇଥିଲେ। ଏନେଇ ପବିତ୍ର ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ( ନଂ. ୨୮୪/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତଦ୍ୱୟ ଚୋରା ୨ ମୋବାଇଲ ଫୋନକୁ ବିକ୍ରି କରିବାକୁ ଗ୍ରାହକ ଯୋଗାଡ଼ କରୁଥିବା ସମୟରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

## ପଞ୍ଚାୟତ ନିର୍ବାଚନରେ ଏକାଠି ଲଢ଼ିପାରନ୍ତି ବିଜେଡି-କଂଗ୍ରେସ

### ରାହୁଲ, ଖଡ୍‌ଗେ, ନବୀନ ଚାହିଁଲେ ମେଣ୍ଟ ସମ୍ଭାବନା : ଭକ୍ତ

ଖୋର୍ଦ୍ଧା,୧୩।୪(ପ୍ରଭାତ ପାଣିଗ୍ରାହୀ)

ପଞ୍ଚାୟତ ନିର୍ବାଚନରେ ଏକାଠି ଲଢ଼ିପାରନ୍ତି ବିଜେଡି-କଂଗ୍ରେସ। ଜିଲା ପରିଷଦ ସିଟ୍ ପାଇଁ ହୋଇପାରେ ବୁଝାମଣା। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ବୟାନ ପରେ ବଢ଼ିଛି ଚର୍ଚ୍ଚା। ରାଜ୍ୟ ସଭା ନିର୍ବାଚନଠାରୁ ରାଜ୍ୟରେ ବିଜେଡି-କଂଗ୍ରେସ ମେଣ୍ଟ ଚର୍ଚ୍ଚା ଲାଗିରହିଥିବାବେଳେ ଏବେ ପିସିସି ସଭାପତିଙ୍କ ପ୍ରତିକ୍ରିୟା ନିଆଁରେ ଘିଅ ଢାଳିଛି। ଭକ୍ତ କହିଛନ୍ତି, ହାଇକମାଣ୍ଡ ଚାହିଁଲେ ମେଣ୍ଟ ହୋଇପାରେ। ଖଡ଼ଗେ, ରାହୁଲ ଗାନ୍ଧୀ ଏବଂ ନବୀନ ଚାହିଁଲେ ଏକାଠି ଲଢ଼ିପାରୁ। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଭାଜପାକୁ ଚେକ୍ ଦେବା ପାଇଁ କଂଗ୍ରେସ ଓ ବିଜେଡି ମଧ୍ୟରେ ମେଣ୍ଟ ଚର୍ଚ୍ଚା ଜୋର୍ ଧରିଛି। ରବିବାର ଖୋର୍ଦ୍ଧାରେ କଂଗ୍ରେସ କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେଇ ଏଥିରେ ଛୁଙ୍କ ଦେଇଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ପୂର୍ବରୁ ଦଳ ଏକାକୀ ଲଢ଼ିବ କହୁଥିବା ଭକ୍ତ ଏବେ ୟୁ-ଟର୍ନ ମାରିଛନ୍ତି। ଆଗରୁ କହୁଥିଲେ ପ୍ରସଙ୍ଗଭିତ୍ତିକ ସମର୍ଥନ। ଏବେ କହୁଛନ୍ତି ହାଇକମାଣ୍ଡ ଚାହିଁଲେ ମେଣ୍ଟ ହେବ। ରାଜ୍ୟ ସଭା ନିର୍ବାଚନରୁ ବିଜେଡି-କଂଗ୍ରେସ ଭିତରେ ପଡ଼ିଥିବା ମେଣ୍ଟ ସମ୍ପର୍କର ମୂଳଦୁଆ ଆଗକୁ ସ୍ଥାୟୀ ରୂପ ନେଉଥିବା ପିସିସି ସଭାପତିଙ୍କ ବୟାନରୁ ଜଣାପଡିଛି। ଆଗରୁ ଯାହା ଚର୍ଚ୍ଚା ହେଉଥିଲା, ଏବେ ମେଣ୍ଟ ହୋଇପାରେ ବୋଲି ଖୋଦ୍ ପିସିସି ସଭାପତିଙ୍କ ବୟାନ ପରେ ଚର୍ଚ୍ଚା ଆହୁରି ଜୋର୍ ଧରିଛି । ସେପଟେ ପିସିସି ସଭାପତିଙ୍କ ମେଣ୍ଟ ଆକଳନକୁ ପରୋକ୍ଷରେ ସମର୍ଥନ କରିଛନ୍ତି ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର। ସେ କହିଛନ୍ତି, ସମ୍ଭାବନା ସବୁକ୍ଷେତ୍ରରେ ରହିଛି। ସ୍ଥିତିକୁ ଦେଖି ରାଜ୍ୟ ସ୍ୱାର୍ଥ ଅନୁଯାୟୀ ସଭାପତି ନବୀନ ପଟ୍ଟନାୟକ ନିଷ୍ପତ୍ତି ନେବେ।

## ଆଳୁଗଦିରୁ ୩ଲକ୍ଷ ଟଙ୍କା ଲୁଟିଲେ ଦୁର୍ବୃତ୍ତ

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

ଭରତପୁର ଥାନା ଆଳୁଗଦିରେ ଥିବା ଭଜନ କୁମାର ରାଉତଙ୍କ ଗେଦାମରୁ ଚୋରି ହୋଇଛି। ଦୁର୍ବୃତ୍ତ ମୁହଁରେ କପଡ଼ା ବାନ୍ଧି ଭଜନଙ୍କ ଦୋକାନର ତାଲାକାଟି ଭିତରକୁ ପ୍ରବେଶ କରିଥିଲେ। ଦୋକାନ ଭିତରେ ଥିବା ୩ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ଆହୁରି ମଧ୍ୟ ଦୁର୍ବୃତ୍ତ ଚୋରି କରିବା ସମୟରେ ସିସିଟିଭି ଭାଙ୍ଗି ଦେଇଥିବା ଦେଖିବାକୁ ମିଳିଛି। ଏନେଇ ଭଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଖୋଳତାଡ଼ କରୁଛି। ଆହୁରି ମଧ୍ୟ ଭଜନ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଦୋକାନରେ ଜଣ ଯୁବକ କାମ କରୁଥିଲେ। ସେ ୮ ଦିନ ହେବ ଘରକୁ ଯାଇ ଫେରି ନାହାନ୍ତି। ସିସିଟିଭି ଫୁଟେଜରେ ଦେଖାଯାଉଥିବା ବ୍ୟକ୍ତିଙ୍କ ହୁଲିଆ ତାଙ୍କ ଦୋକାନରେ କାମ କରୁଥିବା ଯୁବକଙ୍କ ସହ ସାମଞ୍ଜସ୍ୟ ରହୁଛି। ତେଣୁ ସେ ଏହି ଚୋରି କରି ଥାଇ ପାରନ୍ତି ବୋଲି ସନ୍ଦେହ କରୁଥିବା ଭଜନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ବମିଖାଲରେ ଅପରାଧୀଙ୍କ ଆତଙ୍କରାଜ

### ଗାଡ଼ି ଧକ୍କା କରି ମାଡ଼ ମାରି ଲହୁଲୁହାଣ କଲେ ୩ଅପରାଧୀ

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

ବମିଖାଲ ଶିବ ମନ୍ଦିର ନିକଟରେ ରବିବାର ରାତିରେ ୩ ଅପରାଧୀଙ୍କ ଆତଙ୍କରାଜ ଦେଖିବାକୁ ମିଳିଛି। ଜଣେ ଯୁବକଙ୍କ କାର୍‌କୁ ଧକ୍କା କରିବା ପରେ ଦାଦାଗିରି ଦେଖାଇ ମାଡ଼ ମାରି ଲହୁଲୁହାଣ କରିଛନ୍ତି। ଆକ୍ରମଣର ଶିକାର ହୋଇଥିବା ଯୁବକ ନୀଳମଣି ମହାରଣା ଏନେଇ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଗ୍ରହଣ କରି ପୋଲିସ ତଦନ୍ତ କରୁଥିବାବେଳେ କାହାରିକୁ ଗିରଫ କରିପାରି ନାହିଁ। ଅପରପକ୍ଷରେ ଥାନାରୁ ମାମଲା ଉଠାଇ ନେବାକୁ ଅପରାଧୀମାନେ ନୀଳମଣିଙ୍କ ଘରକୁ ଯାଇ ହତ୍ୟା ଧମକ ଦେଇଛନ୍ତି।

ଅଭିଯୋଗ ଅନୁସାରେ, ରବିବାର ରାତି ପ୍ରାୟ ସାଢେ ୧୨ଟାରେ କାମ ସାରି ନୀଳମଣି ଘରକୁ କାର୍ ଯୋଗେ ଫେରୁଥିଲେ। ବମିଖାଲ ଶିବ ମନ୍ଦିର ନିକଟରେ ଯିବା ସମୟରେ ମୁନା, କୁନା ନିଶାଗ୍ରସ୍ତ ଅବସ୍ଥାରେ କାରକୁ ଧକ୍କା ଦେଇଥିଲେ। ନୀଳମଣି ଏନେଇ ପଚାରିବାରୁ ତାଙ୍କୁ ଅଟକାଇ ଲୁହାରଡ଼ରେ ଆକ୍ରମଣ କରିଥିଲେ। ଏଥିସହ ଆପରାଧିକ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ସାଜିଥିବା ବଣ୍ଟିଙ୍କୁ ଦୁହେଁ ଫୋନ୍ କରି ଡାକିଥିଲେ। ସେ ଆସିବା ପରେ ୩ଜଣ ମିଶି ଲୁହାରଡ଼ରେ ନୀଳମଣିଙ୍କୁ ମରଣାନ୍ତକ ଆକ୍ରମଣ କରି ଲହୁଲୁହାଣ କରିଥିଲେ।

## ଆଶା ଭୋସ୍‌ଲେଙ୍କୁ ସ୍ୟାଣ୍ଡ ଆନିମେଶନରେ ଶ୍ରଦ୍ଧାଞ୍ଜଳି




ପୁରୀ,୧୩।୪(ଅଜିତ୍ କୁମାର ମହାନ୍ତି)

ବଲିଉଡ୍‌ର କିମ୍ବଦନ୍ତୀ ଗାୟିକା ଆଶା ଭୋସଲେଙ୍କର ରବିବାର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ଭାରତୀୟ ସଙ୍ଗୀତ ଜଗତର ଅପରାଜୟ ସାମ୍ରାଜ୍ଞୀ ଆଶା ଭୋସଲେ ଯିଏ ନିଜ ସ୍ୱରରେ ଆଠ ଦଶନ୍ଧି ଧରି ନିଜର ମଧୁର କଣ୍ଠରେ କୋଟି କୋଟି ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ତାଙ୍କ ବିୟୋଗରେ ପୁରୀ ଅଠରନଳା ସ୍ଥିତ ଭାସ୍କର୍ଯ୍ୟ ଶିଳ୍ପୀ ୪୫ ମିନିଟ୍‌ର ଏକ ସ୍ୟାଣ୍ଡ ଆନିମେଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପଦ୍ମ ବିଭୂଷଣ ଆଶା ଭୋସଲେଙ୍କ ବିୟୋଗରେ ବଲିଉଡ୍ ନୁହେଁ ବରଂ ସମଗ୍ର ବିଶ୍ୱ ସଙ୍ଗୀତ ଜଗତରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି।

## ବ୍ଲାଙ୍କ୍ ଚେକ୍ ଧରି ଥାନାରେ ଅଭିଯୋଗ

- ୩ ମାସ ହେବ ୨୨ ଜଣଙ୍କୁ ମିଳିନି ଦରମା
- ରାତି ଅଧିଆ କାମରୁ କାଢ଼ି ଦିଆଗଲା

ଭୁବନେଶ୍ୱର,୧୩।୪(ପ୍ରସନଜିତ୍ ସାହୁ)



ତିନି ମାସ ଧରି କାମ କରିବା ପରେ ମଧ୍ୟ ମିଳିଲାନି ଦରମା। ଦରମା ନଦେଇ କର୍ମଚାରୀଙ୍କୁ ବ୍ଲାଙ୍କ୍ ଚେକ ଦେଇଛନ୍ତି ହୋଟେଲ ମାଲିକ। ହେଲେ ଏହି ଚେକ୍‌କୁ ବ୍ୟାଙ୍କରେ ଜମା କରିବା ପରେ ଆକାଉଣ୍ଟରେ ଟଙ୍କା ନ ଥିବା କର୍ମଚାରୀମାନେ ଜାଣିବାକୁ ପାଇଥିଲେ। ଠକେଇ ଅଭିଯୋଗରେ ଏନେଇ ସେମାନେ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକାରୀ ବିନୋଦ କୁମାର ବାରିକଙ୍କ କହିବା ଅନୁସାରେ, ଇନ୍‌ଫୋସିଟିସ୍ଥିତ ହୋଟେଲ ଷ୍ଟୋନ୍ ଲାଇଟ୍‌ରେ ତାଙ୍କ ସହିତ ମୋଟ ୨୨ଜଣ କର୍ମଚାରୀ କାମ କରୁଥିଲେ। କୌଣସି କାରଣବଶତଃ ମାଲିକ ସମସ୍ତ କର୍ମଚାରୀଙ୍କୁ କାମରୁ ବାହାର କରିଦେଇଥିଲେ। ହେଲେ ସେମାନଙ୍କୁ କାହିଁକି ଚାକିରିରୁ କାଢି ଦିଆଗଲା, ସେ ନେଇ ସେମାନେ କିଛି ଜାଣି ନ ଥିବା ବିନୋଦ କହିଛନ୍ତି। ଅନ୍ୟପଟେ ସେହି ହୋଟେଲରେ କାମ କରୁଥିବା ସମସ୍ତ କର୍ମଚାରୀଙ୍କ ଦରମା ୧୫ହଜାରରୁ ୨୦ ହଜାର ମଧ୍ୟରେ ଥିଲା। ସେମାନଙ୍କୁ ଅଚାନକ ରାତି ଅଧିଆ କାମରୁ ବାହାର କରିଦିଆଯିବାରୁ କେତେଜଣ କର୍ମଚାରୀ ବାଧ୍ୟ ହୋଇ ରେଳ ଷ୍ଟେଶନ ଏବଂ ଅନ୍ୟ କିଛି ସେମାନଙ୍କ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିଲେ। ଏହାପରେ କର୍ମଚାରୀମାନେ ହୋଟେଲ ମାଲିକଙ୍କୁ ଟଙ୍କା ମାଗିବା ପରେ ସେ ଇନ୍‌ଫୋସିଟିର ଏକ ସ୍ଥାନକୁ ଡାକି ବୈଠକ କରି ସମସ୍ତଙ୍କୁ ନଗଦ ଟଙ୍କା ବଦଳରେ ବ୍ଲାଙ୍କ ଚେକ୍ ଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ ଚେକକୁ ବ୍ୟାଙ୍କରେ ଜମା କରିବା ପରେ ଆକାଉଣ୍ଟରେ ଟଙ୍କା ନ ଥିବା ଜଣାପଡ଼ିଥିଲା। ଏନେଇ ଅଭିଯୋଗ ପରେ ଇନ୍‌ଫୋସିଟି ଥାନା ପୋଲିସ ଏକ ମାମଲା( ନଂ. ୨୮୫/୨୦୨୬) ରୁଜୁ କରିଛି। ତଦନ୍ତ ଉଦ୍ଦେଶ୍ୟରେ ପୋଲିସ ହୋଟେଲ ମାଲିକଙ୍କୁ ଡାକିବା ସହିତ ଅଧିକ ତଦନ୍ତ ଚଳାଇଥିବା ଆଇଆଇସି ମହେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି।

## ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି

ବାରଙ୍ଗ,(ଲିଙ୍ଗରାଜ ରାଉତ): ଗୋଡିସାହି ଫାଣ୍ଡି ନିକଟସ୍ଥ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡ଼ରୁ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଯନ୍ତ୍ରାଂଶ ଚୋରି ହୋଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ଫଳରେ ସେହି ଟ୍ରାନ୍ସଫରମରୁ ବିଦ୍ୟୁତ୍ ସଂଯୋଗ ନେଇଥିବା କିଛି ଚାଷୀଙ୍କ ସହିତ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ସଂକ୍ରାନ୍ତରେ ଗୋଡିସାହି ବିଦ୍ୟୁତ୍ କାର୍ଯ୍ୟାଳୟ ପକ୍ଷରୁ ଫାଣ୍ଡିରେ ଅଭିଯୋଗ କରାଯିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଅନ୍ୟପଟେ ନୂତନ ଟ୍ରାନ୍ସଫର୍ମର ଲଗାଯିବା ପରେ ବିଦ୍ୟୁତ ସରବରାହ ସ୍ୱାଭାବିକ ହୋଇଥିଲା।

**ସଂକ୍ଷେପରେ**

## ଫାଣ୍ଡିରେ ରାତିସାରା ଛେଳି, ଥାନାରେ ସମାଧାନ

ତାଳବସ୍ତ,୧୩।୪ (ସୁବ୍ରତ କୁମାର ନାୟକ)

ତାଳବସ୍ତ ଫାଣ୍ଡିରେ ରାତିସାରା ୪ ଛେଳି ମେଣ୍ଢା ବନ୍ଧା ହୋଇ ରହିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଫୁଲମରୁଆ ମୁଣ୍ଡା ସାହିରେ ଏପ୍ରିଲ ୧୨ ତାରିଖ ସନ୍ଧ୍ୟାରେ କାହ୍ନୁ ବେହେରା ଏବଂ ତାଙ୍କ ପୁଅ ଶଙ୍କର ବେହେରାଙ୍କ ଗୁହାଳରୁ ଛେଳି ଚୋରି ହୋଇଯାଇଥିଲା। ଉକ୍ତ ଛେଳିଗୁଡ଼ିକୁ ଶଙ୍କର ପୁତ୍ରମାନେ ଖୋଜାଖୋଜି କରିବା ପରେ ମେଣ୍ଢାଶାଳର ଜଣେ ବ୍ୟବସାୟୀଙ୍କୁ ବିକ୍ରି କରାଯାଇଥିବା ଜାଣିବାକୁ ପାଇଥିଲେ। ଏଥିସହ ଚନ୍ଦକା ଡମପଡା ଜଙ୍ଗଲ ଘାଟି ପାଖରୁ ଚାରୋଟି ଛେଳି ପାଇଥିଲେ। ଉକ୍ତ ଛେଳିଗୁଡ଼ିକୁ ନେଇ ଶଙ୍କର ଓ ତାଙ୍କ ପରିବାର ବର୍ଗ ତାଳବସ୍ତ ଫାଣ୍ଡିରେ ପହଞ୍ଚି ତାଙ୍କ ଛେଳି ବୋଲି ଦାବି କରିଥିଲେ। ଏନେଇ ଛେଳି ବ୍ୟବସାୟୀ ଓ ଅଭିଯୋଗକାରୀଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ବହୁ ବିଳମ୍ବରେ ତାଳବସ୍ତ ଫାଣ୍ଡି କନଷ୍ଟେବଲ ପାଟ୍ରୋଲିଂ ସାରି ଆସିବାପରେ ଉଭୟ ପକ୍ଷର ଅଭିଯୋଗ ଶୁଣିଥିଲେ। ମାତ୍ର କୋଣସି ସମାଧାନ ନ ହେବାରୁ ବାଙ୍କୀ ଥାନାରେ ଉଭୟ ପକ୍ଷ ଯାଇ ସମାଧାନ କରିଥିଲେ। ରବିବାର ଭୋରୁ ଫାଣ୍ଡିରେ ରାତିସାରା ବନ୍ଧାଯାଇଥିବା ଛେଳିକୁ ତାହାର ମାଲିକ ଘରକୁ ନେଇଥିବା ଜଣାଯାଇଛି।

## ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

ବାଙ୍କୀ , ୧୩।୪(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ତହସିଲ ଅନ୍ତର୍ଗତ ସୁବର୍ଣ୍ଣପୁର ବିଟ୍ ହାଉସ ଅଧୀନ ତେନ୍ତୁଳିଆ ଅଞ୍ଚଳରୁ ଚୋରା ବାଲି ତିଗିରିଆକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗରେ ବିଟ୍ ହାଉସ ଅଧିକାରୀ ସମ୍ବିତ କୁମାର ସ୍ୱାଇଁ ଉକ୍ତ ଅଞ୍ଚଳରେ ଚଢ଼ାଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରି ଜିଲା ଖଣି ବିଭାଗକୁ ଖବର ଦେଇଛନ୍ତି। କ୍ରମାଗତ ଭାବେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୩ଟି ଚୋରା ବାଲି ଗାଡି ଜବତ ହେବା ପରେ ବାଲି ମାଫିଆଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଫୁଲବାଡି ଓ ଓସ୍ତିଆରୁ ପ୍ରତ୍ୟେକ ଦିନ ଚୋରା ବାଲି ଚାଲାଣ ହେଉଥିବା ଅଭିଯୋଗ ହେଉଛି। ବାଙ୍କୀ ତହସିଲ ଏବଂ ଜିଲା ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ଗ୍ରହଣ କରାଗଲେ ଏଭଳି ଚୋରା ବାଲି ଚାଲାଣରେ ରୋକ ଲାଗି ପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# 'ଗଣତନ୍ତ୍ର ସୁଦୃଢ଼ କରିବାରେ ମହିଳାଙ୍କ ପ୍ରମୁଖ ଭୂମିକା ରହିଛି'

କଟକ,୧୩।୪(କାର୍ତ୍ତିକ ସାହୁ)

## ଇନ୍‌ଡୋର ଷ୍ଟାଡିୟମରେ ନାରୀ ଶକ୍ତି ବନ୍ଦନ ସମ୍ମିଳନୀ

ନାରୀ ଶକ୍ତି ବନ୍ଦନ ସମ୍ମିଳନୀ ମାଧ୍ୟମରେ ନାରୀ ସଶକ୍ତୀକରଣ, ସ୍ୱାବଲମ୍ବନ ସହ ଆର୍ଥିକ ଉନ୍ନତି ସୁରକ୍ଷା ଓ ମର୍ଯ୍ୟାଦା ରକ୍ଷା କରାଯାଇପାରୁଛି। ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ନାରୀ ଶକ୍ତି ପ୍ରତି ଧ୍ୟାନ ଦିଆଯାଇଥିବା ବେଳେ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ନାରୀ ସଶକ୍ତୀକରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ନାରୀମାନେ ବ୍ୟବସାୟ, ଚାକିରି, ଶିକ୍ଷା ଦ୍ୱାରା ସ୍ୱାବଲମ୍ବୀ ହୋଇପାରିଛନ୍ତି। ବିଶେଷ କରି ରାଜନୀତି କ୍ଷେତ୍ରରେ ପ୍ରତିନିଧିତ୍ୱ କରି ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ମହିଳାଙ୍କର ପ୍ରମୁଖ ଭୂମିକା ରହିଛି। କଟକସ୍ଥିତ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମଠାରେ ସୋମବାର ନାରୀ ଶକ୍ତି ବନ୍ଦନ ସମ୍ମିଳନୀକୁ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉଦ୍‌ଘାଟନ କରି ଏହି ମତବ୍ୟକ୍ତ କରିଛନ୍ତି। ଅନ୍ୟତମ ଅତିଥି ବିଧାୟିକା ଇଂ. ସୋଫିଆ ଫିର୍ଦୌସ କହିଲେ, ଏହି ମହିଳା ସଙ୍ଗଠନ ଦୀର୍ଘ ବର୍ଷର ସଂଘର୍ଷ। ମହିଳାମାନଙ୍କୁ ତୃଣମୂଳସ୍ତରରୁ ସଶକ୍ତ ଏବଂ ସ୍ୱାବଲମ୍ବୀ କରିବା ମୂଳଲକ୍ଷ୍ୟ। ଏମ୍‌ପି ଡ. ଭର୍ତ୍ତୃହରି ମହତାବ, ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ,ଏସିପି ଅନନ୍ୟା ଅୱସ୍ତି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମୀନାକ୍ଷୀ ଠାକୁର, ଏସ୍‌ସିବି ମେଡିକାଲ ଅଧ୍ୟକ୍ଷା ପ୍ରଫେସର ଡା. ପ୍ରତିଭା ପଣ୍ଡା, ବାଙ୍କୀ ଉପଜିଲାପାଳ ମନୋସ୍ୱିନୀ ଦାସ, ଜିଲା ପରିଷଦ ଉପସଭାପତି ସୁଭଦ୍ରା ଦାସ, ରାଜ୍ୟ ମହିଳା କମିଶନ ସଦସ୍ୟା ପ୍ରତିଭା ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ସ୍ୱାଗତ ଭାଷଣ ପ୍ରଦାନ କରି ନାରୀ ସଶକ୍ତୀକରଣର ଆଭିମୁଖ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଉପଲକ୍ଷେ ସକାଳେ ବାରବାଟୀ ଦୁର୍ଗଠାରୁ ଇନ୍‌ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ମହିଳାମାନଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା।



ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ନାରୀ ଶକ୍ତି ବନ୍ଦନ ସମ୍ମିଳନୀରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଉଦ୍‌ବୋଧନ ଦେଉଛନ୍ତି।

## ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଚୋରି

ଆଠଗଡ଼,୧୩।୪(ସତ୍ୟ ପ୍ରସାଦ ରଥ):

ଆଠଗଡ଼ସ୍ଥିତ ଗୋପବନ୍ଧୁ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ(କନିଷ୍ଠ କଲେଜ)ରେ ରବିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଚୋର କଲେଜ ପରିସରରେ ପଶି ୭ଟି ସିସିଟିଭି କ୍ୟାମେରା ଭଙ୍ଗାରୁଜା କରିବା ସହ ତନ୍ମଧ୍ୟରୁ ୨-୩ଟି ଏବଂ ଗୋଟିଏ ସିଲିଂ ଫ୍ୟାନ୍ ଚୋରି କରି ନେଇ ଯାଇଛନ୍ତି । ଏଥି ସହିତ କଲେଜର କାର୍ଯ୍ୟାଳୟ ଝରକା ଗ୍ରୀଲ ଭାଙ୍ଗି ଭିତରେ ପଶି କାଗଜପତ୍ର ଓ ଅନ୍ୟାନ୍ୟ ଜିନିଷ ଇତସ୍ତତଃ ପକାଇ ଦେଇଛନ୍ତି। କାର୍ଯ୍ୟାଳୟ ପ୍ରକୋଷ୍ଠରେ ଟଙ୍କା ପଇସା ଓ ଅନ୍ୟ କିଛି ମୂଲ୍ୟବାନ ଜିନିଷ ଖୋଜାଖୋଜି କରିଥିବା ପୋଲିସ ଅନୁମାନ କରିଛି। ତେବେ ସିସିଟିଭି କ୍ୟାମେରା ଓ ପଙ୍ଖା ଛଡା ଆଉ କିଛି ଚୋରି ହୋଇନଥିବା ଏତଲାରୁ ଜଣାପଡିଛି । କଲେଜର ଅଧ୍ୟକ୍ଷା ସଂଯୁକ୍ତା ମହାପାତ୍ର ଏ ସଂକ୍ରାନ୍ତରେ ଏକ ଏତଲା ଆଠଗଡ ଥାନାରେ ଦେଇଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷା କଲେଜ ପରିଚାଳନା ପରିଷଦ ସଭାପତି ତଥା ଉପଜିଲାପାଳଙ୍କ ସମେତ ଆଠଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଛନ୍ତି। ଏତଲା ପାଇବା ପରେ ଥାନା ଅଧିକାରୀ ଓ ଅନ୍ୟ ପୋଲିସ ଅଧିକାରୀ କଲେଜରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନା ଥାଉକି କଲେଜ ପକ୍ଷରୁ ନିଯୁକ୍ତ ଅସ୍ଥାୟୀ ରାତ୍ରି ଜଗୁଆଳି ରାତି ୧୨ଟାରେ କଲେଜରୁ ଚାଲିଯାଇଥିଲେ। ଦେହ ଖରାପ ଲାଗିବାରୁ ସେ ନିଜ ଘରକୁ ପଳାଇଥିଲେ ବୋଲି ଅଧ୍ୟକ୍ଷା ଓ ତଦନ୍ତକାରୀ ପୋଲିସ ଆଗରେ ପ୍ରକାଶ କରିଛନ୍ତି। ତେବେ ଜଗୁଆଳି ଥିବା ବେଳେ କିମ୍ବା ପଳାଇଯିବା ପରେ କଲେଜରୁ ଚୋରି ହୋଇଛି, ତାହା ତଦନ୍ତ ପରେ ଜଣାପଡିବ ବୋଲି ପୋଲିସ କହିଛି। ତେବେ କଲେଜର ସିସିଟିଭି ସ୍ୱିଚ୍ ବନ୍ଦ ରହିଥିବାରୁ ଚୋରି ଘଟଣାର କିଛି ରେକର୍ଡିଂ ହୋଇ ପାରିନଥିବା ଜଣାପଡିଛି।

# ଓଡ଼ିଆ ସଂସ୍କୃତି ଓ ପରମ୍ପରା ବଜାୟ ରଖିବାର ପ୍ରୟାସ



ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଓଡ଼ିଆ ପକ୍ଷ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବଡ଼ମ୍ବା/ତିଗିରିଆ, ୧୩।୪
(ମାୟାଧର ମଲ୍ଲିକ/ ଜାଫର ଖାଁ):

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ପାଳିତ ହେଉଥିବା 'ଓଡ଼ିଆ ପକ୍ଷ' ଅବସରରେ ସୋମବାର ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ୨୦୨୬ ପାଳିତ ହୋଇଯାଇଛି। ଏଥିରେ 'ଆମ ରୁଚିଆମ ଖାଦ୍ୟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଶେଷକରି ବିଭିନ୍ନ ମହିଳା ସଂଘ ତରଫରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରକାର ସୁସ୍ୱାଦୁ ପୀଠା ପ୍ରଦର୍ଶନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ପିଠା ମେଳାକୁ ବୁଲି ଦେଖିବା ସହିତ ଓଡ଼ିଆ ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବାର ଏହା ହେଉଛି ପ୍ରୟାସ, ଉକ୍ତ ପାରମ୍ପରିକ ରୁଚି ହିଁ ଆମ ପରିଚୟ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ସମିତି ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ଜିଲା ପରିଷଦ ସଭ୍ୟା ନୟନା ସାହୁ, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ଚିତ୍ତରଞ୍ଜନ ଦାସ ସ୍ୱାଗତ ଭାଷଣ, ଅତିଥି ପରିଚୟ ସହିତ ଉତ୍ସବ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ମିଶନ ଶକ୍ତି ବିଭାଗ ସଂଯୋଜିକା ସ୍ୱର୍ଣ୍ଣଲତା ଲେଙ୍କା ସଂଯୋଜନା କରିଥିଲେ।

### ଓଡ଼ିଆ ପକ୍ଷ ପାଳନ, ପିଠା ପ୍ରଦର୍ଶନ

ସେହିପରି ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ରଠାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ସୋମବାର ବ୍ଲକସ୍ତରୀୟ 'ପିଠା ଷ୍ଟ୍ରିଟ' ପାରମ୍ପରିକ ପିଠା ତିଆରି ପ୍ରତିଯୋଗିତା ଓ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗ ତରଫରୁ ଏହି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ବ୍ଲକର ୧୪ ପଞ୍ଚାୟତରୁ ୧୪ଟି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଉପସ୍ଥିତ ରହି ବିଭିନ୍ନ ପ୍ରକାର ପିଠା, ଓଡ଼ିଆ ଖାଦ୍ୟ ତିଆରି କରିଥିଲେ। ତିଗିରିଆ ବିଡିଓ ସଂଗ୍ରାମ କେଶରୀ ଭୋଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ତିଗିରିଆ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ସାମାଜିକ କର୍ମୀ ସରୋଜ ଦାସ, ଏ ବି ଯାଜ୍ଞସେନୀ ଗୋଚ୍ଛାୟତ ଓ ତିଗିରିଆ ବ୍ଲକ ମିଶନ ଶକ୍ତି ସଭାନେତ୍ରୀ ସମସୁରା ବେଗମ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ଜୀବିକା ମିଶନ ବିପିଏମ ମହେନ୍ଦ୍ର କୁଣ୍ଡୁ, ବି ଏଲ ସି ଧର୍ମରାଜ ଜେନା, ମଞ୍ଜୁଳା ସାମଲଙ୍କ ସମେତ ବ୍ଲକର ସମସ୍ତ ଦକ୍ଷ ନଥିପତ୍ର ଲେଖିକା, ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳା ସହଯୋଗ କରିଥିଲେ। ମଙ୍ଗଳବାର ବ୍ଲକସ୍ତରୀୟ ଖେଚିପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ଅବସରରେ ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବିପିଏମ କହିଛନ୍ତି ।

## ବାର୍ଷିକୋତ୍ସବ, ଶିଶୁପ୍ରତିଭା ପୁରସ୍କାର ବିତରଣ ସମାରୋହ

ମାଣିଆବନ୍ଧ,୧୩।୪(ଅଖିଳକୁମାରସାହୁ):

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସରସ୍ୱତୀ ଶିଶୁମନ୍ଦିର ପରିସରରେ ସୋମବାର ୨୪ତମ ବାର୍ଷିକୋତ୍ସବ ଓ ଶିଶୁପ୍ରତିଭା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଭାଜପା ମଣ୍ଡଳ ସଭାପତି ଲକ୍ଷ୍ମୀଧର ପ୍ରଧାନ, ଉପସଭାପତି ଉତ୍ସବ ଦେବତା, ସମ୍ପାଦକ ଶିବନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ପୀତବାସ କରଣ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର କୁନିକୁନି ଶିଶୁମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଏହାପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ଖେଳ, କସରତ, ସାଧାରଣ ଜ୍ଞାନ, ବକ୍ତୃତା ଓ ସଂଗୀତ ଆଦି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁମା ଲିଲି ସାହୁ, ମାମା ସାହୁ, ବୈଶାଳୀ ପରିଡା, ଗୁରୁଜୀ ପ୍ରେମାନନ୍ଦ ପାଳଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମିତାଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଉପସଭାପତି ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ହୋମିଓପାଥି ଦିବସ

ତିଗିରିଆ,୧୩।୪(ଜାଫର ଖାଁ):

ତିଗିରିଆ ବ୍ଲକ୍ ଅନ୍ତର୍ଗତ ମାନପୁର ଏବଂ ବଡ଼ମ୍ବା ବ୍ଲକ ଅନ୍ତର୍ଗତ କଙ୍କଡ଼ାଯୋଡ଼ିରେ ଥିବା ୨ଟି ସରକାରୀ ହୋମିଓପାଥିକ୍ ଚିକିତ୍ସାଳୟ ପରିସରରେ ବିଶ୍ୱ ହୋମିଓପାଥି ଦିବସ ସୋମବାର ପାଳିତ ହୋଇଯାଇଛି। ହୋମିଓପାଥିର ଜନକ ସାମୁଏଲ ହ୍ୟାନିମାନ୍‌ଙ୍କ ୨୭୧ତମ ଜୟନ୍ତୀ ଅବସରରେ ଏହି ଦିବସ ପାଳନ କରାଯାଇଥିଲା। ଚିକିତ୍ସାଳୟ ଅଧିକାରୀ ଡ. ମୌସୁମୀ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୌରୋହିତ୍ୟରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଡ. ଲେଙ୍କା ନିଜ ଉଦ୍‌ବୋଧନରେ ହୋମିଓପାଥି ଚିକିତ୍ସାର ମୂଲ୍ୟବୋଧ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ହୋମିଓପାଥିକ୍ ପ୍ରଚାରପତ୍ର ବଣ୍ଟନ କରାଯିବା ସହ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀଙ୍କୁ ହୋମିଓପାଥିର ସହଜ ଚିକିତ୍ସା ପଦ୍ଧତି ଦ୍ୱାରା କିଭଳି ରୋଗୀ ଉପକୃତ ହୋଇପାରୁଛନ୍ତି ସେ ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମାନପୁର ହୋମିଓ ଚିକିତ୍ସା ସହାୟିକା କୃଷ୍ଣପ୍ରିୟା ମହାପାତ୍ର, ପବିତ୍ର ମୋହନ ମହାପାତ୍ର ଓ ସନ୍ତୋଷ କୁମାର ନାୟକ ଏବଂ କଙ୍କଡ଼ାଯୋଡ଼ି ହୋମିଓପାଥି ସହାୟିକା ସିପ୍ରା ମଲ୍ଲିକ, ଅନିଲ ବେହେରା ଓ ଗୋବିନ୍ଦ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଗୋପାଳପୁର ସମିତି ସମ୍ପାଦକ ନିଲମ୍ବିତ

ବାଙ୍କୀ,୧୩।୪(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ କେନ୍ଦ୍ର ବ୍ୟାଙ୍କ ସମବାୟ ବ୍ୟାଙ୍କ ଅନ୍ତର୍ଗତ ରତାଗଡ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ଗୋପାଳ ପୁର ସେବା ସମବାୟ ସମିତି ସମ୍ପାଦକ ଈଶ୍ୱର ଚନ୍ଦ୍ର ଜେନାଙ୍କୁ ବାଙ୍କୀ ଏଆରସିଏସ୍ ସୁରେନ୍ଦ୍ର କୁମାର ଜେନା ନିଲମ୍ବନ କରିଛନ୍ତି । ପ୍ରକାଶ ଯେ, ଗୋପାଳପୁର ସେବା ସମବାୟ ସମିତିରେ ମାର୍ଚ୍ଚ ୩୦ରେ ହୋଇଥିବା ସାଧାରଣ ବୈଠକରେ ସଦସ୍ୟ ଶ୍ରୀରାମ ଚନ୍ଦ୍ର ରାଉତ ସମିତିରେ ହୋଇଥିବା ଦୁର୍ନୀତି ସମ୍ପର୍କରେ ପ୍ରଶ୍ନ ପଚାରିବାରୁ ସମିତି ସଭାପତି ଆଶିଷ କୁମାର ଜେନା ସଂଘବଦ୍ଧ ଭାବେ ଗଣ୍ଡଗୋଳ କରିବା ସହ ମାରପିଟ କରିଥିଲେ। ଫଳରେ ଶ୍ରୀରାମଙ୍କ ମୁଣ୍ଡ ଫାଟି ଯାଇଥିଲା। ସେ ଚିକିତ୍ସିତ ହେବା ପରେ ସଭାପତି ଆଶିଷଙ୍କ ସମେତ ସମ୍ପାଦକ ଈଶ୍ୱର ଚନ୍ଦ୍ର ଜେନା , ସଭାପତିଙ୍କ ଭାଇ ମିହିର କୁମାର ଜେନା , ସମୀର କୁମାର ଜେନା , ଶିଶିର କୁମାର ଜେନା ଓ ପିଅନ ଅଲେଖ ବିହାରୀଙ୍କ ନାମରେ ସୁବର୍ଣ୍ଣପୁର ବିଟ ହାଉସରେ ଅଭିଯୋଗ କରିଥିଲେ। ବାଙ୍କୀ ପୋଲିସ ପକ୍ଷରୁ ଅଭିଯୋଗର ତଦନ୍ତ କରାଯାଇ ସଭପତି ଆଶିଷ ଓ ସମ୍ପାଦକ ଈଶ୍ୱରଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏହି ଅଭିଯୋଗକୁ ଭିତ୍ତି କରି ସୋମବାର ଏଆରସିଏସ୍‌ଙ୍କ ପତ୍ର ସଂଖ୍ୟା ନଂ. ୯୦୭ ଅନୁଯାୟୀ, ସମ୍ପାଦକ ଈଶ୍ୱରଙ୍କୁ ପଦରୁ ନିଲମ୍ବିତ କରାଯାଇଛି।

## ମହାବିଷୁବ ସଂକ୍ରାନ୍ତି ନିମନ୍ତେ ପୋଲିସର ଫ୍ଲାଗ ମାର୍ଚ୍ଚ

### ଆଇନ ଶୃଙ୍ଖଳାକୁ ଗୁରୁତ୍ୱ

ତିଗିରିଆ,୧୩।୪(ଜାଫର ଖାଁ):

ମହାବିଷୁବ(ପଣା) ସଂକ୍ରାନ୍ତି, ହନୁମାନ ଜୟନ୍ତୀ ଓ ସମ୍ବିଧାନ ପ୍ରଣେତା ଡ. ଭୀମ୍‌ରାଓ ବାବା ସାହେବ ଆମ୍ବେଡ୍‌କରଙ୍କ ଜୟନ୍ତୀ ଉପଲକ୍ଷେ ତିଗିରିଆ ଥାନା ଅଞ୍ଚଳର ବିଭିନ୍ନ ଦେବଦେବୀଙ୍କ ପୀଠରେ ଝାମୁଯାତ୍ରା ଅନୁଷ୍ଠିତ ହେବ। ଏଥିସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋଭାଯାତ୍ରା ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଜନସମାଗମ ଲାଗିରହିବ। ଏହି ପରିପ୍ରେକ୍ଷୀରେ ଏହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ଓ ଆଇନଶୃଙ୍ଖଳା ରକ୍ଷା କରିବାକୁ ତିଗିରିଆ ପୋଲିସ ତରଫରୁ ସୋମବାର ସନ୍ଧ୍ୟାରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏଥିସହ ମଙ୍ଗଳବାର ନୂଆପାଟଣାର ଆରାଧ୍ୟା ଠାକୁରାଣୀ ମା' ଦକ୍ଷିଣକାଳୀ, ଜେମାଦେଈପୁର ପଞ୍ଚାୟତର ଆରାଧ୍ୟା ଠାକୁରାଣୀ ମା' ରୁଦ୍ରକାଳୀଙ୍କ ପୀଠରେ ପ୍ରସିଦ୍ଧ ଖଣ୍ଡାପାଟୁଆ ଯାତ୍ରା ଅନୁଷ୍ଠିତ ହେବ। ଏହି ଯାତ୍ରାରେ ହଜାର ହଜାର ଜନସମାଗମ ହୋଇଥାଏ। ଏଥିସହିତ ବ୍ଲକର ବିଭିନ୍ନ ସ୍ଥାନରେ ବିଭିନ୍ନ ସଙ୍ଗଠନ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମଧ୍ୟ ଶତାଧିକ ଜନସମାଗମ ହେବାର ସମ୍ଭାବନା ରହିଛି। ତେଣୁ ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ଶେଷ କରିବା ପାଇଁ ସ୍ଥାନୀୟ ପୋଲିସ ପକ୍ଷରୁ ପ୍ରସ୍ତୁତି ନିଶ୍ଚିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସନ୍ଧ୍ୟାରେ ଆଇଆଇସି ରମାକାନ୍ତ ନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ପୋଲିସ ଓ ଅତିରିକ୍ତ ୨ ପ୍ଲାଟୁନ୍ ଫୋର୍ସ ଥିବା ଏକ ଟିମ୍ ପକ୍ଷରୁ ଥାନା ଅଧୀନ ବିଭିନ୍ନ ସ୍ପର୍ଶକାତର ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପୋଲିସ ପକ୍ଷରୁ ଥାନାର ନୂଆପାଟଣା, ପଙ୍କାଳ, ତିଗିରିଆ ବଜାର, କରଡ଼ାପଲ୍ଲୀରେ ଏହି ଫ୍ଲାଗ୍‌ମାର୍ଚ୍ଚ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଆଇ ମନୋଜ କୁମାର ବେହେରା, ଏସ୍‌ଆଇ ଅବିନାଶ ମୁର୍ମୁ, ଏସ୍‌ଆଇ ଅମିତ ଟୁଡୁ, ଏଏସ୍‌ଆଇ ବିକାଶ ରଞ୍ଜନ ବିଶ୍ୱାଳଙ୍କ ସମେତ ତିଗିରିଆ ଥାନାର ଅନ୍ୟା କର୍ମଚାରୀ ଏହି ଫ୍ଲାଗ୍‌ମାର୍ଚ୍ଚରେ ନିୟୋଜିତ ହୋଇଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି।


ତିଗିରିଆ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ କରାଯାଉଛି।

# ନିଆଁରେ ଚାଲିଲେ ଝାମୁ ମାନସିକଧାରୀ

### ମେରୁ ଝାମୁଯାତ୍ରା

ଆଠଗଡ଼,୧୩।୪(ସତ୍ୟ ପ୍ରସାଦ ରଥ):

ଆଠଗଡ ବ୍ଲକ ବେଣ୍ଟପଦାରେ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତୀକ ପ୍ରସିଦ୍ଧ ମେରୁ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ବିଗତ ୪ ଦିନ ହେବ ବେଣ୍ଟପଦା ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି। ମା' କାଳିକା କାମନାଙ୍କ ପୀଠରେ ଏହି ମେରୁ ବା ଝାମୁ ଯାତ୍ରା ଓ ଧୂଳି ଦଣ୍ଡ ଆୟୋଜିତ ହୋଇଛି। ଚଳିତ ବର୍ଷ ୭୦ ଜଣ ମାନସିକ ବ୍ରତଧାରୀ ବିଗତ ୧୩ ଦିନ ଧରି ଧୂଳିରେ ଗଡି ଧୂଳିଦଣ୍ଡ କରି ବ୍ରତ ସମାପନ କରିଛନ୍ତି। ସେହିପରି ୧୧ଜଣ ମାନସିକ ବ୍ରତଧାରୀ ମା'ଙ୍କ ନିକଟରେ ଗୁହାରିଆ ପଡିଥିଲେ। ମେରୁ ଉପଲକ୍ଷେ କାଳିକା କାମନା ମନ୍ଦିରର ପୂଜକ ସଦାଶିବ ପଣ୍ଡାଙ୍କ ଦ୍ୱାରା ସତନ୍ତ୍ର ପୂଜାନୀତି ସମ୍ପନ୍ନ ପରେ ମା'ଙ୍କ ଆଜ୍ଞାମାଳ ନେଇ ୧୨ ଜଣ ମାନସିକ ବ୍ରତଧାରୀ ନିକଟସ୍ଥ ସାପୁଆ ନଦୀରେ ସ୍ନାନ ସାରି ପ୍ରଚଣ୍ଡ ଖରା ସମୟରେ ଝାମୁ ପଡିଆରେ ହୁତୁ ହୁତୁ ହୋଇ ରଡ ନିଆଁ ଜଳୁଥିବା ଗାତରେ ଝାମୁ ଚାଲିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ହଜାର ହଜାର ଲୋକଙ୍କ ହୁଳହୁଳି ଓ ହରିବୋଲ ଧ୍ୱନିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଥିଲା। ବେଣ୍ଟପଦାର ଏହି ପ୍ରସିଦ୍ଧ ମେରୁ ଯାତ୍ରା ଉପଲକ୍ଷେ ଗତ ୪ ଦିନ ହେବ ବ୍ରହ୍ମଗିରିରୁ ଆସିଥିବା ମହିଳା କଳାକାରମାନଙ୍କ ଦ୍ୱାରା ରାମଲୀଳା ପରିବେଷଣ କରାଯାଇଛି। ଯାତ୍ରାରେ ମୀନାବଜାର ପଡିଥିବାରୁ ବେଣ୍ଟପଦା ଓ ଆଖପାଖ ପଞ୍ଚାୟତର ହଜାର ହଜାର ଲୋକ ପ୍ରତିଦିନ ଭଳିକି ଭଳି ଦୋକାନବଜାରରେ କିଣାବିକା ଓ ଦୋଳି ଆଦିର ମଜା ନେଉଛନ୍ତି।, ବିଶ୍ୱନାଥ ସାହୁ, ସୋମନାଥ ବେହେରା, ପ୍ରମୋଦ ଚନ୍ଦ୍ର ସାହୁଙ୍କ ସମେତ ବେଣ୍ଟପଦା ଓ ଧନୁର୍ଜୟପୁରର ସମସ୍ତ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ଏହି ମେରୁ ଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଛି। ସେହିପରି ଜ୍ଞାନ ରଞ୍ଜନ ସାହୁଙ୍କ ସମେତ ବେଣ୍ଟପଦାର ବହୁ ଯୁବ ସଦସ୍ୟ ମେରୁ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

ସେହିପରି ଆଠଗଡ ବ୍ଲକ ବେଣ୍ଟପଦାରେ ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ପ୍ରତୀକ ପ୍ରସିଦ୍ଧ ମେରୁ ଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏନେଇ ବିଗତ ୪ ଦିନ ହେବ ବେଣ୍ଟପଦା ପଞ୍ଚାୟତ ଉତ୍ସବମୁଖର ହୋଇଉଠିଛି। ସୋମବାର ଏକ ଭକ୍ତିମୟ ତଥା ଆଧ୍ୟାତ୍ମିକ ପରିବେଶରେ ମା' କାଳିକା କାମନାଙ୍କ ପୀଠରେ ମେରୁ ବା ଝାମୁ ଯାତ୍ରା ଓ ଧୂଳି ଦଣ୍ଡ ଅନୁଷ୍ଠିତ ହୋଇଯାଇଛି। ପ୍ରଚଣ୍ଡ ଖରା ସମୟରେ ବ୍ରତଧାରୀମାନେ ଗରମ ଧୂଳିରେ ଗଡୁଥିବାରୁ ଏହାକୁ ଧୂଳିଦଣ୍ଡ କୁହାଯାଇଥାଏ। ଚଳିତ ବର୍ଷ ୭୦ ଜଣ ମାନସିକ ବ୍ରତଧାରୀ ବିଗତ ୧୩ ଦିନ ଧରି ଧୂଳିରେ ଗଡି ଧୂଳିଦଣ୍ଡ କରି ବ୍ରତ ସମାପନ କରିଥିଲେ । ସେହିପରି ୧୧ଜଣ ମାନସିକ ବ୍ରତଧାରୀ ମା'ଙ୍କ ନିକଟରେ ଗୁହାରିଆ ପଡିଥିଲେ । ମେରୁ ଉପଲକ୍ଷେ କାଳିକା କାମନା ମନ୍ଦିରର ପୂଜକ ସଦାଶିବ ପଣ୍ଡାଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜାନୀତି ସମ୍ପନ୍ନ ପରେ ମା'ଙ୍କ ଆଜ୍ଞାମାଳ ନେଇ ୧୨ ଜଣ ମାନସିକ ବ୍ରତଧାରୀ ନିକଟସ୍ଥ ସାପୁଆ ନଦୀରେ ସ୍ନାନ ସାରି ପ୍ରଚଣ୍ଡ ଖରା ସମୟରେ ଝାମୁ ପଡ଼ିଆରେ ହୁତୁ ହୁତୁ ହୋଇ ରଡ ନିଆଁ ଜଳୁଥିବା ଗାତରେ ଝାମୁ ଚାଲିଥିଲେ । ଏହି ସମୟରେ ସେଠାରେ ଉପସ୍ଥିତ ହଜାର ହଜାର ଲୋକଙ୍କ ହୁଳହୁଳି ଓ ହରିବୋଲ ଧ୍ୱନିରେ ସମଗ୍ର ଗ୍ରାମ ପ୍ରକମ୍ପିତ ହୋଇଥିଲା। ବେଣ୍ଟପଦାର ଏହି ପ୍ରସିଦ୍ଧ ମେରୁଯାତ୍ରା ଉପଲକ୍ଷେ ଗତ ୪ ଦିନ ହେବ ବ୍ରହ୍ମଗିରିରୁ ଆସିଥିବା ମହିଳା କଳାକାରମାନେ ରାମଲୀଳା ପରିବେଷଣ କରିଥିଲେ । ସେହିପରି ଭଜନ ସମାରୋହ, ଦଣ୍ଡ ନୃତ୍ୟ ଓ ରେକର୍ଡ ଡ୍ୟାନ୍ସ ଆଦି ପରିବେଷଣ ହେଉଛି । ଏଥିସହିତ ସେଠାରେ ମିନାବଜାର ପଡିଥିବାରୁ ବେଣ୍ଟପଦା ଓ ଆଖପାଖ ପଞ୍ଚାୟତର ହଜାର ହଜାର ଲୋକ ପ୍ରତିଦିନ ଭଳିକି ଭଳି ଦୋକାନବଜାରରେ କିଣାବିକା ଓ ଦୋଳି ଆଦିର ମଜା ନେଉଛନ୍ତି । ସର୍ବଶ୍ରୀ ଚୈତନ୍ୟ ବେହେରା, ବିଶ୍ୱନାଥ ସାହୁ, ସୋମନାଥ ବେହେରା, ପ୍ରମୋଦ ଚନ୍ଦ୍ର ସାହୁଙ୍କ ସମେତ ବେଣ୍ଟପଦା ଓ ଧନୁର୍ଜୟପୁରର ସମସ୍ତ ଗ୍ରାମବାସୀଙ୍କ ସାହାଯ୍ୟ ସହଯୋଗରେ ଏହି ମେରୁ ଯାତ୍ରା ସଫଳତାର ସହ ଅନୁଷ୍ଠିତ ହୋଇଛି । ସେହିପରି ଜ୍ଞାନ ରଞ୍ଜନ ସାହୁଙ୍କ ସମେତ ବେଣ୍ଟପଦାର ବହୁ ଯୁବ ସଦସ୍ୟ ମେରୁ ମହୋତ୍ସବରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

**ମାଣିଆବନ୍ଧ, (ଅଖିଳ କୁମାର ସାହୁ):** ମାଣିଆବନ୍ଧରେ ଚୈତ୍ରପର୍ବ ଓ ଖଣ୍ଡାପାଟ ଯାତ୍ରା ସୋମବାର ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମାଣିଆବନ୍ଧ ସାହି, ସୁନିଆପାଟଣା ସାହି ଓ ସନ୍ତରାବାଳୀ (ସାତସାହି)ରେ ଥିବା କାଳିକା କାମନା ମନ୍ଦିରଗୁଡ଼ିକରେ ଚୈତ୍ରପର୍ବ ପାଳନ ଅବସରରେ ମାନସିକଧାରୀ ଶ୍ରଦ୍ଧାଳୁ ଓ ପାଟ ଭକ୍ତମାନେ ୯ ଦିନ ଧରି ଉପବାସ ରହି ବ୍ରତ ପାଳନ କରିବା ସହ ଗ୍ରାମ ପରିକ୍ରମା କରିଥିଲେ। ମେରୁ ପର୍ବ ଅବସରରେ ମାନସିକ ବ୍ରତଧାରୀ ବିମାନ ରଖାଯାଇଥିବା ୨ଟି ଖଣ୍ଡା ଉପରେ ଚଢ଼ି ଶ୍ରଦ୍ଧାଳୁମାନଙ୍କ ଗହଣରେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ମେରୁ ଘରଠାରେ ମାନସିକଧାରୀମାନେ ମେରୁରେ ଝୁଲିଥିଲେ।


ମାଣିଆବନ୍ଧରେ ୨ଟି ଖଣ୍ଡା ଉପରେ ଚଢ଼ିଥିବା ମାନସିକଧାରୀଙ୍କୁ ଶ୍ରଦ୍ଧାଳୁମାନେ ଶୋଭାଯାତ୍ରାରେ ନେଉଛନ୍ତି।


ଆଠଗଡ଼ ଝାମୁଯାତ୍ରାରେ ମାନସିକଧାରୀ ନିଆଁରେ ଝୁଲୁଛନ୍ତି।

**ମହାବିଷୁବ ସଂକ୍ରାନ୍ତି ପାଇଁ ବଲଙ୍ଗା ପୋଲିସର ଫ୍ଲାଗ୍ ମାର୍ଚ୍ଚ**

ବଲଙ୍ଗା,(କେଦାରେଶ୍ୱର ନନ୍ଦ): ବଲଙ୍ଗା ଥାନା ଅଞ୍ଚଳରେ ମହାବିଷୁବ ସଂକ୍ରାନ୍ତି କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେଥିପାଇଁ ସୋମବାର ପୋଲିସ ପକ୍ଷରୁ ଫ୍ଲାଗ ମାର୍ଚ୍ଚ କରାଯାଇଛି। ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ବଲଙ୍ଗା ଥାନା ଅଧିକାରୀ ସସ୍ମିତା ସାହୁଙ୍କ ନେତୃତ୍ୱରେ ୧ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ ଥିଲେ। ପୋଲିସ ପକ୍ଷରୁ ବଲଙ୍ଗା ବଜାର, ବାୟାବର ଛକ ଆଦି ସ୍ଥାନରେ ଫ୍ଲାଗ୍ ମାର୍ଚ୍ଚ କରାଯିବା ସହ ମହାବିଷୁବ ସଂକ୍ରାନ୍ତି ଶାନ୍ତିଶୃଙ୍ଖଳାରେ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି।

# ବରପୁତ୍ରମାନେ ଅନ୍ୟ ପାଇଁ ଉତ୍ସର୍ଗୀକୃତ ଥିଲେ




ଆଲୋଚନାଚକ୍ରରେ ଅତିଥିମାନଙ୍କ ସହ ଅଧ୍ୟାପିକା ଅଧ୍ୟାପକମାନେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ପାଠଚକ୍ର

ସାକ୍ଷୀଗୋପାଳ,୧୩।୪(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ପକ୍ଷ-୨୦୨୬ ପାଳନ ଅବସରରେ ସୋମବାର ଓଡ଼ିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୁଳପତି ପ୍ରଫେସର ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସର୍ବଦା ନିଜ ମାତୃଭାଷାର ସମୃଦ୍ଧି ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ଅତିଥି ପରିଚୟ ଏବଂ କୁଳସଚିବ ରଶ୍ମିରେଖା ଦାସ ସ୍ୱାଗତ ଭାଷଣରେ ବନ୍ଦନୀୟ ବରପୁତ୍ରଙ୍କ ସମ୍ପର୍କରେ ସୂଚନା ଦେଇଥିଲେ।

ମୁଖ୍ୟ ଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପ୍ରଫେସର ବୈଷ୍ଣବ ଚରଣ ସାମଲ କହିଛନ୍ତି, ଯିଏ ଅନ୍ୟକୁ ଚିହ୍ନିଛି, ଅନ୍ୟ ଭିତରେ ନିଜକୁ ଖୋଜି ପାଇଛି ଓ ନିଜକୁ ଅନ୍ୟ ଲାଗି ଉତ୍ସର୍ଗ କରିଛି ସେ ହିଁ ପ୍ରକୃତ ବରପୁତ୍ର। ପ୍ରଫେସର ଶରତ ଚନ୍ଦ୍ର ରଥ ଓଡ଼ିଆ ସାହିତ୍ୟକୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଅବଦାନ ସମ୍ପର୍କରେ ଏବଂ ପ୍ରଫେସର ଗିରୀଶ ଚନ୍ଦ୍ର ମିଶ୍ର ଓଡ଼ିଆ ଭାଷାର କମ୍ପ୍ୟୁଟରୀକରଣ ଉପରେ ଆଲୋଚନା କରିଥିଲେ। ପ୍ରାକ୍ତନ କୁଳପତି ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ଓଡ଼ିଆ ଭାଷାର ପ୍ରାଚୀନତା ସମ୍ପର୍କରେ ସୂଚାଇଥିଲେ। ପାଠଚକ୍ରରେ ୨୫ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କୁ ପ୍ରମାଣପତ୍ର ଦିଆଯାଇ ସେମାନଙ୍କୁ ସମ୍ମାନିତ କରାଯାଇଥିଲା। ବିତ୍ତ ନିୟନ୍ତ୍ରକ ସଞ୍ଜୀବ ଜେନା, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଡ. ଲିପିକା ନାୟକ, ଡ. ରାଧାଗୋବିନ୍ଦ କୁଇଲା, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ, ଡ. ଶୁଭସ୍ମିତା ନାୟକ ପ୍ରମୁଖ ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପାଠଚକ୍ର ସଂଯୋଜିକା ଡ. ଶର୍ମିଷ୍ଠା ମହାପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଅଧ୍ୟାପିକା ଡ. ସଙ୍ଗୀତା ଜେନା ଧନ୍ୟବାଦ ଦେଇଥିଲେ।

## ବିବାହ ଉତ୍ସବରେ ବାଣ ଫୁଟାଇବାବେଳେ ଯୁବକ ଗୁରୁତର

ଗୋପ,୧୩।୪(ଭାରତୀ ଭୂଷଣ ଉପାଧ୍ୟାୟ)

କୋଣାର୍କ ନିକଟବର୍ତ୍ତୀ ଅନସରାରେ ସୋମବାର ରାତିରେ ଏକ ବିବାହ ଉତ୍ସବରେ ଅଘଟଣ ଘଟିଛି। ବରଯାତ୍ରୀ ଭାବେ ଯାଇ ବାଣ ଫୁଟାଇବା ବେଳେ ସେହି ଗ୍ରାମର ସଂଗ୍ରାମ ସେଠ୍ (୨୭) ନାମକ ଯୁବକ ଗୁରୁତର ଆହତ ହୋଇଛନ୍ତି। ପ୍ରଥମେ ତାଙ୍କୁ ଗୋପ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ପରେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ପଠାଯାଇଛି। ସୂଚନା ଅନୁଯାୟୀ, ସେହି ଅଞ୍ଚଳର ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକଙ୍କ ବିବାହ ଉତ୍ସବ ପରେ ଶୋଭାଯାତ୍ରାରେ ସେ ଘରକୁ ଫେରୁଥିଲେ। ସଂଗ୍ରାମ ତାଙ୍କର ଜଣେ ସାଙ୍ଗ ହୋଇଥିବାରୁ ଉତ୍ସବରେ ବରଯାତ୍ରୀ ଭାବେ ଯୋଗଦେଇଥିଲେ। ରୋଷଣୀ ଭିତରେ ସଂଗ୍ରାମ ଏକ ବାଣ ଧରି ଫୁଟାଉଥିବାବେଳେ ହଠାତ୍ ତାଙ୍କ ବାମହାତରେ ଫୁଟିଯାଇଥିଲା। ସଙ୍ଗେସଙ୍ଗେ ତାଙ୍କୁ ଗୁରୁତର ଅବସ୍ଥାରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ଶିବପ୍ରସାଦ ମଙ୍ଗରାଜ ପ୍ରାଥମିକ ଚିକିତ୍ସା କରିଥିଲେ। ସଂଗ୍ରାମଙ୍କ ବାମହାତ ପାପୁଲି ସହ କେତେକ ଆଙ୍ଗୁଠି କ୍ଷତିଗ୍ରସ୍ତ ହୋଇଥିବା ଡା. ମଙ୍ଗରାଜ କହିଛନ୍ତି।

# ଚାପ ଖେଳିଲେ ପ୍ରଭୁ ଗ୍ରାମେଶ୍ୱର



ଦୟାନଦୀରେ ପ୍ରଭୁ ଗ୍ରାମେଶ୍ୱର ଚାପ ଖେଳୁଛନ୍ତି।

କଣାସ,୧୩।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଜାଗୁଲାଇପଦର ଗାଁର ଗ୍ରାମ ଦେବତା ପ୍ରଭୁ ଗ୍ରାମେଶ୍ୱରଙ୍କ ନିକଟରେ ମାନସିକଧାରୀମାନେ ନିଷ୍ଠାର ସହ ୧୫ରୁ ୨୧ ଦିନ ପର୍ଯ୍ୟନ୍ତ ବ୍ରତ ପାଳନ କରିବା ପରେ ସୋମବାର ଶେଷ କରିଛନ୍ତି। ଭଗତାମାନେ ଠାକୁରଙ୍କୁ ଡଙ୍ଗାରେ ଦୟାନଦୀରେ ଚାପ ଖେଳାଇଥିଲେ। ବାଜା, ବାଣ, ହରିବୋଲ ଓ ହୁଳହୁଳି ଧ୍ୱନିରେ ଅଞ୍ଚଳ କମ୍ପି ଉଠିଥିବାବେଳେ ଝୁଣା ଓ ଧୂପ ବାସ୍ନାରେ ମହକିଥିଲା। ଚାପଖେଳ ଶେଷପରେ ଠାକୁରଙ୍କୁ ଗ୍ରାମ ପରିକ୍ରମା କରାଯାଇଥିଲା। କଳାପଦର ଓ ଗୋପୀନାଥପୁର ବାସିନ୍ଦା ପ୍ରଭୁ ଗ୍ରାମେଶ୍ୱରଙ୍କୁ ପାଛୋଟିନେବା ସମୟରେ ଘଣ୍ଟ ଘଣ୍ଟା ଦୁଲ୍‌ଦୁଲି ବାଦ୍ୟ ସାଙ୍ଗକୁ ଚଇତିଘୋଡ଼ା ନୃତ୍ୟରେ ଗାଁ ଉତ୍ସବମୁଖରିତ ହୋଇଉଠିଥିଲା। ମାନ ଅଭିମାନ ଭୁଲି ଅଞ୍ଚଳବାସୀ ଏହି ପର୍ବକୁ ଏକ ଭାଇଚାରାର ପର୍ବ ରୂପେ ଦୀର୍ଘ ଦୁଇଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପାଳନ କରିଆସୁଥିବାବେଳେ ଏହାକୁ ଦେଖିବା ପାଇଁ ଦୂରଦୂରାନ୍ତରୁ ସହସ୍ରାଧିକ ଭକ୍ତଙ୍କ ସମାଗମ ହୋଇଥାଏ।

## ସଂକ୍ଷେପରେ

### ଅତିରିକ୍ତ ଜିଲାପାଳ ଶୁଣିଲେ ୩୯ ଅଭିଯୋଗ

ଅସ୍ତରଙ୍ଗ,୧୩।୪(ମମତା ଜେନା)

କାକଟପୁର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ସୋମବାର ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡିଓ ନାରାୟଣ ଦୀକ୍ଷିତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଣାଣିରେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଚିନ ପଟେଲ ଯୋଗଦେଇ ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ୩୯ଟି ଅଭିଯୋଗ ମଧ୍ୟରୁ ୧୧ରେ ଫଇସଲା ହୋଇଥିଲା। ଖୁବ୍ ଶୀଘ୍ର ଅନ୍ୟ ଅଭିଯୋଗର ଫଇସଲା କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ବିଭିନ୍ନ ଗ୍ରାମପଞ୍ଚାୟତର ଜନପ୍ରତିନିଧିମାନେ ପଞ୍ଚାୟତ ସମସ୍ୟାର ସମାଧାନ ପାଇଁ ଦାବି କରିଥିଲେ। ଡେପୁଟି କଲେକ୍ଟର ଅନୁଶ୍ରବ ଗନ୍ତାୟତ, ଡେପୁଟି କଲେକ୍ଟର (ଜୁଡିସିଆଲ) ବିବେକାନନ୍ଦ ସାହୁ, ନିମାପଡ଼ା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଏବିଡିଓ ଜୟଶ୍ରୀ ମିଶ୍ର, ଆସିଷ୍ଟାଣ୍ଟ ଇଞ୍ଜିନିୟର ସନ୍ତୋଷ କୁମାର ସେଠୀ, କାକଟପୁର ତହସିଲଦାର ଅଙ୍କିତା ଆନନ୍ଦିତା, ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଦିବଂଗତ ସରପଞ୍ଚଙ୍କ ପରିବାରକୁ ଭେଟିଲେ ଏମ୍‌ପି, ବିଧାୟକ

ପିପିଲି,୧୩।୪(ପ୍ରଭାତ କୁମାର ମହାପାତ୍ର)

ସଂପୁର ସରପଞ୍ଚ ଝରଣା ବରାଳଙ୍କୁ ହରାଇ ଗୁମୁରି କାନ୍ଦୁଛି ଗାଁ। ଏହି ଅବସରରେ ସୋମବାର ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଝରଣାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ଝରଣା ଜଣେ ପରୋପକାରୀ ଓ ଦାୟିତ୍ୱସମ୍ପନ୍ନ ମହିଳା ଥିଲେ। ସେ ସଂପୁର ପଞ୍ଚାୟତରେ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଥିଲେ ବୋଲି ଏମ୍‌ପି ପାତ୍ର ଓ ବିଧାୟକ ପଟ୍ଟନାୟକ କହିଥିଲେ।



କାମନା ଠାକୁରାଣୀଙ୍କ ଦଣ୍ଡଯାତ୍ରା ଅବସରରେ ଭଗତାମାନେ।

# କାମନା ଠାକୁରାଣୀଙ୍କ ପୀଠରେ ଦଣ୍ଡଯାତ୍ରା

କଣାସ,୧୩।୪(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ବିଭିନ୍ନ ଗ୍ରାମରେ ଭଗତାମାନେ ଦଣ୍ଡଯାତ୍ରାରେ ସାମିଲ ହୋଇ ନିଷ୍ଠାର ସହ ଦଣ୍ଡଯାତ୍ରା ପାଳନ କରୁଥିବା ବେଳେ କଣାସ ଗ୍ରାମର କାମନା ଠାକୁରାଣୀଙ୍କ ଭଗତାମାନେ କନ୍ୟା ସଂକ୍ରାନ୍ତିଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ନିଷ୍ଠାର ସହିତ ପିଆଜ, ରସୁଣ, ଆମିଷ ତ୍ୟାଗକରି କାହା ପାଗରେ ନ ଖାଇ ଦଣ୍ଡଯାତ୍ରାରେ ସାମିଲ ହୋଇଛନ୍ତି। ୨୧ ଦିନ ହେଲା କାମନା ଠାକୁରାଣୀଙ୍କ ପୀଠରେ ଭଗତାମାନେ ପଣା ପିଇ ରହୁଥିଲେ। ପ୍ରତି ସନ୍ଧ୍ୟାରେ ଭଗତାମାନେ ଠାକୁରଙ୍କୁ ଧରି ହକ୍ ଡାକି ଝୁଣା ଜାଳି ଗାଁ ଗାଁ ବୁଲୁଥିଲେ। ହିନ୍ଦୁଧର୍ମରେ ଦଣ୍ଡଯାତ୍ରା ପାଇଁ ଅଗାଧ ବିଶ୍ୱାସ ଥିବାରୁ ବହୁ ମାନସିକଧାରୀ ଠାକୁର ବୁଲିବା ସମୟରେ ଗ୍ରାମଦାଣ୍ଡରେ ଶୋଇ ରହିଥିଲେ। ଦଣ୍ଡ ଯାତ୍ରାର ଶେଷଦିନ ସୋମବାର ପ୍ରବଳ ଉତ୍ତାପ ସତ୍ତ୍ୱେ ଭଗତାମାନେ କୋଠିରେ ନିଆଁ ଜାଳି ଚାଲିବା ସହ କଣ୍ଟାରେ ଗଡ଼ିଥିଲେ। ମଙ୍ଗଳବାର ପଣା ସଂକ୍ରାନ୍ତି ଥିବାରୁ ଭଗତାମାନେ ଠାକୁରଙ୍କ ପୀଠରେ ଭୋଜି କରି ଖାଇବା ପରେ ସେମାନଙ୍କ ଗୃହକୁ ଫେରିଯିବେ।

# ରାତି ଅଧରେ ମାଟି, ବାଲି ଚୋରା ଚାଲାଣ

ଗୋପ,୧୩।୪(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଅଞ୍ଚଳରେ ସନ୍ଧ୍ୟାଠାରୁ ରାତି ଅଧ ଯାଏ ମାଟି ଓ ବାଲି ଚୋରା ଚାଲାଣ ହେଉଛି। ଶତାଧିକ ଟ୍ରାକ୍ଟର ଓ ଟ୍ରକ ଯୋଗେ ମାଟି, ବାଲି ପରିବହନ କରାଯାଉଥିବାରୁ ପୁରୀ ଏବଂ କୋଣାର୍କ ବୁଲିଯାଉଥିବା ପର୍ଯ୍ୟଟକମାନେ ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ପୋଲିସ, ରାଜସ୍ୱ ଓ ଖଣି ବିଭାଗ ମଧ୍ୟରେ ସମନ୍ୱୟ ଅଭାବକୁ ଅଞ୍ଚଳବାସୀ ଦାୟୀ କରୁଛନ୍ତି।

ସୂଚନା ଅନୁଯାୟୀ, କିଛିଦିନ ତଳେ ଗୋପ ତହସିଲ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯିବା ଫଳରେ ବାଲି ଓ ମାଟି ଚୋରା ଚାଲାଣ ଉପରେ ରୋକ୍ ଲାଗିଥିଲା। ଏବେ କିନ୍ତୁ କିଛିଦିନ ହେବ ପୁଣି ଚୋରା ଚାଲାଣ ହେଉଛି। ସନ୍ଧ୍ୟାଠାରୁ ଆରମ୍ଭ କରି ରାତି ଅଧ ଓ ସକାଳ ପର୍ଯ୍ୟନ୍ତ ଧନୁଆ ଓ କୁଶଭଦ୍ରା ନଦୀ ପଠା ସହିତ ଆଉ କେତେକ ସରକାରୀ ଜମିରୁ ବେଆଇନ ଭାବେ ମାଟି ବାଲି ଉଠାଯାଉଛି। ସନ୍ଧ୍ୟା ପରଠୁ ଏହି ଟ୍ରାକ୍ଟର ଓ ଟ୍ରକଗୁଡ଼ିକ ଗୋପ ମୁଖ୍ୟବଜାର ଦେଇ ଚଳାଚଳ କରିବା ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏପରିକି ପୁରୀ ଓ କୋଣାର୍କ ଯାତାୟାତ କରୁଥିବା ପର୍ଯ୍ୟଟକମାନେ ଟ୍ରାଫିକ ସମସ୍ୟା ଯୋଗୁ ଦୀର୍ଘ ସମୟ ଅଟକି ରହୁଥିବା ଦେଖିବାକୁ ମିଳିଛି। ଏ ନେଇ ଗୋପ ତହସିଲଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି, ପୂର୍ବରୁ ଚଢ଼ାଉ କରାଯାଉଥିଲା। ହେଲେ ଏବେ ପୁଣି ମାଟି ଓ ବାଲି ଚୋରା ଚାଲାଣ ହେଉଥିବା ଶୁଣିବାକୁ ମିଳୁଛି। ତେଣୁ ଚଢ଼ାଉ ଅଭିଯାନକୁ ଜୋରଦାର କରାଯିବ।




## ରାଜ୍ୟସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମାରକୀ ଦିବସ ପାଇଁ ପ୍ରସ୍ତୁତି ବୈଠକ

ଅସ୍ତରଙ୍ଗ,୧୩।୪(ମମତା ଜେନା)

ରାଜ୍ୟସ୍ତରୀୟ ୯୬ତମ ଐତିହାସିକ ଲବଣ ସତ୍ୟାଗ୍ରହ ସ୍ମାରକୀ ସମାରୋହ ମେ ୨୧ରେ ଅନୁଷ୍ଠିତ ହେବ। ସେଥିପାଇଁ ଅସ୍ତରଙ୍ଗ ନିକଟସ୍ଥ କୁହୁଡ଼ି ଲବଣ ସତ୍ୟାଗ୍ରହୀ ସ୍ୱାମିଜୀ ପୂର୍ଣ୍ଣାନନ୍ଦ ବିଦ୍ୟାପୀଠଠାରେ ଏକ ପ୍ରସ୍ତୁତି ବୈଠକ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି ସଭାପତି ଅମୀୟ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଏହି ସ୍ମୃତି ଦିବସକୁ ମହାସମାରୋହରେ ପାଳନ କରାଯିବା ପାଇଁ ସ୍ଥିର କରାଯାଇଛି। କୁହୁଡ଼ି ଐତିହାସିକ ପୀଠର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ୫କୋଟି ଟଙ୍କା ମଞ୍ଜୁର କରାଯାଇଥିବାରୁ ବୈଠକରେ ରାଜ୍ୟ ସରକାରଙ୍କୁ ସାଧୁବାଦ ଜ୍ଞାପନ କରାଯାଇଥିଲା। ବୈଠକରେ ସଭାପତି ପଟ୍ଟନାୟକ କହିଛନ୍ତି, ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଏହାର ସବିଶେଷ ପ୍ରସ୍ତାବ ଜିଲା ଓ ରାଜ୍ୟ ପ୍ରଶାସନକୁ ଅବଗତ କରାଯିବ। ଦ୍ୱିତୀୟ ପ୍ରସ୍ତୁତି ବୈଠକ ଜିଲା ପ୍ରଶାସନସ୍ତରରେ ଅନୁଷ୍ଠିତ ହେବାପରେ ତୃତୀୟ ପ୍ରସ୍ତୁତି ବୈଠକ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ସହାୟତାରେ ଆୟୋଜନ କରାଯାଇ ସମାରୋହର ସଫଳତା ପାଇଁ ଚୂଡ଼ାନ୍ତ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସ୍ମୃତି ସମିତିର ନିରୋଦ ବରଣ ମହାନ୍ତି, ପ୍ରମୋଦ କୁମାର ନାୟକ, ମହେଶ୍ୱର ନାୟକ, ରବୀନ୍ଦ୍ର କୁମାର ମହାନ୍ତି, ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ, ହୃଷୀକେଶ ରାଉତ, କ୍ଷୀରୋଦ ଚନ୍ଦ୍ର ମହାନ୍ତି, ଭୋଳାନାଥ ସ୍ୱାଇଁ, ଶଙ୍କର୍ଷଣ ମିଶ୍ର, ବିକ୍ରମ କୁମାର ଜୟସିଂହ, ଅର୍ଜୁନ ମଲ୍ଲିକ, ହରିହର ସ୍ୱାଇଁ, ପବିତ୍ର କୁମାର ସ୍ୱାଇଁ, ହେମନ୍ତ କୁମାର ମଲ୍ଲ, ଶୋଭାକର ବେହେରା, ନଟବର ମଲ୍ଲ, କେଦାରନାଥ ଜେନା, କମଳାକାନ୍ତ ପରିଡ଼ା ଓ ନିରଞ୍ଜନ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସନ୍ତୁର ବାଦନରେ ବିଭୋର ହେଲେ ଶ୍ରୋତା



ଗୁରୁକୁଳ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ନନ୍ଦ କିଶୋର ଦାସ ସନ୍ତୁର ବାଦନ କରୁଛନ୍ତି।

ସାକ୍ଷୀଗୋପାଳ,୧୩।୪(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ବୀରଗୋବିନ୍ଦପୁର ବଡ଼ହାଟ ଗ୍ରାମରେ ଥିବା ରାମହରି ଦାସ ଓଡ଼ିଶୀ ଗୁରୁକୁଳ ମୁକ୍ତାକାଶ ରଙ୍ଗମଞ୍ଚରେ ଅନୁଷ୍ଠିତ ଗୁରୁକୁଳ ଉତ୍ସବର ସୋମବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଓ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ସମ୍ମାନିତ ଅତିଥି ଭାବେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ଡ. ବିଜୟ କୁମାର ଜେନା, ନୃତ୍ୟାଙ୍ଗନା ପଦ୍ମଶ୍ରୀ ଅରୁଣା ମହାନ୍ତି ଏବଂ ଭୁବନେଶ୍ୱର ମ୍ୟୁଜିକ ସର୍କଲର ସଚିବ କ୍ଷୀରୋଦ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବାଲେଶ୍ୱରର ନନ୍ଦ କିଶୋର ଦାସଙ୍କ ଦ୍ୱାରା ପ୍ରସ୍ତୁତ ଏକକ ସନ୍ତୁର ବାଦନରେ ଉପସ୍ଥିତ ଶ୍ରୋତା ବିଭୋର ହୋଇଥିଲେ। ରାଗ କିରୱାନି ଓ ତାଳ ୧୦.୫ ଏବଂ ତିନ ତାଲ, ଯାହା ଦର୍ଶକମାନଙ୍କୁ ସୁମଧୁର ସଙ୍ଗୀତର ମାୟାରେ ମନ୍ତ୍ରମୁଗ୍ଧ କରିଥିଲା। ପରେ ଭୁବନେଶ୍ୱରର ସୃଜନ ଅନୁଷ୍ଠାନର ପ୍ରୀତିଶା ମହାପାତ୍ର ଏବଂ ଐଶ୍ୱର୍ଯ୍ୟା ସିଂହଦେଓଙ୍କ ମଡେ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପରବର୍ତ୍ତୀ କାର୍ଯ୍ୟକ୍ରମ ଥିଲା, ଅନୁଗୋଳର ବିଶିଷ୍ଟ ନୃତ୍ୟଗୁରୁ ସ୍ୱପ୍ନାରାଣୀ ସିହ୍ନାଙ୍କ ନେତୃତ୍ୱରେ ବୃନ୍ଦ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶେଷରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ, ଭୁବନେଶ୍ୱର ପକ୍ଷରୁ ନୃତ୍ୟ ଉନ୍ମାଦନା ପ୍ରଦର୍ଶିତ ହୋଇଥିଲା। ଅନନ୍ୟା ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଗୁରୁକୁଳ ପ୍ରତିଷ୍ଠାତା ଗୁରୁ ରାମହରି ଦାସ, ଅଧ୍ୟକ୍ଷ ଗୁରୁ ଧନେଶ୍ୱର ସ୍ୱାଇଁ, ସମ୍ପାଦକ ଡ. ହିମାଂଶୁ ଶେଖର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ନିମାପଡ଼ା,୧୩।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକର ନହନ୍ତରା ଗୋପାଳପୁରସ୍ଥିତ ଭୋଳାନାଥ ଗୁରୁକୁଳ ଫାଉଣ୍ଡେଶନ ପକ୍ଷରୁ ଚତୁର୍ଥ ସମାବର୍ତ୍ତନ ଉତ୍ସବ ଅବସରରେ ଗୋପାଳପୁରସ୍ଥିତ ଓଡ଼ିଶା ଷ୍ଟେଟ୍ ବ୍ରିଗେଡ ସ୍କୁଲରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ଶତାଧିକ ଚିତ୍ରଶିଳ୍ପୀ ଭାଗନେଇଥିଲେ। ସେମାନଙ୍କ ମଧ୍ୟରୁ ୧୪ଜଣ ଚିତ୍ରଶିଳ୍ପୀ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ କୃତୀ ଚିତ୍ରଶିଳ୍ପୀମାନଙ୍କୁ ଆସନ୍ତା ୨୫ତାରିଖରେ ଚତୁର୍ଥ ସମାବର୍ତ୍ତନ ଉତ୍ସବରେ ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯିବ ବୋଲି ଭୋଳାନାଥ ଗୁରୁକୁଳ ଫାଉଣ୍ଡେସନର ଟ୍ରଷ୍ଟି ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ସୌଦାମିନୀ ସ୍ୱାଇଁ ଏବଂ ଅଧ୍ୟକ୍ଷ ଜାତୀୟ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ ଶରତ କୁମାର ପ୍ରଧାନ କହିଛନ୍ତି। ବିଚାରକ ଭାବେ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ, ଶିକ୍ଷକ ଶ୍ରୀଚରଣ ରାଉତ, ଶାରଦା ପ୍ରସନ୍ନ ବେହେରା, ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲର ସମ୍ପାଦକ ଖବରଦାତା ବିରଞ୍ଜନ ମଲ୍ଲିକ ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଢେଙ୍କାନାଳକୁ ହରାଇ ନିଆଳି ଚାମ୍ପିୟନ

ଯୋଗେଶ୍ୱରପୁର,୧୩।୪ (ରଶ୍ମିରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଇଶାଣପୁର ପଞ୍ଚାୟତର ମଧୁବନ ଗ୍ରାମରେ ମା' ବାଇଦେଈ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ୧୫ତମ ଦିବାରାତ୍ର ବାର୍ଷିକ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଦଳ ଭାଗନେଇଥିଲେ। ଢେଙ୍କାନାଳ କାମାକ୍ଷାନଗରର ମର୍ଡର୍ନ କ୍ରିକେଟ୍ କ୍ଲବ ଏବଂ କଟକ ନିଆଳିର ଆବ୍ରା କ୍ରିକେଟ୍ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କାମାକ୍ଷାନଗର ଟିମ୍ ପ୍ରଥମେ ଟସ୍ ଜିତି ବ୍ୟାଟିଂକରି ୧୦ ଓଭରରେ ୭ ଉଇକେଟ୍ ହରାଇ ୮୦ ରନ୍ କରିଥିଲା। ଜବାବରେ ନିଆଳିର ଆବ୍ରା ଟିମ୍ ୯ ଓଭର ଖେଳି ୫ ଉଇକେଟ୍ ହରାଇ ୮୧ ରନ୍ କରି ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଦିବସରେ ନଖରା ଇଞ୍ଜିନିୟରିଂ କଲେଜର ନିର୍ଦ୍ଦେଶକ ଚନ୍ଦ୍ରଶେଖର ନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୩୦ ହଜାର ଏବଂ ରନରଅପ୍ ଦଳକୁ ଟ୍ରଫି ସହ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଇଂ. କୁମାର ସ୍ୱାଇଁ, ଶିକ୍ଷାବିତ୍ କାହ୍ନୁଚରଣ ସାହୁ ଏବଂ ଏଏପିର ପୁରୀ ଜିଲା ଉପସଭାପତି ରବୀନ୍ଦ୍ରନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ବାଇଦେଈ କ୍ରିକେଟ୍ କ୍ଲବର ସବ୍ୟସାଚୀ ସାହୁ, ଜୟନ୍ତ କୁମାର ସାହୁ, କାର୍ତ୍ତିକ ପଲେଇ, ସୌମ୍ୟରଞ୍ଜନ ସାହୁ ଓ ରାକେଶ କୁମାର ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ।




ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ପାରମ୍ପରିକ ଓଡ଼ିଆ ଖାଦ୍ୟ ପ୍ରଦର୍ଶନ କଲେ ମହିଳା

## ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ

ଡେଲାଙ୍ଗ,୧୩।୪(ରଶ୍ମୀରଞ୍ଜନ ପ୍ରଧାନ)



ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ପାରମ୍ପରିକ ଖାଦ୍ୟ ପ୍ରଦର୍ଶନୀ ପରିଦର୍ଶନ କରୁଛନ୍ତି।

ଓଡ଼ିଆଙ୍କ କଳା, ସଂସ୍କୃତି ଓ ପାରମ୍ପରିକ ଖାଦ୍ୟକୁ ଉଜ୍ଜୀବିତ କରିବା ପାଇଁ ଓଡ଼ିଶା ଦିବସଠାରୁ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ସ୍ଥାନରେ ଓଡ଼ିଆ ପକ୍ଷ ପାଳନ କରାଯାଉଛି। ଏହି ଅବସରରେ ସୋମବାର ଡେଲାଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ଗୁଆଳିପଡ଼ା ପଞ୍ଚାୟତର ଚଣ୍ଡେଶ୍ୱରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆଣୀ ପ୍ରତିଯୋଗିତା ଓ ପାରମ୍ପରିକ ରୁଚି ପ୍ରତିଭା ସମ୍ମାନ ସମାବେଶ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଡିଓ ସମୀର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଭାଜପା ରାଜ୍ୟ ଉପସଭାପତି ଯତିନ୍ ମହାନ୍ତି, ପୁରୀ ଏମ୍‌ପି ଡ. ସମ୍ବିତ୍ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୂର୍ବତନ ସୂଚନା ଆୟୁକ୍ତ ଶଶିପ୍ରଭା ବିନ୍ଧାଣୀ, ପ୍ରାକ୍ତନ ଏନ୍‌ସିପିସି ନିର୍ଦ୍ଦେଶକ କୁଳମଣି ବିଶ୍ୱାଳ, ରାଜ୍ୟ ପ୍ରଗତିଶୀଳ ମଞ୍ଚ ଅଧ୍ୟକ୍ଷା ମମତା ସାମନ୍ତରାୟ, ସଙ୍ଗୀତ ବିଶାରଦ ରୁଦ୍ରନାରାୟଣ ମହାନ୍ତି, ଭାଜପା ଜିଲା ସମ୍ପାଦକ ଗଙ୍ଗାଧର ବରାଳ, ସିଡିପିଓ ଜାପାନୀ ମିତ୍ର, ପଞ୍ଚାୟତ ମହିଳା ସଂଘ ସଭାପତି ଲିଲିମାଳୀ ସାହୁ ଏବଂ ସମ୍ପାଦିକା ଶୁଭଲକ୍ଷ୍ମୀ ସ୍ୱାଇଁ ପ୍ରମୁଖ ଯୋଗଦେଇ 'ଓଡ଼ିଆ ପକ୍ଷ' ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମାତୃଶକ୍ତି ଅଧିନିୟମ ଅନୁଯାୟୀ ମହିଳାଙ୍କ ପାଇଁ ଶତକଡ଼ା ୩୩% ସଂରକ୍ଷଣ ବ୍ୟବସ୍ଥା କରିବାକୁ କେନ୍ଦ୍ର ସରକାର ପ୍ରୟାସ କରୁଥିବା ଉପସଭାପତି ମହାନ୍ତି କହିଥିଲେ। ଏ ସଂକ୍ରାନ୍ତରେ ଟୋଲ୍ ଫ୍ରି ନମ୍ବର ୯୬୬୭୬୭୩୩୩୩ରେ ମିସ୍‌କଲ୍ କରି ମତାମତ ଦେବାକୁ ଡ. ପାତ୍ର ଉପସ୍ଥିତ ଜନସାଧାରଣଙ୍କୁ ଅନୁରୋଧ କରିଥିଲେ। ଶିକ୍ଷାବିତ୍ ଶ୍ରୀଧର ପ୍ରଧାନଙ୍କ ରଚିତ 'ମୋ ମା ନମୋ' ନଦିଆ ସଙ୍କୀର୍ତ୍ତନ ଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଶିକ୍ଷକ ଦିଲୀପ କୁମାର ନାୟକ ଅତିଥି ପରିଚୟ ପ୍ରଦାନ ଏବଂ ସିଆର୍‌ସିସି ସୁଦୀପ୍ତ ପରିଡ଼ା ସଭା ସଂଯୋଜନା କରିଥିଲେ। ମହିଳା ସଂଘର ସଦସ୍ୟାମାନେ ଆରିସା ପିଠା, ପୋଡ଼ପିଠା, ହାଲୁଆ, ମଟର ତରକାରି, ଡାଲମା, ଚକୁଳିପିଠା, ଖେଚୁଡ଼ି, ହଳଦିପତ୍ରକା ଅନ୍ନ, ଚିତଉ ପିଠା, ରାଶିଲଡୁ, ଚାଉଳ ଖିରି, ନଡ଼ିଆ ପିଠା, ହାଣ୍ଡିପିଠା, ମୁଢ଼ିମୁଆଁ, ସରୁଚକୁଳି ଓ ସେକାବରା ପ୍ରଭୃତି ୬୦ରୁ ଉର୍ଦ୍ଧ୍ୱ ପ୍ରକାରର ପାରମ୍ପରିକ ଖାଦ୍ୟ ପ୍ରଦର୍ଶନ କରିଥିଲେ।

# ମୁକାବିଲା ପାଇଁ କେନ୍ଦ୍ର, ୧୯ ରାଜ୍ୟ ଆସିଛନ୍ତି

ଦୁର୍ଗାପୁର/ସୁରି/ଗାଲ୍‌ସି,୧୩।୪(ପି.ଟି.)

ପଶ୍ଚିମବଙ୍ଗ ବିଧାନସଭାର ପ୍ରଥମ ପର୍ଯ୍ୟାୟ ନିର୍ବାଚନକୁ ୧୦ ଦିନ ବାକି ଥିବାବେଳେ ସୋମବାର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସେ ପଶ୍ଚିମବଙ୍ଗର ସାଧାରଣ ଜନତାଙ୍କ ପାଇଁ ଏକାକୀ ଲଢ଼େଇ କରୁଥିବାବେଳେ କେନ୍ଦ୍ର ସହ ଏନ୍‌ଡିଏ ଶାସିତ ୧୯ ରାଜ୍ୟର ସରକାର ତାଙ୍କୁ କାଉଣ୍ଟର କରିବାକୁ ଆସିଥିବା ମମତା କହିଛନ୍ତି।

ବୀରଭୂମ୍‌ର ସୁରି, ପୂର୍ବ ବର୍ଦ୍ଧମାନର ଗାଲ୍‌ସି ଓ ପଶ୍ଚିମ ବର୍ଦ୍ଧମାନର ଦୁର୍ଗାପୁରରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ମମତା ଦଳୀୟ ପ୍ରଚାରବେଳେ ସମ୍ବୋଧିତ କରି କହିଛନ୍ତି, ଭାଜପା ଦିଲ୍ଲୀରୁ ବଳ ପ୍ରୟୋଗ କରି ପଶ୍ଚିମବଙ୍ଗ ନିର୍ବାଚନ ଜିତିପାରିବ ନାହିଁ। ଟିଏମ୍‌ସି ୨୯୪ରୁ ୨୨୬ ଆସନରେ ବିଜୟୀ ହେବ। ଭାଜପା ଭୋଟ ହାତେଇବା ପାଇଁ ଲୋକଙ୍କୁ ଧମକାଇବା ସହ ଭୟଭୀତ କରାଉଛି। ତାଙ୍କୁ ଜେଲ ପଠାଇଦେଲେ ବି ସେ କାରାଗାରରେ ଥାଇ ଅଧିକ ଭୋଟ ହାସଲ କରିବେ। ମୋଟା ଭାଇ (ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା) ଭାବୁଛନ୍ତି, ଲୋକଙ୍କୁ ଧମକାଇ ଭୋଟ ପାଇଯିବେ। ସେହିପରି ଭୋଟର ତାଲିକାରୁ ବହୁ ଲୋକଙ୍କ ନାମ ହଟାଇବା ପାଇଁ ସେମାନେ ହସ୍ତକ୍ଷେପ କରିଥିବା ମମତା ଅଭିଯୋଗ ଆଣିଛନ୍ତି।

### ଲୋକଙ୍କ ଲାଗି ଏକାକୀ ଲଢୁଛି: ମମତା



## ଏସ୍‌ଆଇଆର୍‌ରୁ ନାମ ହଟାଯିବାକୁ ବିରୋଧ କରି ପିଟିଶନ: ଶୁଣାଣିକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୩।୪(ପି.ଟି.)

ପଶ୍ଚିମବଙ୍ଗ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ମତଦାତାଙ୍କ ନାମ ହଟାଯିବା ଏକ ରାଜନୈତିକ ପ୍ରସଙ୍ଗ ପାଲଟିଥିବାବେଳେ ଏ ସମ୍ପର୍କିତ ପିଟିଶନର ଶୁଣାଣି କରିବାକୁ ସୋମବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ୧୩ ଜଣ ବ୍ୟକ୍ତି ଏନେଇ ହସ୍ତକ୍ଷେପ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ସିଜେଆଇ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଏଭଳି ଆବେଦନକୁ ଅପରିପକ୍ୱ କହି ଅପିଲେଟ୍ ଟ୍ରିବ୍ୟୁନାଲଙ୍କ ନିକଟରେ ଅଭିଯୋଗ ଜଣାଇବାକୁ ସେମାନଙ୍କୁ ପରାମର୍ଶ ଦେଇଛନ୍ତି।

## ବୋମାର ଜବାବ ଭୋଟରେ ଦେବେ ପଶ୍ଚିମବଙ୍ଗବାସୀ: ଶାହା

କୋଲକାତା,୧୩।୪(ପି.ଟି.)



ପଶ୍ଚିମବଙ୍ଗବାସୀ ବୋମାର ଜବାବ ଭୋଟ ମାଧ୍ୟମରେ ଦେବେ। ଏଥର ନିର୍ବାଚନରେ ଭାଜପା ଜିତିବ ଓ ନିଶ୍ଚୟ ସରକାର ଗଢ଼ିବ ବୋଲି ସୋମବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପଶ୍ଚିମ ବର୍ଦ୍ଧମାନର ରାଣୀଗଞ୍ଜରେ ଏକ ଦଳୀୟ ସଭାକୁ ସମ୍ବୋଧିତ କରି ଶାହା କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଆମ୍ ଜନତା ଉନ୍ନୟନ ପାର୍ଟି ମୁଖ୍ୟ ହୁମାୟୁନ କବିର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଭାଜପା ଜିତିଲେ ରାଜ୍ୟରେ ବାବ୍ରୀ ମସ୍‌ଜିଦ ନିର୍ମାଣ ହେବାକୁ ଦେବନାହିଁ। ସେହିପରି ଦୁର୍ଗାପୁରରେ ରୋଡ୍ ଶୋ’ ବେଳେ ଶାହା ଏସ୍‌ଆଇଆର୍‌କୁ ଏକ ପ୍ରମୁଖ ପ୍ରସଙ୍ଗ ବୋଲି ସ୍ୱୀକାର କରିଛନ୍ତି। ଏଥିସହ ମମତା ଓ ତାଙ୍କ ପୁତୁରା ତଥା ଟିଏମ୍‌ସି ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀଙ୍କୁ ରାଜ୍ୟରେ ଘଟୁଥିବା ନିର୍ବାଚନୀ ହିଂସା ପାଇଁ ଦାୟୀ କରିଛନ୍ତି।

ଏପରି କି ଯୁବ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ସେମାନଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମ ଶୁଣାଇ ଦିଆଯାଉଛି ବୋଲି ସେ ସମାଲୋଚନା କରିଛନ୍ତି।

## ହଙ୍ଗେରୀ ନିର୍ବାଚନ: ପିଟର ଜିତିଲେ, ଓର୍ବାନ ହାରିଲେ


ପିଟର ମାଜ୍ୟାର


ଭିକ୍ଟର ଓର୍ବାନ୍

ବୁଦାପେଷ୍ଟ,୧୩।୪

୧୬ ବର୍ଷ ଧରି କ୍ଷମତାରେ ରହିଥିବା ହଙ୍ଗେରୀର ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନ୍ ରବିବାର ଅନୁଷ୍ଠିତ ନିର୍ବାଚନରେ ପରାଜିତ ହୋଇଛନ୍ତି। ଏକଦା ତାଙ୍କର ଅନୁଗତ ଥିବା ପିଟର ମାଜ୍ୟାର ବିଜୟୀ ହୋଇଛନ୍ତି। ପିଟରଙ୍କ ଦଳକୁ ୧୯୯ରୁ ୧୩୮ ଆସନରେ ସଫଳତା ମିଳିଛି। ତେବେ ଓର୍ବାନ୍‌ଙ୍କ ଦଳ ୫୫ ଆସନରେ ସୀମିତ ରହିଛି। ପିଟର ସୋମବାର ରାଷ୍ଟ୍ରପତିଙ୍କୁ ଭେଟି ଯଥାଶୀଘ୍ର ସମ୍ଭବ ନୂଆ ସରକାର ଗଢ଼ିବା ଲାଗି ପାର୍ଲାମେଣ୍ଟ ଅଧିବେଶନ ଡାକିବାକୁ ନିବେଦନ କରିଛନ୍ତି। ମେ’ ୫ରେ ସେ ନୂଆ ପ୍ରଧାନମନ୍ତ୍ରୀ ଭାବେ ଭିକ୍ଟର ଓର୍ବାନଙ୍କଠାରୁ କ୍ଷମତା ଗ୍ରହଣ କରିପାରନ୍ତି ବୋଲି ଆଶାବ୍ୟକ୍ତ କରିଛନ୍ତି।

ହଙ୍ଗେରୀୟ ଭୋଟର ଓର୍ବାନଙ୍କ ଏକଛତ୍ରବାଦ ନୀତି ଓ ବିଶ୍ୱସ୍ତରୀୟ ଦକ୍ଷିଣପନ୍ଥୀ ଆନ୍ଦୋଳନକୁ ପ୍ରତ୍ୟାଖ୍ୟାନ କରି ପିଟର ମାଗ୍ୟାରଙ୍କ ଦଳ ସପକ୍ଷରେ ଜନାଦେଶ ଦେଇଛନ୍ତି। ଓର୍ବାନ ସରକାରଙ୍କ ଦୁର୍ନୀତି ବିରୋଧରେ ପିଟର ପ୍ରଚାର ଚଳାଇବା ସହ ୟୁରୋପୀୟ ସଂଘ ଏବଂ ନାଟୋ ସହ ହଙ୍ଗେରୀର ସମ୍ପର୍କ ପୁନଃ ପ୍ରତିଷ୍ଠା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଓର୍ବାନ ପରାଜୟ ସ୍ୱୀକାର କରିବା ସହ ଏହାକୁ ଏକ ଯନ୍ତ୍ରଣାଦାୟକ ନିର୍ବାଚନ ଫଳାଫଳ ବୋଲି କହିଛନ୍ତି। ପିଟର ବୁଦାପେଷ୍ଟଠାରେ ଏକ ଖବରଦାତା ସମ୍ମିଳନୀରେ ଉଦ୍‌ବୋଧନ ଦେଇ ଦେଶରେ ଆଇନର ଶାସନ ପ୍ରତିଷ୍ଠା କରିବାର ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଶାସନକୁ ଅଧିକ ସ୍ୱାଧୀନ କରିବା ସହ ଦୁର୍ନୀତି ବିରୋଧରେ ଲଢ଼ିବା ପାଇଁ ସକ୍ଷମ କରାଇବା ନିମନ୍ତେ ସରକାରରେ ଢାଞ୍ଚାଗତ ପରିବର୍ତ୍ତନ ଆଣିବେ। ଜନସ୍ୱାସ୍ଥ୍ୟ, ପରିବେଶ ସୁରକ୍ଷା ଏବଂ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ପାଇଁ ସେ ନୂଆ ମନ୍ତ୍ରଣାଳୟ ଗଢ଼ିବେ ବୋଲି କହିଛନ୍ତି।

## ଜୟ ଶ୍ରୀରାମ କହିଲେ ରୋଗୀଙ୍କୁ ୫୦୦ ଟଙ୍କା ଛାଡ଼: ଡାକ୍ତର




କୋଲକାତା,୧୩।୪

ଜୟ ଶ୍ରୀରାମ କହୁଥିବା ରୋଗୀଙ୍କୁ ଦେୟ ବାବଦରେ ୫୦୦ ଟଙ୍କା ରିହାତି ଦେବେ ବୋଲି କୋଲକାତାର ହୃଦ୍‌ରୋଗ ବିଶେଷଜ୍ଞ ଡା. ପି.କେ. ହାଜରା ସୋସିଆଲ ମିଡିଆରେ ଏକ ପୋଷ୍ଟ ଜରିଆରେ ଘୋଷଣା କରିଛନ୍ତି। ଉକ୍ତ ପୋଷ୍ଟରେ ହାଜରା ଭାଜପା ଟୋପି ପିନ୍ଧିଥିବା ଦେଖାଯାଇଛି। ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି ତୃଣମୂଳ କଂଗ୍ରେସର ବରିଷ୍ଠ ନେତା ଡ. ନିର୍ମଳ ମାଜି କହିଛନ୍ତି, ହାଜରା ନିଜ ସମ୍ପତ୍ତିର ସୁରକ୍ଷା ପାଇଁ ଭାଜପାଠାରୁ ଅନୁକମ୍ପା ପାଇବାକୁ ଏଭଳି ଉଦ୍ୟମ କରୁଛନ୍ତି। ତେବେ ଡା. ହାଜରା କହିଛନ୍ତି, ରୋଗୀମାନେ ଚିକିତ୍ସା ପାଇଁ ଓଡ଼ିଶା, ଆସାମ ଓ ଦକ୍ଷିଣ ଭାରତ କାହିଁକି ଯାଉଛନ୍ତି ବୋଲି ଅନେକେ ତାଙ୍କୁ ପ୍ରଶ୍ନ କରୁଥିଲେ। ସେଥିପାଇଁ ଉକ୍ତ ଧାରାରେ ପରିବର୍ତ୍ତନ ଆଣିବାକୁ ସେ ଚିନ୍ତାକଲେ। ସେହି କାରଣରୁ ସେ ରୋଗୀଙ୍କୁ ରିହାତି ଦେବା ପାଇଁ ଘୋଷଣା କରିଥିବା କହିଛନ୍ତି।

## ଟ୍ରକ୍ ମାଡ଼ିଗଲା: ୭ ମୃତ

ସୁରେନ୍ଦ୍ରନଗର,୧୩।୪

ଗୁଜରାଟର ସୁରେନ୍ଦ୍ରନଗର ଜିଲାରେ ରବିବାର ବିଳମ୍ବିତ ରାତିରେ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ିଯାଇ ୭ ଜଣଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ଲଖତାର–ବିରାମଗାମ୍ ରାଜପଥରେ ରାତି ୧ଟା ୩୦ ମିନିଟ୍ ସମୟରେ ଏହି ଦୁର୍ଘଟଣା ଘଟିଛି। ତୀର୍ଥଯାତ୍ରୀମାନଙ୍କ ଏକ ଦଳ ମନ୍ଦିରରେ ପୂଜାର୍ଚ୍ଚନା କରିବା ଲାଗି ରାଜକୋଟରୁ ଶୋଭାଯାତ୍ରାରେ ବହୁଚରାଜି ଯାଉଥିବାବେଳେ ଟ୍ରକ୍ ସେମାନଙ୍କ ଉପରେ ମାଡ଼ିଯାଇଥିଲା। ଫଳରେ ୬ ଜଣ ଶ୍ରଦ୍ଧାଳୁ ଏବଂ ଏକ ଡମ୍ପରର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି।

# ଯୁଦ୍ଧ ବିରୋଧରେ କହିଚାଲିବି: ପୋପ୍

ଅଲଜିଅର୍ସ,୧୩।୪


ପୋପ୍ ଲିଓ ଚତୁର୍ଦ୍ଦଶ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପୋପ୍ ଲିଓ ଚତୁର୍ଦ୍ଦଶଙ୍କୁ ସମାଲୋଚନା କରିବାରୁ ସେ କ୍ଷୁବ୍ଧ ହୋଇଛନ୍ତି। ଯୁଦ୍ଧ ବିରୋଧରେ ସେ କହିବା ଜାରି ରଖିବେ ବୋଲି ସୋମବାର ଅଲ୍‌ଜିଅର୍ସ ଯିବାବେଳେ ବିମାନରେ ଏକ ଅନ୍ତର୍ଜାତୀୟ ଗଣମାଧ୍ୟମକୁ କହିଛନ୍ତି। ଟ୍ରମ୍ପ୍‌ଙ୍କ ସହ ସେ ବିତର୍କ କରିବାକୁ ଚାହାଁନ୍ତି ନାହିଁ। କେତେକ ଲୋକ ଯେଉଁଭଳି କାର୍ଯ୍ୟ କରୁଛନ୍ତି, ସେହିଭଳି ବାଇବେଲ୍ ବାର୍ତ୍ତାର ଦୁରୁପଯୋଗ ହେବା ସେ ଚାହାନ୍ତି ନାହିଁ। ସେ ଯୁଦ୍ଧକୁ ବିରୋଧ କରିବା ସହ ଶାନ୍ତିର ପ୍ରସାର ଏବଂ ସମସ୍ୟାର ସମାଧାନ ପାଇ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଆଲୋଚନା ଓ ପାରସ୍ପରିକ ସମ୍ପର୍କ ବଢ଼ାଇବା ପାଇଁ କହିଚାଲିବେ ବୋଲି ପୋପ୍ କହିଛନ୍ତି।

ଯୁଦ୍ଧରେ ଅନେକ ନିରୀହ ଲୋକଙ୍କ ଜୀବନ ଯାଇଛି, ଆଜି ସାରା ବିଶ୍ୱର ଅନେକ ଲୋକ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଜଣେ କେହି ଏହା ବିରୋଧରେ ଛିଡ଼ାହୋଇ ଉତ୍ତମ ମାର୍ଗ ଦର୍ଶାଇବାର ଆବଶ୍ୟକତା ରହିଛି ବୋଲି ସେ ଭାବୁଥିବା ପୋପ୍ କହିଛନ୍ତି। ଇରାନ ବିରୋଧରେ ଆମେରିକା–ଇସ୍ରାଏଲ୍‌ର ଯୁଦ୍ଧକୁ ପୋପ୍ ଲିଓ କଡ଼ା ସମାଲୋଚନା କରିବା ସହ ଏହାକୁ ଯୁଦ୍ଧର ପାଗଳାମୀ ବୋଲି ଶନିବାର କହିଥିଲେ। ପୋପ୍‌ଙ୍କ ସମାଲୋଚନାର ଜବାବ ଦେଇ ଟ୍ରମ୍ପ୍ ଟ୍ରୁଥ୍ ସୋସିଆଲରେ ଲେଖିଥିଲେ, ପୋପ୍ ଅପରାଧ ରୋକିବାରେ ଦୁର୍ବଳ ଏବଂ ବିଦେଶ ନୀତି ପାଇଁ ବହୁତ ଖରାପ। ଏଥିସହିତ ଟ୍ରମ୍ପ୍ ନିଜକୁ ଯିଶୁଖ୍ରୀଷ୍ଟ ବେଶରେ ସଜାଇ ଏକ ଏଆଇ ପ୍ରସ୍ତୁତ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଯିଶୁଙ୍କ ଭଳି ପୋଷାକ ପିନ୍ଧି ଜଣେ ଲୋକଙ୍କୁ ଚିକିତ୍ସା କରୁଥିବା ଦେଖାଯାଇଥିଲା। ବିବାଦ ପରେ ଟ୍ରମ୍ପ୍ ଏହାକୁ ଡିଲିଟ୍ କରିଦେଇଥିଲେ। ଅନ୍ୟପକ୍ଷେ ଇରାନ ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍ ପୋପ୍‌ଙ୍କ ନିର୍ଭୀକ ମନ୍ତବ୍ୟକୁ ପ୍ରଶଂସା କରିଛନ୍ତି।

### ନିଜକୁ ଯିଶୁଖ୍ରୀଷ୍ଟ ଚିତ୍ରଣ କଲେ ଟ୍ରମ୍ପ୍



## ସୁପ୍ରିମ୍‌କୋର୍ଟଙ୍କ ରାୟର ପୁନର୍ବିଚାର ପାଇଁ ଉମର ଖଲିଦଙ୍କ ଆବେଦନ

ନୂଆଦିଲ୍ଲୀ,୧୩।୪(ପି.ଟି.)

୨୦୨୦ ଦିଲ୍ଲୀ ଦଙ୍ଗା ପଛର ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିବା ଅଭିଯୋଗରେ ଜେଲରେ ଥିବା ଛାତ୍ରନେତା ଉମର ଖଲିଦଙ୍କୁ ଜାମିନ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଥିବାବେଳେ ଉକ୍ତ ରାୟର ପୁନର୍ବିଚାର ପାଇଁ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଖଲିଦଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି ଖୋଲା ଅଦାଲତରେ ରିଭ୍ୟୁ ପିଟିଶନ ଶୁଣାଣି ପାଇଁ ତାଲିକାଭୁକ୍ତ କରିବାକୁ ଜଷ୍ଟିସ୍ ଅରବିନ୍ଦ କୁମାର ଏବଂ ଏନ୍.ଭି. ଅଞ୍ଜାରିଆଙ୍କ ଖଣ୍ଡପୀଠକୁ ନିବେଦନ କରିଥିଲେ। ଆମେ କାଗଜପତ୍ର ଅନୁଧ୍ୟାନ କରିବା ପରେ ଆବଶ୍ୟକ ହେଲେ ଡାକିବୁ ବୋଲି ଜଷ୍ଟିସ୍ କୁମାର କହିଛନ୍ତି। ଦିଲ୍ଲୀ ଦଙ୍ଗା ମାମଲାରେ ସୁପ୍ରିମକୋର୍ଟ ଗତ ଜାନୁଆରୀ ୫ରେ ଖଲିଦ ଏବଂ ଶର୍ଜିଲ ଇମାମଙ୍କୁ ଜାମିନ ପ୍ରଦାନ କରିବାକୁ ମନା କରିଦେଇଥିବାବେଳେ ଅନ୍ୟ ୫ ଜଣଙ୍କୁ ଜାମିନ ଦେଇଥିଲେ। ସବୁ ଅଭିଯୁକ୍ତଙ୍କ ବିରୋଧରେ ସମାନ ଅଭିଯୋଗ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

**ରାଜ୍ୟ ଖବର**

# ରାଜ୍ୟର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି: ଦେଓରଞ୍ଜନ

ଭୁବନେଶ୍ୱର,୧୩।୪(ରବିନାରାୟଣ ଜେନା)

ରାଜ୍ୟର ସମୃଦ୍ଧି ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବିକାଶ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଉନ୍ନୟନ ଆୟୁକ୍ତ (ଡିସି) ଦେଓରଞ୍ଜନ କୁମାର ସିଂ ସୋମବାର ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୨୦୨୪ ବ୍ୟାଚ୍ ଓଡ଼ିଶା କ୍ୟାଡରର ୯ ଜଣ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀଙ୍କୁ ପରାମର୍ଶ ଦେଇ କହିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ବୈଠକରେ ସେ କହିଛନ୍ତି, ଚାକିରି ଜୀବନରେ ଲୋକଙ୍କ ସେବାକୁ ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ଏହି ଅବସରରେ ପ୍ରଶିକ୍ଷାର୍ଥୀମାନଙ୍କୁ ରାଜ୍ୟରେ ଆକାଂକ୍ଷୀ ଜିଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ, ସଂପୂର୍ଣ୍ଣତା ଅଭିଯାନ ୨.୦, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର କାର୍ଯ୍ୟ ଓ ଏହା ମାଧ୍ୟମରେ ସମ୍ପୃକ୍ତ ଜିଲା ଓ ଅଞ୍ଚଳର ସମାବେଶୀ ବିକାଶ, ବିଧାୟକ ଆଞ୍ଚଳିକ ବିକାଶ ପାଣ୍ଠି (ଏମ୍‌ଏଲ୍‌ଏ ଲାଡ୍), ସାଂସଦ ଉନ୍ନୟନ ପାଣ୍ଠି (ଏମ୍‌ପି ଲାଡ୍) କାର୍ଯ୍ୟକାରିତା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା, ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍), ଓଡ଼ିଶା ଖଣିଜ କ୍ଷେତ୍ର ବିକାଶ ପାଣ୍ଠିର ଉପଯୋଗ ଓ ଆଞ୍ଚଳିକ ବିକାଶ ସମ୍ପର୍କରେ ଅବଗତ କରାଯାଇଥିଲା। ଏହାସହିତ ରାଜ୍ୟର ବିତ୍ତୀୟ ସ୍ଥିତି, ରାଜ୍ୟ ବଜେଟ ପ୍ରସ୍ତୁତି ପ୍ରକ୍ରିୟା, ରାଜ୍ୟ ବଜେଟରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ରାଜ୍ୟର ଦୂରଦୃଷ୍ଟି ସମ୍ପନ୍ନ ଭିଜନ ଡକ୍ୟୁମେଣ୍ଟ ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଆଭିମୁଖ୍ୟ ଏବଂ ୨୦୩୬ ପାଇଁ ୩୬ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଓଡ଼ିଶା ଖଣି ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ,ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଉପ ମହାନିର୍ଦ୍ଦେଶିକା ଡ. ମୋନାଲିସା ଲେଙ୍କା ପ୍ରଶିକ୍ଷଣ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ଅତିରିକ୍ତ ଶାସନ ସଚିବ ପ୍ରକାଶ ଚନ୍ଦ୍ର ମହାନ୍ତି, ଅତିରିକ୍ତ ଶାସନ ସଚିବ ପ୍ରଦ୍ୟୁମ୍ନ କୁମାର ମହାକୁଡ ପ୍ରମୁଖ ଯୋଗଦେଇ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ।

## ୧୯ରେ ସିଜିଏଲ୍ ପରୀକ୍ଷା: ଡାଉନ୍‌ଲୋଡ୍ ହେଉନି ଆଡ୍‌ମିଟ କାର୍ଡ

ଭୁବନେଶ୍ୱର,୧୩।୪(ସୁଚିସ୍ମିତା ସାହୁ)

### ଆଶାୟୀଙ୍କ ମଧ୍ୟରେ ବଢୁଛି ଅସନ୍ତୋଷ

ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ପରିଚାଳିତ କମ୍ବାଇନ୍‌ଡ ଗ୍ରାଜୁଏଟ୍ ଲେଭଲ (ସିଜିଏଲ) ପରୀକ୍ଷା ଆସନ୍ତା ୧୯ ତାରିଖରେ ଅନୁଷ୍ଠିତ ହେବ। ପରୀକ୍ଷା ପାଇଁ ଗତ ୧୦ ତାରିଖରୁ ଓଏସ୍‌ଏସ୍‌ସି ପକ୍ଷରୁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ କରାଯାଇଛି। ହେଲେ ୱେବ୍‌ସାଇଟ୍‌ରୁ ଆଡ୍‌ମିଟ୍ କାର୍ଡ ଡାଉନ୍‌ଲୋଡ୍ ହେଉ ନ ଥିବାରୁ ଆଶାୟୀମାନେ ଚିନ୍ତାରେ ପଡ଼ିଛନ୍ତି। ବହୁ ଛାତ୍ରୀଛାତ୍ର ଲଗ୍‌ଇନ୍ କରିବା ସମୟରେ ସେମାନଙ୍କ ପଞ୍ଜୀକୃତ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡି ଇନ୍‌ଭାଲିଡ୍ ବୋଲି ଦେଖାଉଛି। ଫଳରେ ସେମାନେ ନିଜ ପ୍ରୋଫାଇଲ୍ ଖୋଲିପାରୁ ନାହାନ୍ତି। ସେହିପରି ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡ ପ୍ରକାଶ ପାଇଥିଲେ ମଧ୍ୟ ଫଟୋ ରହିନାହିଁ। ଆଉ କେତେଜଣ ଆବେଦନକାରୀ ଅଭିଯୋଗ କରୁଛନ୍ତି ଯେ, ସେମାନଙ୍କ ମୋବାଇଲକୁ ଓଟିପି ଯାଉନାହିଁ। ଓଏସ୍‌ଏସ୍‌ସି ସହାୟତା ନମ୍ବରରେ ଫୋନ୍ କଲେ କେହି ଉଠାଉ ନାହାନ୍ତି। ଏଭଳି ଘଟଣାକୁ ନେଇ ଆଶାୟୀମାନେ ସୋମବାର କାର୍ଯ୍ୟାଳୟରେ ପହଞ୍ଚି ଅଭିଯୋଗ କରିଛନ୍ତି। ପରୀକ୍ଷା ପାଖେଇ ଆସୁଥିବା ବେଳେ ପାଠପଢ଼ିବା ପରିବର୍ତ୍ତେ କାର୍ଯ୍ୟାଳୟକୁ ଧାଇଁବା ଠିକ୍ ଲାଗୁନାହିଁ ବୋଲି ସେମାନେ କହିଛନ୍ତି। ଏହି ସମସ୍ୟା ଓ ଅଭିଯୋଗ ସଂକ୍ରାନ୍ତରେ ଓଏସ୍‌ଏସ୍‌ସି ପକ୍ଷରୁ କୁହାଯାଇଛି, ଯେଉଁ ପ୍ରାର୍ଥୀଙ୍କ ମୋବାଇଲ୍ ନମ୍ବର ଓ ମେଲ୍ ଆଇଡି ଇନ୍‌ଭାଲିଡ୍ ଦେଖାଉଛି ସେମାନେ ରେଜିଷ୍ଟ୍ରେଶନ ନମ୍ବର ଦେଇ ଲଗ୍‌ଇନ୍ କରିପାରିବେ। ସେହିପରି ଯେଉଁ ପ୍ରାର୍ଥୀଙ୍କ ଆଡମିଟ୍‌କାର୍ଡରେ ଭୁଲ୍ ଫଟୋ ରହିଛି, ସେମାନେ ପରୀକ୍ଷା ଦେବାରେ କୌଣସି ସମସ୍ୟା ରହିବ ନାହିଁ। ସୂଚନାଯୋଗ୍ୟ, ରାଜ୍ୟରେ ଗତ ଦେଢ଼ ବର୍ଷ ହେଲା ନିଯୁକ୍ତି ପରୀକ୍ଷାରେ ବ୍ୟାପକ ବିଭ୍ରାଟ, ଚାକିରି ବିକ୍ରି, ପ୍ରଶ୍ନପତ୍ର ଲିକ୍ ପାଇଁ ପରୀକ୍ଷାର୍ଥୀମାନେ ମାନସିକ ଚିନ୍ତାଗ୍ରସ୍ତ ରହୁଛନ୍ତି। ଏଭଳି ନୂଆ ନୂଆ ସମସ୍ୟା ଚାକିରି ଆଶାୟୀଙ୍କୁ ଆହୁରି ଚିନ୍ତାରେ ପକାଉଛି।

## ୩୦ ସାଙ୍ଗଠନିକ ଜିଲାରେ ଅନୁସୂଚିତ ଜାତି ମୋର୍ଚ୍ଚାର ସଭାପତି ନିଯୁକ୍ତ କଲା ଭାଜପା

ଭୁବନେଶ୍ୱର,୧୩।୪(ସୁନିତ୍ ମିଶ୍ର)

ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ୩୦ ଜିଲା ପାଇଁ ସଭାପତି ପଦରେ ନୂଆ ନେତାଙ୍କୁ ଦାୟିତ୍ୱ ମିଳିଛି। ଅନୁସୂଚିତ ଜାତି ମୋର୍ଚ୍ଚାର ରାଜ୍ୟ ସଭାପତି ବାଇଧର ମଲିକଙ୍କ ଦସ୍ତଖତରେ ଏନେଇ ବିଭିନ୍ନ ଜିଲା ପାଇଁ ସଭାପତିଙ୍କ ନାମ ପ୍ରକାଶ ପାଇଛି। ଅନୁଗୋଳରେ ଅନିଲ ବେହେରା, ବାଲେଶ୍ୱର(ପୂର୍ବ)ରେ ସନ୍ତୋଷ ସେଠୀ, ବଲାଙ୍ଗୀରରେ ବିକ୍ରମ ତାଣ୍ଡି, ବରଗଡ଼ରେ ଈଶ୍ୱର ବାଗ, ଭଦ୍ରକରେ ଅଭୟ ଚରଣ ମଲିକ, ଭୁବନେଶ୍ୱରରେ ପବିତ୍ର ଭୋଇ, ବୌଦ୍ଧରେ ରାମଚନ୍ଦ୍ର ତାଣ୍ଡି, କଟକ(ନଗର) ଯୋଗେନ୍ଦ୍ର ନାଥ ଭୋଇ, କଟକ(ଗ୍ରାମୀଣ)ରେ ମହେଶ୍ୱର ସେଠୀ, ଦେବଗଡ଼ରେ ଦେବାନନ୍ଦ ନାଏକ, ଢେଙ୍କାନାଳରେ ସନ୍ତୋଷ କୁମାର ନାଏକ, ଗଞ୍ଜାମରେ କୀର୍ତ୍ତନ ଦାସ, ଘୁମୁସର(ଭଞ୍ଜନଗର)ରେ ଗନ୍ଧମାର୍ଦ୍ଦନ ସେଠୀ, ଘୁମୁସା(ଆସ୍କା)ରେ ବିକାଶ ସେଠୀ, କଳାହାଣ୍ଡିରେ ବିଷ୍ଣୁ ନାଏକ, କନ୍ଧମାଳରେ ପର୍ଶୁରାମ ନାଏକ, କେନ୍ଦ୍ରାପଡ଼ାରେ ପ୍ରଦୀପ ସେଠୀ, କେନ୍ଦୁଝରରେ ଶାନ୍ତନୁ ସେଠୀ, ଖୋର୍ଦ୍ଧାରେ ପ୍ରଭାତ ବେହେରା, କୋରାପୁଟରେ ସାହେବ ଖିଲ, ମାଲକାନଗିରିରେ ସାଜୁ ସରକାର, ମୟୂରଭଞ୍ଜ (ପୂର୍ବ)ରେ ଜଗନ୍ନାଥ ମଲିକ, ମୟୂରଭଞ୍ଜ (ପଶ୍ଚିମ)ରେ ସୁବାସ ବେହେରା, ନବରଙ୍ଗପୁରରେ ମିହିର ଡାଲି, ନୂଆପଡ଼ାରେ ରାଧେ ବାଗ, ପୁରୀରେ ପ୍ରଦ୍ୟୁମ୍ନ ମଲିକ, ସମ୍ବଲପୁରରେ ହରବ୍ରତ ସେନାପତି, ସୁବର୍ଣ୍ଣପୁରରେ ସୁମନ୍ତ କୁମାର ଜଗଦଲା ଏବଂ ସୁନ୍ଦରଗଡ଼ରେ ଉଚ୍ଛବ ତନ୍ତିଙ୍କୁ ସଭାପତି ଭାବେ ନିଯୁକ୍ତି ମିଳିଛି।


















# ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା: ରୂପାନ୍ତରଣର ଏକ ନୂଆ ଅଧ୍ୟାୟ



ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭାରତୀୟ ସଂସ୍କୃତି ଓ ପରମ୍ପରାରେ ନାରୀକୁ ସବୁବେଳେ ଶକ୍ତିର ଆଧାର ଭାବେ ଗ୍ରହଣ କରାଯାଇଛି। ଆମ ସଭ୍ୟତାର ମୂଳଦୁଆ ନାରୀତ୍ୱର ଗୌରବ ଏବଂ ମହିମା ଉପରେ ପ୍ରତିଷ୍ଠିତ। ଶାସ୍ତ୍ରର ସେହି ପ୍ରସିଦ୍ଧ ପଂକ୍ତି 'କାର୍ଯ୍ୟେଷୁ ଦାସୀ, କରଣେଷୁ ମନ୍ତ୍ରୀ, ରୂପେଷୁ ଲକ୍ଷ୍ମୀ, କ୍ଷମୟା ଧରିତ୍ରୀ' ଜଣେ ନାରୀର ବହୁମୁଖୀ ପ୍ରତିଭାକୁ ଦର୍ଶାଇଥାଏ। ଏହାର ଅର୍ଥ ହେଉଛି, ଜଣେ ନାରୀ ନିଜର ଦକ୍ଷତା, ବୁଦ୍ଧିମତ୍ତା ଏବଂ ଅସୀମ ସହନଶୀଳତା ଦ୍ୱାରା ନିଜ ପରିବାରଠାରୁ ଆରମ୍ଭକରି ସମାଜ ପର୍ଯ୍ୟନ୍ତ ସବୁ ସ୍ତରରେ ସନ୍ତୁଳନ ରକ୍ଷା କରିଥାଏ। କିନ୍ତୁ ଆଜିର ପରିବର୍ତ୍ତିତ ଓଡ଼ିଶାରେ ନାରୀ କେବଳ ଘରର ଚାରିକାନ୍ଥ ଭିତରେ ସୀମିତ ନାହିଁ କିମ୍ବା କେବଳ ସରକାରୀ ଯୋଜନାର ଜଣେ ପରୋକ୍ଷ 'ହିତାଧିକାରୀ' ହୋଇ ରହିନାହିଁ, ବରଂ ସେ ଆଜି ବିକଶିତ ଓଡ଼ିଶାର ମୁଖ୍ୟ ସାରଥି ଏବଂ ନୀତି ନିର୍ଦ୍ଧାରକ ଭାବେ ଉଭା ହୋଇଛି।

ଭାରତୀୟ ଗଣତନ୍ତ୍ର ଇତିହାସରେ ମହିଳାମାନଙ୍କୁ ନୀତି ନିର୍ଦ୍ଧାରଣ ପ୍ରକ୍ରିୟାର ମୁଖ୍ୟ ସ୍ରୋତକୁ ଆଣିବା ପାଇଁ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବା ମହିଳା ସଂରକ୍ଷଣ ବିଲ୍ ଏକ ଯୁଗାନ୍ତକାରୀ ପଦକ୍ଷେପ। ଦୀର୍ଘ ଦଶନ୍ଧି ଧରି ପ୍ରତୀକ୍ଷିତ ଏହି ବିଲ୍ ବର୍ତ୍ତମାନ ଏକ ବାସ୍ତବିକ ରୂପ ନେଇଛି। ଏହି ଅଧିନିୟମ ଅନୁଯାୟୀ, ଭାରତର ଲୋକ ସଭା ଏବଂ ସମସ୍ତ ରାଜ୍ୟ ବିଧାନସଭାରେ ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣ ରହିବ। ୧୨୮ତମ ସମ୍ବିଧାନ ସଂଶୋଧନ ବିଲ୍ ଭାବେ ଆଗତ ହୋଇ ଏହା ବର୍ତ୍ତମାନ ୧୦୬ତମ ସମ୍ବିଧାନ ସଂଶୋଧନ ଅଧିନିୟମ ଭାବେ ଗୃହୀତ ହୋଇଛି।

ଏହି ଐତିହାସିକ ନିଷ୍ପତ୍ତିର ବିଶେଷତ୍ୱ ହେଉଛି, ଏହା କେବଳ ସାଧାରଣ ବର୍ଗ ନୁହେଁ, ବରଂ ଅନୁସୂଚିତ ଜାତି (SC) ଏବଂ ଅନୁସୂଚିତ ଜନଜାତି (ST) ବର୍ଗର ମହିଳାମାନଙ୍କୁ ମଧ୍ୟ ସମାନ ଭାବେ ଅଧିକାର ପ୍ରଦାନ କରିବ। ଏହା ସମାଜର ସବୁଠାରୁ ତଳସ୍ତରରେ ଥିବା ମହିଳାଙ୍କୁ ସଂସଦ ପର୍ଯ୍ୟନ୍ତ ପହଞ୍ଚାଇବା ଏବଂ ସାମାଜିକ ନ୍ୟାୟ ପ୍ରଦାନ କରିବାରେ ଏକ ବଳିଷ୍ଠ ମାଧ୍ୟମ ସାଜିବ।

ନୂତନ ଜନଗଣନା ଏବଂ ସୀମା ନିର୍ଦ୍ଧାରଣ (Delimitation) ପ୍ରକ୍ରିୟା ସମାପ୍ତ ହେବା ପରେ ଏହି ସଂରକ୍ଷଣ ବ୍ୟବସ୍ଥା ବାଧ୍ୟତାମୂଳକ ଭାବେ କାର୍ଯ୍ୟକାରୀ ହେବ। ଏହା ପ୍ରାଥମିକ ପର୍ଯ୍ୟାୟରେ ୧୫ ବର୍ଷ ପାଇଁ ଲାଗୁରହିବ। ଗୋଟିଏ ପଟେ ଯେତେବେଳେ ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୮୮କୁ ବୃଦ୍ଧି ପାଇବାକୁ ଯାଉଛି, ସେତେବେଳେ ସେଥିମଧ୍ୟରୁ ପ୍ରାୟ ୨୯୩ଟି ଆସନ କେବଳ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ପୂର୍ବରୁ ପଞ୍ଚାୟତ ଓ ପୌରପାଳିକା ସ୍ତରରେ ମହିଳାମାନେ ନିଜର ଦକ୍ଷତା ପ୍ରତିପାଦିତ କରିସାରିଛନ୍ତି। ଏବେ ଏହି ନୂଆ ଆଇନ ସେମାନଙ୍କୁ ଜାତୀୟ ଓ ରାଜ୍ୟ ସ୍ତରରେ ନେତୃତ୍ୱ ନେବାର ସୁଯୋଗ ଦେଇ ସମ୍ବିଧାନର 'ସମାନତା ଅଧିକାର'କୁ ଅଧିକ ଅର୍ଥପୂର୍ଣ୍ଣ କରିବ।

ଆମ ସରକାରଙ୍କ ବିଚାରଧାରାରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଆମେ କେବଳ 'ମହିଳାଙ୍କ ବିକାଶ'ରେ ଅଟକିନାହୁଁ, ବରଂ 'ମହିଳା ନେତୃତ୍ୱାଧୀନ ବିକାଶ' କୁ ପ୍ରାଥମିକତା ଦେଉଛୁ। ଏହାର ପ୍ରକୃତ ଅର୍ଥ ହେଉଛି, ନାରୀ ନିଜ ଭାଗ୍ୟର ନିୟନ୍ତ୍ରକ ନିଜେ ହେବ। ସେ କେବଳ ସାହାଯ୍ୟ ଅପେକ୍ଷାରେ ରହିବ ନାହିଁ, ବରଂ ସେ ନିଜର ଆବଶ୍ୟକତା, ନିଜ ପରିବାରର ଉନ୍ନତି ଏବଂ ଦେଶର ଭବିଷ୍ୟତ ପାଇଁ ନିଜେ ନିଷ୍ପତ୍ତି ନେବାର ଶକ୍ତି ହାସଲ କରିବ। ଓଡ଼ିଶାରେ ଆମେ ଏଭଳି ଏକ ସମାବେଶୀ ସମାଜ ଗଠନ ପାଇଁ ସଂକଳ୍ପବଦ୍ଧ, ଯେଉଁଠାରେ ଜଣେ ସାଧାରଣ ମହିଳା ଗାଁ ପଞ୍ଚାୟତରୁ ନିଜର ଯାତ୍ରା ଆରମ୍ଭକରି ରାଜ୍ୟ ପ୍ରଶାସନର ଶୀର୍ଷ ପଦବୀ ପର୍ଯ୍ୟନ୍ତ ନିଜର ପ୍ରଭାବ ବିସ୍ତାର କରିପାରିବେ।

ରାଜ୍ୟ ସରକାରଙ୍କ ସବୁଠାରୁ ମହତ୍ତ୍ୱାକାଂକ୍ଷୀ ଏବଂ ପ୍ରତୀକାତ୍ମକ ପଦକ୍ଷେପ ହେଉଛି 'ସୁଭଦ୍ରା ଯୋଜନା'। ଏହା କେବଳ ଏକ ଆର୍ଥିକ ଅନୁଦାନ ଯୋଜନା ନୁହେଁ, ବରଂ ମା'ମାନଙ୍କ ମର୍ଯ୍ୟାଦା ଏବଂ ଆତ୍ମନିର୍ଭରଶୀଳତାର ପ୍ରତୀକ। ଏହି ଯୋଜନା ମାଧ୍ୟମରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଆର୍ଥିକ ଭାବେ ସ୍ୱାଧୀନ କରାଯାଇଛି, ଯାହାଦ୍ୱାରା ସେମାନେ ପରିବାରର ଆର୍ଥିକ ନିଷ୍ପତ୍ତିରେ ସକ୍ରିୟ ଅଂଶଗ୍ରହଣ କରିପାରୁଛନ୍ତି। ଏହା ସେମାନଙ୍କ ମଧ୍ୟରେ ଆତ୍ମସମ୍ମାନ ବୃଦ୍ଧିକରିବା ସହ ସମାଜରେ ସେମାନଙ୍କ ସ୍ଥିତିକୁ ସୁଦୃଢ଼ କରୁଛି।

ଓଡ଼ିଶାର କୋଣ ଅନୁକୋଣରେ ଆଜି ମହିଳାମାନେ ଉଦ୍ୟୋଗୀ ସାଜିଛନ୍ତି। 'ମିଶନ ଶକ୍ତି' ଆଜି ଏକ ଆନ୍ଦୋଳନରେ ପରିଣତ ହୋଇଛି। ରାଜ୍ୟର ପ୍ରାୟ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ନେଇ ଗଠିତ ଏହି ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ଆଜି ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରୁଛନ୍ତି। ହସ୍ତଶିଳ୍ପଠାରୁ ଆରମ୍ଭକରି କୃଷିଜାତ ଦ୍ରବ୍ୟ ପ୍ରସ୍ତୁତି ଏବଂ ବ୍ୟବସାୟ ପରିଚାଳନା ପର୍ଯ୍ୟନ୍ତ ସବୁଠି ମା'ମାନଙ୍କର ଦକ୍ଷତା ଦେଖିବାକୁ ମିଳୁଛି। ଏହି ଗୋଷ୍ଠୀଗୁଡ଼ିକ କେବଳ ରୋଜଗାରକ୍ଷମ ହୋଇନାହାନ୍ତି, ବରଂ ଗ୍ରାମୀଣ ଓଡ଼ିଶାରେ ସାମାଜିକ ପରିବର୍ତ୍ତନର ସୂତ୍ରଧର ସାଜିଛନ୍ତି।

ନାରୀ ଶକ୍ତିର ବିନା ସହଯୋଗରେ କୌଣସି ଜାତି ବା ରାଷ୍ଟ୍ରର ପ୍ରଗତି ଅସମ୍ଭବ। ସମ୍ବିଧାନ ପ୍ରଦତ୍ତ ଅଧିକାର, ରାଜନୈତିକ ସଂରକ୍ଷଣ ଏବଂ ସୁଭଦ୍ରା ଯୋଜନା ଭଳି କଲ୍ୟାଣକାରୀ ପଦକ୍ଷେପ ମାଧ୍ୟମରେ ଓଡ଼ିଶାର ନାରୀ ଆଜି ଅଗ୍ରଗତିର ନୂଆ ପଥ ପ୍ରସ୍ତୁତ କରୁଛି। ଆମ ସରକାର ପ୍ରତିଟି ମା', ଭଉଣୀ ଓ ଝିଅଙ୍କ ସୁରକ୍ଷା, ସମ୍ମାନ ଏବଂ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। 'ନାରୀ ଶକ୍ତି'ର ଏହି ନୂତନ ଅଭ୍ୟୁଦୟ ହିଁ ଆଗାମୀ ଦିନରେ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନକୁ ସାକାର କରିବ।

## ରାଜ୍ୟପାଳଙ୍କୁ ୪ ବାମପନ୍ଥୀ ଦଳର ସ୍ମାରକପତ୍ର

ଭୁବନେଶ୍ୱର, ୧୩।୪
(ରବିନାରାୟଣ ଜେନା)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସିଜିମାଳି ବକ୍ସାଇଟ୍ ଖଣିକୁ ବେଦାନ୍ତ ପକ୍ଷରୁ ରାସ୍ତା ନିର୍ମାଣବେଳେ ଆଦିବାସୀଙ୍କ ଉପରେ ହୋଇଥିବା ପୋଲିସର ଦମନ ବିରୋଧରେ ୪ଟି ବାମପନ୍ଥୀ ଦଳ ପକ୍ଷରୁ ସୋମବାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କମ୍ପାନୀ ସ୍ୱାର୍ଥରେ ସରକାରଙ୍କ ନୀତି ନିୟମ ଉଲ୍ଲଂଘନ କରିଛନ୍ତି। ବିନା ଗ୍ରାମସଭାରେ ଉକ୍ତ ଅଞ୍ଚଳରେ ରାସ୍ତା ନିର୍ମାଣ ଓ ଖନନ କାର୍ଯ୍ୟ ଚାଲିଛି। ଏହାସହ ଏପ୍ରିଲ ୭ରେ କଣ୍ଟାମାଳ ଗ୍ରାମରେ ପୋଲିସ ପକ୍ଷରୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ୍ ଓ ବିଦ୍ୟୁତ୍ ବିଚ୍ଛିନ୍ନ କରି ଲୋକଙ୍କୁ ବର୍ବର ଭାବେ ଆକ୍ରମଣ କରାଯାଇଛି। ମିଥ୍ୟା ମାମଲାରେ ଆନ୍ଦୋଳନକାରୀଙ୍କୁ ଜେଲ୍ ପଠାଯାଇଥିବା ସ୍ମାରକପତ୍ରରେ ଦର୍ଶାଇ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ (ଏମ୍ଏଲ୍) ଲିବରେଶନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ଏବଂ ଏଆଇଏଫ୍‌ବି ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି।

# ଇରାନ୍‌ରୁ ଆସିଲା ଅଶୋଧିତ ତୈଳବାହୀ ଜାହାଜ



ପାରାଦୀପର ଏସ୍‌ପିଏମ୍ ବର୍ଥରେ ଲାଗିଥିବା ଅଶୋଧିତ ତୈଳବାହୀ ଜାହାଜ।

**ଆଇଓସିଏଲ୍ ଆଣିଛି ୨,୭୭,୩୨୧ ଏମ୍‌ଟି ତୈଳ**

ପାରାଦୀପ, ୧୩।୪(ଶରତ ରାଉତ)

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିରତି ମଧ୍ୟରେ ଇରାନର ଖାର୍ଗ ଦ୍ୱୀପରୁ ଏକ ବୃହତ୍ ତୈଳବାହୀ ଜାହାଜ ଆସି ସୋମବାର ଅପରାହ୍ନରେ ପାରାଦୀପରେ ପହଞ୍ଚିଛି। ଭେରି ଲାର୍ଜ କ୍ରୁଡ କ୍ୟାରିଅର ମେରାଇନ୍ ଟ୍ୟାଙ୍କର (ଭିଏଲ୍‌ସିସି ଏମ୍‌ଟି) ଜୟା ନାମକ ଜାହାଜରେ ୨,୭୭,୩୨୧ ମେଟ୍ରିକ ଟନ୍ (ଏମ୍‌ଟି) ଅଶୋଧିତ ତୈଳ ଆସିଛି। ଅପରାହ୍ନ ୩ଟା ୧୮ରେ ଜାହାଜ ବନ୍ଦରର ସିଙ୍ଗଲ ପଏଣ୍ଟ ମୋରିଂସିଷ୍ଟମ(ଏସ୍‌ପିଏମ)ବର୍ଥରେ ଲାଗିବା ପରେ ତୈଳ ଅପସାରଣ ହୋଇଛି। ଏହାର ଆମଦାନିକାରୀ ହେଲା ଭାରତୀୟ ତୈଳ ନିଗମ(ଆଇଓସିଏଲ୍)। ଉକ୍ତ ଜାହାଜ ସମ୍ପର୍କରେ ପାରାଦୀପ ବନ୍ଦର ତା'ର ଅଫିସିଆଲ ସୋସିଆଲ ମିଡିଆରେ ସୂଚନା ଦେଇଛି। ଏହା ଭାରତର ଶକ୍ତିକ୍ଷେତ୍ରକୁ ସହାୟକ ହେବ ବୋଲି କୁହାଯାଇଛି। ଉକ୍ତ ଏମ୍‌ଟି ଜୟା ଜାହାଜ ଖାର୍ଗ ଦ୍ୱୀପରୁ ଯୁଦ୍ଧର ପୂର୍ବ ଦିନ ଫେବୃଆରୀ ୨୭ରୁ ବାହାରିଥିଲା। ଯୁଦ୍ଧ ଯୋଗୁ ଏହା ଇରାନ୍‌ର ହର୍ମୁଜ ପାଖରେ ଅଟକିଥିଲା। ଅନେକ କଟକଣା ମଧ୍ୟରେ ଜାହାଜଟି ୪୧ ଦିନ ପରେ ପାରାଦୀପରେ ଆସି ପହଞ୍ଚିଛି।

ସୂଚନାଯୋଗ୍ୟ, ଏସ୍‌ପିଏମ ବର୍ଥ ହେଉଛି ବନ୍ଦର ପୋତାଶ୍ରୟଠାରୁ ୨୦ କିମି ଦୂର ସମୁଦ୍ରର ଭାସମାନ ବର୍ଥ। ଉକ୍ତ ବର୍ଥରେ କେବଳ ବୃହତ୍ ଅଶୋଧିତ ତୈଳ ଜାହାଜ ଲାଗିଥାଏ। ସେଠାରୁ ଆଇଓସିଏଲ୍ ପାଇପ୍ ଲାଇନ୍‌ରେ ବିଭିନ୍ନ ତୈଳ ବିଶୋଧନାଗାରକୁ ପଠାଇଥାଏ। ଆମେରିକା, ଇରାନ ଓ ଇସ୍ରାଏଲ୍ ଯୁଦ୍ଧ ବିରତି ସମୟ ମଧ୍ୟରେ ଉକ୍ତ ଜାହାଜ ପାରାଦୀପ ଆସିଛି। ଏବେ ଉକ୍ତ ୩ ଦେଶ ମଧ୍ୟରେ ଆଲୋଚନା ବିଫଳ ହେବା ପରେ ପୁଣି ତେଲ ଯୋଗାଣ ଅନିଶ୍ଚିତତା ମଧ୍ୟକୁ ଚାଲିଯାଇଛି।

# ବିଭାଗୀୟ କୃତିତ୍ୱ ମାପିବେ ସରକାର

**ଉପଲବ୍ଧି ପୋର୍ଟାଲରେ ରହିବ ତଥ୍ୟ**

ଭୁବନେଶ୍ୱର, ୧୩।୪
(ରବିନାରାୟଣ ଜେନା)

ଓଡ଼ିଶାକୁ ୨୦୩୬ ସୁଦ୍ଧା ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକଗୁଡ଼ିଏ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ସେସବୁ ବାସ୍ତବରେ କାର୍ଯ୍ୟାନ୍ୱୟନ ହେଉଛି କି ନାହିଁ, ତାହାକୁ ଏବେ ସରକାରଙ୍କ ପକ୍ଷରୁ ଆକଳନ କରାଯିବ। କେଉଁ ବିଭାଗ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ କିଭଳି ଭାବେ ସଫଳ ରୂପାୟନ କରୁଛନ୍ତି ସେସବୁର ତଥ୍ୟ ପ୍ରତିମାସରେ ପୋର୍ଟାଲ ମାଧ୍ୟମରେ ଦର୍ଶାଇବେ। ଏସଂକ୍ରାନ୍ତରେ ଏପ୍ରିଲ ୧୫ରେ ସେଣ୍ଟର ଫର ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ (ସିଏମ୍‌ଜିଆଇ) ପକ୍ଷରୁ ଏକ ରିପୋର୍ଟ ସଚିବସ୍ତରୀୟ ବୈଠକରେ ଉପସ୍ଥାପନ ହେବ ବୋଲି ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ସବୁ ବିଭାଗକୁ ପ୍ରଦାନ କରାଯାଇଥିବା ପତ୍ରରୁ ଜଣାଯାଇଛି।

ବିଭାଗୀୟ ଉପନିର୍ଦ୍ଦେଶକ ସୁଧା ପଣ୍ଡା ଏପ୍ରିଲ ୧୦ରେ ସବୁ ବିଭାଗକୁ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ଖାରବେଳ ଭବନରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହି ଅବସରରେ ସିଏମ୍‌ଜିଆଇ ପକ୍ଷରୁ ଉପଲବ୍ଧି ପୋର୍ଟାଲ ଉପସ୍ଥାପନ କରାଯିବ। ଏହି ପୋର୍ଟାଲ ଜରିଆରେ ବିଭାଗ ପକ୍ଷରୁ ପ୍ରତିମାସରେ କ'ଣ କୃତିତ୍ୱ ହାସଲ କରାଗଲା ତାହା ଉଲ୍ଲେଖ ରହିବ।

ସେହିପରି କେନ୍ଦ୍ର ସରକାରଙ୍କ ପକ୍ଷରୁ ପୁଞ୍ଜି ନିବେଶ କ୍ଷେତ୍ରରେ ପ୍ରଦାନ କରାଯାଉଥିବା ସ୍ୱତନ୍ତ୍ର ସହାୟତା(ଏସ୍‌ଏଏସ୍‌ସିଆଇ)ରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି କେଉଁ ବିଭାଗର ପ୍ରକଳ୍ପଗୁଡ଼ିକ ରହିଛି ତାହା ଉପରେ ଅର୍ଥ ବିଭାଗ ପକ୍ଷରୁ ରିପୋର୍ଟ ଉପସ୍ଥାପନ ହେବ। ଏହି ଅବସରରେ ଓଡ଼ିଶାର ବିକାଶକୁ ଦୃଷ୍ଟିରେ ରଖି ୨୦୨୩ ଲାଗି ୩୬ଟି ଫ୍ଲାଗ୍‌ଶିପ୍ କାର୍ଯ୍ୟକ୍ରମ ନକ୍ସା ଅଙ୍କା ଯିବ। ଏନେଇ ନିର୍ମାଣ ଓ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିସ୍ତୃତ ତଥ୍ୟ ଦର୍ଶାଯିବ। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁସବୁ ବ୍ୟକ୍ତିଗତ ନୋଟ୍ ବିଭିନ୍ନ ବିଭାଗକୁ ପ୍ରଦାନ କରିଥିଲେ ତାହା କେତେଦୂର ଅଗ୍ରଗତି ହୋଇଛି ଏବଂ କେଉଁ ବିଭାଗ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ତାହା ଉପରେ ବିଶେଷ ଆଲୋଚନା ହେବ। ଏହାସହିତ ରାଜ୍ୟରେ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବାପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗତ ୧୦ତାରିଖରେ ରାଜ୍ୟ କ୍ୟାବିନେଟ୍‌ରେ ଅନୁମୋଦନ ପାଇଥିବା ନୂତନ ନୀତିର ରୂପରେଖ ନେଇ ଆଲୋଚନା ହେବ ବୋଲି ଜଣାଯାଇଛି।

# ସୁଭଦ୍ରା ଖଣି କାର୍ଯ୍ୟକୁ ଗ୍ରାମବାସୀଙ୍କ ବିରୋଧ



ଗ୍ରାମବାସୀଙ୍କ ପକ୍ଷରୁ ସାଇଲୋ ନିର୍ମାଣକୁ ବିରୋଧ କରାଯାଉଛି।

ଛେଣ୍ଡିପଦା, ୧୩।୪ (ଅଜିତ ଧଳ)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗାଁ ନିକଟରେ ଏମ୍‌ସିଏଲ୍‌ର ସୁଭଦ୍ରା କୋଇଲା ଖଣି ପରିଚାଳନା କେନ୍ଦ୍ର ବା ସାଇଲୋର ନିର୍ମାଣ କାର୍ଯ୍ୟକୁ ସୋମବାର ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଫଳରେ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି।

ସୂଚନା ଅନୁଯାୟୀ, ଏମ୍‌ସିଏଲ୍ ପକ୍ଷରୁ ଛେଣ୍ଡିପଦା, କଙ୍କରାଇ, ପିଢ଼ଖମଣ, ବାଲିଚନ୍ଦ୍ରପୁର, ରାଇଝରଣ, କାଉଁଶିଢ଼ିପ, ଗୋଳାଗାଡିଆ, ଛୋଟବେରେଣୀ, କୁମୁଣ୍ଡା, ଭାଲୁଗାଡିଆ, ବାଘୁଆବୋଲ ଏବଂ ଜୟପୁର ସଂରକ୍ଷିତ ଜଙ୍ଗଲ ଆଦି ଗ୍ରାମ ଓ ଅଞ୍ଚଳର ୧୧୧୧. ୮୫ ହେକ୍ଟର ସରକାରୀ, ବେସରକାରୀ ଜମିରେ ଖଣିଖନନ କରିବାର ଯୋଜନା ରହିଛି। କିନ୍ତୁ ଏଯାଏ କ୍ଷତିଗ୍ରସ୍ତଙ୍କୁ କ୍ଷତିପୂରଣ କିମ୍ବା ନିଯୁକ୍ତି ପ୍ରଦାନ କରାଯାଇନାହିଁ। ଏହାସତ୍ତ୍ୱେ ସୋମବାର ସାଇଲୋ ପ୍ଲାଣ୍ଟ ବସାଇବା ପାଇଁ କାର୍ଯ୍ୟ ଆରମ୍ଭ କରାଯାଇଥିବାବେଳେ ଏହାକୁ କଙ୍କରେଇ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମ ସମ୍ପାଦକ ସାଧୁଚରଣ ବାରିକଙ୍କ ନେତୃତ୍ୱରେ ଶତାଧିକ ଗ୍ରାମବାସୀ ପହଞ୍ଚି କମ୍ପାନୀ କାର୍ଯ୍ୟ ବନ୍ଦ କରିଥିଲେ। ଖବରପାଇ ନିଶା ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲା। ଗ୍ରାମବାସୀ ଓ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଡାକି ବୈଠକ କରାଯିବ ବୋଲି ଥାନା ଅଧିକାରୀ ବିବେକାନନ୍ଦ ମହନ୍ତ ପ୍ରକାଶ କରିଛନ୍ତି।

# ୪୦ ଡିଗ୍ରୀ ଉପରେ ୮ ସ୍ଥାନର ତାପମାତ୍ରା

ଭୁବନେଶ୍ୱର, ୧୩।୪ (ବନ୍ଦନା ସେଠୀ)

ରାଜ୍ୟରେ ଜାରି ରହିଛି ଗ୍ରୀଷ୍ମ ପ୍ରବାହ। ସୋମବାର ୮ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ଖରା ତାତି ସହ ଗୁଳୁଗୁଳି ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରିଥିଲା। ଆସନ୍ତା ୧୯ ତାରିଖ ଯାଏ ରାଜ୍ୟରେ ହିଟ୍ ୱେଭ୍ ଜାରି ରହିବ। ତାପମାତ୍ରା ଆହୁରି ୪ରୁ ୬ ଡିଗ୍ରୀ ବୃଦ୍ଧି ପାଇବ। ମଙ୍ଗଳବାର ପଣା ସଂକ୍ରାନ୍ତିଠାରୁ ଗ୍ରୀଷ୍ମପ୍ରଭାବ ବଢ଼ିବ। ଏଥିପାଇଁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ କରାଯାଇଛି। ଗତ ୨୪ଘଣ୍ଟାରେ ଟିଟିଲାଗଡ଼ରେ ସର୍ବାଧିକ ୪୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିଲା। ସେହିପରି ଝାରସୁଗୁଡାରେ ୪୦.୮ ଡିଗ୍ରୀ, ହୀରାକୁଦ, ସମ୍ବଲପୁର ଏବଂ ଭବାନୀପାଟଣାରେ ୪୦.୪ ଡିଗ୍ରୀ, ବଲାଙ୍ଗୀର ୪୦.୨, ସୋନପୁର ଏବଂ ଅନୁଗୋଳରେ ୪୦.୧ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ୭ ଦିନ ଯାଏ ରାଜ୍ୟରେ କୌଣସି ନିୟାମକ ପାଣିପାଗ ସକ୍ରିୟ ନାହିଁ। ତେଣୁ ପାଗ ମୁଖ୍ୟତଃ ଶୁଖିଲା ରହିବ, ବର୍ଷା ହେବାର କୌଣସି ସମ୍ଭାବନା ନାହିଁ। ଆଗାମୀ ଦିନରେ ତାପମାତ୍ରା ଆହୁରି ୬ ଡିଗ୍ରୀ ଯାଏ ବୃଦ୍ଧି ପାଇବ। ମଙ୍ଗଳବାର ଗରମ ଓ ଗୁଳୁଗୁଳି ନେଇ ରାଜ୍ୟର ୧୧ଟି ଜିଲା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର ଏହି ୧୧ଟି ଜିଲା ସମେତ ବଲାଙ୍ଗୀର, କନ୍ଧମାଳ, ଝାରସୁଗୁଡା ଏବଂ ସମ୍ବଲପୁର ଜିଲାକୁ ହିଟ୍ ୱେଭ୍ ୱାର୍ନିଂ ଜାରି କରାଯାଇଛି।

## ବୁଢ଼ାବଳଙ୍ଗ ନଦୀରୁ ଯୁବକଙ୍କ ମୃତଦେହ ଜବତ

ବାଲେଶ୍ୱର, ୧୩।୪
(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଟାଉନ ଥାନା ପୁରୁଣାବାଲେଶ୍ୱର ଦୁର୍ଗାମଣ୍ଡପ ସମ୍ମୁଖ ବୁଢ଼ାବଳଙ୍ଗ ନଦୀରୁ ସୋମବାର ଅପରାହ୍ନ ୧ଟା ବେଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଟାଉନ ଥାନା ବଡଖୁଆ ଚିଲଖାନା ଅଞ୍ଚଳର ଲାଲମୋହନ ହାଁସଦା(୨୭)। ରବିବାର ନଦୀ କୂଳରେ ବସି ଖଡ଼ା ପକାଇ ମାଛ ଧରୁଥିବା ବେଳେ ଖଡା କଣ୍ଟା ନଦୀ ଜଳରେ ଅଟକିଯିବାରୁ ସେ ନଦୀ ଜଳକୁ ଓହ୍ଲାଇଥିଲେ। ପରେ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଦମକଳ ବିଭାଗ ପକ୍ଷରୁ ଖୋଜାଖୋଜି କରି ମଧ୍ୟ ତାଙ୍କର ମୃତଦେହ ମିଳି ନ ଥିଲା। ସୋମବାର ତାଙ୍କର ମୃତଦେହ ବୁଡ଼ିଥିବା ସ୍ଥାନର କିଛି ଦୂରରୁ ମିଳିଥିଲା। ଏ ସମ୍ପର୍କରେ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# ସ୍କୁଲ ବସ୍-ହାଇୱା ଧକ୍କା: ହାଇୱା ଡ୍ରାଇଭର ମୃତ, ୨୦ ଛାତ୍ର ଆହତ

ଯାଜପୁର/ପାଣିକୋଇଲି(ହର୍ଷବର୍ଦ୍ଧନ ବେହେରା/ବିକାଶ ମଲ୍ଲିକ), ୧୩।୪

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଅଢ଼େଇବାଟିଆ ଡାଇଭର୍ସନ ନିକଟରେ ରବିବାର ରାତି ୧୧ଟାରେ ଏକ ଘରୋଇ ସ୍କୁଲ ବସ୍ ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ହାଇୱା ଡ୍ରାଇଭର କେନ୍ଦୁଝର ଜିଲା ହରିଦାସପୁର ଅଞ୍ଚଳର ସୁଶାନ୍ତ ମାଝୀଙ୍କ ଜିଲା ମୁଖ୍ୟ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ମୃତ୍ୟୁ ହୋଇଛି। ଏହାବାଦ ୨୦ ଜଣ ଛାତ୍ର ଆହତ ହୋଇଥିବାବେଳେ ସମସ୍ତଙ୍କୁ ଯାଜପୁର ରୋଡ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବା ୨ଜଣ ଛାତ୍ରଙ୍କୁ କଟକ ଓ ଅନ୍ୟ ୨ଜଣଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ୧୧ ଜଣ ଛାତ୍ରଙ୍କୁ କଳିଙ୍ଗନଗର ସ୍ଥିତ ଟାଟା ମେଡିକା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଆହତଙ୍କ ମଧ୍ୟରୁ ଜଣେ ଛାତ୍ର ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ସୂଚନା ମୁତାବକ ପ୍ରୟାସ ନାମକ ଘରୋଇ କଲେଜର ଏକ ବସ୍ (ଓଡି୦୪ୟୁ ୯୩୮୫) ଛାତ୍ରମାନଙ୍କୁ ନେଇ ଯାଉଥିବାବେଳେ ଯାଜପୁର ରୋଡ୍ ଅଭିମୁଖେ ଆସୁଥିବା ହାଇୱା (ଓଡି୦୨ ଏଜେ ୨୩୪୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ହାଇୱାର ଇଞ୍ଜିନ ଓ ଡାଲା ଅଲଗା ହୋଇ ରାସ୍ତାକଡ଼କୁ ଖସି ଯାଇଥିଲା। ଅପରପକ୍ଷେ ଚାଳକ ବସ୍‌ଟିକୁ ଡିଭାଇଡ଼ର ଉପରେ ଚଳାଇ ରାସ୍ତା ସେପଟ କଡ଼କୁ ନେଇ ଅଟକାଇ ଦେଇଥିଲେ। ଫଳରେ ବସ୍ ଚାଳକ, ଖଲାସୀ ଓ ଛାତ୍ରମାନେ ଆହତ ହୋଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୋଲିସ ଓ କୋରେଇ ପୋଲିସ ତଦନ୍ତ ଆରମ୍ଭ କରିବା ସହ ବସ୍ ଓ ହାଇୱାକୁ ଜବତ କରିଛି। ଏହାସହ ଘରୋଇ ସ୍କୁଲ ବସ୍ ଓ ହାଇୱାର ଫିଟନେସ, ଅନୁମତି ଇତ୍ୟାଦି ଯାଞ୍ଚ କରିବା ପ୍ରକ୍ରିୟା ଚାଲିଛି ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି।



ଦୁର୍ଘଟଣାସ୍ଥଳରେ ପୋଲିସ ଯାଞ୍ଚ କରୁଛି।

ODISHA PUBLIC SERVICE COMMISSION
19, DR. P.K. PARIJA ROAD, CUTTACK-753001
NOTICE
No.2139/ PSC, Dt.13.04.2026
1E-34-2025/26 (DR-II)
ADVERTISEMENT NO. 01 OF 2026-27
WEBSITE - https://opsc.gov.in

| | |
|---|---|
| I. | Assistant Professor (Broad Speciality) in the Discipline of Radiation Oncology Government MCHs in the rank of Group-A, under Health & Family Welfare Department. |
| II. | No. of Vacancies-02 |

**No.12001/5/2627:** Online applications are invited from the prospective candidates through proforma application to be made available on the Website of the Commission **(https://opsc.gov.in)** for recruitment to 02 (Two) posts of **Assistant Professor (Broad Speciality)** in the Disciplines of **Radiation Oncology** in Group-A, under the Odisha Medical Education Service cadre, for posting in Government MCHs of the State of Odisha, under the Health & Family Welfare Department in the Academic Level-12 of ORSP (MCT) Rules, 2019 with usual dearness and other allowances as may be sanctioned by the Government of Odisha from time to time. The posts are purely temporary for the present and likely to be made permanent in future.
**2. VACANCY POSITION:** As per requisition furnished by the Health & Family Welfare Department, Government of Odisha, the vacancy position for the post of **Assistant Professor (Broad Speciality)** in the Discipline of **Radiation Oncology** is **02**.
**3. AGE:** A candidate must have attained the age of not less than **21 (Twenty One)** years and not above the age of **45 (Forty Five)** years as on the **1st day of January 2026** i.e. he/she must not have been born **earlier than 2nd January 1981** and **not later than 1st January 2005.**
**4. EDUCATIONAL QUALIFICATION:** The candidates must possess a Post Graduate Degree in the concerned Broad Speciality or any other equivalent degree or qualification prescribed by the MCI/NMC from time to time.
**5. EXAMINATION FEE:** The candidates other than SC, ST and PwD category shall have to pay the examination fee amounting to **Rupees Seven Hundred (Rs.700/-) only** through online mode while filling the Online Application Form. The examination fees paid shall be **refunded only to those candidates who actually appear in the Written Examination. Applications without payment of examination fees (except SC/ ST/ PwD candidates) will be taken as incomplete and outrightly be rejected.**
Refund shall be issued in due course after completion of the Written Examination. Refunds will be processed to the original mode of payment used at the time of the transaction by the candidate. (Credit Card, Debit Card, UPI, Net Banking, Wallet, etc.)
**6. METHOD OF SELECTION:** The selection of candidates for recruitment to the posts of Assistant Professor in Broad Speciality shall be made on the basis of **Written Examination** as per the guidelines as enumerated in the Odisha Medical Education Service (Method of Recruitment and Conditions of Service) Rules, 2021.
**7. WRITTEN EXAMINATION:** The Written Examination will be held tentatively on **12.07.2026 (Sunday)** The detailed Schedule and Centre of Examination will be notified in due course.
**The link for Online Application shall be available from 16.04.2026 to 15.05.2026 till 5.00 P.M. (Note: 15.05.2026 is the last date/closing date for submission of Registered Online Application)**
The candidates are advised to visit the Website of the Commission at **https://opsc.gov.in** for detailed information for applying to the above post. Applications received through any other mode would not be accepted and summarily rejected.
Cuttack
Date: 13.04.26
OIPR-12001/12002/1/26-27/0002
Sd./- Secretary
Odisha Public Service Commission,
Cuttack

# ସମଲିଙ୍ଗୀ, ତ୍ରିକୋଣୀୟ ପ୍ରେମ ପାଇଁ ହତ୍ୟା

ଯାଜପୁର ଟାଉନ,୧୩।୪
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

## ସୌମ୍ୟ ସାଗରଙ୍କୁ ଗୁଳିକରି ହତ୍ୟା ଘଟଣା

**ସ୍ତ୍ରୀ ଶୁଭଶ୍ରୀଙ୍କ ସମେତ ୫ କୋର୍ଟ ଚାଲାଣ, ବନ୍ଧୁକ, ବାଇକ୍ ଜବତ**

ଯାଜପୁର ଟାଉନ ଥାନା ଅଞ୍ଚଳରେ ସୌମ୍ୟ ସାଗର ସାମଲଙ୍କୁ ସମଲିଙ୍ଗୀ ଓ ତ୍ରିକୋଣିଆ ପ୍ରେମ ପାଇଁ ଗୁଳିକରି ହତ୍ୟା କରାଯାଇଥିବା ଘଟଣାକୁ ପୋଲିସ ପର୍ଦ୍ଦାଫାଶ କରିଛି। ମୃତକ ସୌମ୍ୟଙ୍କ ସ୍ତ୍ରୀ ଶୁଭଶ୍ରୀ ବେହେରାଙ୍କ ସମେତ ୫ ଜଣଙ୍କୁ ପୋଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଥିବା ଯାଜପୁର ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ ଟାଉନ ଥାନାରେ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସୂଚନା ଅନୁଯାୟୀ, ଗତ ୬ ତାରିଖ ରାତିରେ ଯାଜପୁରର ଜନଗହଳିପୂର୍ଣ୍ଣ ଜାଗା କାଳିମେଘା ରାସ୍ତାରେ ସୌମ୍ୟ ସାଗର ସାମଲଙ୍କୁ ଦୁର୍ବୃତ୍ତମାନେ ଗୁଳିକରି ଫେରାର ହୋଇଯାଇଥିଲେ। ସୌମ୍ୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ୭ ତାରିଖରେ ସୌମ୍ୟଙ୍କ ଶଳା ଓମ୍ ପ୍ରକାଶ ବେହେରା ଯାଜପୁର ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତିକରି ଯାଜପୁର ଟାଉନ ଥାନାରେ ପୋଲିସ ନଂ.୧୪୨/୨୬ରେ ହତ୍ୟା ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଯାଜପୁର ଏସ୍‌ପି ଶ୍ରୀମାଲଙ୍କ ନିର୍ଦ୍ଦେଶରେ ଯାଜପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୩ଟି ଦଳ ଗଠନ କରାଯାଇଥିଲା। ପୂର୍ବରୁ ପୋଲିସ ଏହି ହତ୍ୟାକାଣ୍ଡ ପଛରେ ସୌମ୍ୟ ସାଗରଙ୍କ ସ୍ତ୍ରୀ ଶୁଭଶ୍ରୀ ବେହେରାଙ୍କ ହାତ ରହିଛି ବୋଲି ସନ୍ଦେହ କରି ଅଟକ ରଖିଥିଲା। ଶୁଭଶ୍ରୀ ଦେଢ଼ବର୍ଷ ତଳେ ସୌମ୍ୟଙ୍କୁ ପ୍ରେମ ବିବାହ କରିଥିଲେ। ସୌମ୍ୟଙ୍କ ଘର କୁଆଁସରପୁର ହୋଇଥିବା ବେଳେ ସେ କାଳିମେଘା ନିକଟରେ ଭଡ଼ାରେ ରହୁଥିଲେ। ଶୁଭଶ୍ରୀ ବିୟୁଟିପାର୍ଲରରେ କାମ କରୁଥିବାବେଳେ ଯାଜପୁର ସଦର ଥାନା ସିମିଳିଆ ପଞ୍ଚାୟତ ମିର୍ଜାପୁର ଗ୍ରାମର ପ୍ରୀତିପ୍ରଭା ପ୍ରିୟଦର୍ଶିନୀ (ଟିନୁ)ଙ୍କ ସହିତ ସମଲିଙ୍ଗୀ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଏହି ସମ୍ପର୍କ ୨୦୨୦ ମସିହାରୁ ଆରମ୍ଭ ହୋଇଥିଲା। ଏହି ଘଟଣାରେ ଶୁଭଶ୍ରୀ ପ୍ରୀତିପ୍ରଭାଙ୍କ ଘରକୁ ଯିବା ଆସିବା କରୁଥିଲେ। ଏହି ସମୟରେ ପ୍ରୀତିପ୍ରଭାଙ୍କ ସମ୍ପର୍କୀୟ ଭାଇ ତାପସ ଖିଲାରଙ୍କ ସହିତ ଶୁଭଶ୍ରୀଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉଭୟ ଏକାଠି ହୋଇ ବିଭିନ୍ନ ସ୍ଥାନକୁ ବୁଲିଯିବା ସହ ନିଜ ସ୍ୱାମୀକୁ ଛାଡ଼ପତ୍ର ଦେବା ପାଇଁ ତାପସ ଶୁଭଶ୍ରୀଙ୍କୁ କହିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଚଳିତବର୍ଷ ହୋଲିରେ ସୌମ୍ୟ ଓ ତାପସଙ୍କ ମଧ୍ୟରେ ଭୀଷଣ ଭାବରେ ପାଟିତୁଣ୍ଡ ହୋଇଥିଲା। ସେହିଦିନଠାରୁ ସୌମ୍ୟଙ୍କୁ ରାସ୍ତାରୁ ହଟାଇବା ପାଇଁ ତାପସ, ଶୁଭଶ୍ରୀ ଓ ପ୍ରୀତିପ୍ରଭା ୩ଜଣ ମିଶି ଷଡ଼ଯନ୍ତ୍ର କରିଥିଲେ। ଏଥିପାଇଁ ପ୍ରୀତିପ୍ରଭା ୪୯ହଜାର ଟଙ୍କା ବନ୍ଧୁକ କ୍ରୟ ନିମନ୍ତେ ସମ୍ପର୍କୀୟ ଭାଇ ତାପସଙ୍କୁ ଦେଇଥିଲେ। ତାପସ ରାଉରକେଲାରେ ଡ୍ରାଇଭର ଥିବାରୁ ସେଠାର ଅପରାଧୀ ସୁରଜ ସିଂ, ଅଙ୍କିତ ଠାକୁରଙ୍କ ସହିତ ଯୋଗାଯୋଗ କରି ଏକ ବନ୍ଧୁକ କିଣିଥିଲେ। ୬ ତାରିଖ ରାତିରେ ଏହି ବନ୍ଧୁକରେ ତାପସ କାଳିମେଘା ନିକଟରେ ସୌମ୍ୟଙ୍କୁ ଗୁଳି କରି ହତ୍ୟାକରି ରାଉରକେଲା ଫେରାର ହୋଇଯାଇଥିଲେ। ହେଲେ ବ୍ୟବହୃତ ବନ୍ଧୁକକୁ ଯଯାତି କେଶରୀ ମେଡ଼ିକାଲ କଲେଜ ପଛପଟରେ ଥିବା ଏକ ନାଳରେ ପକାଇ ଦେଇଥିଲେ। ମୃତ୍ୟୁ ପୂର୍ବରୁ ଶୁଭଶ୍ରୀ ସହିତ ହତ୍ୟାକାରୀ ତାପସ ସୌମ୍ୟଙ୍କ ଗତିବିଧି ସମ୍ପର୍କରେ ମୋବାଇଲରେ ସୂଚନା ଗ୍ରହଣ କରୁଥିଲେ। ସିଧାସଳଖ ଫୋନ କରିବା ପରିବର୍ତ୍ତେ ହ୍ୱାଟ୍ସଆପ୍‌ରେ କଲ୍ କରାଯାଉଥିଲା ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଏହି ହତ୍ୟା ଘଟଣାରେ ମୃତ ସୌମ୍ୟଙ୍କ ସ୍ତ୍ରୀ ଶୁଭଶ୍ରୀଙ୍କୁ ପୋଲିସ ପୂର୍ବରୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ଅନ୍ୟତମ ଅଭିଯୁକ୍ତ ପ୍ରୀତିପ୍ରଭାଙ୍କୁ ନିଜ ଘର ସଦର ଥାନା ମିର୍ଜାପୁର ଅଞ୍ଚଳରୁ ପୋଲିସ ଗିରଫ କରିଥିଲା। ପରେ ରାଉରକେଲାରୁ ମୁଖ୍ୟ ଅଭିଯୁକ୍ତ ତାପସ ଓ ବନ୍ଧୁକ ବିକ୍ରି କରିଥିବା ଅଙ୍କିତ ଠାକୁର, ସୁରଜ ସିଂହଙ୍କୁ ପୋଲିସ ଗିରଫ କରିଥିଲା। ସମସ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ମାଝୀ, ଥାନାଧିକାରୀ ଶରତ କୁମାର ନାୟକ, ଅତିରିକ୍ତ ଥାନାଧିକାରୀ ଭୁବନମୋହନ ସେଠୀ, ଏସ୍‌ଆଇ ସୁବାଷ ଚନ୍ଦ୍ର ମୁଦୁଲି, ଏସ୍‌ଆଇ ମହେନ୍ଦ୍ର କୁମାର ସେଠୀ, ଏସ୍‌ଆଇ ତୃପ୍ତିମୟୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସୌମ୍ୟଙ୍କ ମା' ସୁମିତ୍ରା ସାମଲ ତାଙ୍କ ନିଜ ବୋହୂ ପୁଅକୁ ହତ୍ୟା କରିଥିବା ଲିଖିତ ଅଭିଯୋଗ କରିଥିଲେ।



ଖବରଦାତା ସମ୍ମିଳନୀରେ ଏସ୍‌ପି ଯଶ୍ ପ୍ରତାପ ଶ୍ରୀମାଲ, ପୋଲିସ ଅଧିକାରୀ।


ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା ବନ୍ଧୁକ।

# ଅନ୍‌ଲାଇନ ପରୀକ୍ଷା ସେଣ୍ଟର ଉପରେ ସିବିଆଇ ଯାଞ୍ଚ

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

## ପୋଲିସ ଏସ୍‌ଆଇ ଜାଲିଆତି ମାମଲା

- ପରୀକ୍ଷା କେନ୍ଦ୍ର ଫିକ୍ସିଂ ନେଇ ମିଳିଥିଲା ପ୍ରମାଣ
- ଏକାଧିକ ଦସ୍ତାବିଜ୍ ଜବତ କଲା ସିବିଆଇ

ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ସକ୍ରିୟ ହୋଇ ଉଠିଛି। ଏହି ମାମଲାରେ ଫେରାର ଅଭିଯୁକ୍ତ ଗୋବିନ୍ଦ ତ୍ରିପାଠୀଙ୍କ ସହ ସମ୍ପୃକ୍ତ ଅନ୍‌ଲାଇନ ପରୀକ୍ଷା ସେଣ୍ଟର ଉପରେ ସିବିଆଇ ପ୍ରଥମ ଚଢ଼ାଉ କରିଛି। ଟେକ୍ନୋ ସ୍କୁଲ୍ କ୍ୟାମ୍ପସ୍ ଭିତରେ ମଧ୍ୟ ସିବିଆଇ ଚଢ଼ାଉ କରାଯାଇଥିବା ଜଣାପଡ଼ିଛି। ଚଢ଼ାଉ ବେଳେ ଏକାଧିକ ଦସ୍ତାବିଜ୍ ସିବିଆଇ ଜବତ କରିଛି। ସବିଆଇର ୨୦ଜଣିଆ ଟିମ୍ ତଥ୍ୟ ଓ ପ୍ରମାଣ ସଂଗ୍ରହ ପାଇଁ ବ୍ୟାପକ ତଦନ୍ତ କରୁଛି। ଏହି କେଳେଙ୍କାରୀ ସହ ସମ୍ପୃକ୍ତ ଶଙ୍କର ପୃଷ୍ଟି, ମୁନା ମହାନ୍ତି, ସୁରେଶ ନାୟକଙ୍କ ସହିତ ୧୭ଜଣ ଗିରଫ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ କୋର୍ଟରେ ପ୍ରମାଣପତ୍ର ଦାଖଲ କରିଛି। ଗିରଫ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ଜବତ କରାଯାଇ ରିପୋର୍ଟ ପାଇଁ ରାଜ୍ୟ ବାହାରକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ୧୫ଲକ୍ଷ ଟଙ୍କା ନେଇ ପରୀକ୍ଷାର୍ଥୀମାନଙ୍କ ରୋଲ୍ ନମ୍ବରକୁ ପୁନଃ ସମୟ ନିର୍ଦ୍ଧାରଣ ଅର୍ଥାତ୍ ରିସିଡ୍ୟୁଲ କରାଯାଇ ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କୁ ଏହି ସେଣ୍ଟରକୁ ପରୀକ୍ଷା ଦେବାକୁ ଅଣାଯାଉଥିଲା। ପୂର୍ବରୁ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ଗିରଫ କରାଯାଇଥିବାବେଳେ ସେଥିରୁ ସମଗ୍ର ଘଟଣାର ଗୁପ୍ତ ତଥ୍ୟ ବାହାରକୁ ଆସିଥିଲା। ସୂଚନା ଅନୁଯାୟୀ, ଟେକ୍ନୋ ସ୍କୁଲ ପରୀକ୍ଷା କେନ୍ଦ୍ରରେ କିଛି ନିର୍ଦ୍ଦିଷ୍ଟ ପରୀକ୍ଷାର୍ଥୀଙ୍କ ପାଇଁ ବିଶେଷ ବ୍ୟବସ୍ଥା ହୋଇଥିଲା। ବର୍ତ୍ତମାନ ସିବିଆଇ ଟିମ୍ ସ୍କୁଲର ସମସ୍ତ ରେଜିଷ୍ଟର ଓ ଜରୁରୀ କାଗଜପତ୍ରକୁ ତନ୍ନତନ୍ନ କରି ଯାଞ୍ଚ କରୁଛି। ଚଢ଼ାଉ ପରେ ଆଉ ଅଧିକ ତଥ୍ୟ ସାମ୍ନାକୁ ଆସିବାର ସମ୍ଭାବନା ରହିଛି। ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ମୁଖ୍ୟ କାର୍ପଟଦାର ପଞ୍ଚସଫ୍ଟ ମାଲିକ ଶଙ୍କର ପୃଷ୍ଟି , ସିଲିକନ ଟେକ୍ ମାଲିକ ସୁରେଶ ନାୟକ, ମଧ୍ୟସ୍ଥ ମୁନା ମହାନ୍ତି, ବିଶ୍ୱରଞ୍ଜନ ବେହେରା, ପ୍ରିୟଦର୍ଶିନୀ ସାମଲ, ସାଗର ଗୌଡ଼, ଅରବିନ୍ଦ ଦାସ, ବିରଞ୍ଚି ନାୟକ, ଅର୍ଜୁନ ନାୟକ, ନୀତିଶ କୁମାରଙ୍କ ସମେତ ୧୭ ଅଭିଯୁକ୍ତଙ୍କ ବିରୋଧରେ ସିବିଆଇ ତଥ୍ୟ ପ୍ରମାଣ କୋର୍ଟଙ୍କ ନିକଟରେ ଦାଖଲ କରିସାରିଛି।

# ପୁରୁଣା ଗାଡ଼ି ବିକ୍ରି ବାହାନାରେ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୩।୪(ପ୍ରସନଜିତ୍ ସାହୁ)

ଓଏଲ୍‌ଏକ୍ସରେ ଏକ ସେକେଣ୍ଡ-ହ୍ୟାଣ୍ଡ ବାଇକ ବିକ୍ରି ବାହାନାରେ ଠକେଇ ଅଭିଯୋଗରେ ରବିବାର ଇନ୍‌ଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବାଲୁଗାଁ ବସ୍ ଷ୍ଟାଣ୍ଡ ନିକଟରେ ରହୁଥିବା ସାଗର କୁମାର ଦାସ (୨୯)। ପ୍ରକାଶ ଯେ, ଚିନ୍ମୟ ନାୟକ ଏକ ସେକେଣ୍ଡ-ହ୍ୟାଣ୍ଡ ପଲ୍‌ସର(୧୫୦ସିସି) ମୋଟରସାଇକେଲ ବିକ୍ରୟ ସମ୍ପର୍କରେ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଖିଥିଲେ। ଏହାପରେ ସେ ଅଭିଯୁକ୍ତ ସାଗରଙ୍କ ସହିତ ଯୋଗାଯୋଗ କରି ତାଙ୍କୁ ଅନ୍‌ଲାଇନ ମାଧ୍ୟମରେ ୪୫ ହଜାର ଟଙ୍କା ଦେଇଥିଲେ। ପରେ ଅଭିଯୁକ୍ତ ଆରଟିଓ କାର୍ଯ୍ୟାଳୟ ନିକଟରେ ବାଇକ୍ ଆଣି ଜରିମାନା ବାକିଥିବା ବାହାନାରେ ଅତିରିକ୍ତ ୧୦ ହଜାର ଟଙ୍କା ନେଇଥିଲେ। କିଛି ସମୟ ପାଇଁ ଚାବି ଦେବା ପରେ ସେ ସେଠାରୁ ଗାଡ଼ି ଓ ଟଙ୍କା ସହିତ ଖସି ଯାଇଥିଲେ। ଏନେଇ ଚିନ୍ମୟ ଇନ୍‌ଫୋସିଟି ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୨୧୯/୨୦୨୬) ରୁଜୁ କରି ଅଭିଯୁକ୍ତଙ୍କୁ ବାଲୁଗାଁ ବସ୍ ଷ୍ଟାଣ୍ଡ ନିକଟରୁ ଗିରଫ କରିଥିଲା। ତଲାସି ସମୟରେ ତାଙ୍କ ନିକଟରୁ ନକଲି ନମ୍ବର ପ୍ଲେଟ ବିଶିଷ୍ଟ ଏକ ବାଇକ୍ ଜବତ କରାଯାଇଛି।

# ତିର୍ତ୍ତୋଲରେ ସେକ୍ସ ର୍ୟାକେଟ୍ ଠାବ: ମହିଳାଙ୍କ ସମେତ ୪ ଗିରଫ

ତିର୍ତ୍ତୋଲ, ୧୩।୪
(ଗୌରାଙ୍ଗ ଚରଣ ସାଇଁ)

ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଞ୍ଚଳରେ ସ୍ଥାନୀୟ ପୋଲିସ ରବିବାର ରାତିରେ ଚଢ଼ାଉ କରି ଏକ ସେକ୍ସ ର୍ୟାକେଟ ଠାବ କରିଛି। ଏହି ଅଭିଯୋଗରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରାଯାଇଛି। ଅନ୍ୟ ଜଣେ ଯୁବତୀଙ୍କୁ ଉଦ୍ଧାର କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଏରସମା ଥାନା ମହିମାଦେଇପୁର ଗ୍ରାମର ଏକ ଦମ୍ପତି ଓ ତିର୍ତ୍ତୋଲ ଗ୍ରାମର ରଞ୍ଜନ ମଲ୍ଲିକ, ପଙ୍କପାଳ ଗ୍ରାମର ବିଶ୍ୱଜିତ କଣ୍ଡ।

ଏନେଇ ତିର୍ତ୍ତୋଲ ଥାନା ପରିସରରେ ଏସ୍‌ଡିପିଓ ଅଜୟ କୁମାର ଦାସ ଏକ ଖବରଦାତା ସମ୍ମିଳନୀ ଡାକି ସୂଚନା ଦେଇଛନ୍ତି। ବିଶେଷ ସୂତ୍ରରୁ ଖବରପାଇ ତିର୍ତ୍ତୋଲ ପୋଲିସର ଏକ ଟିମ୍ ସ୍ଥାନୀୟ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତିର୍ତ୍ତୋଲସ୍ଥିତ ମୁଣ୍ଡାସାହିର ଏକ ଘର ଉପରେ ଚଢ଼ାଉ କରିଥିଲା। ଏହି ସମୟରେ ଜଣେ ଯୁବତୀ ଓ ପୁରୁଷ ଅନୈତିକ କାର୍ଯ୍ୟରେ ଲିପ୍ତ ଥିଲେ। ପୋଲିସ ସମ୍ପୃକ୍ତ ଯୁବତୀଙ୍କୁ ସେଠାରୁ ଉଦ୍ଧାର କରିବା ସହ ଅନ୍ୟମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଜେରା ସମୟରେ ଅଭିଯୁକ୍ତ ମହିଳା ପ୍ରତି ଗ୍ରାହକଙ୍କଠାରୁ ୭୦୦ ଟଙ୍କା ସଂଗ୍ରହ କରୁଥିଲା ବେଳେ ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ଯୁବତୀଙ୍କୁ ୩୦୦ ଟଙ୍କା ପ୍ରଦାନ କରୁଥିବା ସ୍ୱୀକାର କରିଛନ୍ତି। ଏହାପରେ ସମ୍ପୃକ୍ତା ମହିଳାଙ୍କଠାରୁ ଗୋଟିଏ ମୋବାଇଲ ଫୋନ ଏବଂ ୨୦୫୦ ଟଙ୍କା ଜବତ କରାଯାଇଛି। ଏଥିସହ ଉଦ୍ଧାର ହୋଇଥିବା ଯୁବତୀଙ୍କଠାରୁ ଏକ ଭ୍ୟାନିଟି ବ୍ୟାଗ, ମୋବାଇଲ ଫୋନ, ୩୫୦ ଟଙ୍କା ସମେତ କସ୍‌ମେଟିକ୍ ସାମଗ୍ରୀ ଓ ଲୁଗାପଟା ଥିବା ଏକ ବ୍ୟାଗ ଓ ଗୋଟିଏ ହୋଣ୍ଡା ସ୍କୁଟି( ଓଡି୨୧କେ-୮୭୩୧) ଜବତ କରାଯାଇଛି । ଏନେଇ ପୋଲିସ ଥାନାରେ ମାମଲା (ନଂ.୨୩୧/୨୬) ରୁଜୁ କରିଛି।

# ଇମ୍ରାନ୍‌ଙ୍କ ସହଯୋଗୀଙ୍କୁ ଏସ୍‌ଟିଏଫ୍ ଜେରା

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

## ଦେଶ ବିରୋଧୀ ପୋଷ୍ଟ ଘଟଣା



- ଉଭୟ ମିଶି ଦିଲ୍ଲୀ ସମେତ ୩ଟି ରାଜ୍ୟ ବୁଲିଥିଲେ
- ଦୁଇଟି ହ୍ୱାଟ୍ସଆପ୍ ଗ୍ରୁପ୍‌ର ଆଡ୍‌ମିନ୍ ସାଜି ଦେଶ ବିରୋଧୀ ପୋଷ୍ଟ କରୁଥିଲେ
- ଟେରର ଫଣ୍ଡିଂ ଲିଙ୍କ୍‌ରେ ମା'ବାପାଙ୍କୁ ଜେରା

ସାମାଜିକ ଗଣମାଧ୍ୟମରେ ଦେଶ ବିରୋଧୀ ମନ୍ତବ୍ୟ ପୋଷ୍ଟ କରିବା ଅଭିଯୋଗରେ ଗିରଫ ହୋଇଥିବା ଗଙ୍ଗନଗରର ଶେଖ ଇମ୍ରାନ୍‌ଙ୍କ ବନ୍ଧୁ ଲିଟୁଙ୍କୁ ସୋମବାର ଏସ୍‌ଟିଏଫ୍ ମାରାଥନ ଜେରା କରିଛି। ସୋମବାର ପୂର୍ବାହ୍ନ ୧୧ଟାରେ ଲିଟୁ ଏସ୍‌ଟିଏଫ ଅଫିସରେ ପହଞ୍ଚିବା ପରେ ଏସ୍‌ପି ରବି ଶତପଥୀ ଏବଂ ଅତିରିକ୍ତ ଏସ୍‌ପି ମାରାଥନ୍ ଜେରା କରଥିଲେ। ଜେରା ସମୟରେ ଲିଟୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏସ୍‌ଟିଏଫ୍ ଆଗରେ ପ୍ରକାଶ କରିଛନ୍ତି। ଲିଟୁ କହିଛନ୍ତି, ପ୍ରାୟ ୧୦ ବର୍ଷ ଧରି ଇମ୍ରାନଙ୍କ ସହ ସମ୍ପର୍କ ରହିଛି। ଦୁହେଁ ମିଶି ଟ୍ରେନ ଯୋଗେ ଦିଲ୍ଲୀ ଯାଇଥିଲେ। ଫେରିବା ବେଳକୁ ପ୍ରାୟ ୩ଟି ରାଜ୍ୟ ବୁଲି ବୁଲି ବସ୍ ଯୋଗେ ଭୁବନେଶ୍ୱର ଫେରିଥିଲେ। ଏପରିକି ବିଭିନ୍ନ ସ୍ଥାନରେ ଥିବା ମସ୍‌ଜିଦ, ଏକାଧିକ ଲୋକଙ୍କ ସହ ଯୋଗାଯୋଗରେ ଥିଲେ। ଦୁଇ ଦୁଇଟି ଗ୍ରୁପ୍‌ର ଆଡ୍‌ମିନ ସାଜିଥିଲେ ଇମ୍ରାନ। ଉକ୍ତ ଗ୍ରୁପରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକଙ୍କୁ ନିଯୋଜିତ କରିବା ପ୍ରାଥମିକ କାମ ଥିଲା। ଏପରି କି ସେମାନଙ୍କୁ ଧର୍ମାନ୍ତରୀକରଣ ନେଇ ଉସୁକାଇବା ଭଳି ତଥ୍ୟ ଦେଉଥିଲେ। ଏସ୍‌ଟିଏଫ୍ ଜେରା ବେଳେ ଏଭଳି ଅନେକଗୁଡ଼ିଏ ଗୁମର ଖୋଲିଛନ୍ତି ଇମ୍ରାନଙ୍କ ସାଙ୍ଗ ଲିଟୁ। ସେପଟେ ଲିଟୁ ସନ୍ଦେହ ଘେରରେ ଥିବାରୁ ତାଙ୍କର ସମସ୍ତ ସୋସିଆଲ ମିଡିଆ ଆକାଉଣ୍ଟକୁ ଏସ୍‌ଟିଏଫ୍ ଫ୍ରିଜ୍ କରିଛି। ଇମ୍ରାନଙ୍କ ସହ ଯୋଗାଯୋଗରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଗୋଟି ଗୋଟି କରି ପଚରାଉଚରା କରାଯିବ ବୋଲି କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ ଏସ୍‌ପି ଶତପଥୀ ସୂଚନା ଦେଇଛନ୍ତି। ଲିଟୁକୁ ସୋସିଆଲ ମିଡିଆ ସମ୍ପର୍କରେ ପ୍ରାଥମିକ ଭାବରେ ପଚରାଉଚରା ସରିଛି। ଆଗକୁ ବଣ୍ଟି ଏବଂ ଚନ୍ଦନଙ୍କ ଘରକୁ ଯାଇ ତଦନ୍ତକାରୀ ଟିମ୍ ତନାଘନା କରିବ। ଏସ୍‌ଟିଏଫ୍ ପଚରାଚରା ବେଳେ ଲିଟୁ ଏସମସ୍ତଙ୍କ ନାଁ ଏସ୍‌ଟିଏଫ ଆଗରେ ପ୍ରକାଶ କରିଛନ୍ତି। ଆହୁରି ମଧ୍ୟ ଟେରର ଫଣ୍ଡିଂ ନେଇ ଏସ୍‌ଟିଏଫ୍ ଇମ୍ରାନଙ୍କ ବାପା, ମା'ଙ୍କୁ ମଧ୍ୟ ପଚରାଚରା କରିଛି। ପୁଅଙ୍କ ପାଖକୁ କେଉଁଠୁ ଟଙ୍କା ଆସୁଥିଲା ଏବଂ ସେ ପରିବାର ଲୋକଙ୍କୁ କ'ଣ କହୁଥିଲେ, ସବୁ କିଛି ପଚରାଉଚରା କରୁଛି ଏସ୍‌ଟିଏଫ୍। ଆହୁରି ମଧ୍ୟ ଇମ୍ରାନଙ୍କ ବ୍ୟାଙ୍କ୍ ଆକାଉଣ୍ଟ ସହ ତାଙ୍କ ମା'ବାପାଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଯାଞ୍ଚ କରାଯାଉଛି। ବଡ଼ କଥା ହେଲା ଇମ୍ରାନ୍ ସୋସିଆଲ ମିଡିଆରେ ଦେଶ ବିରୋଧୀ ଏବଂ ହିଂସା ଘଟାଇବା ଭଳି ପୋଷ୍ଟ ଦେବା ପାଇଁ ଏକ ଗ୍ୟାଙ୍ଗ୍ ଗଢିଥିଲେ। ଏଥିରେ ତାଙ୍କ ସାଙ୍ଗମାନଙ୍କୁ ଯୋଡ଼ି ଦେଶବିରୋଧୀ ପୋଷ୍ଟ କରିବାକୁ ଉତ୍ସାହିତ କରୁଥିଲେ। ପ୍ରତି ମାସରେ ସେ ମୋବାଇଲ୍ ବଦଳାଉଥିବା ଲିଟୁ ଏସ୍‌ଟିଏଫ୍ ଆଗରେ ପ୍ରକାଶ କରିଥିବା ଜଣାପଡ଼ିଛି।

# କେନାଲ ବନ୍ଧରୁ ମଣିଷ କଙ୍କାଳ ଜବତ



ବାରଙ୍ଗ, ୧୩।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତା କଡ଼ରୁ ସୋମବାର ପୋଲିସ ମଣିଷ କଙ୍କାଳ ଜବତ କରିଛି। ଖବର ପାଇ ବାରଙ୍ଗ ଥାନା ଓ ଗୋଡିସାହି ଫାଣ୍ଡି ପୋଲିସ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ଉକ୍ତ କଙ୍କାଳକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୬) ରୁଜୁ କରିଛି। ମିଳିଥିବା ମଣିଷ କଙ୍କାଳ ଜଣେ ମହିଳାଙ୍କ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରିଛି।

ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପୁରୀ ମୁଖ୍ୟ କେନାଲ ବନ୍ଧ ରାସ୍ତାକଡ଼କୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ କେନାଲ କୂଳରେ ଏକ ଧଳା ଜରିଅଖା ଭିତରେ ଏକ ମଣିଷ କଙ୍କାଳ ରହିଥିବା ଦେଖିଥିଲେ। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଲୋକଙ୍କ ଭିଡ ଆରମ୍ଭ ହୋଇଯାଇଥିଲା। ଅନ୍ୟପଟେ ପୋଲିସ ପହଞ୍ଚି ତଦନ୍ତ କରିବା ପରେ ଉକ୍ତ ଧଳା ଜରିଅଖା ଭିତରୁ ମହିଳାଙ୍କର ଅନ୍ତବସ୍ତ୍ର ମିଳିଛି।

# ଅନ୍‌ଲାଇନ ନିବେଶ ଆଳରେ ୫୧ ଲକ୍ଷ ଠକେଇ

ଅନୁଗୋଳ,୧୩।୪(ଜ୍ୟୋତିରଞ୍ଜନ ସାହୁ)

ଅନ୍‌ଲାଇନ ନିବେଶ ଆଳରେ ଅନୁଗୋଳ ଜିଲା ତାଳଚେରର ଜଣେ ଯୁବକଙ୍କ ଠାରୁ ସାଇବର ଠକମାନେ ୫୧ ଲକ୍ଷ ଟଙ୍କା ଲୁଟିନେଇଛନ୍ତି। ଠକେଇର ଶିକାର ହୋଇଥିବା ସମ୍ପୃକ୍ତ ଯୁବକ ଏ ନେଇ ରବିବାର ରାତିରେ ଅନୁଗୋଳ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ତାଳଚେର ଅଞ୍ଚଳର ବିକାଶ ସାହୁ ୨୦୨୫ ଅକ୍ଟୋବରରେ ଗୁଗଲରେ ଏଆଇ ଷ୍ଟକ୍ ରିସର୍ଚ୍ଚ ସନ୍ଧାନ କରିବା ବେଳେ ଏକ ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ଯୋଡ଼ି ହୋଇଥିଲେ। ପରେ ଅଜଣା ନମ୍ବରରୁ ତାଙ୍କ ନିକଟକୁ ମେସେଜ୍ ଆସିଥିଲା। ଏକ ଲିଙ୍କ୍ ପଠାଯାଇ ଆପ୍ ଡାଉନଲୋଡ୍ କରି ସେଥିରେ ନିବେଶ କଲେ ଅଧିକ ଲାଭ ମିଳିବ ବୋଲି ପ୍ରଲୋଭିତ କରାଯାଇଥିଲା। ବିକାଶ ପ୍ରଥମେ କିଛି ଟଙ୍କା ନିବେଶ କରି ଲାଭ ପାଇଥିଲେ। ଏହାପରେ ଲୋଭରେ ପଡ଼ି ୧୦ଟି ଆକାଉଣ୍ଟ ମାଧ୍ୟମରେ ୨୮ଟି ଟ୍ରାଞ୍ଜାକଶନରେ ମୋଟ ୫୧ ଲକ୍ଷ ୧୨ ହଜାର ଟଙ୍କା ନିବେଶ କରିଥିଲେ। ହେଲେ ପରେ ତାଙ୍କୁ ଆଉ ଟଙ୍କା ମିଳି ନ ଥିଲା। ଠକମାନଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ସେ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ଏ ନେଇ ସେ ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚାଲୁରଖିଛି।

# ବୁଢ଼ାବଳଙ୍ଗ ନଦୀରୁ ଯୁବକଙ୍କ ମୃତଦେହ ଜବତ

ବାଲେଶ୍ୱର, ୧୩।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଟାଉନ ଥାନା ପୁରୁଣାବାଲେଶ୍ୱର ଦୁର୍ଗାମଣ୍ଡପ ସମ୍ମୁଖ ବୁଢ଼ାବଳଙ୍ଗ ନଦୀରୁ ସୋମବାର ଅପରାହ୍ନ ୧ଟା ବେଳେ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ଟାଉନ ଥାନା ବଡଖୁଆ ଚିଲଖାନା ଅଞ୍ଚଳର ଲାଲମୋହନ ହାଁସଦା(୨୭)। ରବିବାର ନଦୀ କୂଳରେ ବସି ଖଡ଼ା ପକାଇ ମାଛ ଧରୁଥିବା ବେଳେ ଖଡା କଣ୍ଟା ନଦୀ ଜଳରେ ଅଟକିଯିବାରୁ ସେ ନଦୀ ଜଳକୁ ଓହ୍ଲାଇଥିଲେ। ପରେ ନଦୀରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଦମକଳ ବିଭାଗ ପକ୍ଷରୁ ଖୋଜାଖୋଜି କରି ମଧ୍ୟ ତାଙ୍କର ମୃତଦେହ ମିଳି ନ ଥିଲା। ସୋମବାର ତାଙ୍କର ମୃତଦେହ ବୁଡ଼ିଥିବା ସ୍ଥାନର କିଛି ଦୂରରୁ ମିଳିଥିଲା। ଏ ସମ୍ପର୍କରେ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

# କଲରାପତରିଆ ବାଘଛାଲ ଜବତ, ୫ ଗିରଫ

ଡାବୁଗାଁ, ୧୩।୪ (ପ୍ରଜ୍ଞାରଞ୍ଜନ ପରିଡ଼ା)


ଜବତ ବାଘଛାଲ ସହ ଗିରଫ ଅଭିଯୁକ୍ତ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ୍ ସଦର ମହକୁମା ନିକଟ ସିକିଲି ସଂରକ୍ଷିତ ଜଙ୍ଗଲରେ ସୋମବାର ବନ ବିଭାଗ ଚଢ଼ାଉକରି ଏକ କଲରାପତରିଆ ବାଘଛାଲ ଜବତ କରିବା ସହ ୫ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଥାନା ଅଧୀନ ବଣିଆ ଗ୍ରାମର ଅର୍ଜୁନ ହରିଜନ (୩୦),ପୋଖନାଗୁଡ଼ା ଗ୍ରାମର ମିହିର ହରିଜନ (୨୫), ମଇଦଲପୁର ଥାନା ଅଧୀନ ମଇଦଲପୁର ଗ୍ରାମର ଶିବ କଲାର (୩୮) ଓ କେଦାରନାଥ ବିଶୋୟୀ (୪୨) ଏବଂ ଗୋପିଗୁଡ଼ା ଗ୍ରାମର ବଇଚନ୍ଦ୍ର ମଙ୍ଗଲି (୪୯)। ପୋଲିସ ସେମାନଙ୍କ ନିକଟରୁ ୨ ବାଇକ୍ ଜବତ କରିଛି।

ମଇଦଲପୁର ଅଞ୍ଚଳର ମାଫିଆମାନେ କଳାହାଣ୍ଡି ଜିଲା କାର୍ଲପାଟ ଅଭୟାରଣ୍ୟ ଅଞ୍ଚଳରୁ ଏକ କଲରାପତରିଆ ବାଘଛାଲ ଆଣି ବିକ୍ରୟ ପାଇଁ କୋରାପୁଟକୁ ନେଉଥିଲେ। ଏ ସମ୍ପର୍କରେ ଡାବୁଗାଁ ବନ ବିଭାଗ ଖବରପାଇ ମଇଦଲପୁର ନିକଟରେ ଜଗି ରହିଥିଲେ। ବନ କର୍ମଚାରୀ ଜଗିଥିବା ଖବରପାଇ ମାଫିଆମାନେ ରାସ୍ତା ବଦଳାଇ ବିଭିନ୍ନ ଜଙ୍ଗଲ ଦେଇ ଆସି ଡାବୁଗାଁ ନିକଟ ସିକିଲି ଜଙ୍ଗଲରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ଲୁଚି ରହିଥିବା ବନ ବିଭାଗ କର୍ମଚାରୀ ସେମାନଙ୍କୁ ଚାରିପଟୁ ଘେରିଯାଇ ୨ ଜଣଙ୍କୁ କାବୁକରି ଡାବୁଗାଁ ବନ କାର୍ଯ୍ୟାଳୟକୁ ଆଣିଥିଲେ। ସେମାନଙ୍କୁ ପଚରାଉଚରା ପରେ ସହଯୋଗୀ ୩ ଜଣଙ୍କୁ ମଇଦଲପୁରଠାରୁ ଡାବୁଗାଁ ଅଣାଯାଇଥିଲା। ସମସ୍ତଙ୍କୁ ପଚରାଉଚରା କରିବା ପରେ ଉକ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ଏ ନେଇ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟ କେସ୍ ନଂ. ୧/୨୬ରେ ଏକ ମାମଲା ରୁଜୁ କରାଯାଇଛି । ନବରଙ୍ଗପୁର ବନଖଣ୍ଡ ଅଧିକାରୀ ଶୁଭେନ୍ଦୁ ପ୍ରାସାଦ ବେହେରାଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନ ସଂରକ୍ଷକ ଦିବ୍ୟାମାଧୁରୀ ସେଠୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ଜଟଣୀରେ ଏକ ସଭାରେ ହୋଇଥାନ୍ତା ବିସ୍ଫୋରଣ

ଭୁବନେଶ୍ୱର,୧୩।୪(ତ୍ରିନାଥ ମହାନ୍ତି)

## ସୁନ୍ଦରପଦା ବୋମା ବିସ୍ଫୋରଣ ଘଟଣା

- ମୁଫିଙ୍କ ବାନ୍ଧବୀ,ବନ୍ଧୁଙ୍କୁ ଏନ୍‌ଆଇଏ ଜେରା ପରେ ଫିଟିଲା ରହସ୍ୟ
- ବୋମାରେ ହେକ୍ସାହାଇଡ୍ରୋ ଟ୍ରାଇନାଇଟ୍ରୋ ଭଳି ରାସାୟନିକ ବ୍ୟବହାର
- ଇଣ୍ଟରନେଟ୍‌ରୁ ଦେଖି ବୋମା ଭିଡ଼ିବା କୌଶଳ ଶିଖିଥିଲେ ମୁଫି

ସୁନ୍ଦରପଦା ଆଜାଦ୍‌ନଗର ବିସ୍ଫୋରଣ ଘଟଣାରେ ଏନ୍‌ଆଇଏ ହାତରେ ଲାଗିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ। ସୋମବାର ମୃତ ମୁଫି ଓରଫ ଶେହନ୍‌ୱାଜ୍ ହୁସେନଙ୍କ ବାନ୍ଧବୀ ଏବଂ ବନ୍ଧୁଙ୍କୁ ମାରାଥନ ଜେରା କରିବା ପରେ ଏହି ବୋମା ବିସ୍ଫୋରଣର ରହସ୍ୟ ଖୋଲିଛି। ମୁଫି ଜଟଣୀର ଏକ ସଭାରେ ଏହି ବୋମା ବିସ୍ଫୋରଣ କରିବାର ଯୋଜନା କରିଥିଲେ। ତେବେ କେଉଁ ସଭା ଏବଂ କେଉଁ ବ୍ୟକ୍ତିଙ୍କ ସେ କ୍ଷତି କରିବାକୁ ଚାହୁଁଥିଲେ ତାହା ଜଣାପଡ଼ି ନାହିଁ। ଏନେଇ ଏନ୍‌ଆଇଏ ସବୁ ଦିଗରୁ ଖୋଳତାଡ଼ କରୁଛି। ଜଟଣୀର କେତେଜଣ ଲୋକଙ୍କ ସହ ମୁଫିଙ୍କ ଝଗଡ଼ା ହୋଇଥିଲା। ଏପରିକି ଉଭୟ ମଧ୍ୟ ହାତାହାତି ହୋଇଥିଲେ, ଯାହାକୁ ନେଇ ମୁଫି ସେମାନଙ୍କୁ ଉଡ଼ାଇ ଦେବାକୁ ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଏଥିପାଇଁ ସେ ଘଟଣାର ମାସକ ପୂର୍ବରୁ ଯୋଜନା କରି ଉତ୍ତରପ୍ରଦେଶ ଯାଇଥିଲେ। ସେଠାରୁ ସେ ଏହି ବିସ୍ଫୋରକ ପଦାର୍ଥ ସାଥିରେ ଆଣି ଭୁବନେଶ୍ୱର ଫେରିଥିଲେ। ଆହୁରି ମଧ୍ୟ ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ୍‌ରୁ ବୋମାରେ ବ୍ୟବହାର ହୋଇଥିବା ରାସାୟନିକ ପଦାର୍ଥର ରିପୋର୍ଟ ଆସିଛି। ଏଥିରେ ମୁଫି ହେକ୍ସାହାଇଡ୍ରୋ ଟ୍ରାଇନାଇଟ୍ରୋ ଭଳି ରାସାୟନିକ ବ୍ୟବହାର କରିଥିଲେ। ଏହି ରାସାୟନିକ ପଦାର୍ଥ ବଡ଼ ବଡ଼ ବିସ୍ଫୋରଣରେ ବ୍ୟବହାର କରାଯାଏ। ମୁଫି ଏହି ରାସାୟନିକ ପଦାର୍ଥ ଆଣିବା ପରେ ଇଣ୍ଟରନେଟ୍ ଦେଖି ବୋମା ଭିଡ଼ିବା କୌଶଳ ଶିଖିଥିଲେ। ଆହୁରି ମଧ୍ୟ ତାଙ୍କ ମା' ଲିଜାତୁନ୍ ପୂର୍ବରୁ ବୋମା ଭିଡ଼ିବା ଜାଣିଥିବାବେଳେ ତାଙ୍କୁ ବତାଇବା ପାଇଁ ଛାତ ଉପରକୁ ଡାକିଥିଲେ ମୁଫି। ଏହାପରେ ବାନ୍ଧବୀ ଏବଂ ବନ୍ଧୁ ବୋମା ଭିଡ଼ିବାର କୌଶଳ ଶିକ୍ଷା କରିବା ପାଇଁ ସେ ଛାତ ଉପରକୁ ଡାକିଥିବା ଏନ୍‌ଆଇଏ ଆଗରେ ୨ଜଣ ବୟାନ ଦେଇଛନ୍ତି।

ସିଡିଆର ରିପୋର୍ଟ ଆଧାରରେ ମୁଫିଙ୍କ ବାନ୍ଧବୀ ଓ ସହଯୋଗୀଙ୍କୁ ଜେରା କରାଯାଇଥିଲା। ସେପଟେ ସହଯୋଗୀଙ୍କ ବୟାନ ରେକର୍ଡ ସହ ଜବତ ସିଡିଆର ରିପୋର୍ଟ ମଧ୍ୟ ଆତଙ୍କୀଙ୍କ ମୁଖା ଖୋଲି ଦେଇପାରେ ବୋଲି କୁହାଯାଉଛି। ଏଭଳି କ୍ଷେତ୍ରରେ ରାଜ୍ୟ ବାହାର ଅପରାଧୀଙ୍କ ସହ ମୁଫିଙ୍କ ଲିଙ୍କ୍ ରହିଥିବା ସ୍ପଷ୍ଟ ହୋଇଛି। ମୁଫିଙ୍କୁ ୟୁପିର କେଉଁ ବ୍ୟକ୍ତି ବିସ୍ଫୋରଣ ସାମଗ୍ରୀ ଦେଇଥିଲେ ତାହାକୁ ନେଇ ମଧ୍ୟ ଏନ୍‌ଆଇଏ ଖୋଳତାଡ଼ କରୁଛି। ରାଜ୍ୟ ବାହାର ଫଣ୍ଡିଂ ନେଇ ମଧ୍ୟ ଖୋଳତାଡ଼ କରାଯାଉଛି। ବଡ଼ କଥା ହେଲା ମୁଫିଙ୍କ ଖଟି ଥିବା ଜୟଦେବ ବିହାର, ସୁନ୍ଦରପଦାର କେତେଜଣ ଯୁବକ ଏବେ ଏନ୍‌ଆଇଏ ସ୍କାନରରେ ରହିଛନ୍ତି। ସେମାନଙ୍କ ତାଲିକା କରାଯାଇଛି। ଖୁବ୍ ଶୀଘ୍ର ସେମାନଙ୍କୁ ପଚରାଉଚରା କରାଯିବ। ଆହୁରି ମଧ୍ୟ ମୁଫି ଜଣେ ପେସାଦାର ଅପରାଧୀ। ଗୋରୁ ମାଫିଆ, ଗଞ୍ଜେଇ ମାଫିଆ ଏବଂ ବନ୍ଧୁକ ମାଫିଆଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଛି।



ଔପଚାରିକ ଶିକ୍ଷା ଜଣଙ୍କୁ ଜୀବନଧାରଣ ପାଇଁ ସୁଯୋଗ ଦେଇପାରେ, କିନ୍ତୁ ଆତ୍ମଜ୍ଞାନ ଓ ଶିକ୍ଷା ମଣିଷର ଭାଗ୍ୟ ନିର୍ଦ୍ଧାରଣ କରିବାକୁ ବାଟ କଢ଼ାଇଥାଏ ।

– ଜିମ୍ ରନ୍ (ଶିଳ୍ପୋଦ୍ୟୋଗୀ ଓ ଲେଖକ)



ବିଏସ୍ଇ ସେନ୍‌ସେକ୍ସ
୭୬, ୮୪୭ (–୭୦୨)



୧ ଡଲାର = ୯୩.୩୯ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍)
୧୦୧.୦୦ ଡଲାର

# ଯୁଦ୍ଧ ପ୍ରଭାବରେ ବଢ଼ିଛି ଖାଦ୍ୟପଦାର୍ଥ ମୂଲ୍ୟ

## ମାର୍ଚ୍ଚରେ ଖାଉଟି ମୁଦ୍ରାସ୍ଫୀତି ୩.୪%




**ନୂଆଦିଲ୍ଲୀ, ୧୩।୪**

୨୦୨୬ ମାର୍ଚ୍ଚରେ ଦେଶର ଖାଉଟି ମୁଦ୍ରାସ୍ଫୀତି ହାର ୩.୪ ପ୍ରତିଶତ ରହିଥିବା ସୋମବାର କେନ୍ଦ୍ର ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି। ଏହାପୂର୍ବ ମାସ ଅର୍ଥାତ୍ ଫେବୃଆରୀରେ ଖାଉଟି ମୁଦ୍ରାସ୍ଫୀତି ୩.୨ ପ୍ରତିଶତ ରହିଥିଲାବେଳେ ମାର୍ଚ୍ଚରେ ଏହା ବୃଦ୍ଧି ପାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ଇନ୍ଧନ ଯୋଗାଣ କ୍ଷେତ୍ର ବ୍ୟାହତ ହେବା ଏବଂ ଉଭୟ ଘରୋଇ ଓ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ବୃଦ୍ଧି ଘଟିବା କାରଣରୁ ଖାଉଟି ସ୍ତରରେ ଅନେକ ସାମଗ୍ରୀ ମୂଲ୍ୟ ବୃଦ୍ଧି ହୋଇଛି। ଏହାକୁ ନେଇ ଖାଉଟି ମୂଲ୍ୟସୂଚୀ ଆଧାରରେ ହାରାହାରି ଭାବେ ଖାଉଟି ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଥିବା କୁହାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ଏନ୍‌ଏସଓ) ତଥ୍ୟ ଅନୁସାରେ ପୂର୍ବ ତୁଳନାରେ ଖାଦ୍ୟ ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇଛି। ଗତ ଫେବୃଆରୀରେ ଏହା ୩.୪୭ ପ୍ରତିଶତ ରହିଥିଲାବେଳେ ମାର୍ଚ୍ଚରେ ଏହା ୩.୮୭ ପ୍ରତିଶତ ଛୁଇଁଛି। ବର୍ତ୍ତମାନ ସୁଦ୍ଧା ସୁନା ଓ ରୁପା ସମେତ ନଡ଼ିଆ,ଟମାଟୋ ଏବଂ ଫୁଲକୋବି ସମେତ ଆଉ କିଛି ପରିବା ଓ ଫଳ ମୂଲ୍ୟରେ ବୃଦ୍ଧି ହୋଇଛି। ହେଲେ ଆଳୁ , ରସୁଣ, ହରଡ଼ ଡାଲି ଏବଂ ମଟର ଆଦି ଖାଦ୍ୟ ପଦାର୍ଥ ମୂଲ୍ୟରେ ସାମାନ୍ୟ ହ୍ରାସ ଘଟିଥିବା କୁହାଯାଇଛି। ଅନ୍ୟପକ୍ଷରେ ବିଦ୍ୟୁତ ଶକ୍ତି, ଗ୍ୟାସ୍ ଏବଂ ଅନ୍ୟାନ୍ୟ ଇନ୍ଧନ ମୂଲ୍ୟରେ ବର୍ତ୍ତମାନ ୧.୬୫ ପ୍ରତିଶତ ବୃଦ୍ଧି ଘଟିଛି। ଆଗକୁ ଯୁଦ୍ଧ ଜାରି ରହିଲେ ଖାଉଟି ମୁଦ୍ରାସ୍ଫୀତି ହାରାହାରି ଭାବେ ଆହୁରି ବଢ଼ିବ ବୋଲି ଆଶଙ୍କା ସୃଷ୍ଟି କରିଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ ଏମ୍‌ପିସି ବୈଠକରେ ରେପୋ ହାର ଅପରିବର୍ତ୍ତିତ ରଖିବା ସହିତ ବଜାର ଦରକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ଲାଗି ପଦକ୍ଷେପ ନେଇଛନ୍ତି।

# ୨୦୨୭ରୁ ଅଟୋମୋବାଇଲ କ୍ଷେତ୍ର ପାଇଁ ବାଧ୍ୟତାମୂଳକ ହେବ 'କାଫେ–୩' ନିୟମ

**ନୂଆଦିଲ୍ଲୀ, ୧୩।୪**



୨୦୨୭ ଏପ୍ରିଲ ୧ରୁ ଯାନ ନିର୍ମାଣକାରୀ କମ୍ପାନୀଙ୍କ ପାଇଁ ଇନ୍ଧନ ଦକ୍ଷତା ନିୟମ( କର୍ପୋରେଟ୍ ଫୁଏଲ ଏଫିସିଏନ୍ସି–୩') ପାଳନ ବାଧ୍ୟତାମୂଳକ ହେବ। ଚଳିତ ବର୍ଷଠାରୁ ଏହାକୁ ଲାଗୁ କରିବାକୁ ଯୋଜନା କରାଯାଇଥିଲେ ହେଁ କେତେକ ଦିଗକୁ ଦୃଷ୍ଟିରେ ରଖି ଆସନ୍ତାବର୍ଷକୁ ଘୁଞ୍ଚାଇ ଦିଆଯାଇଛି। କିନ୍ତୁ ୨୦୨୭ ଏପ୍ରିଲ ପରେ ଏହି ନିୟମ ଲାଗୁ କରିବା ନେଇ ଆଉ ସମୟ ଦିଆଯାଇପାରିବ ନାହିଁ ବୋଲି ଭାରି ଶିଳ୍ପ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ହାନିଫ୍ କ୍ୟୁରେସି ସୋମବାର ସ୍ପଷ୍ଟ କରିଛନ୍ତି। ୨୦୨୭ରୁ ଏହାକୁ ଲାଗୁ କରିବାକୁ ସରକାରୀ ସ୍ତରରେ ନିଷ୍ପତ୍ତି ହୋଇସାରିଛି ଏବଂ ଏଥିପାଇଁ ଅଟୋମୋବାଇଲ କମ୍ପାନୀଗୁଡିକ ସହ ନିୟମିତ ଯୋଗାଯୋଗ ଜାରି ରହିଥିବା ସେ କହିଛନ୍ତି। ତେବେ ଯାନର ଶ୍ରେଣୀ ଏବଂ କ୍ଷମତାକୁ ନେଇ ଏହି ନିୟମ ଲାଗୁ କରିବା ଦିଗରେ ଅଟୋମୋବାଇଲ କମ୍ପାନୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ରହିଥିଲାବେଳେ ଏହାକୁ ଦୂର କରିବା ଲାଗି ବିଭିନ୍ନ ସ୍ତରରେ ଆଲୋଚନା ଚାଲିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଗାଡିର ଇନ୍ଧନ କ୍ଷମତାକୁ ନେଇ ପ୍ରଦୂଷଣ ମାତ୍ରାକୁ ଧାର୍ଯ୍ୟ ନିୟମ ଓ ସର୍ତ୍ତ ମୁତାବକ ରଖିବାକୁ କାଫେ–୩ ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି।

# ଅକ୍ଷୟତୃତୀୟାରେ ସେନ୍‌କୋ ଗୋଲ୍ଡର ବ୍ୟାଙ୍ଗଲ୍ ଉତ୍ସବ



**ମୁମ୍ବାଇ, ୧୩।୪**

ଚଳିତ ବର୍ଷ ଅକ୍ଷୟ ତୃତୀୟା ଅବସରରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଏମଣ୍ଡସ ପକ୍ଷରୁ 'ବ୍ୟାଙ୍ଗଲ ଉତ୍ସବ–୨୦୨୬'ର କରାଯାଇଛି। ସେନ୍‌କୋ ଗୋଲ୍ଡ ପକ୍ଷରୁ ଅକ୍ଷୟ ତୃତୀୟ ଅବସରରେ ଗ୍ରାହକମାନଙ୍କୁ ନୂତନ ଅନୁଭବ ଦେବାକୁ ଏହି ଉତ୍ସବ ଆୟୋଜନ କରାଯାଇଛି। ବିଶେଷକରି ଯୁବପିଢ଼ିର ଗ୍ରାହକମାନଙ୍କୁ ଦୃଷ୍ଟିରେ ରଖି ସେମାନଙ୍କ ଲାଗି ନୂତନ ଏବଂ ଆଧୁନିକ ଶୈଳୀରେ ପ୍ରସ୍ତୁତ ବ୍ୟାଙ୍ଗଲ ଉପଲବ୍ଧ କରାଯାଇଛି। ବ୍ୟାଙ୍ଗଲ ଉତ୍ସବକୁ ନେଇ 'ମେରି ଜିନ୍ଦେଗି ମେରେ ହାତୋଁ ମେ' ଅଭିଯାନ ଆରମ୍ଭ କରାଯାଇଛି। ଚଳିତ ବର୍ଷ ବ୍ୟାଙ୍ଗଲ ଉତ୍ସବରେ ପ୍ରାୟ ୫୦୦ କିସମର ସୁନା, ଡାଏମଣ୍ଡ ଏବଂ ପ୍ଲାଟିନମ୍‌ଯୁକ୍ତ ବ୍ୟାଙ୍ଗଲ ଗ୍ରାହକମାନଙ୍କ ଲାଗି ଉପଲବ୍ଧ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଅକ୍ଷୟ ତୃତୀୟା ଭଳି ପବିତ୍ର ଏବଂ ସମୃଦ୍ଧି ଦିବସରେ ଗ୍ରାହକଙ୍କ ରୁଚି ମୁତାବକ ଡିଜାଇନକୁ ଦୃଷ୍ଟି ଦେଇ ବିଭିନ୍ନ ଶ୍ରେଣୀର ବ୍ୟାଙ୍ଗଲ ପ୍ରସ୍ତୁତ କରାଯାଇଛି। କମ୍ପାନୀ ପକ୍ଷରୁ ସୁନା, ଡାଏମଣ୍ଡ ଗହଣା ମେକିଂ ଚାର୍ଜ ଉପରେ ସ୍ୱତନ୍ତ୍ର ଭାବେ ରିହାତି ଘୋଷଣା କରାଯାଇଛି। ଡାଏମଣ୍ଡଯୁକ୍ତ ଅଳଙ୍କାର ଉପରେ ୨୦ ପ୍ରତିଶତ ରିହାତି ସହିତ ମେକିଂ ଚାର୍ଜରେ ୭୫ ପ୍ରତିଶତ ଏବଂ ପ୍ରତି ୧୦ ଗ୍ରାମ୍ ସୁନା ଅଳଙ୍କାର ଉପରେ ସବାଧିକ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ । ନୂଆ ଡିଜାଇନର ଗହଣାର ଅନୁଭୂତି ନେବା ସହ ଅକ୍ଷୟ ତୃତୀୟାରେ ଜୀବନକୁ ଆହୁରି ସମୃଦ୍ଧ କରିବାର ଅବକାଶର ଉପଲବ୍ଧି ପାଇଁ ସେନ୍‌କୋ ଗୋଲ୍ଡ ଏହାର ଗ୍ରାହକମାନଙ୍କ ଲାଗି ଅପୂର୍ବ ସୁଯୋଗ ଆଣିଛି ବୋଲି ଏହାର ମାର୍କେଟିଂ ମୁଖ୍ୟ ଜୋଇତା ସେନ୍ କହିଛନ୍ତି।

# ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଜନସମାଗମ ବଢୁଛି

**ଭୁବନେଶ୍ୱର, ୧୩।୪**




ଜନତା ମୈଦାନଠାରେ ଚାଲିଥିବା ୧୩ତମ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବାବେଳେ ଚତୁର୍ଥ ଦିନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ୧୫ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବା ସହ ଦେଶ ବିଦେଶରୁ ଆସିଥିବା ସାମଗ୍ରୀ ପରଖିବା ଏବଂ କିଣିବାକୁ ଭିଡ଼ ଜମୁଛି। ଏଠାରେ ବିଭିନ୍ନ କିସମର ଖୋଦେଇ ଫର୍ନିଚର୍ , ୩୦୦ ପ୍ରକାରର ଡ୍ରାଏ ଫ୍ରୁଟ୍ , ଦୁବାଇର ବକ୍‌ଲାଭା ପାଷ୍ଟ୍ରି ଲୋକମାନଙ୍କ ମଧ୍ୟରେ ବିଶେଷ ଚାହିଦା ବଢ଼ାଇଥିବା ଦେଖିବାକୁ ମିଳିଛି। ଏଥର ଏହି ମେଳାରେ ବିଭିନ୍ନ ଡିଜାଇନର ହସ୍ତତନ୍ତ କଲେକ୍ସନଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟର ହସ୍ତତନ୍ତ ଶାଢ଼ି ଓ ଡ୍ରେସ୍ ମ୍ୟାଟେରିଆଲ, ଆକର୍ଷଣୀୟ ଜୁଏଲେରି ଏବଂ ଆଣ୍ଟିକ୍ ସାମଗ୍ରୀର ସମ୍ଭାର ଲାଗିଛି। ଏହାଛଡ଼ା ବିଭିନ୍ନ ବର୍ଗର ଘରକରଣା ଓ ଘର ସାଜସଜ୍ଜା ସାମଗ୍ରୀ ଏବଂ ମହିଳାଙ୍କ ଲାଗି ପ୍ରସାଧନ ସାମଗ୍ରୀ ମଧ୍ୟ ଉପଲବ୍ଧ କରାଯାଇଛି। ବିଭିନ୍ନ ବ୍ରାଣ୍ଡର ଯାନ ମଧ୍ୟ ଅଟୋମୋବାଇଲ ପ୍ରତି ଆଗ୍ରହ ରଖୁଥିବା ଲୋକଙ୍କ ପାଇଁ ଆକର୍ଷଣୀୟ ହୋଇଛି। ଏହି ମେଳାରେ ଲାଗିଥିବା ବିଭିନ୍ନ ରାଜ୍ୟର ସୁସ୍ୱାଦୁ ଖାଦ୍ୟ ଲୋକଙ୍କୁ ଆହୁରି ଆନନ୍ଦ ଦେଉଛି ବୋଲି ବହୁ ପରିଦର୍ଶକ କହିଛନ୍ତି। ଏହି ମେଳା ଆସନ୍ତା ୨୦ ପର୍ଯ୍ୟନ୍ତ ଚାଲିବ ଏବଂ ପ୍ରତ୍ୟେକ ଦିନ ଅପରାହ୍ନ ୨ଟାରୁ ରାତି ୧୦ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଆୟୋଜକ ସଂସ୍ଥା ପକ୍ଷରୁ କୁହାଯାଇଛି।

# ଆଗକୁ ନିଯୁକ୍ତି କ୍ଷେତ୍ର ପାଇଁ ସଙ୍କଟଜନକ ସ୍ଥିତି: ବିଶ୍ୱବ୍ୟାଙ୍କ

**ୱାଶିଂଟନ୍ , ୧୩।୪**



ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଚଳିତ ସପ୍ତାହରେ ୱାଶିଂଟନ୍‌ଠାରେ ବୈଶ୍ୱିକ ସ୍ତରରେ ବିତ୍ତୀୟ ଅଧିକାରୀମାନଙ୍କ ବୈଠକ ହେବାକୁ ଯାଉଛି। କିନ୍ତୁ ଏହାପୂର୍ବରୁ ବିଶ୍ୱବ୍ୟାଙ୍କ ଆଗକୁ ନିଯୁକ୍ତି କ୍ଷେତ୍ର ପାଇଁ ଯେଭଳି ସଙ୍କଟ ସୃଷ୍ଟି ହେବାକୁ ଯାଉଛି, ସେ ସମ୍ପର୍କରେ ଚେତାଇ ଦେଇଛି। ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବକୁ ନେଇ ଆଗକୁ ବୈଶ୍ୱିକ ଅର୍ଥନୀତି କିଭଳି ପ୍ରଭାବିତ ହେବାକୁ ଯାଉଛି, ସେନେଇ ଦୁଇ ଦିନ ତଳେ ବିଶ୍ୱବ୍ୟାଙ୍କ ସଭାପତି ଅଜୟ ବାଙ୍ଗା ବିଶ୍ୱସମୁଦାୟକୁ ସତର୍କ କରାଇଦେଇଥିଲେ। ଏବେ ନିଯୁକ୍ତି କ୍ଷେତ୍ରରେ ବଡ଼ ସମସ୍ୟା ଦେଖାଯିବ ବୋଲି ସେ କହିଛନ୍ତି। କରୋନା କାଳରୁ ପ୍ରଭାବିତ ହୋଇ ଆସିଥିବା ବୈଶ୍ୱିକ ଅର୍ଥନୀତି ପରବର୍ତ୍ତୀ ସମୟରେ ବିଭିନ୍ନ କାରଣକୁ ନେଇ ମାନ୍ଦା ହୋଇଚାଲିଛି। କରୋନା ପରେ ରୁଷିଆ–ୟୁକ୍ରେନ ଯୁଦ୍ଧ ପ୍ରଭାବ ଅର୍ଥନୈତିକ ଧାରାକୁ ସଙ୍କୁଚିତ କରିଥିଲାବେଳେ ଏବେ ମଧ୍ୟପ୍ରାଚ୍ୟ ସ୍ଥିତି ଏହାକୁ ଆହୁରି ଗମ୍ଭୀର କରିଛି। ଏହିକ୍ରମରେ ଆଗାମୀ ୧୦ରୁ ୧୫ ବର୍ଷ ମଧ୍ୟରେ ସାରା ବିଶ୍ୱରେ ନିଯୁକ୍ତି କ୍ଷେତ୍ରରେ ଉତ୍କଟ ସମସ୍ୟା ଦେଖାଯାଇପାରେ ବୋଲି ବାଙ୍ଗା କହିଛନ୍ତି। ସେ କହିଛନ୍ତି, ବିଶ୍ୱର ବହୁ ପ୍ରଗତିଶୀଳ ରାଷ୍ଟ୍ରଗୁଡିକରେ ଆଗାମୀ ୧୦ ବର୍ଷ ମଧ୍ୟରେ ପ୍ରାୟ ୧୦୦ କୋଟିରୁ ଅଧିକ ତରୁଣ ନିଯୁକ୍ତ ହେବାକୁ ସୁଯୋଗ ଖୋଜିବେ। କିନ୍ତୁ ସେଥିମଧ୍ୟରୁ କେବଳ ୪୦ ଲକ୍ଷ ଲୋକ ନିଯୁକ୍ତି ପାଇବାକୁ ସୁଯୋଗ ପାଇବେ। ବାକି ୮୦ କୋଟିରୁ ଅଧିକ ଲୋକ ନିଯୁକ୍ତି ପାଇବା ଲାଗି ନାନା ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଗତ କିଛି ବର୍ଷ ହେଲା ବିଭିନ୍ନ କାରଣକୁ ନେଇ ବୈଶ୍ୱିକ ଅର୍ଥନୈତିକ ଧାରା ଯେଭଳି ପ୍ରଭାବିତ ହୋଇଚାଲିଛି ତଦ୍ୱାରା ଅର୍ଥନୈତିକ ଅଧୋଗତି ସହ ନିଯୁକ୍ତି କ୍ଷେତ୍ର ମଧ୍ୟ ମାତ୍ରାଧିକ ପ୍ରଭାବିତ ହେବ ବୋଲି ବାଙ୍ଗା ସତର୍କ କରାଇ ଦେଇଛନ୍ତି।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବୃଦ୍ଧି

**ଭୁବନେଶ୍ୱର,୧୩।୪(ଅନୁରାଧା ମହାରଣା)**

ଗ୍ରୀଷ୍ମ ଋତୁରେ ବୃଦ୍ଧି ପାଉଥିବା ଯାତ୍ରୀ ଭିଡ଼କୁ ସୁଚାରୁ ଭାବେ ପରିଚାଳନା କରିବା ଏବଂ ଯାତ୍ରାକୁ ସୁଗମ ଓ ସହଜ କରିବା ପାଇଁ ଭାରତୀୟ ରେଳପଥ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଟ୍ରେନ୍ ସଂଖ୍ୟା ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ଏହି ଟ୍ରେନଗୁଡ଼ିକ ଆନନ୍ଦ ବିହାର–ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର–କୋଲକାତା, ବିଶାଖାପାଟଣା–ଶାଲିମାର, ସମ୍ବଲପୁର–ଶାଲିମାର, ପାଟନା–ଖୋର୍ଦ୍ଧା ରୋଡ୍ ଏବଂ ପୁରୀ–ପାଟନା ପରି ପ୍ରମୁଖ ଗନ୍ତବ୍ୟସ୍ଥଳଗୁଡ଼ିକୁ ସଂଯୋଗ କରିବ। ଏହିସବୁ ସ୍ୱତନ୍ତ୍ର ଟ୍ରେନ୍ ମଧ୍ୟରେ ୦୪୦୬୬ ଆନନ୍ଦ ବିହାର ଟର୍ମିନାଲ–ଖୋର୍ଦ୍ଧା ରୋଡ୍ ସ୍ୱତନ୍ତ୍ର ଟ୍ରେନ୍, ୦୪୦୬୫ ଖୋର୍ଦ୍ଧା ରୋଡ୍ – ଆନନ୍ଦ ବିହାର ଟର୍ମିନାଲ୍ ସ୍ୱତନ୍ତ୍ର, ୦୮୪୦୧ ଭୁବନେଶ୍ୱର–କୋଲକାତା ସ୍ପେଶାଲ୍, ୦୮୪୦୨ କୋଲକାତା – ଭୁବନେଶ୍ୱର ସ୍ପେଶାଲ୍, ୦୮୫୦୨ ବିଶାଖାପାଟଣା–ଶାଲିମାର ସ୍ପେଶାଲ୍ ଟ୍ରେନ, ୦୮୫୦୩ ଶାଲିମାର–ବିଶାଖାପାଟଣା ସ୍ପେଶାଲ୍ ଟ୍ରେନ୍, ୦୮୩୦୧ ସମ୍ବଲପୁର–ଶାଲିମାର ସ୍ପେଶାଲ୍, ୦୮୩୦୨ ଶାଲିମାର – ସମ୍ବଲପୁର ସ୍ପେଶାଲ୍, ୦୩୨୩୦ ପାଟନା – ଖୋର୍ଦ୍ଧା ରୋଡ୍ ସ୍ପେଶାଲ,୦୩୨୨୯ ଖୋର୍ଦ୍ଧା ରୋଡ୍–ପାଟନା ସ୍ପେଶାଲ୍, ୦୮୪୩୯ ପୁରୀ – ପାଟନା ସ୍ପେଶାଲ୍ ଏବଂ ୦୮୪୪୦ ପାଟନା – ପୁରୀ ସ୍ପେଶାଲ୍ ଟ୍ରେନ୍ ରହିଛି। ଯାତ୍ରୀମାନଙ୍କୁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଭାରତୀୟ ରେଳପଥର ସରକାରୀ ୱେବସାଇଟ୍ କିମ୍ବା ନିକଟସ୍ଥ ରେଳ ଷ୍ଟେଶନରେ ସର୍ବଶେଷ ଟ୍ରେନ୍ ସମୟସୂଚୀ ଏବଂ ଉପଲବ୍ଧତା ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

# ୭୦୩ ପଏଣ୍ଟ ଖସିଲା ସେନ୍‌ସେକ୍ସ

**ମୁମ୍ବାଇ, ୧୩।୪**

ଇରାନ୍–ଆମେରିକା ଯୁଦ୍ଧ ସ୍ଥିତିକୁ ନେଇ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ଯୋଗୁ ଶେୟାର ବଜାରରେ ପୁଣି ଅସ୍ଥିରତା ଦେଖାଯାଇଛି। ଭାରତୀୟ ଶେୟାର ବଜାର ସମେତ ବିଶ୍ୱର ପ୍ରମୁଖ ଷ୍ଟକ୍ ଏକ୍ସଚେଞ୍ଜଗୁଡିକରେ ସୋମବାର କାରବାର ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ବିଶେଷକରି ଇରାନ୍ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ବୁଝାମଣା ଅସଫଳ ହେବା ଏବଂ ସ୍ଥିତି ଆହୁରି ଖରାପ ହେବା ଯୋଗୁ ନିବେଶକ ମହଲ ଆଶଙ୍କିତ ହୋଇପଡ଼ିଥିବାରୁ ଅଧିକାଂଶ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର ହୋଇଛି। ଏହାକୁ ନେଇ ବିଏସ୍ଇ ସେନସେକ୍ସରେ କାରବାର ଶେଷ ସୁଦ୍ଧା ୭୦୩ ପଏଣ୍ଟ ହ୍ରାସ ଘଟିବା ସହ ଏହା ୭୬,୮୪୭ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନିଫ୍ଟି କାରବାର ମଧ୍ୟ ହ୍ରାସ ପାଇବା ସହ ଏଥିରେ ୨୦୭ ପଏଣ୍ଟ ହ୍ରାସ ଘଟି ଏହା କାରବାର ଶେଷ ସୁଦ୍ଧା ୨୩,୮୪୨ରେ ବନ୍ଦ ରହିଥିବା ଜଣାପଡ଼ିଛି।

# ଅନିଶ୍ଚିତତା କମିବ, ସୁଯୋଗ ବଢ଼ାଇବ ଏଆଇ




**ତାଞ୍ଜାଭୁର, ୧୩।୪**

ଆର୍ଥିକ କ୍ଷେତ୍ରରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ବ୍ୟବହାର କରିବା ଦ୍ୱାରା ଅନିଶ୍ଚିତତା କମିବ ଏବଂ ସମସ୍ତଙ୍କ ପାଇଁ ନୂଆ ସୁଯୋଗ ବଢ଼ିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଡିଜି ଜେ. ସ୍ୱାମୀନାଥନ୍ କହିଛନ୍ତି। ତାଞ୍ଜାଭୁରସ୍ଥିତ ଶାସ୍ତ୍ର ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି ଯେ ବ୍ୟାଙ୍କିଙ୍ଗ ଏବଂ ଆର୍ଥିକ କ୍ଷେତ୍ରରେ ଏଆଇକୁ ପୂରାପୂରି ବ୍ୟବହାର କରିବା ପାଇଁ ୫ଟି ଗୁରୁତ୍ୱପୂର୍ଣ୍ଣ ନିୟମ ରହିଛି। ସେଗୁଡ଼ିକ ହେଲା– ମଣିଷର ଦାୟିତ୍ୱ, ନ୍ୟାୟ, ସ୍ୱଷ୍ଟ ବ୍ୟାଖ୍ୟା, ଭଲ ତଥ୍ୟ ପରିଚାଳନା, ଠିକ୍ ବ୍ୟବହାର ଏବଂ ସମସ୍ତଙ୍କୁ ଅନ୍ତର୍ଭୁକ୍ତ କରିବା। ସ୍ୱାମୀନାଥନ୍ କହିଛନ୍ତି ଯେ ଏଆଇ ବ୍ୟବହାର କରି ଆର୍ଥିକ ନିଷ୍ପତ୍ତି ନେବା ସମୟରେ ମଣିଷର ଦାୟିତ୍ୱ ରହିବା ଉଚିତ। କୌଣସି ନିଷ୍ପତ୍ତି ଗୁପ୍ତ ବା ଅସ୍ୱଷ୍ଟ ନ ରହିବା ଉଚିତ। ଛୋଟ ଋଣଗ୍ରହୀତାଙ୍କୁ ଅଣଦେଖା କରାଯିବା ଉଚିତ୍ ନୁହେଁ ବୋଲି ସେ ଗୁରୁତ୍ୱ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ସିଟି ୟୁନିୟନ ବ୍ୟାଙ୍କର ଅଧିକାରୀ, ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଏବଂ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶାରେ ଦୈନିକ ୪୫ ହଜାର ସିଲିଣ୍ଡର ବିତରଣ

**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**



ସାମ୍ପ୍ରତିକ ଭୂରାଜନୈତିକ ଘଟଣାକ୍ରମ ବିଶ୍ୱ ଇନ୍ଧନ ବଜାରକୁ ପ୍ରଭାବିତ କରିବା ସତ୍ତ୍ୱେ ଭାରତର ଏଲପିଜି ଯୋଗାଣ ସ୍ଥିର ରହିଛି ଏବଂ ଘରୋଇ ଏଲପିଜି ଉପଭୋକ୍ତାମାନଙ୍କୁ ସ୍ୱାଭାବିକ ଗ୍ୟାସ ବିତରଣ କରିବା ଲାଗି ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଥିବା ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଓଡ଼ିଶାରେ ବାଧାମୁକ୍ତ ଘରୋଇ ଏଲପିଜି ଯୋଗାଣକୁ ବଜାୟ ରଖିବା ଲାଗି ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲଗାତର ପଦକ୍ଷେପ ନେଉଛି। ଦୈନିକ ପାଖାପାଖି ୪୫ ହଜାର ସିଲିଣ୍ଡର ବିତରଣ କରାଯାଉଛି। ଏହା ସଂକଟ ପୂର୍ବ ଅବଧିରେ ହେଉଥିବା ସ୍ୱାଭାବିକ ବିତରଣ ସହ ପ୍ରାୟ ସମାନ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି। ସିଲିଣ୍ଡର ରିଫିଲ୍ ବୁକିଂ ଲାଗି ଉପଭୋକ୍ତାମାନଙ୍କୁ ଏସ୍‌ଏମ୍‌ଏସ୍ ଓ ଆଇଭିଆରଏସ ଭଳି ଡିଜିଟାଲ ପଦ୍ଧତି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନ ପାଖାପାଖି ୮୬% ବୁକିଂ ଡିଜିଟାଲ ମାଧ୍ୟମରେ ହସ୍ତଗତ ହେଉଛି। ସିଲିଣ୍ଡରଗୁଡ଼ିକ ଡେଲିଭରି ପ୍ରମାଣୀକରଣ କୋଡ ବା ଡିଏସି ଓଟିପି ଆଧାରରେ କରାଯାଉଛି, ଯାହାଫଳରେ ଅସଲି ଉପଭୋକ୍ତାଙ୍କ ନିକଟରେ ସିଲିଣ୍ଡର ପହଞ୍ଚି ପାରିବ। କିଛି ଏଲପିଜି ବିତରକ ଅନିୟମିତତା କରୁଥିବାର ଅଭିଯୋଗ ସୋସିଆଲ ମିଡିଆ ମାଧ୍ୟମରେ ଏବଂ ଗ୍ରାହକଙ୍କ ଅଭିଯୋଗକ୍ରମେ ହସ୍ତଗତ ହୋଇଛି। କଳାବଜାର ଏବଂ ବେଆଇନ ମହଜୁଦକୁ ରୋକିବା ପାଇଁ ଏକାଧିକ ପ୍ରବର୍ତ୍ତନ ଦଳ ଗଠନ କରାଯାଇଛି ଯେଉଁମାନେ ସାରା ଓଡ଼ିଶାରେ ଏଲପିଜି ବିତରକମାନଙ୍କ ଠିକଣାରେ ଅଚାନକ ଯାଞ୍ଚ କରୁଛନ୍ତି। ଅନିୟମିତତା କରୁଥିବା ଏଲପିଜି ବିତରକଙ୍କ ବିରୋଧରେ ମଧ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

# ୟୁବିଆଇ–ନାଲ୍‌କୋ ମଧ୍ୟରେ ଚୁକ୍ତି



**ଭୁବନେଶ୍ୱର, ୧୩।୪(ଅନୁରାଧା ମହାରଣା)**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନାଲ୍‌କୋ କର୍ମଚାରୀମାନଙ୍କୁ ଏକ ବର୍ଦ୍ଧିତ କର୍ପୋରେଟ୍ ବେତନ ପ୍ୟାକେଜ୍ ପ୍ରଦାନ କରିବା ପାଇଁ ନ୍ୟାଶନାଲ ଆଲୁମିନିୟମ୍ କମ୍ପାନୀ ଲିଃ. (ନାଲ୍‌କୋ) ସହ ସହଭାଗିତା କରିଅଛି ଯାହା ଆର୍ଥିକ ଅନ୍ତର୍ଭୁକ୍ତି ଓ କର୍ମଚାରୀ–କୈନ୍ଦ୍ରିକ ବ୍ୟାଙ୍କିଙ୍ଗ୍ ସମାଧାନ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିବ। ଭୁବନେଶ୍ୱରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଏହି ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ବ୍ୟବସ୍ଥା ଅନୁଯାୟୀ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ତରଫରୁ ପ୍ରିଫରେନ୍ସିଆଲ୍ ବ୍ୟାଙ୍କିଙ୍ଗ୍ ସେବା, ଆକର୍ଷଣୀୟ ଋଣ ସୁବିଧା ଏବଂ ବିଭିନ୍ନ ଭାଲ୍ୟୁ ଆଡେଡ୍ ସୁବିଧା ସହିତ ଏକ ସଂପୂର୍ଣ୍ଣ ପ୍ୟାକେଜ୍ ପ୍ରଦାନ କରାଯାଉଛି। ଏହି କର୍ପୋରେଟ୍ ବେତନ ପ୍ୟାକେଜ୍ କର୍ମଚାରୀମାନଙ୍କ ଆର୍ଥିକ ସୁରକ୍ଷା ଓ ସୁବିଧାକୁ ବୃଦ୍ଧି କରିବା ପାଇଁ ବିଶେଷ ଭାବେ ଡିଜାଇନ୍ କରାଯାଇଛି, ଯେଉଁଥିରେ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ବୀମା କଭର, ୧.୫୦କୋଟି ପର୍ଯ୍ୟନ୍ତ ମାଗଣା ବ୍ୟକ୍ତିଗତ ଦୁର୍ଘଟଣା ବୀମା କଭର, ୧ ଲକ୍ଷ ପର୍ଯ୍ୟନ୍ତ ହସ୍ପି–କ୍ୟାଶ ସୁବିଧା, ପ୍ରମିୟମ୍ ମେଟାଲ ଡେବିଟ୍ କାର୍ଡ ସୁବିଧା ଏବଂ ବିଭିନ୍ନ ଲାଇଫ୍ ଷ୍ଟାଇଲ ସୁବିଧା ଆଦି ଉପଲବ୍ଧ ରହିଛି।

# କମ୍ପ୍ୟୁଟେଶନାଲ୍ ଫାଇନାନ୍ସ, ବ୍ୟବସାୟ ବିଶ୍ଳେଷଣ ସମ୍ପର୍କିତ ସମ୍ମିଳନୀ

**ଭୁବନେଶ୍ୱର,୧୩।୪(ଅନୁରାଧା ମହାରଣା)**

ଆଇଆଇଏମ୍‌ଟି ଭୁବନେଶ୍ୱର ପକ୍ଷରୁ ୪ର୍ଥ ଅନ୍ତର୍ଜାତୀୟ କମ୍ପ୍ୟୁଟେଶନାଲ୍ ଫାଇନାନ୍ସ ଏବଂ ବ୍ୟବସାୟ ବିଶ୍ଳେଷଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ ସମ୍ମିଳନୀରେ ଅଧ୍ୟକ୍ଷତା କରି ଆଇଆଇଏମ୍‌ଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଡ. ଜୟଦେବ କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହାୟକ ପ୍ରଫେସର ଆଲୋକ ଅରୁଣ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରିଥିଲେ। ଡିନ୍, ପ୍ରଫେସର ଡ. ପ୍ରମୋଦ କୁମାର ପୃଷ୍ଟି ପ୍ରତିଷ୍ଠାନର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଅଧ୍ୟକ୍ଷ ଏବଂ ପ୍ରତିଷ୍ଠାତା ନିର୍ଦ୍ଦେଶକ, ପ୍ରଫେସର ଡ. ଶ୍ରୀକାନ୍ତ ପଟ୍ଟନାୟକ କୃତ୍ରିମ ବୁଦ୍ଧିମତ୍ତା ସମନ୍ୱୟ ବିକାଶ ଏବଂ ଶାସନ ଉପରେ ମତ ରଖିଥିଲେ। ପ୍ରକାଶନ ଅଧ୍ୟକ୍ଷ ଭାବରେ ପ୍ରଫେସର ପଟ୍ଟନାୟକ ଉଦୀୟମାନ ଏଆଇ ଗବେଷଣା ଧାରା ଉପରେ ଆଲୋକପାତ କରିଥିଲେ।

# ଓଡ଼ିଶାରେ ୧୮,୫୦୦ କୋଟି ଆୟକର ଆଦାୟ

- ଡା. ଡି. ସୁଧାକର ରାଓ ଓଡ଼ିଶାର ନୂତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ
- ଆୟକରଦାତା ସଂଖ୍ୟା ୧୫ ଲକ୍ଷକୁ ହ୍ରାସ

**ଭୁବନେଶ୍ୱର,୧୩।୪(ଅନୁରାଧା ମହାରଣା)**



ଡା. ଡି. ସୁଧାକର ରାଓ

ଓଡ଼ିଶାର ନୂଆ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଭାବେ ଡା. ଡି. ସୁଧାକର ରାଓ ଦାୟିତ୍ୱ ନେଇଛନ୍ତି। ଏହି ଅବସରରେ ଆୟକର ଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଡ. ରାଓ ଓଡ଼ିଶାରେ ଆୟକର ଆଦାୟ ସମ୍ପର୍କିତ ବିସ୍ତୃତ ତଥ୍ୟ ଦେଇଛନ୍ତି। ସେ କହିଛନ୍ତି, ଓଡ଼ିଶାରୁ ୨୦୨୫–୨୬ ଆର୍ଥିକବର୍ଷରେ ପ୍ରାୟ ୧୮,୫୦୦ କୋଟି ଟଙ୍କାର ନିଟ୍ ଆୟକର ଆଦାୟ ହୋଇଛି। ୨୦୨୪–୨୫ରେ ରାଜ୍ୟରେ ପ୍ରାୟ ୧୬.୭ ଲକ୍ଷ ଆୟକରଦାତା ଥିଲେ ମାତ୍ର ବଜେଟରେ ଆୟକର ସୀମା ବଢ଼ିଯିବା ଫଳରେ ୨୦୨୫–୨୬ରେ ରାଜ୍ୟରେ ଆୟକରଦାତାଙ୍କ ସଂଖ୍ୟା ପ୍ରାୟ ୧୫ ଲକ୍ଷକୁ ହ୍ରାସ ପାଇଛି। ଅର୍ଥାତ ପ୍ରାୟ ୧୫ ଲକ୍ଷ ଆୟକର ରିଟର୍ନ ଦାଖଲ କରିଛନ୍ତି। ୨୦୨୪–୨୫ ତୁଳନାରେ ୨୦୨୫–୨୬ରେ ଆୟକର ଦାତାଙ୍କ ସଂଖ୍ୟା ପ୍ରାୟ ୧.୭ ଲକ୍ଷ କମିଛି। ୨୦୨୫–୨୬ ଆର୍ଥିକବର୍ଷରେ ରାଜ୍ୟରେ ମହାନଦୀ କୋଲ୍‌ଫିଲ୍ଡ ଲିମିଟେଡ (ଏମ୍‌ସିଏଲ୍) ସର୍ବାଧିକ ୩୭୫୦ କୋଟି ଟଙ୍କାର ଆୟକର ପ୍ରଦାନ କରିଛି। ୨୦୨୬–୨୭ ବର୍ଷ ପାଇଁ ଆୟକର ଆଦାୟ କେନ୍ଦ୍ରୀୟ ପ୍ରତ୍ୟକ୍ଷ ବୋର୍ଡ (ସିବିଡିଟି) ପକ୍ଷରୁ ଲକ୍ଷ୍ୟ ଦିଆଯିବା ପରେ ତାହାକୁ ପୂରଣ କରାଯିବ ବୋଲି କୁହାଯାଇଛି। ତେବେ ଏହା ପ୍ରାୟ ୨୦ ହଜାର କୋଟି ଟଙ୍କା ରହିପାରେ ବୋଲି ଅନୁମାନ କରାଯାଉଛି। ଡା. ଡି. ରାଓ କହିଥିଲେ ଯେ, ନୂଆ ଆୟକର ଆଇନ ୨୦୨୫କୁ ଅତ୍ୟନ୍ତ ସରଳ କରାଯାଇଛି। ତେବେ ଲୋକଙ୍କୁ ସଚେତନ କରିବା ପାଇଁ ପ୍ରତିମାସରେ ଗୋଟିଏ ଲେଖାଏଁ ଆଉଟରିଚ୍ କାର୍ଯ୍ୟକ୍ରମ କରାଯିବ। ପୁରୀରେ ଏନେଇ କାର୍ଯ୍ୟକ୍ରମ ହୋଇ ସାରିଥିବାବେଳେ ଆଗାମୀ ଦିନରେ ଭୁବନେଶ୍ୱର ସମେତ ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ଆଦି ସହରରେ କରାଯିବ। ସେହିଭଳି ଓଡ଼ିଶାରେ ମଧ୍ୟ ବିଭାଗ ସମ୍ମୁଖରେ କର୍ମଚାରୀ ଅଭାବ ଭଳି ଅନେକ ଆହ୍ୱାନ ସତ୍ତ୍ୱେ ଅଧିକ ଆୟକର ଆଦାୟ ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି। ସୂଚନା ଥାଉକି, ଡା. ରାଓ ୧୯୯୦ ବ୍ୟାଚର ରାଜସ୍ୱ ସେବା(ଆଇଆର୍‌ଏସ୍) ଅଧିକାରୀ ହୋଇଥିବାବେଳେ ସେ ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ଗୋଆ, କର୍ନାଟକ, ପଣ୍ଡିଚେରୀ, କେରଳମ୍ ଏବଂ ମହାରାଷ୍ଟ୍ରରେ କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ସେ ବିହାର ଓ ଝାଡ଼ଖଣ୍ଡ ଅଞ୍ଚଳର ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରୁଛନ୍ତି। ଡା. ରାଓ ତେଲଙ୍ଗାନାର ବାସିନ୍ଦା ଏବଂ ସେ ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରୁ ପରିବେଶ ବିଜ୍ଞାନରେ ଏମ୍ ଫିଲ୍ ଡିଗ୍ରୀ ଅର୍ଜନ କରିଛନ୍ତି। ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭୁବନେଶ୍ୱରର ପ୍ରଧାନ ଆୟକର ଆୟୁକ୍ତ–୧ ନୀରଜା ପ୍ରଧାନ, ସମ୍ବଲପୁରର ପ୍ରଧାନ ଆୟକର ଆୟୁକ୍ତ ସରୋଜ କୁମାର ମହାପାତ୍ର ଏବଂ ଆୟକର ଆୟୁକ୍ତ ଶୋଭନକୃଷ୍ଣ ସାହୁ ମଧ୍ୟ ଉପସ୍ଥିତ ଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜାତୀୟ କ୍ରୀଡ଼ା ପୁରସ୍କାରରେ ବିଳମ୍ବ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ବହୁ ପ୍ରତୀକ୍ଷିତ ଜାତୀୟ ପୁରସ୍କାର ପ୍ରଦାନ ପ୍ରକ୍ରିୟାରେ ବିଳମ୍ବ ଘଟିଛି। କେବଳ ଯୋଗ୍ୟ କ୍ରୀଡ଼ାବିତ୍ ଯେପରି ଏହି ସମ୍ମାନ ପାଆନ୍ତି ସେ ଦିଗରେ ଏଥର ବିଶେଷ ଧ୍ୟାନ ଦିଆଯାଇଛି। ପୁନଃ ମୂଲ୍ୟାୟନ ପ୍ରକ୍ରିୟା ଯୋଗୁ ବିଳମ୍ବ ଘଟିଥିବା କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ପ୍ରକାଶ। ଗତବର୍ଷ ଆବେଦନ ପ୍ରକ୍ରିୟାରେ ସ୍ୱାଭାବିକ ସମୟଠାରୁ ଟିକେ ବିଳମ୍ବରେ ଆରମ୍ଭ ହୋଇଥିଲା। ଡିସେମ୍ବରରେ ପୁରସ୍କାର ଚୟନ କମିଟି ନାମ ସୁପାରିସ କରିଥିଲା। ତଥାପି ମନ୍ତ୍ରଣାଳୟ ସୁପାରିସଗୁଡ଼ିକର ପୁନଃ ମୂଲ୍ୟାୟନ କରୁଥିବାରୁ ଅନୁମୋଦିତ ନାମଗୁଡ଼ିକ ଏପର୍ଯ୍ୟନ୍ତ ପ୍ରକାଶ ପାଇ ନାହିଁ। ବର୍ତ୍ତମାନ ଅର୍ଜୁନ ପୁରସ୍କାର ତାଲିକାର ପୁନଃ ମୂଲ୍ୟାୟନ କରାଯାଉଛି। ପୁରସ୍କାରର ମହତ୍ତ୍ୱ କାଏମ ରହୁ, ଏଥର ବାଛବିଚାର ନ ରହୁ ବୋଲି ଏହା ଆମର ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରଣାଳୟର ଏକ ସୂତ୍ରରୁ ପ୍ରକାଶ କରାଯାଇଛି। ଅର୍ଜୁନ ପୁରସ୍କାର ବିଜେତା ଚୟନ କ୍ଷେତ୍ରରେ ବିବାଦ ସୃଷ୍ଟି ନ ହେଉ। ଅତୀତରେ କେତେଥର ଏହି ମାମଲା କୋର୍ଟ କଚେରିକୁ ଯାଉଛି। ଗଣମାଧ୍ୟମରେ ଆଲୋଚନାର ବିଷୟବସ୍ତୁ ପାଲଟିଛି। ମନ୍ତ୍ରଣାଳୟ ମତ ପ୍ରକାଶ କରି କହିଛି, ପୁରସ୍କାର ବିଜେତାଙ୍କୁ ବାଛିବା ଲାଗି ଏକ ଚୟନ କମିଟିର ଆବଶ୍ୟକତା

### ଚୟନ ପ୍ରକ୍ରିୟାର ପୁନଃ ସମୀକ୍ଷା

ରହିବା ଉଚିତ ନୁହେଁ। ଏହି ପୁରସ୍କାର ଯେପରି କୌଣସି ଅଯୋଗ୍ୟ ବ୍ୟକ୍ତି ନ ପାଆନ୍ତି, ସେଥିପାଇଁ ଏକ ସ୍ପଷ୍ଟ ମାନଦଣ୍ଡ ରହିବା ଆବଶ୍ୟକ। ଠିକ୍ ପୁରସ୍କାର ରାଶି ଭଳି ଯଦି ଜଣେ ଅଲିମ୍ପିକ ପଦକ ପାଏ ସମ୍ପୃକ୍ତ ଆଥ୍‌ଲେଟଙ୍କୁ ୭୫ ଲକ୍ଷ ଟଙ୍କା ପୁରସ୍କାର ରାଶି ପାଇବା ପାଇଁ ଏକ ଫର୍ମ ପୂରଣ କରିବାର ଆବଶ୍ୟକ ପଡ଼ିବା ଉଚିତ ନୁହେଁ। ସହଜରେ ପୁରସ୍କାର ରାଶିକୁ ସ୍ଥାନାନ୍ତର କରାଯାଇ



ପାରିବ। ଆବଶ୍ୟକୀୟ ସଫଳତା ହାସଲ କରିଥିବା ଖେଳାଳିଙ୍କୁ ଏକ ପ୍ୟାନେଲ ଦ୍ୱାରା ମୂଲ୍ୟାୟନ କରିବାକୁ ପଡ଼ିବ ନାହିଁ। ଜାତୀୟ କ୍ରୀଡ଼ା ପୁରସ୍କାର ପାରମ୍ପରିକ ଭାବେ ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଅଗଷ୍ଟ ୨୯ରେ ପ୍ରଦାନ କରାଯାଇ ଆସୁଥିଲା। ମାତ୍ର କିଛି ବର୍ଷ ହେଲା ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଖବର ଅନୁସାରେ ଏଥର ଖେଳରତ୍ନ ପୁରସ୍କାର ପାଇଁ ଆବେଦନ କରିଥିବା ଆଥ୍‌ଲେଟମାନଙ୍କର ଏକ ୨୪ ଜଣିଆ ସଂକ୍ଷିପ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏହି ତାଲିକାରେ ସ୍ୱଳ୍ପ ବୟସ୍କ ଚେସ୍ ଷ୍ଟାର ଦିବ୍ୟା ଦେଶମୁଖ ଏବଂ ଡେକାଥଲେଟ ତେଜସ୍ୱିନୀ ଶଙ୍କରଙ୍କ ନାମ ସ୍ଥାନ ପାଇଥିଲା। ସେମାନଙ୍କ ମଧ୍ୟରୁ ହକି ଖେଳାଳି ହାର୍ଦ୍ଦିକ ସିଂଙ୍କ ନାମ ଖେଳରତ୍ନ ପୁରସ୍କାର ପାଇଁ ସୁପାରିସ କରାଯାଇଛି। କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଯୋଗାସନକୁ ଏକ କ୍ରୀଡ଼ାର ମାନ୍ୟତା ଦିଆଯିବା ପରେ ଅର୍ଜୁନ ପୁରସ୍କାର ପାଇଁ ପ୍ରଥମ ଥର ଯୋଗାସନ ଆଥ୍‌ଲେଟ ଆରତୀ ପାଲ୍‌ଙ୍କ ନାମ ସୁପାରିସ କରାଯାଇଛି। ୧୯ ବର୍ଷୀୟ ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଚେସ୍ ବିଶ୍ୱକପ୍ ଜିତିବାର ଗୌରବ ଅର୍ଜନ କରିଥିବା ବେଳେ ତେଜସ୍ୱିନୀ ୨୦୨୩ ଏସିଆନ ଗେମ୍ସରେ ଏକ ଐତିହାସିକ ରୌପ୍ୟ ଏବଂ ଗତବର୍ଷ ଏସିଆନ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଦେଶର ସର୍ବୋଚ୍ଚ କ୍ରୀଡ଼ା ସମ୍ମାନ ଖେଳ ରତ୍ନ ପୁରସ୍କାର ବିଜେତାଙ୍କୁ ଏକ ପଦକ, ଏକ ମାନପତ୍ର ଏବଂ ୨୫ ଲକ୍ଷ ଟଙ୍କା ପୁରସ୍କାର ମିଳିଥାଏ। ସେହିପରି ଅର୍ଜୁନ ପୁରସ୍କାର ବିଜେତା ୧୫ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ପାଇଥାନ୍ତି।

# ଅଲ୍‌କାରାଜଙ୍କୁ ହଟାଇ ସିନର ନମ୍ବର ୱାନ୍

**ରୋମ୍, ୧୩।୪ (ଏପି)**

ସଦ୍ୟ ପ୍ରକାଶିତ ଏଟିପି ର୍ୟାଙ୍କିଙ୍ଗ ତାଲିକାରେ କାର୍ଲୋସ ଅଲ୍‌କାରାଜଙ୍କୁ ହଟାଇ ନମ୍ବର ୱାନ ସ୍ଥାନକୁ ଫେରିଛନ୍ତି ଜାନିକ ସିନର। ରବିବାର ଫାଇନାଲରେ ତାଙ୍କର ସବୁଠାରୁ ଚ୍ୟାଲେଞ୍ଜିଂ ସର୍ଫେସରେ ସେ ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ

### ଏଟିପି ର୍ୟାଙ୍କିଙ୍ଗ

କାର୍ଲୋସ ଅଲ୍‌କାରାଜଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ୨୦୨୬ରେ ତାଙ୍କର ପ୍ରଧାନ ଲକ୍ଷ୍ୟ ହେଲା ଫ୍ରେଞ୍ଚ ଓପନ ଜିତି ଏକ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିବା। ଅଲ୍‌କାରାଜ ଜାନୁଆରୀରେ ଅଷ୍ଟ୍ରେଲିଆନ ଓପନ ଜିତି ମାତ୍ର ୨୨ ବର୍ଷ ବୟସରେ ସର୍ବକନିଷ୍ଠ ଖେଳାଳି ହିସାବରେ ସମସ୍ତ ୪ଟି ଗ୍ରାଣ୍ଡସ୍ଲାମ ଟ୍ରଫି ହାସଲ କରିପାରିଛନ୍ତି। ସିନରଙ୍କ କୋଚ୍ ସିମୋନ୍


ଜାନିକ ସିନର

ଭାଗ୍‌ନୋଜି କହିଛନ୍ତି, ଚଳିତ ବର୍ଷ କ୍ଲେ-କୋର୍ଟରେ ଏକ ବଡ଼ ଟୁର୍ନାମେଣ୍ଟ ଜିତିବା ଆମର ଏକ ଅନ୍ୟତମ ଲକ୍ଷ୍ୟ ଥିଲା।

# ମେଡଭେଡେଭଙ୍କୁ ୭,୦୦୦ ଡଲାର ଜରିମାନା

**ଲଣ୍ଡନ, ୧୩।୪ (ଏପି)**

ପୂର୍ବତନ ନମ୍ବର-୧ ଖେଳାଳି ଡାନିଲ ମେଡଭେଡେଭଙ୍କୁ ୬,୦୦୦ ୟୁରୋ (୭,୦୦୦ ଡଲାର) ଜରିମାନା କରାଯାଇଛି। ଗତ ସପ୍ତାହରେ ମଣ୍ଟେ କାର୍ଲୋ ମାଷ୍ଟର୍ସରେ ମାଟେଓ ବରେଟେନିଙ୍କଠାରୁ ୬-୦, ୬-୦ରେ ପରାଜୟ ପରେ ସେ ୭ଥର ତାଙ୍କ ରାକେଟଙ୍କୁ ପ୍ରହାର କରି ଭାଙ୍ଗି ଦେଇଥିଲେ। ବର୍ତ୍ତମାନ ୧୦ମ ର୍ୟାଙ୍କିଙ୍ଗପ୍ରାପ୍ତ ରୁଷିଆର ଏହି ୩୦ ବର୍ଷୀୟ ଖେଳାଳିଙ୍କ ଏହି ଅଣ ଖେଳୁଆଡ୍ ମନୋବୃତ୍ତି ପାଇଁ ଚେୟାର ଅମ୍ପାୟର ତାଙ୍କୁ ଦଣ୍ଡିତ କରିଛନ୍ତି। ସୂଚନାଯୋଗ୍ୟ ଗତବର୍ଷ ଅଷ୍ଟ୍ରେଲିଆନ ଓପନ ଓ ୟୁଏସ ଓପନରେ ବିରକ୍ତି ପ୍ରକାଶ କରିବାରୁ ତାଙ୍କୁ ଯଥାକ୍ରମେ ୭୬,୦୦୦ ଡଲାର ଓ ୪୨,୫୦୦ ଡଲାର ଜରିମାନା ହୋଇଥିଲା। ମଣ୍ଟେ କାର୍ଲୋ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡ ବାଇ ପାଇଥିବା ମେଡଭେଡେଭଙ୍କୁ ପୁରସ୍କାର ବାବଦରେ ୪୫,୫୨୦ ୟୁରୋ (୫୦,୦୦୦ ଡଲାର) ମିଳିଛି।

# ଫାଇନାଲ ରାଉଣ୍ଡରେ ଫାଓ ଏକାଡେମୀ

**କଟକ,୧୩।୪(କୁମାରଶ୍ରୀ)**

୧୮ବର୍ଷରୁ କମ୍ ଏଆଇଏଫ୍‌ଏଫ୍ ଏଲିଟ୍ ଲିଗ୍‌ର ଫାଇନାଲ ରାଉଣ୍ଡରେ ଫାଓ ଏକାଡେମୀ ସ୍ଥାନ ସୁରକ୍ଷିତ କରିଛି। ୧୦ଟି ମ୍ୟାଚ୍‌ରୁ ୬ଟି ବିଜୟ ସହ ମୋଟ ୧୮ ପଏଣ୍ଟ ହାସଲ କରି ଫାଓ ଏକାଡେମୀ ଟେବୁଲର ଦ୍ୱିତୀୟ ସ୍ଥାନରେ ରହି ଏହି ସଫଳତା ପାଇଛି। ଏପ୍ରିଲ ୧୭ରୁ ଫାଇନାଲ ରାଉଣ୍ଡ ମୁକାବିଲା ଆରମ୍ଭ ହେବ। ୨୮ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ।

# ରୁଷୀୟ ସନ୍ତରଣକାରୀଙ୍କ ଉପରୁ କଟକଣା ହଟିଲା

**ଲାଉସାନେ, ୧୩।୪ (ଏପି)**

ଇଣ୍ଟରନ୍ୟାଶନାଲ ସୁଇମିଂ ଆଣ୍ଡ ଆକ୍ୱାଟିକ୍ ସ୍ପୋର୍ଟ୍ସର ପରିଚାଳନା ପରିଷଦ ରୁଷୀୟ ସନ୍ତରଣକାରୀମାନଙ୍କ ଉପରୁ କଟକଣା ହଟାଇ ଦେଇଛି। ଫଳରେ ସେମାନେ ଏଣିକି କୌଣସି ଅନ୍ତର୍ଜାତୀୟ ସନ୍ତରଣ ପ୍ରତିଯୋଗିତାରେ ସେମାନଙ୍କ ଜାତୀୟ ପତାକା ଓ ସଙ୍ଗୀତ ସହିତ ଅଂଶଗ୍ରହଣ କରିପାରିବେ। ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସ ପୂର୍ବରୁ ଏକ ପ୍ରମୁଖ କ୍ରୀଡ଼ାରେ ରୁଷିଆ ପାଇଁ ଏହି ନିଷ୍ପତ୍ତି ବେଶ୍ କୌତୂହଳପୂର୍ଣ୍ଣ। ୟୁକ୍ରେନ ଉପରେ ଆକ୍ରମଣ ପାଇଁ ରୁଷିଆ ଉପରେ କଟକଣା ଜାରି କରାଯାଇଥିଲା। ଏହି ଦେଶର ଆଥ୍‌ଲେଟମାନେ କୌଣସି ଅନ୍ତର୍ଜାତୀୟ ଇଭେଣ୍ଟରେ ନ୍ୟୁଟ୍ରାଲ ଷ୍ଟାଟସ ସହ ଭାଗ ନେଉଥିଲେ।

# ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍ ପାଇଁ ରେକର୍ଡ ପୁରସ୍କାର ରାଶି

**ଦୁବାଇ, ୧୩।୪(ପି.ଟି.)**

ଇଂଲଣ୍ଡ ଓ ୱେଲ୍ସରେ ହେବାକୁଥିବା ମହିଳା ଟି୨୦ କ୍ରିକେଟ ବିଶ୍ୱକପ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନ୍ସିଲ (ଆଇସିସି) ପକ୍ଷରୁ ରେକର୍ଡ ପୁରସ୍କାର ରାଶି ଘୋଷଣା କରାଯାଇଛି। ପୂର୍ବ ସଂସ୍କରଣ ଅପେକ୍ଷା ଏଥର ପୁରସ୍କାର ରାଶିକୁ ୧୦ ପ୍ରତିଶତ ଅଧିକ ଅର୍ଥାତ୍ ୮୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ହେବାକୁଥିବା ଟୁର୍ନାମେଣ୍ଟରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ। ମ୍ୟାଚଗୁଡ଼ିକ ୭ଟି ଭେନ୍ୟୁରେ ଖେଳାଯିବ। ଫାଇନାଲ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ। ପୂର୍ବ ସଂସ୍କରଣରେ ପ୍ରତିଯୋଗିତାର ପୁରସ୍କାର ରାଶି ୭,୯୫୮,୦୭୭ ଆମେରିକୀୟ ଡଲାର (ପ୍ରାୟ ୭୪ କୋଟି ଟଙ୍କା) ରହିଥିଲା। ଏଥର ଏହାକୁ ୮,୭୬୪,୬୧୫ ଆମେରିକୀୟ ଡଲାର (ପ୍ରାୟ ୮୨ କୋଟି ଟଙ୍କା)କୁ ବଢ଼ାଇ ଦିଆଯାଇଛି। ଚାମ୍ପିୟନ ଦଳ ୨,୩୪୦,୦୦୦




ଆମେରିକୀୟ ଡଲାର (ପ୍ରାୟ ୨୧.୮ କୋଟି) ଏବଂ ରନରଅପ୍ ଦଳ ୧,୧୭୦,୦୦୦ (ପ୍ରାୟ ୧୦ କୋଟି ଟଙ୍କା) ହାସଲ କରିବ। ଦୁଇ ପରାଜିତ ସେମିଫାଇନାଲିଷ୍ଟ ଦଳକୁ ୬୭୫,୦୦୦ ଆମେରିକୀୟ ଡଲାର (୬.୨୯ କୋଟି) ଦିଆଯିବ। ପ୍ରତି ଗ୍ରୁପ୍ ମ୍ୟାଚ ବିଜେତାଙ୍କୁ ୩୧,୧୫୪ ଆମେରିକୀୟ ଡଲାର (୨୯ ଲକ୍ଷ ଟଙ୍କା) ପ୍ରଦାନ କରାଯିବ। ଏହା ବ୍ୟତୀତ ସମସ୍ତ ଅଂଶଗ୍ରହଣକାରୀ ୧୨ ଦଳକୁ ୨୪୭,୫୦୦ ଆମେରିକୀୟ ଡଲାର (ପ୍ରାୟ ୨.୦୬ କୋଟି ଟଙ୍କା) ଦିଆଯିବ। ଜୁନ୍ ୧୨ରେ ବର୍ମିଂହାମର ଏଜବାଷ୍ଟନଠାରେ ଆୟୋଜକ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ହେବ। ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବା ଅନ୍ୟ ଦଳଗୁଡ଼ିକ ହେଲେ ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ଆୟରଲାଣ୍ଡ, ନେଦରଲାଣ୍ଡ୍ସ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ସ୍କଟଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ। ୨୪ ଦିନ ମଧ୍ୟରେ ମୋଟ ୩୩ଟି ମ୍ୟାଚ ଅନୁଷ୍ଠିତ ହେବ।

# ସବାନାୟକନ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ନିର୍ବାଚିତ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଫେଡେରେଶନ ଅଫ୍ ଇଣ୍ଡିଆ (ଏସ୍‌ଜେଏଫ୍‌ଆଇ)ର ପୂର୍ବତନ ସଭାପତି ଏସ୍. ସବାନାୟକନ ସୁଇଜରଲାଣ୍ଡର ଲାଉସାନେଠାରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ (ଏସ୍ପ)ର ୮୮ତମ କଂଗ୍ରେସରେ ଏହାର କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ସବାନାୟକନ ବର୍ତ୍ତମାନ କୋଲକତା, ଗୁଆହାଟୀ ଓ ସିଲ୍‌ଚରରେ ପ୍ରକାଶ ପାଉଥିବା ଏକ ଇଂଲିଶ ବ୍ରଡ୍‌ଶିଟ୍ ଇଷ୍ଟର୍ନ କ୍ରୋନିକଲର ସ୍ପୋର୍ଟ୍ସ ଏଡିଟର ଅଛନ୍ତି। ଲାଉସାନେସ୍ଥିତ ଅଲିମ୍ପିକ ମ୍ୟୁଜିୟମଠାରେ

### ଇଣ୍ଟରନ୍ୟାଶନାଲ ସ୍ପୋର୍ଟ୍ସ ପ୍ରେସ୍ ଆସୋସିଏଶନ

ରବିବାର ୨୦୨୬-୨୦୩୦ କାର୍ଯ୍ୟକାଳ ପାଇଁ ଏସ୍ପ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଲାଗି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସାବାନାୟକନ ପ୍ରଥମ ଭାରତୀୟ ଭାବେ ଏସ୍ପ କାର୍ଯ୍ୟନିର୍ବାହୀ କମିଟିକୁ ନିର୍ବାଚିତ ହୋଇଛନ୍ତି। ଇଟାଲୀର ଜିଆନି ମେର୍ଲୋ ହଙ୍ଗେରିର ଜିସୁଜ୍‌ସା ସିସ୍‌ଜୁଙ୍କୁ ପରାସ୍ତ କରି ଏସ୍ପ କାର୍ଯ୍ୟନିର୍ବାହୀ କମିଟି ସଭାପତି ଭାବେ ଆଉ ୪ବର୍ଷପାଇଁ ସଭାପତିଭାବେ ନିର୍ବାଚିତ ହୋଇଛନ୍ତି। ସବାନାୟକନ ବର୍ତ୍ତମାନ ଏସ୍ପ ଏସିଆର ଉପସଭାପତି ଅଛନ୍ତି।

# ଡକାୟତ ଆକ୍ରମଣରେ ଘାନା ପ୍ରିମିୟର ଲିଗ୍ ଖେଳାଳି ନିହତ

**ଆକ୍ରା (ଘାନା), ୧୩।୪ (ଏପି)**

ସଶସ୍ତ୍ର ଡକାୟତଙ୍କ ଆକ୍ରମଣରେ ଘାନାନିଆନ ପ୍ରିମିୟର ଲିଗ୍ କ୍ଲବ ବେରେକୁମ୍ ଚେଲ୍‌ସୀର ଡୋମିନିକ୍ ଫ୍ରିମ୍‌ପଙ୍ଗ୍ ନିହତ ହୋଇଛି। ଏହି ଘଟଣାଟି ରବିବାର ଘଟିଛି। କ୍ଲବ ସୂତ୍ରରୁ ପ୍ରକାଶ ଘାନାର ଦକ୍ଷିଣାଞ୍ଚଳରେ ଅବସ୍ଥିତ ସାମ୍‌ରେବୋଇଠାରେ ସମରଟେକ୍ସ ବିପକ୍ଷ ମ୍ୟାଚ ଖେଳି ବେରେକୁମ୍ ଚେଲ୍‌ସୀ ଦଳ ଟିମ୍ ବସ୍ ଯୋଗେ ଫେରୁଥିବା ବେଳେ ସେମାନଙ୍କ ସଶସ୍ତ୍ର ଡକାୟତଙ୍କ ଆକ୍ରମଣର ଶିକାର ହେବାକୁ ପଡ଼ିଥିଲା। ମୁଖାପିନ୍ଧା ବନ୍ଧୁକଧାରୀ ଡକାୟତମାନେ ବସ୍ ଉପରୁ ଗୁଳିମାଡ଼ କରିବାରୁ ଜୀବନ ବଞ୍ଚାଇବାକୁ ଯାଇ ଡ୍ରାଇଭର ବସ୍‌କୁ ପଛୁଆ ଚଳାଇଥିଲେ। ଖେଳାଳି ଓ ଷ୍ଟାଫ୍‌ମାନେ ନିକଟସ୍ଥ ଘଞ୍ଚ ବୁଦାରେ ଆତ୍ମଗୋପନ କରିଥିଲେ। ପ୍ରଥମେ କ୍ଲବ ତରଫରୁ କୁହାଯାଇଥିଲା ଯେ, ଜଣେ ଖେଳାଳି ଗୁରୁତର ଭାବେ ଆଘାତପ୍ରାପ୍ତ ହୋଇ ନିକଟସ୍ଥ ହସ୍ପିଟାଲରେ ଯାଇ ଚିକିତ୍ସିତ ହେଉଛନ୍ତି। କିନ୍ତୁ ପରବର୍ତ୍ତୀ ସମୟରେ ଘାନାନିଆନ ଫୁଟବଲ ଆସୋସିଏଶନ ତରଫରୁ ଘୋଷଣା କରାଯାଇ କୁହାଯାଇଥିଲା ଯେ, ଘଟଣାରେ ୨୦ ବର୍ଷୀୟ ୱିଙ୍ଗର ଡୋମିନିକ ଫ୍ରିମ୍‌ପଙ୍ଗ୍ ନିହତ ହୋଇଛନ୍ତି।

# ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଲାଗି ୨୫ଲକ୍ଷ ଟଙ୍କା ପୁରସ୍କାର

**ଗୁଆହାଟୀ, ୧୩।୪ (ପି.ଟି.)**

ଖରାପ ପାଗ ସତ୍ତ୍ୱେ ଚଳିତ ସିଜନରେ ୩ଟି ଆଇପିଏଲ୍ ମ୍ୟାଚ ସଫଳତା ସହିତ ଆୟୋଜନ କରିପାରିଥିବାରୁ ଆସାମ କ୍ରିକେଟ ଆସୋସିଏଶନ (ଏସିଏ) ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ଲାଗି ୨୫ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ଘୋଷଣା କରିଛନ୍ତି। ପିଚ୍ ପ୍ରସ୍ତୁତି ଓ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଦିଗରେ କ୍ୟୁରେଟର ଓ ଗ୍ରାଉଣ୍ଡସ୍ମ୍ୟାନଙ୍କ କାର୍ଯ୍ୟ ପ୍ରଶଂସନୀୟ ଥିଲା ବୋଲି ଏସିଏ ସମ୍ପାଦକ ସନାତନ ଦାସ ଓ ସଭାପତି ତରଙ୍ଗ ଗୋଗୋଇ ପ୍ରକାଶ କରିଛନ୍ତି। ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଯୋଗୁ ଗୁଆହାଟୀର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ୨୦୨୬ରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚଗୁଡ଼ିକ ପ୍ରଭାବିତ ହୋଇଥିଲା। ଏପ୍ରିଲ ୭ରେ ରାଜସ୍ଥାନ ରୟାଲ୍ସ ବନାମ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚକୁ ୧୧ ଓଭର ବିଶିଷ୍ଟ କରାଯାଇଥିଲା। ପରେ ଏପ୍ରିଲ ୧୦ରେ ରାଜସ୍ଥାନ ରୟାଲ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବିଳମ୍ବ ଘଟିଥିଲା। ଗ୍ରାଉଣ୍ଡସ୍ମ୍ୟାନମାନେ ତୁରନ୍ତ ପିଚ୍‌କୁ କଭର କରିଦେଇଥିଲେ। ବିଭିନ୍ନ ସମସ୍ୟା ସତ୍ତ୍ୱେ ଗ୍ରାଉଣ୍ଡସ୍ମ୍ୟାନମାନେ ଏସିଏ ଷ୍ଟାଡିୟମରେ ମ୍ୟାଚଗୁଡ଼ିକ ଆୟୋଜନ କରାଇବାରେ ବିଶେଷ ଭୂମିକା ଗ୍ରହଣ କରିଥିଲେ।


**Classified Everyday**
0674-2580101, 9692975378



**REAL ESTATE**
**SALE**

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-251

**Prime location 3BHK fully furnished premium flat 1550sqft. including garage, 3rd Floor in powerful address Bjb Nagar "Surya Apartment" for sell Dr. Sanjay-7077144498.** D-250




Newly open SPA health benefits relax refresh good therapist. 8658466886. D-76959

**AFFIDAVIT**

By virtue of an affidavit sworn before the Executive Magistrate, Nuapada, Dt.17.09.25, I, GULJAR BEE, D/O- SIKANDAR MOHAMMAD, R/o. At./ P.O./Village- JHAGRAHI, P.S.- Jonk, Dist.- Nuapada declare that I have changed my name from Shabnam Begam and Guljar Bano to Guljar Bee. Henceforth, I shall be known as Guljar Bee for all purposes.
Guljar Bee
D-100

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଦୁର୍ନୀତି ନିବାରଣ ଓ ସୁରକ୍ଷା ୟୁନିଟ (ଏସିଏସ୍‌ୟୁ) ରାଜସ୍ଥାନ ରୟାଲ୍ସ ମ୍ୟାନେଜର ରୋମି ଭିନ୍ଦରଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛି। ତାଙ୍କୁ ୨୪ ଘଣ୍ଟା ମଧ୍ୟରେ ଜବାବ ରଖିବାକୁ କୁହାଯାଇଛି। ଗୁଆହାଟୀଠାରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମ୍ୟାଚ୍‌ରେ ଡଗ୍‌ଆଉଟ ବେଳେ ସେ ସେଲ୍ ଫୋନ୍ ବ୍ୟବହାର କରିଥିଲେ। ଭିନ୍ଦର ତାଙ୍କ ସ୍ମାର୍ଟ ଫୋନ୍ ସ୍କ୍ରୋଲିଂ କରୁଥିଲେ। ତାଙ୍କ ନିକଟରେ ସ୍ୱଳ୍ପ ବୟସ୍କ କ୍ରିକେଟ ପ୍ରତିଭା ବୈଭବ ସୂର୍ଯ୍ୟବଂଶୀଙ୍କୁ ଦେଖିବାକୁ ମିଳିଥିଲା। ପ୍ରୋଟୋକଲ ଅନୁସାରେ ଟିମ୍ ମ୍ୟାନେଜର ମୋବାଇଲ ଫୋନ୍ ବ୍ୟବହାର କରିପାରିବେ, କିନ୍ତୁ ଡଗ୍‌ଆଉଟ ବେଳେ ନୁହେଁ ଯାହାକି ଆଚରଣ ସଂହିତାର ଉଲ୍ଲଂଘନ ବୋଲି ବିବେଚନା କରାଯିବ।




ଧ-୧୦୧


# 'ପାରା ତୀରନ୍ଦାଜଙ୍କ ସଫଳତାରେ ପ୍ରତ୍ୟେକ ଭାରତୀୟ ଗର୍ବିତ'



କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନ୍ୟମାନଙ୍କ ସହ ସମ୍ବର୍ଦ୍ଧିତ ପାରା ତୀରନ୍ଦାଜ୍‌ମାନେ।

**ନୂଆଦିଲ୍ଲୀ, ୧୩।୪ (ପି.ଟି.)**

ବ୍ୟାଙ୍କକ୍‌ରେ ନିକଟରେ ଅନୁଷ୍ଠିତ ୱାର୍ଲ୍ଡ ଆର୍ଚେରୀ ପାରା ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଭାରତୀୟ ପ୍ରତିନିଧି ଦଳକୁ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ଏହି ପ୍ରତିଯୋଗିତାରେ ଏସିଆ ଏବଂ ପାନ୍-ଆମେରିକାନ୍ କ୍ଷେତ୍ରରୁ ୨୧ ଦେଶର ୧୧୩ ଆଥଲେଟ୍ ଅଂଶଗ୍ରହଣ କରିଥିଲେ। ଭାରତୀୟ ତୀରନ୍ଦାଜମାନେ ପ୍ରଭାବୀ ପ୍ରଦର୍ଶନ କରି ମୋଟ ୧୩ ପଦକ ସହ ତାଲିକାର ଶୀର୍ଷସ୍ଥାନ ଅଧିକାର କରିଥିଲେ। ଏହା ମଧ୍ୟରେ ୭ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ ପଦକ ସାମିଲ। ''କେବଳ ପଦକ ତାଲିକାର ଶୀର୍ଷରେ ରହିବାପାଇଁ ନୁହେଁ ଦ୍ୱିତୀୟ ସ୍ଥାନରେ ଥିବା ଦେଶଠାରୁ ଡବଲ ପଦକ

### ସମ୍ବର୍ଦ୍ଧିତ କଲେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ

ଜିତିଥିବାରୁ ମୁଁ ତୁମମାନଙ୍କୁ ଅଭିନନ୍ଦନ ଜଣାଉଛି। ତୁମେମାନେ ଯେତେବେଳେ ପଦକ ଜିତ ସେତେବେଳେ ତାହା ବ୍ୟକ୍ତିଗତ ନ ହୋଇ ଦେଶର ହୋଇ ଯାଇଥାଏ। ତେଣୁ ପ୍ରତ୍ୟେକ ଭାରତୀୟ ତୁମମାନଙ୍କ ପ୍ରଦର୍ଶନରେ ଗର୍ବିତ'' ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି। ପାରା ଆଥଲେଟଙ୍କ ପାଇଁ ସଙ୍ଗଠିତ ପାଣ୍ଠିଠାରୁ ଆରମ୍ଭ କରି ବିଶ୍ୱସ୍ତରୀୟ ଟ୍ରେନିଂ ଏବଂ ଅନ୍ତର୍ଜାତୀୟ ଏକ୍ସପୋଜର ଆଦି ସବୁ କ୍ଷେତ୍ରରେ ପାରା ଆଥଲେଟଙ୍କୁ ସମର୍ଥନଲାଗି ସରକାରଙ୍କ ପ୍ରତିବଦ୍ଧତାକୁ ଏହି ଅବସରରେ ମାଣ୍ଡବ୍ୟ ଦୋହରାଇଛନ୍ତି। ଭାରତ ଏକ ଗ୍ଲୋବାଲ ସ୍ପୋର୍ଟିଂ ପାୱାରହାଉସ ହେବା ପଥରେ ଗତି କରୁଛି ବୋଲି ସେ କହିଛନ୍ତି।

ମାର୍ଚ୍ଚ ୩୦ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ପାୟଲ ନାଗ ବିଶ୍ୱର ପ୍ରଥମ ହାତଗୋଡ଼ ବିହିନ ପାରା ଆର୍ଚରଭାବେ ୨ଟି ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ଗୋଟିଏ ବ୍ୟକ୍ତିଗତ ଇଭେଣ୍ଟରେ ହୋଇଥିବାବେଳେ ଅନ୍ୟଟି ବିଶ୍ୱର ନମ୍ବର ୱାନ ପାରା ଆର୍ଚରେ ଶୀତଲ ଦେବୀଙ୍କୁ ସାଥିକରି ସେ ଏହି ସଫଳତା ପାଇଥିଲେ। ପାରା ଅର୍ଚରଙ୍କ ପାଇଁ ବ୍ୟାଙ୍କକରେ ହୋଇଥିବା ବ୍ୟବସ୍ଥା ଉପରେ ଶୀତଲ ସନ୍ତୋଷ ପ୍ରକାଶ କରିଛନ୍ତି। ପ୍ରତିଯୋଗିତା ଅବସରରେ ତ୍ରିରଙ୍ଗା ଉଡ଼ାଇବା ସହ ଏକାଧିକ ଥର ଜାତୀୟ ସଙ୍ଗୀତ ଶୁଣିବା ଭାବପ୍ରବଣ ମୁହୂର୍ତ୍ତ ସୃଷ୍ଟି କରିଥିଲା ବୋଲି ଶୀତଲ କହିଛନ୍ତି। କୋଚ୍ ଅଭିଲାଷା ଚୌଧାରୀ ମଧ୍ୟ ଭାରତୀୟ ଦଳର ପ୍ରଦର୍ଶନରେ ଗର୍ବ ଅନୁଭବ କରୁଥିବା କହିଛନ୍ତି। ଏକାଧିକ କ୍ଷେତ୍ରରେ ଭାରତ ବିଶ୍ୱର ପାୱାର ହାଉସ ହେବା ପଥରେ ଗତି କରୁଛି। ତା' ମଧ୍ୟରୁ କ୍ରୀଡ଼ା ଅନ୍ୟତମ ବୋଲି ସେ କହିଛନ୍ତି। ଭାରତୀୟ ପ୍ରତିନିଧି ଦଳରେ ମୋଟ ୩୯ (୨୧ ଆଥଲେଟ୍, ୫ କୋଚ୍, ୩ ସପୋର୍ଟ ଷ୍ଟାଫ, ୧୦ ଏସକର୍ଟ)ଜଣ ସାମିଲ ଥିଲେ। ଇଣ୍ଡୋନେସିଆ ୬ ପଦକ ସହ ଦ୍ୱିତୀୟ ଓ ଥାଇଲାଣ୍ଡ ୫ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଥିଲା। ଉକ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଆର୍ଚେରୀ ଆସୋସିଏଶନ ଅଫ୍ ଇଣ୍ଡିଆ ମହାସଚିବ ବୀରେନ୍ଦ୍ର ସଚଦେବା, ଗୌତମ ଆବରୋଲ ଏବଂ ଅନ୍ୟ ସିନିୟର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ସୌନ୍ଦର୍ଯ୍ୟ

# କଳା କରନ୍ତୁ କେଶ

**ଆଧୁନିକ ଲାଇଫଷ୍ଟାଇଲ ଓ ଅତ୍ୟଧିକ ଚାପ ଯୋଗୁ ଅନେକଙ୍କର ଶୀଘ୍ର କେଶ ଧଳା ହୋଇଯାଉଛି। ତେବେ ଧଳା କେଶକୁ ରାସାୟନିକ ଉପାୟରେ କଳା କରିବା ବଦଳରେ ପ୍ରାକୃତିକ ଉପାୟରେ କିଭଳି କଳା କରିବେ ଜାଣନ୍ତୁ...**





➔ନଡ଼ିଆତେଲରେ ଭୃଙ୍ଗରାଜପତ୍ର ପକାଇ କିଛି ସମୟ ଫୁଟାନ୍ତୁ। ଥଣ୍ଡା ହେବା ପରେ ଏହାକୁ ଛାଣି କେଶ ମୂଳରେ ଲଗାନ୍ତୁ। ସପ୍ତାହକୁ ୨ ଥର ଏପରି କରନ୍ତୁ। କିଛିଦିନ ପରେ କେଶ ପ୍ରାକୃତିକ ଭାବରେ କଳା ହୋଇଯିବ।

➔ଅଁଳାତେଲ କେଶକୁ କଳାକରିବା ସହ ସୁସ୍ଥ କରିଥାଏ। ଏଥିପାଇଁ ପ୍ରଥମେ ଏକ ଲୁହା କଡ଼େଇ ନିଅନ୍ତୁ। ସେଥିରେ ନଡ଼ିଆତେଲ ଓ ଅଁଳାକୁ ଛୋଟ ଛୋଟ କରି ପକାଇ ଗରମ କରନ୍ତୁ। କିଛି ସମୟ ଫୁଟିବା ପରେ ତେଲର ରଙ୍ଗ କଳା ଦେଖାଯିବ। ଏହାପରେ ଥଣ୍ଡା କରି ଛାଣିରଖନ୍ତୁ। ଏହି ତେଲକୁ କିଛିଦିନ ଲଗାଇବା ପରେ ଧୀରେ ଧୀରେ ଧଳା କେଶର ରଙ୍ଗ ବଦଳିଯିବ।

➔ସୋରିଷ ତେଲରେ ମେଥି ପକାଇ ରଖନ୍ତୁ। ଏହି ତେଲକୁ କେଶ ମୂଳରେ ଲଗାନ୍ତୁ। କିଛିଦିନ ଏହାକୁ ବ୍ୟବହାର କରିବା ଫଳରେ କେଶ ମଜଭୁତ ହେବା ସହ ଘନ ଓ କଳା ହେବ।

➔ଲେମ୍ବୁରସକୁ ମହୁ ସହ ମିଶାଇ କେଶ ମୂଳରେ ଲଗାଇଲେ କିଛିଦିନ ପରେ କଳା ହୋଇଯିବ।

➔ପିଆଜରସ ମଧ୍ୟ କେଶ ମୂଳରେ ଲଗାଇଲେ ତାହା କେଶର ଧଳାରଙ୍ଗକୁ ବଦଳାଇବା ସହ ନୂଆ କେଶ ଉଠିବାରେ ସାହାଯ୍ୟ କରେ।

➔ହଳଦୀ ସହ ଦହି ମିଶାଇ କିଛିଦିନ ଲଗାଇବା ଫଳରେ କେଶ କଳା ହୋଇଥାଏ। ଏହା ବ୍ୟତୀତ ହଳଦୀକୁ ସୋରିଷ ତେଲରେ କଳା ହେବା ପର୍ଯ୍ୟନ୍ତ ଭାଜି ଲଗାଇଲେ ତାହା ମଧ୍ୟ କେଶକୁ କଳା କରିଥାଏ।

➔ସମସ୍ତଙ୍କ କେଶ ଏକ ପ୍ରକାର ହୋଇ ନ ଥାଏ। ସବୁ ଉପାୟ ହୁଏତ କାମ କରି ନ ଥାଏ। ତେଣୁ ପ୍ରଥମେ ପରୀକ୍ଷା କରି ଏହି ପ୍ରାକୃତିକ ଉପାୟକୁ ବ୍ୟବହାର କରନ୍ତୁ।

# ଷ୍ଟ୍ରେସ୍ ଶପିଂ

**ଘ**ର, ଅଫିସ୍ ଏମିତି ବିଭିନ୍ନ ପ୍ରକାର କାମ ଭିତରେ ଅନେକ ସମୟରେ ମହିଳାମାନେ ଷ୍ଟ୍ରେସ୍‌ର ଶିକାର ହୋଇଥାନ୍ତି। ଫଳରେ ମୁଡ୍ ଖରାପ ହୋଇଯାଏ ଓ ମନରେ ବିରକ୍ତିଭାବ ଆସେ। ମନ ଦୁଃଖ ଥିବା ସମୟରେ, ବିରକ୍ତ ଲାଗୁଥିବାବେଳେ କୌଣସି ପ୍ରକାର ଚାପ କିମ୍ବା ଆଙ୍ଗ୍‌ଜାଇଟି ଭଳି ପରିସ୍ଥିତିରୁ ନିଜକୁ ରିଲାକ୍ସ କରିବା ପାଇଁ ଅଧିକାଂଶ ମହିଳା ଶପିଂ କରିଥାନ୍ତି। କେହି କେହି ବାହାରକୁ ଯାଇ ଶପିଂ କରନ୍ତି ତ କେହି ଅନ୍‌ଲାଇନ ମାଧ୍ୟମରେ। ଏଭଳି ଭାବରେ କିଛି ସମୟ ପାଇଁ ହୁଏତ ମୁଡ୍ ଫ୍ରେଶ୍ ହୋଇଯାଏ। କିନ୍ତୁ ଅନାବଶ୍ୟକଭାବେ ବହୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏହି କାରଣରୁ ପରବର୍ତ୍ତୀ ସମୟରେ ଆର୍ଥିକ ଚାପ ବି ଆସିଥାଏ। ତେଣୁ ଏଭଳି ଷ୍ଟ୍ରେସ୍ ଶପିଂ କରୁଥିଲେ ସଚେତନ ହେବା ଜରୁରୀ।

**ଆର୍ଥିକ ବୋଝ:** ଷ୍ଟ୍ରେସ୍ ଶପିଂର ସବୁଠୁ ବଡ଼ ନକାରାତ୍ମକ ଦିଗ ହେଉଛି ଆର୍ଥିକ ବୋଝ। କାରଣ ଏହି ପ୍ରକାର







ଶପିଂ କରିବାବେଳେ ଆମେ ସେହି ସବୁ ଜିନିଷ କିଣିଥାଉ ଯାହା ଆମ ପାଇଁ ନିହାତି ଆବଶ୍ୟକ ହୋଇ ନ ଥାଏ। ମନ ଖୁସିକରିବା ପାଇଁ ଯାହା ଇଚ୍ଛା ହୁଏ ହଠାତ୍ ତାହା କିଣିଥାଉ। ଫଳରେ ସେସବୁ ଜିନିଷ ଅନେକ ଦିନ ପର୍ଯ୍ୟନ୍ତ ଘରେ ପଡ଼ି ରହିଥାଏ। କିଛି ଜିନିଷ ଅନେକଦିନ ଯାଏ ବ୍ୟବହାରଯୋଗ୍ୟ ହୋଇ ନ ପାରି ଖରାପ ବି ହୋଇଥାଏ। ଅନ୍ୟପଟେ ଜିନିଷ କିଣିବା ନିମନ୍ତେ ବଜେଟ ବାହାରେ ଯଦି ଖର୍ଚ୍ଚ ହୋଇଥାଏ ତାହା ଆର୍ଥିକ ବୋଝକୁ ବଢ଼ାଇଥାଏ। କେହି କେହି କ୍ରେଡିଟ୍ କାର୍ଡ ବି ବ୍ୟବହାରକରି ଲୋନ୍ କରି ଦେଇଥାନ୍ତି, ଯାହା ଭବିଷ୍ୟତରେ ଋଣଭାରକୁ ବଢ଼ାଇଥାଏ। ତେଣୁ କିଛିଦିନ ପରେ ଏସବୁ ଋଣ ଶୁଝିବାର ସାମର୍ଥ୍ୟ ନ ରହିଲେ ତାହା ଷ୍ଟ୍ରେସ୍‌କୁ ବହୁଗୁଣ ବଢ଼ାଇ ଦେଇଥାଏ।

**କେମିତି ଜାଣିବେ:** ଯେଉଁମାନେ ବି ଷ୍ଟ୍ରେସ୍ ଶପିଂର ଶିକାର ହୋଇଥାନ୍ତି ସେମାନେ ହଠାତ୍ ଜାଣିପାରନ୍ତି ନାହିଁ। ତେଣୁ କେତେକ ଲକ୍ଷଣ ଦେଖାଗଲେ ଆପଣ ଏଭଳି ଏକ ପରିସ୍ଥିତିର ଶିକାର ହୋଇଛନ୍ତି ବୋଲି ଜାଣିପାରିବେ। ଏହାର

**ଷ୍ଟ୍ରେସ୍‌ରେ ଥିବା ସମୟରେ ମନ ଏତେ ବିରକ୍ତ ହୋଇଯାଏ ଯେ, କିଛି କରିବାକୁ ଇଚ୍ଛା ହୁଏନି। ତେବେ ଏହି ଷ୍ଟ୍ରେସ୍‌ରୁ ବାହାରିବା ପାଇଁ ଅନେକ ମହିଳା ଶପିଂ କରିଥାନ୍ତି। ହେଲେ ଏହି ଷ୍ଟ୍ରେସ୍ ଶପିଂ ଦ୍ୱାରା ହୁଏତ କିଛି ସମୟ ପାଇଁ ରିଲାକ୍ସ ଲାଗିପାରେ, କିନ୍ତୁ ଅକାରଣରେ ଗୁଡ଼ାଏ ଖର୍ଚ୍ଚ ବି ହୋଇଯାଏ...**



ପ୍ରଥମ ଲକ୍ଷଣ ହେଉଛି ଅନେକ ଜିନିଷ କିଣିସାରିବାର କିଛି ସମୟ ପରେ କାହିଁକି କିଣିଲେ ବୋଲି ପଶ୍ଚାତାପ କରିବେ। ଶପିଂ କରିବାର କାରଣ କେବଳ ମୁଡ୍ ଠିକ୍ କରିବା ହୋଇଥିବ। ନିଜ ପାଇଁ କିମ୍ବା ଘର ପାଇଁ କୌଣସି ଜିନିଷ ଆବଶ୍ୟକ ନ ଥିବ। ଏଭଳି ସବୁ ଲକ୍ଷଣ ଥିଲେ ଜାଣିବେ ଯେ ଆପଣ ଷ୍ଟ୍ରେସ୍ ଶପିଂର ଶିକାର ହୋଇଛନ୍ତି।

**ସଚେତନ ରୁହନ୍ତୁ:** ଏଭଳି ଏକ ପରିସ୍ଥିତିରୁ ନିଜକୁ ଦୂରେଇ ରଖିବାକୁ ଚାହୁଁଥିଲେ କେତେକ ବିଶେଷ ଦିଗ ପ୍ରତି ଧ୍ୟାନଦିଅନ୍ତୁ। ବିରକ୍ତିଭାବରେ ଯଦି କିଛି କିଣିବାକୁ ଯାଉଥାନ୍ତି ତେବେ ନିଜକୁ କିଛି ସମୟ ଦିଅନ୍ତୁ। ଅତି କମ୍‌ରେ ୨୪ ଘଣ୍ଟା ପରେ ଯଦି ଅନୁଭବ କରନ୍ତି ଯେ ଯାହା କିଣିବାକୁ ଚାହୁଁଛନ୍ତି, ସେସବୁର ଆବଶ୍ୟକତା ରହିଛି ତା'ହେଲେ କିଣନ୍ତୁ। ପ୍ରଥମେ ମାସିକ ବଜେଟ ସ୍ଥିର କରନ୍ତୁ। ନିଜ ଖୁସି ନିମନ୍ତେ ଶପିଂ କରିବାକୁ ମଧ୍ୟ ନିଜ ବଜେଟ୍‌ରେ କିଛି ଅର୍ଥ ରଖନ୍ତୁ। ସେହି ଅର୍ଥର ପରିମାଣ ଅନୁସାରେ ହିଁ ଖର୍ଚ୍ଚ କରନ୍ତୁ। ଷ୍ଟ୍ରେସ୍‌ରୁ ନିଜକୁ ରକ୍ଷା କରିବାକୁ ଚାହୁଁଥିଲେ ଶପିଂ କରିବା ବଦଳରେ ମେଡିଟେସନ କରନ୍ତୁ କିମ୍ବା ସାଙ୍ଗମାନଙ୍କ ସହ କଥା ହୁଅନ୍ତୁ ଅବା କୌଣସି ସ୍ଥାନକୁ ବୁଲିବାକୁ ଯାଆନ୍ତୁ। ସବୁଠୁ ବଡ଼ କଥା ହେଉଛି ଫୋନ୍‌ରେ କୌଣସି ପ୍ରକାରର ଶପିଂ ଆପ୍ ରଖନ୍ତୁ ନାହିଁ।



## ଏମାନେ କ'ଣ କରନ୍ତି



**ଏକୁଟିଆ ରହେ:** ମନ ଭଲ ନ ଲାଗିଲେ ବେଳେବେଳେ ବାହାରକୁ ବୁଲିବାକୁ ଯାଏ। ମାର୍କେଟରେ ବୁଲାବୁଲି କରି କିଛି ଖିଆପିଆ କରି ଫେରିଆସେ। ଯଦି ନିହାତି ଇଚ୍ଛା ହୁଏ ତା'ହେଲେ କିଛି କିଣେ। ମାତ୍ର ନିଜ ପାଇଁ ଅବା ଘର ପାଇଁ ଦରକାର ନ ଥିଲେ କିଛି କିଣେ ନାହିଁ। ନ ହେଲେ ଏକୁଟିଆ ରହିବାକୁ ପସନ୍ଦ କରେ। ଆଉ ପ୍ରାୟ ସମୟ ଗୀତ ଶୁଣେ। ବିଭିନ୍ନ ପ୍ରକାର ରୋଷେଇ କରେ। ଏମିତି ଭାବରେ ଧୀରେ ଧୀରେ ରିଲାକ୍ସ ହୁଏ। ଶପିଂ କରିବାକୁ ତ ଭଲ ଲାଗେ, ହେଲେ ଏମିତି ଚାପରେ ଥିବା ସମୟରେ କିଛି କିଣିବାକୁ ଯାଏନାହିଁ। ଏକୁଟିଆ କେବେ ଶପିଂ କରିବାକୁ ଯାଏ ନାହିଁ, ସାଙ୍ଗସାଥୀ କିମ୍ବା ଅନ୍ୟ କାହା ସହ ମିଶି ଶପିଂ କରିବାକୁ ଗଲେ ମତେ ଭଲ ଲାଗେ। ତେଣୁ ଷ୍ଟ୍ରେସ୍ ଶପିଂ ଆଦୌ କରେ ନାହିଁ।

– ***ସ୍ମିତା ପଟ୍ଟନାୟକ,*** *ଗୃହିଣୀ, ନୟାପଲ୍ଲୀ, ଭୁବନେଶ୍ୱର*



**ସାଙ୍ଗମାନଙ୍କ ସହ କଥା ହୁଏ:** ମନ ଖରାପ ଥିଲେ କିମ୍ବା କୌଣସି ପ୍ରକାର ଚାପରେ ଥିଲେ ସମସ୍ତଙ୍କ ପାଖରୁ ଦୂରେଇ କିଛି ସମୟ ଏକୁଟିଆ ବାହାରକୁ ଯିବାକୁ ତ ଭାରି ଇଚ୍ଛା ହୁଏ। କିନ୍ତୁ ପରିସ୍ଥିତି ସବୁବେଳେ ସେଭଳି କିଛି କରିବାକୁ ସୁଯୋଗ ଦେଇ ନ ଥାଏ। ତେଣୁ ବାଧ୍ୟହୋଇ ଘରେ ରୁହେ। ହେଲେ ବିରକ୍ତ ଲାଗୁଥିବା ସମୟରେ ପ୍ରାୟ ଚୁପ୍ ରହେ। ଘରେ କି କଲେଜ୍‌ରେ ଯାହା କାମ ଥାଏ ସବୁ କାମ ସାରି ଏକୁଟିଆ କିଛି ସମୟ ବସେ। ତା'ପରେ ସାଙ୍ଗମାନଙ୍କ ସହ କଥାବାର୍ତ୍ତା ହୁଏ। ଯଦି ସେମିତି କିଛି ସମସ୍ୟା ଥାଏ ତା'ହେଲେ ସେମାନଙ୍କ ସହ କଥା ହୋଇ କିଛି ସମାଧାନ ବାହାର କରେ ଓ ତା'ପରେ ରିଲାକ୍ସ ହୋଇଯାଏ।

– ***ମଧୁସ୍ମିତା ସ୍ୱାଇଁ,*** *ଅଧ୍ୟାପିକା, ଭୁବନେଶ୍ୱର*



**ବଗିଚା କାମ କରୁଛି:** ଏମିତି ଷ୍ଟ୍ରେସ୍‌ରେ ଥିବାବେଳେ ଆଗରୁ ସବୁବେଳେ ଘରେ ଏକୁଟିଆ ବସି ଅନ୍‌ଲାଇନ ଶପିଂ କରି ଦେଉଥିଲି। ସେଥିପାଇଁ ପରେ ମନ ଖରାପ ଲାଗୁଥିଲା। ଏମିତିକି ପାଖରେ ପଇସା ନ ଥିଲେ କ୍ରେଡିଟ୍ କାର୍ଡରେ ମଧ୍ୟ କିଣୁଥିଲି। କିନ୍ତୁ ଏବେ ଏସବୁକୁ ନେଇ ସଚେତନ ହୋଇଯାଇଛି। କ୍ରେଡିଟ୍ କାର୍ଡ ବନ୍ଦ କରିଦେଇଛି। ଦରକାର ନ ଥିଲେ କିଛି କିଣୁନାହିଁ। ବରଂ ଷ୍ଟ୍ରେସ୍‌ରେ ଥିବାବେଳେ ଘର କାମ କିମ୍ବା ବାଡ଼ିରେ କାମ କରି ରିଲାକ୍ସ ହେଉଛି। ବିଶେଷକରି ବାଡ଼ିରେ ମୁଁ ଲଗାଇଥିବା ଗଛର ଯତ୍ନନେବା ସହ ସେହିଠାରେ କିଛି ସମୟ କଟାଇ ଦେଲେ ବହୁତ ଭଲ ଲାଗେ।

– ***ରଶ୍ମିତା ପଟ୍ଟନାୟକ,*** *କର୍ମଜୀବୀ, ମହାନଦୀ ବିହାର, କଟକ*

ଖାଦ୍ୟରୁଚି

# କାଠିଆୱାଡି ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ**

ଚାଉଳ– ୧ କପ୍, ମୁଗଡାଲି– ୧ କପ୍, ବୁଟଡାଲି– ୨ ଚାମଚ, ଆଳୁ– ୧ଟି, ଫୁଲ କୋବି– ୧ କପ୍ (କଟା), ଗାଜର– ୧ କପ୍ (କଟା), ଟମାଟୋ– ୧ଟି ବଡ଼, ଆବଶ୍ୟକ ଅନୁସାରେ ତେଲ, ଲୁଣ ଓ ହଳଦୀ।

ଛୁଙ୍କ ପାଇଁ ଘିଅ– ୩ ଚାମଚ, ଅଦା ଓ କଞ୍ଚାଲଙ୍କା ପେଷ୍ଟ– ୧ ବଡ଼ ଚାମଚ, ଜିରା ଓ ସୋରିଷ– ୧ ଚାମଚ, ଶୁଖିଲା ଲଙ୍କା– ୫ଟି, ହେଙ୍ଗୁ– ଅଳ୍ପ, ତେଜପତ୍ର– ୫ଟି, ଲବଙ୍ଗ– ୬–୭ଟି, ଡାଲଚିନି– ୨ ଖଣ୍ଡ। ଲଙ୍କାଗୁଣ୍ଡ– ୧ ଚାମଚ, ଧନିଆଗୁଣ୍ଡ– ୧ ଚାମଚ, ଗରମ ମସଲା– ୧ ଚାମଚ, ଧନିଆପତ୍ର– ଅଳ୍ପ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଚାଉଳ ଓ ଡାଲିକୁ ଭଲଭାବରେ ଧୋଇ କିଛି ସମୟ ଭିଜାଇ ରଖି ଦିଅନ୍ତୁ। ଆଳୁ, ଫୁଲକୋବି ଓ ଗାଜରକୁ ଛୋଟ ଛୋଟ କରି କାଟି ରଖି ଦିଅନ୍ତୁ। ଏବେ ପ୍ରେସର କୁକରରେ ଡାଲି ଓ ଚାଉଳ ସହ ସବୁ ପରିବା ପକାନ୍ତୁ। ଲୁଣ, ହଳଦୀ ପକାଇ ଆବଶ୍ୟକ ଅନୁସାରେ ପାଣି ଦେଇ ପ୍ରେସର କୁକର ବନ୍ଦ କରିଦିଅନ୍ତୁ। ୪ଥର ସିଟି ଆସିବା ପରେ ଖୋଲି ଦିଅନ୍ତୁ। ଏବେ କଡ଼େଇ ଗରମକରି ସେଥିରେ ଘିଅ ଗରମ କରନ୍ତୁ। ଏବେ ସେଥିରେ ଶୁଖିଲା ଲଙ୍କା, ଜିରା, ସୋରିଷ, ହେଙ୍ଗୁ ପକାନ୍ତୁ। ଭଲଭାବେ ଫୁଟିବା ପରେ ସେଥିରେ ଅଦା ଓ କଞ୍ଚାଲଙ୍କା ପେଷ୍ଟ ପକାନ୍ତୁ। ଏହାପରେ ଟମାଟୋକୁ ଛୋଟ ଛୋଟ କରି କାଟି ପକାନ୍ତୁ। ଟମାଟୋ ନରମ ହୋଇ ଆସିଲେ ସେଥିରେ ଜିରାଗୁଣ୍ଡ, ଧନିଆ ଗୁଣ୍ଡ, ଲଙ୍କାଗୁଣ୍ଡ ଓ ଅନ୍ୟ ମସଲା ପକାନ୍ତୁ। ଅଳ୍ପ ଅଳ୍ପ ପାଣି ଦେଇ ମସଲା ଭଲଭାବରେ କଷି ଦିଅନ୍ତୁ। ମସଲା କଷି ହୋଇଗଲା ପରେ ସେଥିରେ ସିଝିଥିବା ଖେଚୁଡ଼ିକୁ ପକାଇ ଅଳ୍ପ ପାଣି ଦିଅନ୍ତୁ। ଏବେ ଏହାକୁ ଅଳ୍ପ ସମୟ ଫୁଟିବାକୁ ଛାଡ଼ନ୍ତୁ। ଏହା ପରେ ଶେଷରେ ଧନିଆପତ୍ର ପକାଇ ଓହ୍ଲାଇ ଦିଅନ୍ତୁ। ଏହାକୁ ଗରମ ଗରମ ଖାଆନ୍ତୁ।



# ଗରମ କରନ୍ତୁ ନାହିଁ

**ଗରମ ଖାଦ୍ୟ ଖାଇବା ପ୍ରାୟ ସମସ୍ତଙ୍କର ପସନ୍ଦ। ଏଥିପାଇଁ କେତେକେ ରନ୍ଧା ହୋଇଥିବା ଖାଦ୍ୟକୁ ପୁଣି ଥରେ ଗରମ କରି ଖାଆନ୍ତି। ହେଲେ ଏମିତି କେତେକ ଖାଦ୍ୟ ରହିଛି ଯାହାକୁ ବାରମ୍ବାର ଗରମ କଲେ ସ୍ୱାସ୍ଥ୍ୟ ଉପରେ ବିପରୀତ ପ୍ରଭାବ ପଡ଼ିଥାଏ...**

➤ ଚା'କୁ ବାରମ୍ବାର ଗରମକରି ପିଇବା ଠିକ୍ ନୁହେଁ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ ଏପରି କରିବା ଫଳରେ ଚା'ରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ନଷ୍ଟ ହୋଇଯାଏ। ଏହା ବ୍ୟତୀତ ଏଥିରେ ଥିବା କେତେକ ଉପାଦାନ ପରିବର୍ତ୍ତନ ହୋଇଯାଏ, ଯାହା ହଜମ ସମସ୍ୟା ସୃଷ୍ଟିକରେ ଓ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ।

➤ ସେହିଭଳି ରୁଟିକୁ ମଧ୍ୟ ଦ୍ୱିତୀୟ ଥର ଗରମ କରିବା ଠିକ୍ ନୁହେଁ। କାରଣ ଏହାକୁ ପୁଣିଥରେ ଗରମ କଲେ ଏହା ଅଧିକ ଶୁଖିଲା ହୋଇଯାଏ ଓ ଏଥିରେ ଥିବା ଖାଦ୍ୟ ଉପାଦାନରେ ପରିବର୍ତ୍ତନ ଆସିଥାଏ। ତେଣୁ ପେଟ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ।

➤ଭାତକୁ ମଧ୍ୟ ଫ୍ରିଜ୍‌ରେ ରଖି କେତେକେ ପୁଣି ଥରେ ଗରମ କରି ଖାଆନ୍ତି। କିନ୍ତୁ ଏପରି କରିବା ଠିକ୍ ନୁହେଁ। କାରଣ ଅନେକ ସମୟରେ ଭାତକୁ ରଖିବା ଫଳରେ ଏଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୋଇଥାନ୍ତି। ତେଣୁ ଏହାକୁ ବାରମ୍ବାର ଗରମ କରିବା ଫଳରେ ଖାଦ୍ୟଗୁଣ ନଷ୍ଟ ହୋଇଥାଏ।

➤ସବୁ ପ୍ରକାର ଖାଦ୍ୟକୁ ରାନ୍ଧିବା ପରେ ସଙ୍ଗେ ସଙ୍ଗେ ଖାଇବା ସ୍ୱାସ୍ଥ୍ୟ ପାଇଁ ଭଲ। ଆୟୁର୍ବେଦ ଅନୁସାରେ ଏହି ଖାଦ୍ୟରେ ଖାଦ୍ୟଗୁଣ ସବୁଠୁ ଅଧିକ



ରହିଥାଏ। ତେଣୁ ଯେତିକି ପରିମାଣରେ ଖାଇବେ ସେହି ଅନୁସାରେ ରୋଷେଇ କରିବା ଭଲ। ଯଦି ଅଳ୍ପ କିଛି ଖାଦ୍ୟ ବଳିଥାଏ ତା'ହେଲେ ଠିକ୍ ଭାବରେ ଷ୍ଟୋରେଜ୍ କରି ଶୀଘ୍ର ଖାଇ ଦିଅନ୍ତୁ। ଯଦି ନିହାତି ଗରମ କରିବା ଦରକାର ହୁଏ ତା'ହେଲେ ଥରେ ଗରମ କରି ଖାଆନ୍ତୁ, କିନ୍ତୁ ବାରମ୍ବାର ଗରମ କରନ୍ତୁ ନାହିଁ।

# ଖାଆନ୍ତୁ ଡ୍ରାଏ ଫ୍ରୁଟ୍‌ସ

**ଖରାଦିନେ ଡ୍ରାଏ ଫ୍ରୁଟ୍‌ସ ଖାଇବେ କି ନାହିଁ ଏହାକୁ ନେଇ ଅନେକଙ୍କ ମନରେ ଦ୍ୱନ୍ଦ୍ୱ ରହିଥାଏ। ତେବେ ଠିକ୍ ଢଙ୍ଗରେ ଖାଇଲେ ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହୋଇଥାଏ..**

➤ଖରାଦିନେ ଅତ୍ୟଧିକ ଗରମ ପ୍ରଭାବରେ ଶରୀର ଶୀଘ୍ର ଥକିଯାଏ ଓ ଅନେକ ସମୟରେ ଡିହାଇଡ୍ରେସନ୍ ଭଳି ସମସ୍ୟା ମଧ୍ୟ ଦେଖାଯାଏ। ତେଣୁ ଏହି ଦିନେ ଡ୍ରାଏ ଫ୍ରୁଟ୍‌ସ ଶରୀରକୁ ପୋଷଣ ଦେବା ସହ ଏନର୍ଜି ମଧ୍ୟ ଦେଇଥାଏ।

➤ଖରାଦିନେ ଡ୍ରାଏ ଫ୍ରୁଟ୍‌ସ ଶରୀରକୁ ଅଧିକ ଗରମ କରିଥାଏ ବୋଲି ଅନେକଙ୍କର ଧାରଣା ରହିଥାଏ। ହେଲେ ଉପଯୁକ୍ତ ମାତ୍ରା ଓ ଠିକ୍ ଭାବରେ ଏହାକୁ ଖାଇଲେ ଏଥିରେ ଥିବା ଭିଟାମିନ୍, ମିନେରାଲ ଶରୀରକୁ ସୁସ୍ଥ ରଖିବା ସହ ଶକ୍ତି ମିଳିଥାଏ।

➤କିସ୍‌ମିସ୍‌କୁ ଖରାଦିନେ ରାତିରୁ ପାଣିରେ ଭିଜାଇ ସକାଳେ ଖାଆନ୍ତୁ। ଏହା ଶରୀରକୁ ଜଳୀୟ ଅଂଶ ପ୍ରଦାନ କରିବା ସହ ହଜମ ଶକ୍ତି ବଢ଼ାଇଥାଏ। ଏଥିରେ ଆଇରନ୍ ଓ ଫାଇବର ଥିବାରୁ ଖୁବ୍‌ଶୀଘ୍ର ଶରୀରକୁ ଶକ୍ତି ମିଳିଥାଏ। ତେଣୁ ଥକ୍କାପଣ ଅନୁଭବ ହୋଇ ନ ଥାଏ।

➤ କାଜୁ, ପିସ୍ତା ବାଦାମରେ ଫ୍ୟାଟ୍ ଓ ପ୍ରୋଟିନ୍ ରହିଛି। ତେଣୁ ଏହାକୁ କମ୍ ପରିମାଣରେ ଭିଜାଇ ଖାଆନ୍ତୁ।

➤ଖଜୁରିକୁ ସାଧାରଣତଃ ଶୀତଦିନିଆ ଖାଦ୍ୟ ଭାବରେ ଗ୍ରହଣ କରାଯାଏ। ତେବେ ଖରାଦିନେ ଏହାକୁ ଅଳ୍ପ ପରିମାଣରେ ଖାଇହେବ। ଥକ୍କା ଲାଗୁଥିଲେ ସଙ୍ଗେ ସଙ୍ଗେ ଶରୀରରେ ଊର୍ଜା ସୃଷ୍ଟିକରିବା ନିମନ୍ତେ ଏହାକୁ ଖାଆନ୍ତୁ।



ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୧୪/୨୦୨୬ Bhubaneswar, Tuesday, April 14/ 2026

# କିଶନ, ହିଙ୍ଗେ, ହୁସେନଙ୍କ ରାଜୁତି



ଆଇପିଏଲ୍ ପଦାର୍ପଣର ପ୍ରଥମ ଓଭରରେ ୩ ଉଇକେଟ ହାସଲରେ ଉଲ୍ଲସିତ ପ୍ରଫୁଲ୍ଲ ହିଙ୍ଗେ।

## ସନ୍‌ରାଇଜର୍ସର ଦ୍ୱିତୀୟ ବିଜୟ

**ହାଇଦ୍ରାବାଦ, ୧୩।୪**

ଅଧିନାୟକ ଇଶାନ କିଶନଙ୍କ ବିସ୍ଫୋରକ ବ୍ୟାଟିଂ ପରେ ପ୍ରଫୁଲ୍ଲ ହିଙ୍ଗେ ଓ ସାକିବ ହୁସେନଙ୍କ ଡ୍ରିମ୍ ଡେବ୍ୟୁ ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ ସୋମବାର ଅନୁଷ୍ଠିତ ଆଇପିଏଲ୍ ମ୍ୟାଚରେ ୫୭ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ୨୧୬ ରନ କରିଥିଲା। ଜବାବରେ ଏକଦା ୯ ରନରେ ୫ ଉଇକେଟ ହରାଇ ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିବା ରାଜସ୍ଥାନ ଡୋନୋଭାନ ଫେରିରାଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ୧୯ ଓଭରରେ ୧୫୯ ରନ କରିବାକୁ ସକ୍ଷମ ହୋଇଥିଲା। ୫ ମ୍ୟାଚରୁ ରାଜସ୍ଥାନର ଏହା ପ୍ରଥମ ପରାଜୟ ହୋଇଥିବାବେଳେ ସନ୍‌ରାଇଜର୍ସର ଦ୍ୱିତୀୟ ବିଜୟ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ରାଜସ୍ଥାନ ଅଧିନାୟକ ରିୟାନ ପରାଗ। ଜୋଫ୍ରା ଆର୍ଚରଙ୍କ ପ୍ରଥମ ବଲ୍‌ରେ ଅଭିଷେକ ଶର୍ମା ଆଉଟ ହେବାରୁ ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ନିରବତା ଛାଇ ଯାଇଥିଲା। ଟ୍ରାଭିସ ହେଡ୍ ଓ ଅଧିନାୟକ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ୫୫ ରନ ଯୋଡ଼ି ଇନିଂସ ସମ୍ଭାଳିଥିଲେ। ହେଡ୍ ୧୮ ରନକରି ଆଉଟ ହୋଇଥିବାବେଳେ ବିସ୍ଫୋରକ ବ୍ୟାଟିଂ କରିଥିଲେ କିଶନ। କିଶନ ଓ ହେନରିଚ୍ କ୍ଲାସେନଙ୍କ ତୃତୀୟ ଉଇକେଟ ଯୋଡ଼ିରେ ମାତ୍ର ୩୯ ବଲ୍‌ରୁ ୮୮ ରନ ସଂଗୃହୀତ ହୋଇଥିଲା। କିଶନ ଶତକର ନିକଟତର ହୋଇଥିଲେ ହେଁ ୪୪ ବଲ୍‌ରୁ ୮ ଚୌକା ଓ ୬ ଛକା ସହାୟତାରେ ୯୧ ରନ ସଂଗ୍ରହ କରିଥିବାବେଳେ ସନ୍ଦିପ ଶର୍ମାଙ୍କ ବୋଲିଂରେ କଟ୍ ଆଣ୍ଡ ବୋଲ୍ଡ ହୋଇ ଯାଇଥିଲେ। କ୍ଲାସେନ ବ୍ୟକ୍ତିଗତ ୪୦ (୨୬ ବଲ, ୧ ଚୌକା, ୩ ଛକା) ରନ କରିଥିଲେ। ଶେଷ ଭାଗରେ ନୀତୀଶ କୁମାର ରେଡ୍ଡୀ ଓ ସଲିଲ ଆରୋରା କେତେକ ଦର୍ଶନୀୟ ଶଟ୍ ଖେଳିବାରୁ ହାଇଦ୍ରାବାଦ ସ୍କୋର ୨୦୦ ଅତିକ୍ରମ କରିଥିଲା। ନୀତୀଶ ୨୮ ରନକରି ଆଉଟ ହୋଇଥିବାବେଳେ ଆରୋରା ୨୪ ରନରେ ଅପରାଜିତ ରହିଥିଲେ।

### ପ୍ରଫୁଲ୍ଲ ହିଙ୍ଗେଙ୍କ ଡ୍ରିମ୍ ଡେବ୍ୟୁ

ପ୍ରଥମ ଓଭର ଦ୍ୱିତୀୟ ବଲ୍‌ରେ ବିସ୍ଫୋରକ ବୈଭବ ସୂର୍ଯ୍ୟବଂଶୀ (୦), ୪ର୍ଥ ବଲ୍‌ରେ ଧ୍ରୁବ ଜୁରେଲ (୦) ଓ ୬ଷ୍ଠ ବଲ୍‌ରେ ଲୁଆନ-ଡ୍ରେ ଗିଲବର୍ଟ ପ୍ରିଟୋରିଅସ (୦)ଙ୍କ ଉଇକେଟ। ଏପରି ଥିଲା ହାଇଦ୍ରାବାଦ ଦ୍ରୁତ ବୋଲର ପ୍ରଫୁଲ୍ଲ ହିଙ୍ଗେଙ୍କ ଡ୍ରିମ୍ ଡେବ୍ୟୁ। କେବଳ ସେତିକି ନୁହେଁ ସେ ନିଜ ଦ୍ୱିତୀୟ ଓଭରର ୬ଷ୍ଠ ବଲ୍‌ରେ ରାଜସ୍ଥାନ ଅଧିନାୟକ ରିୟାନ ପରାଗ (୪)ଙ୍କୁ ମଧ୍ୟ ପ୍ୟାଭିଲିୟନ ପଥ ଦେଖାଇଥିଲେ। ଯଶସ୍ୱୀ ଜୟସ୍ୱାଲ (୧)ଙ୍କୁ ସାକିବ ହୁସେନଆଉଟ କରିବାରୁ ୩ ଓଭର ଶେଷରେ ମାତ୍ର ୯ ରନ ମଧ୍ୟରେ ରାଜସ୍ଥାନ ୫ ଉଇକେଟ ହରାଇ ବଡ଼ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଫେରିରା ଓ ରବୀନ୍ଦ୍ର ଜାଡେଜା ସତର୍କତାର ସହ ବ୍ୟାଟିଂ କରି ଦଳକୁ କେବଳ ଲଜ୍ଜାଜନକ ପରିସ୍ଥିତିରୁ ମୁକୁଳାଇ ନ ଥିଲେ ୬ଷ୍ଠ ଉଇକେଟରେ ୧୧୮ ରନର ଭାଗୀଦାରି ଗଢ଼ି ବିପକ୍ଷ ଦଳର ସହଜ ବିଜୟ ଆଶାରେ ପାଣି ଭରିଥିଲେ। ଫେରିରା ୪୪ ବଲ୍‌ରୁ ୬୯ (୭ ଚୌକା, ୩ ଛକା) ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଜାଡେଜା ୪୫ ରନର ଯୋଗଦାନ ଦେଇଥିଲେ। ଅନ୍ୟତମ ଆଇପିଏଲ୍ ପଦାର୍ପଣକାରୀ ସାକିବ ହୁସେନ ମଧ୍ୟ ୪ଟି ଉଇକେଟ ନେଇଥିଲେ।

## ଆଇପିଏଲ୍ କାର୍ଯ୍ୟସୂଚୀ

**(ଆଜିର ମ୍ୟାଚ)**

**ଚେନ୍ନାଇ ବନାମ କୋଲକାତା**

**ସ୍ଥାନ: ଚେନ୍ନାଇ**

**ସମୟ: ସନ୍ଧ୍ୟା ୭.୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

### ସଂକ୍ଷିପ୍ତ ସ୍କୋର

ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୧୬/୬ (ଇଶାନ କିଶନ-୯୧, ହେନରିଚ କ୍ଲାସେନ-୪୦, ନୀତୀଶ କୁମାର ରେଡ୍ଡୀ-୨୮, ସଲିଲ ଆରୋରା-୨୪*, ଜୋଫ୍ରା ଆର୍ଚର-୨/୩୭, ସନ୍ଦିପ ଶର୍ମା-୧/୫୨, ତୁଷାର ଦେଶପାଣ୍ଡେ-୧/୫୫, ରିୟାନ ପରାଗ-୧/୫)। ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ୧୫୯/ଅଲଆଉଟ (ଡୋନୋଭାନ ଫେରିରା-୬୯, ରବୀନ୍ଦ୍ର ଜାଡେଜା-୪୫, ପ୍ରଫୁଲ୍ଲ ହିଙ୍ଗେ-୪/୩୪, ସାକିବ ହୁସେନ-୪/୨୪, ଏହସାନ ମାଲିଙ୍ଗା-୨/୩୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୫ | ୪ | ୧ | ୦ | ୮ | +୦.୮୮୯ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୦ | ୧ | ୭ | +୦.୭୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୪ | ୩ | ୧ | ୦ | ୬ | +୧.୧୪୮ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୨ | ୩ | ୦ | ୪ | +୦.୫୭୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୪ | ୨ | ୨ | ୦ | ୪ | +୦.୩୨୨ |
| ଗୁଜରାଟ ଟାଇଟନ୍ସ | ୪ | ୨ | ୨ | ୦ | ୪ | -୦.୦୨୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୪ | ୨ | ୨ | ୦ | ୪ | -୦.୪୨୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୪ | ୧ | ୩ | ୦ | ୨ | -୦.୭୭୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୪ | ୧ | ୩ | ୦ | ୨ | -୧.୫୩୨ |
| ନାଇଟ ରାଇଡର୍ସ | ୪ | ୦ | ୩ | ୧ | ୧ | -୧.୩୧୫ |



ଛକା ମାରିବା ଅବସରରେ ଇଶାନ କିଶନ।



DOWN PAYMENT STARTS FROM ₹6 999# | NO PROCESSING FEE** | NO COST EMI**

* Ex-showroom price of TVS Raider Drum variant in Odisha.
# Finance plans are mutually exclusive and cannot be clubbed with each other.
Scheme valid till 31st May, 2026. ** T&C apply.

FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers:** BHUBANESWAR: THREE S TVS: 7328828802, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, SHREEKHETRA TVS: 9237378220, 9237378225, PURI: MODERN TVS: 9938039070, CUTTACK: LAXMI TVS: 7077774420, SWASTIK TVS: 8455002235, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 8908726047, 7008968681, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 7788901717. **Authorised Dealers:** GOTHOPATNA: 8249710415, JATANI: 7077588558, 9124605556, BALUGAON: 9937886712, NIRAKARPUR: 7735402179, 8658517804, BHUBANESHWAR: 9337022334, KHURDA: 7008412374, BALIPATNA: 9776036999, MENDHASALA: 9437072019, SUNDARPADA: 8249094931, PIPILI: 9861150706, SAKHIGOPAL: 8249769742, NIMAPARA: 7381765800, DELANG: 9090214582, BRAHMAGIRI: 8480928882, 6370937155, CHARI CHOWK: 8327783765, KAKATPUR: 9776125534, KANAS: 9090214582, ABHIMANPUR POST: 9937019555, BANKI: 9437666687, NIALI: 9437307967, PHULNAKHARA, CUTTACK: 7440037801, NISCHINTAKOILI: 9337438686, KANDARPUR: 9090098000, SISUA: 8018556514, ADASHPUR: 82498 57169, TANGI: 83277 14238, PATTAMUNDAI: 9938602209, MARSHAGHAI: 9938837705, RAJNAGAR: 9439650236, GARADAPUR: 9437527214, MANGALPUR: 9853486660, BARI: 9437510237, BINJHARPUR: 9090503379, KUAKHIA: 9348035630, SINGHPUR: 9040646458, ROHIBANK: 6371229226, KALAPATHAR: 9937844941, RANPUR: 9778520193, KHANDAPADA: 7008659421, PURUNAKATAK: 9439071610, CHANDPUR: 9337112565, RAJ SUNAKHELA: 9437637421, NARASINGHPUR: 9658410027, ODOGAON: 7815050701, BHAPUR: 7389040805, DASPALLA: 9938375040, BAGHAMARI: 9437015363, BALICHANDRAPUR: 7978388298, BRAHMABARADA: 7894020786, RAIPUR: 9937963372, CHHATIA: 7328005678, ERASAMA: 8658421889, NAUGOAN: 8339939725, KRUSHNANANDAPUR: 9237066573, RAGHUNATHPUR: 6371724757, PARADEEP: 9938810126.
dentsu/dha bhu/01/26

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ